# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଜୁଲାଇ ୨୨/୨୦୧୯ (୧୬ ପୃଷ୍ଠା) | Balasore, Monday, July 22/2019 | ★★★★

୪୫ଶ ଭାଗ ୨୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଫିଲ୍ମ ନିର୍ମାଣ ପାଇଁ ସଲମାନ୍‌ଙ୍କ ପ୍ରସ୍ତୁତି**
ବଲିଉଡ୍ ଅଭିନେତା ତଥା ପ୍ରଯୋଜକ ସଲମାନ୍ ଖାନ୍ ତାଙ୍କ ଏସ୍‌କେଏଫ୍ ବ୍ୟାନରରେ ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। **୦୨**

**୧୫** **ରାହୁଲ ଚହର ନୂଆ ମୁହଁ**
ୱେଷ୍ଟଇଣ୍ଡିଜ ଗସ୍ତ ପାଇଁ ରବିବାର ଘୋଷିତ ଭାରତୀୟ ଟି୨୦ ଦଳରେ ଏକମାତ୍ର ନୂଆମୁହଁ ଭାବେ ସ୍ଥାନ ପାଇଛନ୍ତି ଯୁବ ଲେଗ୍ ସ୍ପିନର ରାହୁଲ ଚହର।








# ପୁଣି ନାବାଳିକାଙ୍କୁ ବଳାତ୍କାର

**ଅନୁଗୋଳ ଅଫିସ୍, ୨୧।୭**

## ଅନୁଗୋଳରେ ଲଜ୍ଜା

- ମୃତ ଭାବି ଅଳିଆଗଦାରେ ଫିଙ୍ଗିଦେଲେ
- ଅବସ୍ଥା ସଙ୍କଟାପନ୍ନ, କଟକ ସ୍ଥାନାନ୍ତର
- ଆହାର କେନ୍ଦ୍ର ପଛପାର୍ଶ୍ୱରୁ ନମୁନା ସଂଗ୍ରହ
- ଘଟଣାସ୍ଥଳରେ ଏସ୍‌ପି, ଡିଆଇଜିଙ୍କ ତଦନ୍ତ
- ପୋଲିସ ହାତରେ ସୁରାକ, ୫ ଅଟକ



ଅନୁଗୋଳରେ ଲଜ୍ଜା। ପରିବାର ସହ ଶୋଇଥିବା ଜଣେ ୮ ବର୍ଷୀୟା ନାବାଳିକାଙ୍କୁ ଉଠାଇ ନେଇ ଦୁର୍ବୃତ୍ତ କରିଛନ୍ତି ବଳାତ୍କାର। ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡସ୍ଥିତ ଆହାର କେନ୍ଦ୍ର ପଛପାଖରେ ଘଟିଛି ଏପରି ସ୍ୱର୍ଶକାତର ଘଟଣା। ରବିବାର ସକାଳୁ ବସଷ୍ଟାଣ୍ଡ ନିକଟ ଅଳିଆ ଗଦାରୁ ସଂଜ୍ଞାହୀନ ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏପରି ସଙ୍ଗିନ ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବାବେଳେ ପୋଲିସ ନିଜଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦୁଇଦିନ ତଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମୃତ ନାବାଳିକାଙ୍କ ଆଖି ଗାଏବ ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ସହରରେ ଏହି ବଳାତ୍କାର ଘଟଣା ଆଲୋଡ଼ନ ସୃଷ୍ଟି କରିଛି।

ଘଟଣାରୁ ଜଣାପଡିଛି, ମହାରାଷ୍ଟ୍ର ନାଗପୁର ଅଞ୍ଚଳର ଏକ ଶ୍ରମିକ ପରିବାର ଅନୁଗୋଳରେ କାମ କରିବା ସହ ବାଳସୁଧାର ଗୃହ ନିକଟରେ ରହୁଥିଲେ। ଶନିବାର ରାତିରେ ବର୍ଷା ହେବାରୁ ଘରକୁ ଯାଇ ନ ପାରି ବସ୍‌ଷ୍ଟାଣ୍ଡ ନିକଟରେ ଫାଣ୍ଡିଠାରୁ ୪ ଶହ ମିଟର ଦୂରରେ ଏକ ଦୋକାନ ବାରଣ୍ଡାରେ ଆଶ୍ରୟ ନେଇଥିଲେ। ନାବାଳିକା ଜଣକ ମଧ୍ୟ ପରିବାର ସହ ସେଠାରେ ଶୋଇଥିଲେ। ରାତି ପ୍ରାୟ ୨ଟା ବେଳେ କେହି ଦୁର୍ବୃତ୍ତ ତାଙ୍କୁ ବସ୍‌ଷ୍ଟାଣ୍ଡରେ ଥିବା ଆହାର କେନ୍ଦ୍ର ନିକଟକୁ ଉଠାଇ ନେଇ ବଳାତ୍କାର ପରେ ହତ୍ୟା ଉଦ୍ୟମ କରିଥିଲେ। ନାବାଳିକା ଜଣକ ସଂଜ୍ଞାହୀନ ହୋଇଯିବାରୁ ତାଙ୍କୁ ମୃତ ଭାବି ସେଠାରେ ଥିବା ଏକ ଅଳିଆ ଗଦାରେ ଫିଙ୍ଗି ଦେଇଥିଲେ। ସକାଳେ ଖୋଜାଖୋଜି ପରେ ପରିବାର ଲୋକ ଅଳିଆଗଦାରୁ ନାବାଳିକାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସିଡିଏମ୍‌ଓ ପ୍ରତାପ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଣେ ସ୍ତ୍ରୀ ରୋଗ ବିଶେଷଜ୍ଞ, ଶଲ୍ୟ ଚିକିତ୍ସକ ଏବଂ ଜଣେ ନିଶ୍ଚେତକ ବିଶେଷଜ୍ଞଙ୍କୁ ନେଇ ଏକ ଟିମ୍ ତାଙ୍କର ଚିକିତ୍ସା ଆରମ୍ଭ କରିଥିଲେ। ପୀଡିତାଙ୍କୁ ୨ ଘଣ୍ଟା ଅବଜରଭେଶନରେ ରଖାଯାଇଥିଲେ ମଧ୍ୟ ଅବସ୍ଥାରେ ସୁଧାର ଆସି ନ ଥିଲା। ଅପରାହ୍ନରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ଘଟଣାସ୍ଥଳରେ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଏସ୍‌ଡିପିଓ ଅଶ୍ୱିନୀ ସାହୁ, ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ପହଞ୍ଚି ତଦନ୍ତ କରିଛନ୍ତି। ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରୁ ସିମେନ୍, ରକ୍ତ ଛିଟା ସହ ତଦନ୍ତ ପାଇଁ ଆବଶ୍ୟକ ନମୁନା ସଂଗ୍ରହ କରିଛନ୍ତି। ଉତ୍ତରକେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ପରସ୍ଥିତି ଅନୁଧ୍ୟାନ କରିବା ସହ ଜିଲା ମେଡିକାଲକୁ ଯାଇ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏ ସଂକ୍ରାନ୍ତରେ ଡିଆଇଜି କୁହନ୍ତି, ଘଟଣା ଅତି ସମ୍ବେଦନଶୀଳ। ଏସ୍‌ପି ନିଜେ ତଦନ୍ତର ମନିଟରିଂ କରୁଛନ୍ତି। ଘଟଣାସ୍ଥଳରୁ ଅପରାଧୀଙ୍କ ସୁରାକ ମିଳିଛି। ସନ୍ଦେହରେ ୫ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚାଲିଛି। ଖୁବ୍ ଶୀଘ୍ର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ପୋଲିସ ନିଜ ପକ୍ଷରୁ ନଂ. ୫୫୨/୧୯ରେ ଏକ ମାମଲା ରୁଜୁ କରିଛି। ପରିବାର ଲୋକେ ଲିଖିତ ଅଭିଯୋଗ କଲେ ତାହାକୁ ମଧ୍ୟ ଗ୍ରହଣ କରାଯିବ।

# ସବୁଠି ମରୁଡ଼ି ଆଶଙ୍କା

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

- ଫାଟିଲା ବିଲ, ଶୁଖିଲା ତଳି
- ବର୍ଷା ଅଭାବରୁ ଆଗେଇପାରୁନି ଚାଷ
- ମୁଣ୍ଡରେ ହାତ ଦେଲେଣି ଚାଷୀ

ଆରମ୍ଭ ହେଲାଣି ଶ୍ରାବଣ। କିନ୍ତୁ ବର୍ଷାର ଦେଖାନାହିଁ। ରାଜ୍ୟର ଯେଉଁ କିଛି ଅଞ୍ଚଳରେ କାଁ ଭାଁ ବର୍ଷା ହେଉଛି, ତାହାକୁ ବି ଖରାତାତି ଶୋଷି ନେଉଛି। ଏବେ ତାପମାତ୍ରା ଅଧିକ ରହୁଥିବାରୁ ଅଧିକାଂଶ ଜିଲାରେ ଖରାଦିନ ଭଳି ଅନୁଭବ ହେଉଛି। ବର୍ଷା ଅଭାବରୁ ଚାଷ କାମ ଆଗେଇପାରୁ ନ ଥିବାବେଳେ ଚାଷୀର ଚିନ୍ତା ବଢ଼ିଯାଇଛି। ଯଦି ଆଉକିଛି ଦିନ ଭିତରେ ଆବଶ୍ୟକ ବର୍ଷା ନ ହୁଏ ତେବେ ଏଥର ସବୁ ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି।

ଏଥର ବିଳମ୍ବରେ ମୌସୁମୀ ଓଡ଼ିଶା ଛୁଇଁଥିଲା। ଆଶା କରାଯାଉଥିଲା ଭଲ ବର୍ଷା ହେବ। ହେଲେ ହଠାତ୍ ବର୍ଷା ଉଭାନ ହୋଇଯିବାରୁ ରାଜ୍ୟସାରା ଚାଷକାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ଧାନ ବିଲ ଏବେ ପଡ଼ିଆ ହୋଇ ପଡ଼ିଛି। ଅଧିକାଂଶ ଜିଲାରେ ବିଲ ଫାଟି ଆଁ କରିଛି। ଏହି ସମୟରେ ଚାଷୀ ବିଲରେ ଧାନ ରୁଆ କାମ ଆରମ୍ଭ କରିବା କଥା। କିନ୍ତୁ ଚଳିତ ବର୍ଷ ତଳିପକା ଆରମ୍ଭ ହୋଇପାରିନାହିଁ। ବର୍ଷା ଭରସାରେ ଚାଷୀ ପକାଇଥିବା ଧାନ ତଳି ଏବେ ଶୁଖିବାକୁ ବସିଲାଣି। ରାଜ୍ୟର ଅନେକ ସ୍ଥାନରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ବିଲରେ କେବେ ପାଣି ହେବ ଓ ଚାଷ କାମ ଆରମ୍ଭ ହେବ, ସେହି ସମୟକୁ ଚାହିଁ ବସିଛନ୍ତି ଚାଷୀକୁଳ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ରବିବାର କୋରାପୁଟରେ ୧୫ ମିଲିମିଟର ଓ ଫୁଲବାଣୀରେ ୬ ମିମି ବର୍ଷା ହୋଇଛି। ସୋମବାର ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ନୟାଗଡ଼ ଓ ଖୋର୍ଦ୍ଧା ଆଦି ୧୧ ଜିଲାରେ ଝଡ଼ ତୋଫାନ ଓ ବଜ୍ରପାତର ଆଶଙ୍କା ରହିଥିବାରୁ ସତର୍କ କରାଯାଇଛି। ତେବେ ୨୪ ତାରିଖରେ କୋରାପୁଟ, ଗଜପତି, ରାୟଗଡ଼ା, ନବରଙ୍ଗପୁର ଓ ସୁନ୍ଦରଗଡ଼ ଏବଂ ୨୫ ତାରିଖରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଆଦି ଜିଲାରେ ବର୍ଷା ହେବ ବୋଲି କେନ୍ଦ୍ର ପୂର୍ବାନୁମାନ କରିଛି।



କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍‌ର ମିକ୍ସଡ ଡବଲ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତର ଅର୍ଚ୍ଚନା କାମାଥ ଓ ଜି. ସାଥିୟାଁ। **(ରିପୋର୍ଟ: ଖେଳ ପୃଷ୍ଠାରେ)**

## ଆଜିର ସମ୍ପାଦକୀୟ

**ଗୁରୁତ୍ୱ କେଉଁଠି**

## ଆଜିର ମନ୍ତବ୍ୟ

"୨୦୧୯ ସାଧାରଣ ନିର୍ବାଚନ ଇତିହାସ ନୁହେଁ, ବରଂ ଏକ ରହସ୍ୟ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## କିଛି ତଥ୍ୟ

ଚଳିତ ମାସ ବର୍ତ୍ତମାନ ସୁଦ୍ଧା ଦେଶର ପୁଞ୍ଜି ବଜାରରୁ ବିଦେଶୀ ନିବେଶକମାନେ ୭,୭୧୨ କୋଟି ଟଙ୍କା ପ୍ରତ୍ୟାହାର କରି ନେଇଛନ୍ତି।

–ଷ୍ଟକ ବଜାର ଡିପୋଜିଟୋରୀ ତଥ୍ୟ

# ଆଜି କୁମାରସ୍ୱାମୀ ସରକାରଙ୍କ ଭାଗ୍ୟପରୀକ୍ଷା

**ବେଙ୍ଗାଲୁରୁ/ନୂଆଦିଲ୍ଲୀ, ୨୧।୭(ପି.ଟି.)**

କର୍ଣ୍ଣାଟକ ବିଧାନସଭାରେ ସୋମବାର ଆସ୍ଥାଭୋଟ କରାଯିବ। ଏହାସହ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ଜେଡିଏସ୍-କଂଗ୍ରେସ ସରକାରଙ୍କ ଭାଗ୍ୟ ନିର୍ଦ୍ଧାରିତ ହେବ। ଏଥିପାଇଁ ଉଭୟ ଶାସକ ମେଣ୍ଟ ଓ ବିରୋଧୀ ଶେଷ ରଣନୀତି ପ୍ରସ୍ତୁତିରେ ବ୍ୟସ୍ତ। କୁମାରସ୍ୱାମୀ ଗାଦିରକ୍ଷା ପାଇଁ ଉଦ୍ୟମ ଚଳାଇଥିବେଳେ ତାଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଭାଜପା ନେତା ବି.ଏସ୍. ୟେଦୁରପ୍ପା ମୁଖ୍ୟମନ୍ତ୍ରୀ ହେବା ପାଇଁ ଅଣ୍ଟାଭିଡ଼ିଛନ୍ତି। ସେପଟେ ସରକାରରୁ ସମର୍ଥନ ପ୍ରତ୍ୟାହାର କରି ଭାଜପା ଆଡ଼କୁ ଢ଼ଳିଥିବା ଦୁଇ ସ୍ୱାଧୀନ ବିଧାୟକ ଆର୍. ଶଙ୍କର ଏବଂ ଏଚ୍. ନାଗେଶ ତୁରନ୍ତ ଆସ୍ଥାଭୋଟ କରାଇବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।





NECC NATIONAL EGG CO-ORDINATION COMMITTEE | 21.07.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 59 | 105 | 115 |
| BHM | 60 | 106 | 116 |

*Conditions Apply

Eggs Retail Price- 43/-Dozen
Issued in the Interest of Consumers


# ୪ ଜଣଙ୍କୁ ପିଟି ହତ୍ୟା

**ଗୁମ୍‌ଲା, ୨୧।୭(ପି.ଟି.)**

## ଗୁଣି ଗାରେଡ଼ି ସନ୍ଦେହ

ଦେଶରେ ଭିଡ଼ହିଂସା ଘଟଣା ଦିନକୁ ଦିନ ବଢ଼ିଚାଲିଛି। ଦୁଇ ଦିନ ତଳେ ବିହାରର ସରନ୍ ଜିଲାରେ ଗୋରୁ ଚୋରି ଅଭିଯୋଗରେ ୩ ଜଣଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେଇଥିବାବେଳେ ଶନିବାର ମଧ୍ୟପ୍ରଦେଶରେ ମୟୂର ଚୋରି ଅଭିଯୋଗରେ ଜଣକୁ ଲୋକେ ବାଡେଇ ମାରିଦେଇଥିଲେ। ପୁଣି ଏକ ଘଟଣାରେ ଶନିବାର ରାତିରେ ଝାଡ଼ଖଣ୍ଡର ଗୁମ୍‌ଲା ଜିଲାରେ ଗୁଣିଗାରେଡ଼ି ସନ୍ଦେହରେ ୨ ମହିଳାଙ୍କ ସମେତ ୪ ଜଣ ବରିଷ୍ଠ ବ୍ୟକ୍ତିଙ୍କୁ ପିଟିପିଟି ମାରିଦିଆଯାଇଛି। ନଗର ସିସ୍କାରି ଗ୍ରାମରେ ଏହି ଘଟଣା ଘଟିଛି। ମୁଖା ପିନ୍ଧିଥିବା କିଛି ଲୋକ ଉପରୋକ୍ତ ୪ ଜଣଙ୍କୁ ଘରୁ ଘୋଷାଡ଼ି ନେଇ ଠେଙ୍ଗାରେ ପିଟି ମାରିଦେଇଥିବା ଏସ୍‌ପି ଅଞ୍ଜନୀ କୁମାର ଝା କହିଛନ୍ତି।

ମୃତକମାନେ ହେଲେ ସୁନା ଓରାଓଁ (୬୫), ଚମ୍ପା ଓରାଓଁ (୭୯), ଫାଗ୍ନି ଓରାଇନ୍(୬୦) ଓ ପିରୋ ଓରାଇନ୍(୭୪)। ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି। ପୋଲିସ କହିବା ଅନୁଯାୟୀ ୧୦-୧୨ ଜଣ ଲୋକ ଶନିବାର ବିଳମ୍ବିତ ରାତିରେ ଗୋଟିଏ ପରିବାର ଉପରେ ଆକ୍ରମଣ କରିଥିଲେ। ଗାଁରେ କେତେକ ଅଶୁଭ ଘଟଣା ଘଟିଚାଲିଥିବାବେଳେ ଏଥିପାଇଁ ଗ୍ରାମବାସୀ ଉକ୍ତ ପରିବାରକୁ ଦୋଷ ଦେଇଆସୁଥିଲେ। ରାତି ୩ଟାରେ ଗାଁରେ ପଞ୍ଚାୟତ ବସି ଗୁଣିଗାରେଡ଼ି କରୁଥିବା ଉପରୋକ୍ତ ୪ ଜଣଙ୍କୁ ଦଣ୍ଡଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଗାଁରେ ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଥିବାବେଳେ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତେବେ ରବିବାର ଅପରାହ୍ନ ସୁଦ୍ଧା କାହାକୁ ଗିରଫ କରାଯାଇ ନାହିଁ। ଝାଡ଼ଖଣ୍ଡରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଗୁଣିଗାରେଡ଼ିରେ ୧୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଭିଡ଼ହିଂସା ଘଟଣା ବଢ଼ିଚାଲିଥିବାରୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏହାକୁ ରୋକିବା ଲାଗି ଆଇନ ପ୍ରଣୟନ ନିମନ୍ତେ ସରକାର ପାର୍ଲାମେଣ୍ଟର ଚଳିତ ଅଧିବେଶନରେ ବିଲ୍ ଆଣିବେ ବୋଲି ଜଣାପଡ଼ିଛି।

**■ ଅନିଶ୍ଚିତତା ମଧ୍ୟରେ ତାଳଚେର-ଡୁବୁରୀ-ଚଣ୍ଡିଖୋଲ ୪ ଲେନ ନିର୍ମାଣ କାର୍ଯ୍ୟ**

# ଲୁଟ୍ ସମ୍ପତ୍ତିର ମିଳୁନାହିଁ ପତ୍ତା

**ଯାଜପୁର ଅଫିସ, ୨୧।୭**

- ଅଭିଯୋଗର ୨ବର୍ଷ ପରେ ବି ପୋଲିସ ନୀରବ
- ଠିକାସଂସ୍ଥାର ଚୁକ୍ତି ବାତିଲ ପରେ ହୋଇଛି ଲୁଟ
- ଅଭିଯୋଗ କରି ଚୁପ୍ ବସିଛି ଏନ୍‌ଏଚ୍‌ଏଆଇ



ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ଅଧୀନରେ ତାଳଚେର-ଡୁବୁରୀ-ଚଣ୍ଡିଖୋଲ ୨୦୦ନମ୍ବର ଜାତୀୟ ରାଜପଥର ୪ଲେନ ନିର୍ମାଣ କାର୍ଯ୍ୟରେ ଠିକା ସଂସ୍ଥାର ଅବହେଳା ଯୋଗୁ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡ଼ିଛି। ଅବହେଳାରୁ ନିର୍ମାଣ କାର୍ଯ୍ୟ ତ ବନ୍ଦ ହୋଇଛି, ଏହାସହ ପ୍ରାୟ ୪୦କୋଟି ଟଙ୍କାର ମୂଲ୍ୟବାନ ସମ୍ପତ୍ତି ଲୁଟ୍ ହୋଇଛି। ଏହି ଲୁଟ୍ ସମ୍ପର୍କରେ ପୋଲିସ ନିକଟରେ ଅଭିଯୋଗ ହେବାର ୨ବର୍ଷ ପରେ ବି ଏହା ଉଦ୍ଧାର ହୋଇପାରି ନାହିଁ। ଲୁଟ ଯନ୍ତ୍ରାଂଶ ଉଦ୍ଧାର ନ ହୋଇପାରିବା ଯେତିକି ବିସ୍ମୟ ସୃଷ୍ଟି କରୁ ନାହିଁ ତାଠାରୁ ଅଧିକ ଆଶ୍ଚର୍ଯ୍ୟ କରୁଛି ପୋଲିସର ଶିଥିଳ କାର୍ଯ୍ୟାନୁଷ୍ଠାନ। ଏହି ସମ୍ପତ୍ତିର ସୁରକ୍ଷା ଦାୟିତ୍ୱରେ ଥିବା ଜେଡ୍ ପ୍ଲସ ସୁରକ୍ଷା ସେବା ପକ୍ଷରୁ ଯାଜପୁର ଜିଲାର ସୁକିନ୍ଦା, ଧର୍ମଶାଳା ଓ ଜେନାପୁର ଏବଂ ଢେଙ୍କାନାଳ ଜିଲାର ଭୁବନ ଓ କାମାକ୍ଷାନଗର ଥାନା ଅଧିକାରୀଙ୍କ ନିକଟରେ ବଳପୂର୍ବକ ଯନ୍ତ୍ରାଂଶ, ରାସ୍ତା ତିଆରି ଦ୍ରବ୍ୟ ଏବଂ ଆସବାବପତ୍ର ଇତ୍ୟାଦି ଲୁଟି ନେବା ସମ୍ପର୍କରେ ଲିଖିତ ସୂଚନା ଦିଆଯାଇଥିଲା। ଏଥିସହ ଏନ୍‌ଏଚ୍‌ଏଆଇ ଢେଙ୍କାନାଳ ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ତାଙ୍କ ଅଭିଯୋଗ ପତ୍ର ସଂଖ୍ୟା ୮୮୯/୨୨।୬।୨୦୧୭ରେ ଯାଜପୁର ଓ ଢେଙ୍କାନାଳ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାସତ୍ତ୍ୱେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ପୋଲିସର କୋହଳ କାର୍ଯ୍ୟାନୁଷ୍ଠାନ ଯୋଗୁ ଲୁଟ ହୋଇଥିବା ମୂଲ୍ୟବାନ ସମ୍ପତ୍ତି ବାହାର ରାଜ୍ୟରେ ବିକ୍ରି କରାଯାଇଥିବା ସନ୍ଦେହ କରାଯାଉଛି।

ତାଳଚେର-ଡୁବୁରୀ-ଚଣ୍ଡିଖୋଲ ୨୦୦ନମ୍ବର ଜାତୀୟ ରାଜପଥର ଚାରିଲେନ ନିର୍ମାଣ କାର୍ଯ୍ୟ କୋର୍ସାନ କୋଭିୟମ୍ କନ୍‌ଷ୍ଟ୍ରକ୍ସନ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟ ଏନ୍‌ଏଚ୍ ୨୦୦ ନମ୍ବରର ୩୦୧.୮୯୦କି.ମି.ରୁ ୪୨୮.୦୩ କି.ମି. ପର୍ଯ୍ୟନ୍ତ ଏବଂ ୨୩ନମ୍ବର ଜାତୀୟ ରାଜପଥର ୮.୫୦ କି.ମି.ରୁ ୧୫.୭୫ କି.ମି. ପର୍ଯ୍ୟନ୍ତ ରାସ୍ତାର ଚାରିଲେନ ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ପ୍ରାୟ ୧୬୦୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ଉକ୍ତ ଠିକାସଂସ୍ଥା ପର୍ଯ୍ୟାୟକ୍ରମେ କେତେକ ପେଟି କଣ୍ଟ୍ରାକ୍ଟର/ସବ୍ କଣ୍ଟ୍ରାକ୍ଟରଙ୍କୁ ନିର୍ମାଣ ଦାୟିତ୍ୱ ଦେଇଥିଲା। ହେଲେ ଏନ୍‌ଏଚ୍‌ଏଆଇ ସହ ଚୁକ୍ତି ଅନୁସାରେ ସମ୍ପୃକ୍ତ ଠିକାସଂସ୍ଥା ଉପଯୁକ୍ତ ଭାବେ କାର୍ଯ୍ୟ ସମ୍ପାଦନ କରିପାରି ନ ଥିଲା। ଫଳରେ କୋର୍ସାନ କୋଭିୟମ୍ କନ୍‌ଷ୍ଟ୍ରକ୍ସନ ଠିକାସଂସ୍ଥା ସହ ଚୁକ୍ତିକୁ ୧୫।୩।୨୦୧୭ରେ ବାତିଲ କରି ଦିଆଯାଇଥିଲା। ଚୁକ୍ତି ବାତିଲ ପରେ ଉକ୍ତ ଠିକା ସଂସ୍ଥା ଭୁବନେଶ୍ୱରର ଜେଡ୍ ପ୍ଲସ ସୁରକ୍ଷା ☞ପୃଷ୍ଠା-୪



ସଶସ୍ତ୍ର ବଳ ଉପରେ ଦେଶବାସୀଙ୍କ ଆସ୍ଥା ବଢ଼ିଛି। ଆମ ଯବାନମାନଙ୍କ ଗର୍ବ ଓ ସମ୍ମାନହାନି ନ ହେବା ପାଇଁ ସବୁ ପ୍ରକାର ଉଦ୍ୟମ କରିବୁ।
-ରାଜନାଥ ସିଂ,
ପ୍ରତିରକ୍ଷାମନ୍ତ୍ରୀ



## ■ ପଶ୍ଚିମବଙ୍ଗରେ କର୍ଣ୍ଣାଟକ ଘୋଡ଼ାବେପାର ସୂତ୍ରର ପ୍ରୟୋଗ କରୁଛି ଭାଜପା

# ପ୍ରଲୋଭନ ନଚେତ୍ ଜେଲ ଭୟ

କୋଲକାତା,୨୧ା୭(ପି.ଟି.)



### ଶହୀଦ ଦିବସରେ ବର୍ଷିଲେ ମମତା

- ■ଟିଏମ୍‌ସି ବିଧାୟକଙ୍କୁ ୨ କୋଟି ଟଙ୍କା ଓ ପେଟ୍ରୋଲ ପମ୍ପର ପ୍ରଲୋଭନ ଦେଖାଯାଉଛି
- ■ଭାଜପାରେ ନ ମିଶିଲେ ମିଥ୍ୟା ଚିଟ୍‌ଫଣ୍ଡ ମାମଲାରେ ଜେଲ୍ ପଠାଇବାର ଭୟ ଦେଖାଉଛନ୍ତି କେନ୍ଦ୍ରୀୟ ସଂସ୍ଥା
- ■ଭାଜପାର ହଡ଼ପ କଳାଧନ ଫେରସ୍ତ ଦାବିରେ ୨୬ରେ ରାଜ୍ୟବ୍ୟାପୀ ବିକ୍ଷୋଭ

ଭାଜପା କର୍ଣ୍ଣାଟକ ସୂତ୍ର ପ୍ରୟୋଗ କରି ପଶ୍ଚିମବଙ୍ଗରେ ମଧ୍ୟ ସମାନ ଶୈଳୀରେ ଘୋଡ଼ାବେପାର ଉଦ୍ୟମ ଚଳାଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକମାନଙ୍କୁ ଅର୍ଥ ଓ ଅନ୍ୟ ପ୍ରଲୋଭନ ଦେଖାଇ କିଣିବାକୁ ଉଦ୍ୟମ ଚଳାଇଛି। ଯେଉଁ ବିଧାୟକମାନେ ଭାଜପାରେ ଯୋଗଦେବାକୁ ମଙ୍ଗୁନାହାନ୍ତି, ସେମାନଙ୍କୁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଜରିଆରେ ବ୍ଲାକ୍‌ମେଲିଂ କରାଯାଉଛି। ଟିଏମ୍‌ସି ନେତା ଓ ନିର୍ବାଚିତ ପ୍ରତିନିଧିମାନଙ୍କୁ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ଫସାଇ ଜେଲ୍‌ରେ ପୂରାଇବାକୁ ଧମକ ଦିଆଯାଉଛି ବୋଲି ରବିବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ ଆଣିଛନ୍ତି।

କୋଲକାତାରେ ଶହୀଦ ଦିବସ ପାଳନ ଅବସରରେ ଟିଏମ୍‌ସି ସୁପ୍ରିମୋ ମମତା ଭାଜପା ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, କ୍ଷମତା ଅକ୍ତିଆର ପାଇଁ ଗୈରିକ ଦଳ ସବୁଠି ଘୋଡ଼ାବେପାର କରୁଛି। କର୍ଣ୍ଣାଟକର ଘୋଡ଼ାବେପାର ମଡେଲ ପଶ୍ଚିମବଙ୍ଗରେ ମଧ୍ୟ ଆପଣେଇଛି। କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଟିଏମ୍‌ସି ନେତାମାନଙ୍କୁ ସମନ କରୁଛନ୍ତି। ଭାଜପାରେ ମିଶ, ନଚେତ ଜେଲ୍ ଯାଅ ବୋଲି ତଦନ୍ତକାରୀ ଅଧିକାରୀମାନେ ଭୟ ଦେଖାଉଛନ୍ତି। ଭାଜପା ପକ୍ଷରୁ ଟିଏମ୍‌ସି ବିଧାୟକମାନଙ୍କୁ ଜଣପିଛା ୨ କୋଟି ଟଙ୍କା ଓ ଗୋଟିଏ ଲେଖାଏ ପେଟ୍ରୋଲ ପମ୍ପର ପ୍ରଲୋଭନ ଦେଖାଯାଉଛି। ଗ୍ରାମସଭା ସ୍ତରରେ ୨୦ ଲକ୍ଷ ଟଙ୍କାର ଲୋଭ ଦେଖାଯାଉଛି। କର୍ଣ୍ଣାଟକ ଭଳି ସବୁଠି ଘୋଡ଼ାବେପାର କରି କ୍ଷମତା ହାସଲର ଉଦ୍ୟମ ଚାଲିଛି। ଭାଜପା ସବୁକିଛି କିଣିପାରିବ ବୋଲି ମନେକରୁଛି। ଗରିବଙ୍କୁ ଉଜ୍ଜ୍ୱଳା ଯୋଜନାରେ ମାଗଣାରେ ଏଲ୍‌ପିଜି ସଂଯୋଗ ଦେବାବେଳେ ଭାଜପା ନେତାମାନେ ବିପୁଳ କମିଶନ ଖାଇଛନ୍ତି। ଭାଜପା ଯେତିକି କଳାଧନ ହଡ଼ପ କରିଛି ତାହା ଫେରସ୍ତ କରିବା ଦାବିରେ ଟିଏମ୍‌ସି ପକ୍ଷରୁ ଆସନ୍ତା ୨୬ ତାରିଖରୁ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ମମତା ଚେତାବନୀ ଦେଇଛନ୍ତି। ତେବେ ଘଣ୍ଟାଏ ଧରି ଦେଇଥିବା ଭାଷଣରେ ମମତା କୌଣସି ଭାଜପା ନେତାଙ୍କ ନାମ ଧରି ନ ଥିଲେ। ଭାଜପା ଇଭିଏମ୍ ଜାଲିଆତି କରି ୨୦୧୯ ସାଧାରଣ ନିର୍ବାଚନ ଜିତିଛି। ଏହି ନିର୍ବାଚନ ଇତିହାସ ନୁହେଁ, ବରଂ ଏକ ରହସ୍ୟ। ନିର୍ବାଚନ କମିଶନ (ଇସି) ଇଭିଏମ୍ ବଦଳରେ ବାଲଟ୍ ପେପର ଜରିଆରେ ନିର୍ବାଚନ କରାନ୍ତୁ। କେନ୍ଦ୍ରରେ ଭାଜପା ସରକାର ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ତିଷ୍ଠିପାରିବ ନାହିଁ। ସୁରୁଖୁରୁରେ ପାର୍ଲାମେଣ୍ଟ ଚାଲିବା କ୍ଷମତାସୀନ ଦଳର ନୁହେଁ, ବରଂ ବିରୋଧୀ ଦଳଗୁଡ଼ିକର ଶ୍ରେୟ। ଲୋକ ସଭାର ୪୨ ଆସନରୁ ମାତ୍ର ୧୮ଟି ଦଖଲ କରି ଭାଜପା ଏପରି ବ୍ୟବହାର କରୁଛି ଯେମିତିକି ଏହି ଦଳ ସମଗ୍ର ପଶ୍ଚିମବଙ୍ଗକୁ ଜିତିଯାଇଛି। ସିପିଆଇଏମ୍ ଏବଂ କଂଗ୍ରେସର ପ୍ରତ୍ୟାଖ୍ୟାତ ନେତା ଓ ଗୁଣ୍ଡାଙ୍କୁ ନେଇ ଚଳୁଥିବା ଭାଜପା ଏକ ପରଜୀବୀ ବୋଲି ମମତା କଡ଼ା ସମାଲୋଚନା କରିଛନ୍ତି। ପ୍ରକାଶ ଯେ, ୧୯୯୩ ଜୁଲାଇ ୨୧ରେ ବାମ ସାମ୍ମୁଖ୍ୟ ସରକାର ବିରୋଧରେ ବିକ୍ଷୋଭ କରୁଥିବାବେଳେ ପୋଲିସ ଗୁଳିରେ ଯୁବକଂଗ୍ରେସର ୧୩ କର୍ମୀ ପ୍ରାଣ ହରାଇଥିଲେ। ମମତା ସେତେବେଳେ ଯୁବକଂଗ୍ରେସ ନେତା ଥିବାରୁ ଟିଏମ୍‌ସି ପକ୍ଷରୁ ପ୍ରତିବର୍ଷ ଏହି ଦିନକୁ ଶହୀଦ ଦିବସ ଭାବେ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଲୋକେ ଯେପରି ଯୋଗଦେଇ ନ ପାରିବେ ସେଥିଲାଗି ରେଲୱେ ପକ୍ଷରୁ ଅନେକ ଟ୍ରେନ୍‌ର ଚଳାଚଳକୁ ବାତିଲ କରିଦିଆଯାଇଛି ବୋଲି ମମତା ସମାଲୋଚନା କରିଛନ୍ତି। ଲୋକ ସଭା ନିର୍ବାଚନ ପରେ ଏହା ହେଉଛି ମମତାଙ୍କ ପ୍ରଥମ ବଡ଼ଧରଣର ରାଲି।



ହଂକଂରେ ସରକାର ବିରୋଧୀ ବିକ୍ଷୋଭ ସପ୍ତମ ସପ୍ତାହରେ ପହଞ୍ଚିଛି। ରବିବାର ବିକ୍ଷୋଭକାରୀମାନେ ପାର୍ଲାମେଣ୍ଟ ଅଭିମୁଖେ ଶୋଭାଯାତ୍ରା କରୁଛନ୍ତି।

# ହଂକଂରେ ସରକାର ବିରୋଧୀ ବିଶାଳ ର୍‌ୟାଲି

ହଂକଂ,୨୧ା୭(ଏଏଫ୍‌ପି)

ହଂକଂରେ ସରକାର ବିରୋଧୀ ଆନ୍ଦୋଳନ ଥମିବା ନାଁ ଧରୁନାହିଁ। ରବିବାର ହଜାର ହଜାର ଲୋକ ସରକାର ବିରୋଧୀ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରିଥିଲେ। ଚାଇନା ଶାସନ ବିରୋଧରେ ବର୍ଷ ବର୍ଷ ଧରି ରହିଥିବା ପୁଞ୍ଜୀଭୂତ ଅସନ୍ତୋଷକୁ ସେମାନେ ପ୍ରକାଶ କରିଛନ୍ତି। ଦୀର୍ଘଦିନ ଧରି ଏହି ଅର୍ଥନୈତିକ କେନ୍ଦ୍ରରେ ଆନ୍ଦୋଳନ ଓ ଉତ୍ତେଜନା ଲାଗି ରହିଛି। ବିଭିନ୍ନ ସମୟରେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହିଂସାତ୍ମକ ରୂପ ନେଉଛି। ଏଭଳି ସଙ୍କଟ ନିକଟ ଅତୀତରେ କେବେ ଦେଖାଦେଇ ନ ଥିଲା। ମୁଖ୍ୟ ଭୂଖଣ୍ଡ ଚାଇନାକୁ ପ୍ରତ୍ୟର୍ପଣ ବିଲ୍‌କୁ ନେଇ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଫଳରେ ସରକାର ଉକ୍ତ ବିଲ୍‌କୁ ସ୍ଥଗିତ ରଖିଛନ୍ତି। ଏହା ସତ୍ତ୍ୱେ ଆନ୍ଦୋଳନ ଅଧିକ ତୀବ୍ର ହୋଇଛି। ଗଣତାନ୍ତ୍ରିକ ସଂସ୍କାର, ସାର୍ବଜନୀନ ମତାଧିକାର ଏବଂ ଅର୍ଦ୍ଧସ୍ୱୟଂଶାସିତ ଅଞ୍ଚଳରେ ହ୍ରାସ ପାଉଥିବା ସ୍ୱାଧୀନତାକୁ ରୋକିବା ଆଦି ଦାବି ନେଇ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଆହୁରି ଜୋରଦାର କରିଛନ୍ତି। ଆନ୍ଦୋଳନକାରୀମାନେ ପାର୍ଲାମେଣ୍ଟ ଅଭିମୁଖେ ଅଗ୍ରସର ହେବାରୁ ପୋଲିସକୁ ଲୁହବୁହା ଗ୍ୟାସ୍ ଓ ରବର ବୁଲେଟ ମାଡ଼ କରିବାକୁ ପଡ଼ିଥିଲା। ୧୯୯୭ରେ ହଂକଂ ଚାଇନା ପରିଚାଳନାକୁ ଆସିବା ପରଠାରୁ ବେଜିଂ କର୍ତ୍ତୃପକ୍ଷ କେବେ ଏଭଳି ଗୁରୁତର ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ନ ଥିଲେ।

## ସଂକ୍ଷେପରେ

### ରାମଚନ୍ଦ୍ର ପାଶ୍ୱାନଙ୍କ ପରଲୋକ



ନୂଆଦିଲ୍ଲୀ,୨୧ା୭(ପି.ଟି.): ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି)ର ବିହାର ସମସ୍ତିପୁର ଏମ୍‌ପି ରାମଚନ୍ଦ୍ର ପାଶ୍ୱାନଙ୍କର ରବିବାର ଅପରାହ୍ନରେ ପରଲୋକ ଘଟିଛି। ତାଙ୍କୁ ୫୭ ବର୍ଷ ହୋଇଥିଲା। ସେ ହେଉଛନ୍ତି କେନ୍ଦ୍ରମନ୍ତ୍ରୀ ତଥା ଏଲ୍‌ଜେପି ଅଧ୍ୟକ୍ଷ ରାମବିଳାସ ପାଶ୍ୱାନଙ୍କ ସାନଭାଇ। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ନୂଆଦିଲ୍ଲୀର ରାମମନୋହର ଲୋହିଆ ହସ୍ପିଟାଲରେ ଅପରାହ୍ନ ୧ଟା ୨୪ ମିନିଟରେ ରାମଚନ୍ଦ୍ର ଶେଷନିଃଶ୍ୱାସ ତ୍ୟାଗ କରିଥିବା ତାଙ୍କ ପୁତୁରା ତଥା ଏଲ୍‌ଜେପି ନେତା ଚିରାଗ ପାଶ୍ୱାନ କହିଛନ୍ତି। ମରଶରୀର ତାଙ୍କ ବାସଭବନ ଏବଂ ଏଲଜେପି କାର୍ଯ୍ୟାଳୟରେ ଶେଷଦର୍ଶନ ପାଇଁ ରଖାଯିବ। ସୋମବାର ପାଟନାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ରାମଚନ୍ଦ୍ର ୪ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ।

### ମାଙ୍ଗେ ରାମ୍ ଗର୍ଗଙ୍କ ଦେହାନ୍ତ



ନୂଆଦିଲ୍ଲୀ,୨୧ା୭(ପି.ଟି.): ଦିଲ୍ଲୀ ଭାଜପାର ପୂର୍ବତନ ସଭାପତି ମାଙ୍ଗେ ରାମ ଗର୍ଗଙ୍କର ରବିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବା ଗର୍ଗଙ୍କର ଉତ୍ତର ଦିଲ୍ଲୀର ପଶ୍ଚିମ ବିହାରରେ ଥିବା ଆକ୍ସନ ବାଲାଜୀ ହସ୍ପିଟାଲରେ ଦେହାନ୍ତ ହୋଇଛି। ତାଙ୍କର ଶେଷ ଦର୍ଶନ ପାଇଁ ମରଶରୀରକୁ ଅଶୋକ ନଗରସ୍ଥିତ ତାଙ୍କ ବାସଭବନ ଓ ପନ୍ତ ମାର୍ଗରେ ଥିବା ଭାଜପା କାର୍ଯ୍ୟାଳୟକୁ ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବରିଷ୍ଠ ଭାଜପା ନେତାମାନେ ଗର୍ଗଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି। ଦିଲ୍ଲୀ ସହ ଘନିଷ୍ଠ ଭାବରେ ଜଡ଼ିତ ଗର୍ଗ ନିଃସ୍ୱାର୍ଥପର ଭାବେ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିଲେ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି।

### ତସ୍‌ଲିମାଙ୍କ ରହଣି ଅବଧି ବୃଦ୍ଧି



ନୂଆଦିଲ୍ଲୀ,୨୧ା୭(ପି.ଟି.): ବିବାଦୀୟ ବାଂଲାଦେଶୀ ଲେଖିକା ତସ୍‌ଲିମା ନାସରିନ୍‌ଙ୍କ ଭାରତ ରହଣି ଅବଧି ବର୍ଷେ ବୃଦ୍ଧି କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତସ୍‌ଲିମା ସୁଇଡେନ୍‌ର ନାଗରିକତ୍ୱ ଗ୍ରହଣ କରିଛନ୍ତି। ସେ ୨୦୦୪ରେ ଭାରତରେ ରହି କ୍ରମାଗତ ନିଜର ରହଣି ଅବଧି ବୃଦ୍ଧି କରାଇ ଆସୁଛନ୍ତି। ତାଙ୍କର ଭାରତ ରହଣି ଅବଧି ୨୦୨୦ ଜୁଲାଇ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।



କେରଳର ତ୍ରିଶୂରରେ ମାଲୟାଲମ୍ ମାସ 'କର୍କିଡ଼କମ୍' ଆରମ୍ଭ ହୋଇଛି। ଏହି ଅବସରରେ ବାଡ଼କ୍କୁନ୍ନାଥନ୍ ମନ୍ଦିରରେ ଶ୍ରଦ୍ଧାଳୁମାନେ ହାତୀଙ୍କୁ ଖୁଆଉଛନ୍ତି।

### ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ: ୯ ନିହତ

ପେଶାୱର,୨୧ା୭(ପି.ଟି.)

ଉତ୍ତରପଶ୍ଚିମ ପାକିସ୍ତାନରେ ରବିବାର ଆତଙ୍କବାଦୀ ଆକ୍ରମଣରେ ୬ ପୋଲିସ କର୍ମଚାରୀଙ୍କ ସମେତ ୯ ନିହତ ଓ ୪୦ ଜଣ ଆହତ ହୋଇଛନ୍ତି। ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ଆତଙ୍କବାଦୀମାନେ ଖାଇବର ପାଖତୁନ୍‌ଖ୍ୱାର ଡେରା ଇସ୍ମାଇଲ ଖାନ ଜିଲାର ଏକ ଚେକ୍‌ପୋଷ୍ଟ ଉପରକୁ ଗୁଳି ଚଳାଇବା ପରେ ଏକ ହସ୍ପିଟାଲରେ ଜଣେ ବୁର୍ଖା ପରିହିତା ମହିଳା ଆତ୍ମଘାତୀ ବିସ୍ଫୋରଣ ଘଟାଇଥିଲେ। ଦୁଇଟି ବାଇକ୍‌ରେ ୪ ଅଜଣା ବ୍ୟକ୍ତି ଆସି କୋଟ୍‌ଲା ସୟଦାନ୍ ଚେକ୍‌ପୋଷ୍ଟରେ ୨ ପୋଲିସଙ୍କୁ ଗୁଳି ଚଳାଇଥିଲେ। ପୋଲିସଙ୍କ ମୃତଦେହ ଜିଲା ହସ୍ପିଟାଲକୁ ନିଆଯାଇଥିବାବେଳେ ପୂର୍ବରୁ ପ୍ରସ୍ତୁତ ରହିଥିବା ମହିଳା ଜଣକ ନିଜକୁ ବିସ୍ଫୋରଣରେ ଉଡ଼ାଇଦେଇଥିଲେ।

### ସୋନଭଦ୍ର ମୃତକଙ୍କ ପରିବାରକୁ ଭେଟିଲେ ଯୋଗୀ

ନୂଆଦିଲ୍ଲୀ,୨୧ା୭



ଉତ୍ତରପ୍ରଦେଶର ସୋନଭଦ୍ର ଗଣହତ୍ୟା ଘଟଣାକୁ ନେଇ ରାଜନୀତି ଜୋର ଧରିଥିଲାବେଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରବିବାର ସେଠାକୁ ଯାଇ ମୃତକମାନଙ୍କ ପରିବାର ସଦସ୍ୟଙ୍କୁ ଭେଟିଛନ୍ତି। ଏକ ଜମି ବିବାଦକୁ କେନ୍ଦ୍ର କରି ବୁଧବାର ସୋନଭଦ୍ରରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଗାଁ ମୁଖିଆ ଓ ତାଙ୍କ ସମର୍ଥକମାନଙ୍କ ଗୁଳିରେ ଆଦିବାସୀ ସମ୍ପ୍ରଦାୟର ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୪ ଜଣ ଆହତ ହୋଇଥିଲେ। ଏହି ଗଣହତ୍ୟା ଘଟଣାକୁ ରାଜନୈତିକ ରୂପ ଦିଆଯାଉଥିବାରୁ ଏଥିପାଇଁ ମୁଖ୍ୟମନ୍ତ୍ରୀ କଂଗ୍ରେସ, ସମାଜବାଦୀ ପାର୍ଟି ଓ ବିଏସ୍‌ପିକୁ ସମାଲୋଚନା କରିଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଯୋଗାଇ ଦିଆଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ଏବେ ଏହି ରାଶିକୁ ୧୮.୫ ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସରକାର ସମସ୍ତ ସହାୟତା ଯୋଗାଇ ଦେବେ ବୋଲି ଯୋଗୀ କହିଛନ୍ତି। ତାଙ୍କ ସହିତ ପୋଲିସ ମହାନିର୍ଦ୍ଦେଶକ ଓ.ପି. ସିଂ ଯାଇଥିଲେ। ମୁଖ୍ୟମନ୍ତ୍ରୀ ପୂର୍ବରୁ ଘଟଣାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ୨୯ ଜଣଙ୍କୁ ଗିରଫ କରାଯାଇଛି।

## ■ ଚାକିରି ନାଁରେ ଠକେଇ

# ୟୁଏଇରେ ଫସିଛନ୍ତି ୯ ଭାରତୀୟ

ଦୁବାଇ,୨୧ା୭(ପି.ଟି.)

ସୋସିଆଲ୍ ମିଡିଆରେ ଜାଲ୍ ନିଯୁକ୍ତି ଅଫର ପାଇ ୯ ଭାରତୀୟ ୟୁଏଇରେ ଫସିଛନ୍ତି। ଏମାନେ କେରଳରୁ ଯାଇ ଅଲ୍ ଆଇନ୍ ଓ ଅଜମାନ୍‌ରେ ଅଟକି ରହିଛନ୍ତି। ସେମାନେ ହ୍ୱାଟ୍ସଆପ୍ ଜରିଆରେ ଶାଫିକ୍ ନାମକ ଜଣେ ଏଜେଣ୍ଟ ସଂସ୍ପର୍ଶରେ ଆସିଥିଲେ। ସେମାନେ ଭ୍ରମଣ ଭିଜା ପାଇଁ ତାଙ୍କୁ ୭୦ ହଜାର ଟଙ୍କା ଦେଇଥିଲେ। ଜାଲ୍ ବିଜ୍ଞାପନ ଦ୍ୱାରା ଭାରତୀୟମାନଙ୍କୁ ୟୁଏଇରେ ନିଯୁକ୍ତି ଦେବାର ପ୍ରଲୋଭନ ଦେଖାଯାଉଥିବାରୁ ଏଥିପ୍ରତି ସତର୍କ ରହିବାକୁ ଦୁବାଇରେ ଥିବା ଭାରତର କନ୍‌ସୁଲେଟ୍ ଜେନେରାଲ ପରାମର୍ଶ ଦେବା ପରେ ଏହି ଘଟଣା ପଦାକୁ ଆସିଛି। କେରଳ ମାଲାପୁରମ୍ ଜିଲାର ଫଜିଲ୍ ନାମକ ଯୁବକ କହିଛନ୍ତି, ସେ ହ୍ୱାଟ୍ସଆପ୍‌ରେ ନିଯୁକ୍ତି ଅଫର ପାଇଥିଲେ। ୧୫ ଦିନ ମଧ୍ୟରେ ତାଙ୍କୁ ନିଯୁକ୍ତି ମିଳିବ ବୋଲି ଉକ୍ତ ବାର୍ତ୍ତାରେ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାକୁ ସେ ସତ ଭାବି ଫସିଗଲେ। ତାଙ୍କୁ ଅଲ୍ ଆଇନ୍‌ର ସୁପରମାର୍କେଟରେ ନିଯୁକ୍ତି ମିଳିଥିବା ଜଣେ ଏଜେଣ୍ଟ କହିବା ସହ ମାସକୁ ୨୨,୪୯୬ ଟଙ୍କା ବେତନ, ମାଗଣା ରହିବା ଓ ଖାଇବା ସୁବିଧା ମିଳିବ ବୋଲି ଜଣାଇଥିଲେ। ଫଜିଲ ୟୁଏଇ ଆସିବା ଲାଗି ତାଙ୍କ ମାଆଙ୍କ ସୁନା ଗହଣା ବନ୍ଧକ ରଖି ଟଙ୍କା ଯୋଗାଡ଼ କରିଥିଲେ। ଏବେ ତାଙ୍କ ପାଖରେ ଚାକିରି ନାହିଁ କିମ୍ବା ଘରକୁ ଫେରିବା ଲାଗି ଟଙ୍କା ନାହିଁ ବୋଲି ସେ କହିଛନ୍ତି।

# ପଞ୍ଚଭୂତରେ ଶୀଳା

ନୂଆଦିଲ୍ଲୀ,୨୧ା୭(ପି.ଟି.)



- ■ଅଶ୍ରୁଳ ବିଦାୟ ଜଣାଇଲା ଦିଲ୍ଲୀ
- ■ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଲୋକପ୍ରିୟ କଂଗ୍ରେସ ନେତ୍ରୀ ଶୀଳା ଦୀକ୍ଷିତଙ୍କ ମରଶରୀର ପଞ୍ଚଭୂତରେ ଲୀନ ହୋଇଛି। ରବିବାର ପ୍ରବଳ ବର୍ଷା ଓ ପବନ ସତ୍ତ୍ୱେ ତାଙ୍କର ସହକର୍ମୀ, କଂଗ୍ରେସ ନେତା, ପ୍ରଶଂସକ ବହୁସଂଖ୍ୟାରେ ପହଞ୍ଚି ସେମାନଙ୍କ ପ୍ରିୟ ନେତ୍ରୀଙ୍କୁ ଅଶ୍ରୁଳ ବିଦାୟ ଜଣାଇଥିଲେ। ନିଗମବୋଧ ଘାଟରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଏହି ବର୍ଷୀୟାନ ନେତ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶନିବାର ହୃଦ୍‌ଘାତରେ ଶୀଳାଙ୍କର ପରଲୋକ ହୋଇଥିଲା।

ତାଙ୍କ ଶେଷକୃତ୍ୟରେ ସାମିଲ ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଥିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉପମୁଖ୍ୟମନ୍ତ୍ରୀ ମନିଷ୍ ସିସୋଦିଆ, ଗୃହମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରମୁଖ। ଭାଜପାର ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀ ଏବଂ ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଶୀଳାଙ୍କ ବାସଭବନକୁ ଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୀଳା ତାଙ୍କର ଜଣେ ବନ୍ଧୁ ଓ ବଡ଼ ଭଉଣୀ ବୋଲି କହିଛନ୍ତି ସୋନିଆ। ତାଙ୍କ ପରଲୋକ କଂଗ୍ରେସ ପାଇଁ ବଡ଼ କ୍ଷତି ବୋଲି ସେ କହିଛନ୍ତି।

ଶୀଳାଙ୍କ ମରଶରୀର ତାଙ୍କ ବାସଭବନରୁ କଂଗ୍ରେସ ମୁଖ୍ୟାଳୟକୁ ନିଆଯାଇଥିଲା। ସେଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ପ୍ରମୁଖ ଶେଷ ସମ୍ମାନ ଜଣାଇଥିଲେ। ପରେ ମରଶରୀରକୁ ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟକୁ ନିଆଯାଇଥିଲା। ମହିଳା ମୁଖ୍ୟମନ୍ତ୍ରୀ ଭାବେ ସର୍ବାଧିକ ସମୟ କ୍ଷମତାରେ ରହିଥିବା ଶୀଳା ଦୀକ୍ଷିତଙ୍କ ନେତୃତ୍ୱରେ କଂଗ୍ରେସ କ୍ରମାଗତ ୧୯୯୮, ୨୦୦୩ ଓ ୨୦୦୮ ନିର୍ବାଚନରେ କ୍ଷମତାକୁ ଆସିଥିଲା। ତାଙ୍କ ଶାସନ କାଳରେ ଦିଲ୍ଲୀର ଉଲ୍ଲେଖନୀୟ ବିକାଶ ହୋଇଥିଲା।

# ଫିଲ୍ମ ନିର୍ମାଣ କରିବେ ସଲମାନ୍



ମୁମ୍ବାଇ: ଅଭିନେତା ତଥା ପ୍ରଯୋଜକ ସଲମାନ୍ ଖାନ୍ ମ୍ୟାରେଜ୍ ହଲ୍ ଉପରେ ଏକ ଫିଲ୍ମ ନିର୍ମାଣ ପାଇଁ ଯୋଜନା କରୁଛନ୍ତି। ଉକ୍ତ ପ୍ରୋଜେକ୍ଟ ସହ ଗଭୀର ଭାବେ ଜଡ଼ିତ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସଲମାନ୍ ତାଙ୍କର ଏସ୍‌କେଏଫ୍ ବ୍ୟାନରରେ ପୁଣି ଥରେ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଏହା ଦିଲ୍ଲୀରେ ବାସକରୁଥିବା ଦୁଇଭାଇଙ୍କ ଜୀବନ କାହାଣୀକୁ ନେଇ ଗଢ଼ିଉଠିଛି। ଉକ୍ତ ଫିଲ୍ମର ଟାଇଟଲ୍ ରହିଛି 'ବୁଲ୍‌ବୁଲ୍ ମ୍ୟାରେଜ୍ ହଲ୍'। ଫିଲ୍ମର ନିର୍ଦ୍ଦେଶନା ଦେବେ ରୋହିତ ନାୟାର ଏବଂ ସଂଳାପ ରଚନା କରୁଛନ୍ତି ରାଜ୍ ଶାଣ୍ଡିଲ୍ୟ। ନାୟାର ପୂର୍ବରୁ ୨୦୦୯ ଫିଲ୍ମ 'ଶ୍ୟାଡୋ'ର ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ଅଭିନୟ କରିଛନ୍ତି ମିଲିନ୍ଦ ସୋମନ୍, ସୋନାଲି କୁଲ୍‌କର୍ଣ୍ଣି ଏବଂ ହର୍ଷିତା ଭଟ୍ଟ। ବର୍ତ୍ତମାନ ଫିଲ୍ମ ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଏହାର ଶୁଟିଂ ଅକ୍ଟୋବରରେ ହେବା ସମ୍ଭାବନା ଅଛି। ସୁପରଷ୍ଟାର ସଲମାନ୍ ବର୍ତ୍ତମାନ 'ଦବଙ୍ଗ ୩' ପାଇଁ କାମ କରୁଛନ୍ତି। ଏହା ଡିସେମ୍ବର ୨୦ରେ ରିଲିଜ ହେବାର ଅଛି। ସେ ମଧ୍ୟ ସଞ୍ଜୟ ଲୀଳା ଭଂସାଲିଙ୍କ 'ଇନ୍‌ଶାଲା' ଏବଂ 'କିକ୍ ୨' ପାଇଁ କାର୍ଯ୍ୟବ୍ୟସ୍ତ ଅଛନ୍ତି।

## [ଇତିହାସର ଆଇନାରେ]

### ଜୁଲାଇ ୨୨ର ପ୍ରମୁଖ ଘଟଣା

୧୯୯୭ ଜୁଲାଇ ୨୨ରେ ମିଶିଗାନ୍‌ର ପୋର୍ଟ ହ୍ୟୁରନ୍ ଏବଂ ଅଣ୍ଟାରିଓର ସାର୍ନିଆ ମଧ୍ୟରେ ଦ୍ୱିତୀୟ ବ୍ଲୁ ୱାଟର ବ୍ରିଜ୍ ଖୋଲିଥିଲା। ସେଣ୍ଟ କ୍ଲେୟାର ନଦୀରେ ନିର୍ମିତ ଏହି ବ୍ରିଜ୍ ଆମେରିକାର ପୋର୍ଟ ହ୍ୟୁରନ୍ ଏବଂ କାନାଡାର ସାର୍ନିଆକୁ ସଂଯୋଗ କରୁଛି।

୨୦୧୩ ଜୁଲାଇ ୨୨ରେ ଚାଇନାର ଡିଙ୍ଗ୍‌ସିରେ ଭୂମିକମ୍ପରେ ୮୯ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୫୦୦ରୁ ଅଧିକ ଆହତ ହୋଇଥିଲେ। ଏହାର ତୀବ୍ରତା ୬.୬ ଥିଲା ଏବଂ ଏହାର କେନ୍ଦ୍ରସ୍ଥଳ ଭୂପୃଷ୍ଠଠାରୁ ୨୦କିଲୋମିଟର ଗଭୀରତାରେ ରହିଥିଲା।

# ଆଜି ଚନ୍ଦ୍ରୟାନ-୨ ଉତ୍‌କ୍ଷେପଣ

ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ), ୨୧ା୭(ପି.ଟି.)



ଆସନ୍ତାକାଲି ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ଉତ୍‌କ୍ଷେପଣ ସ୍ଥଳରୁ ଭାରତର ଦ୍ୱିତୀୟ ମୁନ୍ ମିଶନ୍ ଚନ୍ଦ୍ରୟାନ-୨ ଲଞ୍ଚ୍ ହେବାକୁ ଯାଉଛି। ଏଥିପାଇଁ ରବିବାର ସନ୍ଧ୍ୟା ୬ଟା ୪୩ରୁ ଅବଗଣନା ଆରମ୍ଭ ହୋଇଥିବା ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଚେୟାରମ୍ୟାନ୍ କେ. ଶିବନ୍ ସୂଚନା ଦେଇଛନ୍ତି। କାଉଣ୍ଟଡାଉନ୍ ସମୟରେ ରକେଟ୍ ଏବଂ ସ୍ପେସ୍‌କ୍ରାଫ୍ଟର ସିଷ୍ଟମ୍‌ରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଏବଂ ଫୁଏଲିଂ ବ୍ୟବସ୍ଥା ଅନୁଧ୍ୟାନ କରାଯିବ। ସତୀଶ ଧାୱନ ସ୍ପେସ୍ ସେଣ୍ଟର୍‌ର ଦ୍ୱିତୀୟ ଲଞ୍ଚ୍‌ପ୍ୟାଡ୍‌ରୁ ସୋମବାର ଅପରାହ୍ନ ୨ଟା ୪୩ ମିନିଟ୍‌ରେ ଚନ୍ଦ୍ରୟାନ-୨ ମହାକାଶ ଅଭିମୁଖେ ଯାତ୍ରା କରିବ।

ଚନ୍ଦ୍ରୟାନ-୨ ସ୍ପେସ୍‌କ୍ରାଫ୍ଟ ବହନକାରୀ ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟ୍ ଜୁଲାଇ ୧୫ ରାତ୍ରି ୨ଟା ୫୧ରେ ମହାକାଶକୁ ପ୍ରକ୍ଷେପଣ କରାଯିବାର ଥିଲା। କିନ୍ତୁ ଘଣ୍ଟାଏ ପୂର୍ବରୁ ରକେଟ୍‌ରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହେବାରୁ ଉତ୍‌କ୍ଷେପଣ ସ୍ଥଗିତ ରଖାଯାଇଥିଲା। ପରେ ଇସ୍ରୋ ଏହାର ୪୪ମିଟର ଲମ୍ବ ବିଶିଷ୍ଟ ଜିଓସାଇକ୍ରୋନସ୍ ସାଟେଲାଇଟ୍ ଲଞ୍ଚ୍ ଭେଇକିଲ୍-ମାର୍କ ୩(ଜିଏସ୍‌ଏଲ୍‌ଭି-ମେକ୍ ୩)ରେ ଥିବା ତ୍ରୁଟି ସୁଧାରିବା ପରେ ଚନ୍ଦ୍ରୟାନ-୨ ଲଞ୍ଚ୍ ଆଶା ଉଜ୍ଜ୍ୱଳ ହୋଇଛି। 'ବାହୁବଳୀ' ନାମରେ ପରିଚିତ ୬୪୦ ଟନ୍ ବିଶିଷ୍ଟ ଜିଏସ୍‌ଏଲ୍‌ଭି-ମେକ୍ ୩ ରକେଟ୍ ୩.୮ ଟନ୍ ଓଜନର ଚନ୍ଦ୍ରୟାନ-୨ ସ୍ପେସ୍‌କ୍ରାଫ୍ଟକୁ ବହନ କରି ମହାକାଶକୁ ଯାତ୍ରା କରିବ।




# ୩ ମାସରେ ୫୦୨ ଝିଅ ନିଖୋଜ

■ ଭୁବନେଶ୍ୱର, କଟକ ସ୍ଥିତି ଉଦ୍‌ବେଗଜନକ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ରାଜ୍ୟରେ ବଢୁଛି ନିଖୋଜ ଝିଅଙ୍କ ସଂଖ୍ୟା। ଚଳିତ ବର୍ଷ ଜାନୁଆରୀରୁ ମାର୍ଚ୍ଚ ମାସ ମଧ୍ୟରେ ୫୦୨ଜଣ ଝିଅ ନିଖୋଜ ହୋଇଛନ୍ତି। ସେଥିମଧ୍ୟରୁ ୭୯ ଜଣଙ୍କ ସନ୍ଧାନ ମିଳିଛି। ଏନେଇ ମଧ୍ୟ ୪୫୫ଟି ମାମଲା ରୁଜୁ ହୋଇଛି। ସେହିଭଳି ୧୦୦ ଜଣ ପୁଅ ମଧ୍ୟ ନିଖୋଜ ହୋଇଥିବାବେଳେ ୩୧ ଜଣଙ୍କ ସନ୍ଧାନ ମିଳିଛି। ଏ ସଂକ୍ରାନ୍ତରେ ୯୫ଟି ମାମଲା ରୁଜୁ ହୋଇଛି। ବିଧାନସଭାରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟଙ୍କ ଲିଖିତ ପ୍ରଶ୍ନର ଉତ୍ତର ଦେଇ ଏହି ସୂଚନା ଦେଇଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ। ସେହିଭଳି ୨୦୧୮ରେ ରାଜ୍ୟରେ ୧୮୭୫ ଜଣ ଝିଅ ନିଖୋଜ ହୋଇଥିବାବେଳେ ୮୫୪ ଜଣଙ୍କ ସନ୍ଧାନ ମିଳିଛି ଓ ଏ ସଂକ୍ରାନ୍ତରେ ୧୭୨୦ଟି ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ ୪୫୯ଜଣ ପୁଅ ନିଖୋଜ ହୋଇଥିବାବେଳେ ସେଥିମଧ୍ୟରୁ ୨୮୫ ଜଣଙ୍କ ସନ୍ଧାନ ମିଳିଛି। ଏନେଇ ମଧ୍ୟ ୩୯୬ଟି ମାମଲା ରୁଜୁ ହୋଇଛି। ତେବେ ଭୁବନେଶ୍ୱର ଓ କଟକର ସ୍ଥିତି ଉଦ୍‌ବେଗଜନକ ରହିଛି। ଉକ୍ତ ବର୍ଷ ଏଠାରେ ୧୩୯ ଜଣ ଝିଅ ନିଖୋଜ ହୋଇଥିବାବେଳେ ୬୮ ଜଣଙ୍କ ସନ୍ଧାନ ମିଳିଛି ଓ ୧୩୦ଟି ମାମଲା ରୁଜୁ ହୋଇଛି। ୪୦ଜଣ ପୁଅ ନିଖୋଜ ହୋଇଥିବାବେଳେ ୨୬ଜଣଙ୍କ ସନ୍ଧାନ ମିଳିଛି। ଏ ସଂକ୍ରାନ୍ତରେ ୩୫ଟି ମାମଲା ରୁଜୁ କରାଯାଇଛି। କଟକରେ ୧୨୯ଜଣ ଝିଅ ନିଖୋଜ ହୋଇଥିବାବେଳେ ୬୨ଜଣଙ୍କ ସନ୍ଧାନ ମିଳିଛି। ଏନେଇ ମଧ୍ୟ ୧୨୬ଟି ମାମଲା ରୁଜୁ କରାଯାଇଛି। ସେହିପରି ୪୩ଜଣ ପୁଅ ନିଖୋଜ ଥିବାବେଳେ ୨୭ଜଣଙ୍କ ସନ୍ଧାନ ମିଳିଛି ଓ ବିଭିନ୍ନ ଥାନାରେ ୪୧ ମାମଲା ରୁଜୁ କରାଯାଇଥିବା ମନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି।

# ଖର୍ଚ୍ଚ ହୋଇପାରୁନାହିଁ ବିଜୁ କେବିକେ ଅର୍ଥ

■ ବିଧାୟକ ପାଣ୍ଠିରୁ ଖର୍ଚ୍ଚ ହୋଇଛି ମାତ୍ର ୬୫ ପ୍ରତିଶତ

ଭୁବନେଶ୍ୱର,୨୧।୭(ବ୍ୟୁରୋ)

ରାଜ୍ୟର ପଛୁଆ ଜିଲାଗୁଡ଼ିକର ବିକାଶ ପାଇଁ ଅନେକ ଯୋଜନା ହୋଇଛି। ଏଥିପାଇଁ ପ୍ରତି ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭାବେ ଅନୁଦାନ ବ୍ୟବସ୍ଥା ମଧ୍ୟ ରହୁଛି। ହେଲେ ଆଶ୍ଚର୍ଯ୍ୟର ବିଷୟ, କୌଣସି ବର୍ଷରେ ଅନୁଦାନ ଅର୍ଥ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇପାରୁନାହିଁ। ଅବିଭକ୍ତ କୋରାପୁଟ, ବଲାଙ୍ଗୀର, କଳାହାଣ୍ଡିର ଉନ୍ନତି ପାଇଁ କରାଯାଇଥିବା ବିଜୁ କେବିକେ ଯୋଜନା ଅର୍ଥ ଶତପ୍ରତିଶତ ଖର୍ଚ୍ଚ ହୋଇପାରୁନାହିଁ ବୋଲି ଖୋଦ୍ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି।

ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଗତ ୧୮ ତାରିଖରେ କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ଅଣତାରକା ପ୍ରଶ୍ନ ନଂ.୧୧୦୯ର ଉତ୍ତରରେ ଏ ନେଇ ତଥ୍ୟ ପ୍ରଦାନ କରିଛନ୍ତି। ୨୦୧୪-୧୫ରୁ ୨୦୧୮-୧୯ ଆର୍ଥିକ ବର୍ଷ ଯାଏ ସରକାର ମୋଟ ୬୦,୦୦୦ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି। ସମାନ ସମୟରେ ତନ୍ମଧ୍ୟରୁ ୩୫,୪୬୫.୯୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଅବଶିଷ୍ଟ ୨୪,୫୩୪.୦୩ ଲକ୍ଷ ଖର୍ଚ୍ଚ ନ ହୋଇ ବଳକା ରହିଛି। ସେଥିମଧ୍ୟରୁ ବଲାଙ୍ଗୀର ଜିଲାରେ ୪୨୪୦.୯୮ ଲକ୍ଷ ଟଙ୍କା, କଳାହାଣ୍ଡିରେ ୪୦୫୯.୦୧ ଲକ୍ଷ, ରାୟଗଡ଼ାରେ ୩୬୯୮.୭୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ନ ଥିବା ଜଣାପଡ଼ିଛି। ଅନୁରୂପ ଭାବେ କୋରାପୁଟରେ ୩୨୬୯ ଲକ୍ଷ, ସୁବର୍ଣ୍ଣପୁରରେ ୨୮୨୯.୯୩ ଲକ୍ଷ, ନୂଆପଡ଼ାରେ ୨୨୮୮.୪୧ ଲକ୍ଷ ଏବଂ ନବରଙ୍ଗପୁର ଜିଲାରେ ୨୨୨୨.୬୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇନାହିଁ। ଏହି ସମୟରେ କୋରାପୁଟ ଓ ବଲାଙ୍ଗୀର ଜିଲାକୁ ସର୍ବାଧିକ ୧୦,୫୦୦ ଲକ୍ଷ ଟଙ୍କାର ଅନୁଦାନ ମିଳିଛି। ସେହିପରି ମାଲକାନଗିରିକୁ ୫୨୫୦ ଲକ୍ଷ, ନବରଙ୍ଗପୁରକୁ ୭୫୦୦ ଲକ୍ଷ, ରାୟଗଡ଼ାକୁ ୮,୨୫୦ ଲକ୍ଷ, ସୁବର୍ଣ୍ଣପୁରକୁ ୪,୫୦୦ ଲକ୍ଷ, କଳାହାଣ୍ଡିକୁ ୯,୭୫୦ ଲକ୍ଷ ଏବଂ ନୂଆପଡ଼ାକୁ ୩,୭୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

ସେହିପରି ବିଧାୟକ ପାଣ୍ଠି ଯୋଜନା ଅଧୀନରେ ୨୦୧୪-୧୫ ଆର୍ଥିକ ବର୍ଷରୁ ୨୦୧୮-୧୯ ମଧ୍ୟରେ ରାଜ୍ୟର ୩୦ଟି ଜିଲାକୁ ୭୩,୫୦୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ହେଲେ ତନ୍ମଧ୍ୟରୁ ୪୮,୩୬୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଯାହାକି ମଞ୍ଜୁର ଅର୍ଥର ୬୫ ପ୍ରତିଶତ। ୨୫,୧୩୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ବାକି ରହିଛି। ରାଜଧାନୀ ଭୁବନେଶ୍ୱର ଆସୁଥିବା ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୪୬୩.୫୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ବାକି ରହିଛି। ହେଲେ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାରେ ସର୍ବନିମ୍ନ ୮୧.୫୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବାକୁ ବାକି ରହିଛି। ବିଜୁ କେବିକେ ଯୋଜନାରେ ବ୍ଲକ ପିଛା ୧.୫ କୋଟି ହିସାବରେ ୮ କେବିକେ ଜିଲାକୁ ବାର୍ଷିକ ୧୨୦ କୋଟି ଏବଂ ବିଧାୟକ ପାଣ୍ଠି ବାବଦକୁ ପ୍ରତି ନିର୍ବାଚନ ମଣ୍ଡଳୀକୁ ବାର୍ଷିକ ଏକ କୋଟି ଟଙ୍କା ଅନୁଦାନ ଦିଆଯାଇଥାଏ ବୋଲି ମନ୍ତ୍ରୀ ପଦ୍ମନାଭ ଉଲ୍ଲେଖ କରିଛନ୍ତି।

UTKAL UNIVERSITY
NAAC-A+ Accreditation

# UTKAL UNIVERSITY
CENTRE FOR IT EDUCATION
P.G. DEPARTMENT OF STATISTICS
VANI VIHAR, BHUBANESWAR-751004, ODISHA, INDIA
☎: 0674 - 2567711 / 2567275 / 9438014469 / 6371615706, Web : www.citeutkal.com
e-mail : admission@citeutkal.com, centreforiteducation@gmail.com,

## ADMISSION NOTICE FOR M. TECH. (IT)

Applications are invited for admission into 2 years full time programme in M. Tech in Information Technology in the Department for the academic session 2019-20 under PPP mode.

### SELECTION PROCEDURE

Selection of candidates for admission shall be made on the basis of Entrance Test to be conducted by the **Centre for IT Education, P.G. Department of Statistics, Utkal University on 03.08.2019 at 01:00-02:30 P.M.**

### ELIGIBILITY FOR ADMISSION

The candidates seeking admission to this course must have possessed any one of the following minimum academic qualifications:
(I) Master's degree in Computer Science/Information Technology/Computer Applications/ Statistics/ Mathematics/Physics/Electronic Sciences or any other qualification considered equivalent.
(ii) Bachelor's degree in Engineering/Technology or any other qualification considered equivalent (such as AMIEE or DOEACC 'B' Level).
Candidates waiting for final result may provisionally be admitted into M. Tech. (IT) course, provided that such candidates shall submit their pass result before filling up forms for the 1st semester examination.

### HOW TO APPLY

Eligible candidates are required to apply to the Course Head/Director, Centre for IT Education, P.G. Department of Statistics, Utkal University in the prescribed application form downloadable from the Website http://www.utkaluniversity.ac.in, http://www.citeutkal.com from **15.04.2019** along with Two Bank Drafts i.e., (i) **Rs.150/-** in favour of **"Comptroller of Finance,Utkal University"** towards Application Form fees, and (ii) **Rs.350/-** in favour of **"Centre for IT Education, Utkal University"** towards the Entrance Test fees drawn on any nationalized bank payable at Bhubaneswar, at the time of submission of the application form. **The downloaded application forms are also available in the department.**

For details about Course Fee & Structure visit our website :- www.citeutkal.com

**Last date of issue and submission of the application form is 31.07.2019 (5:00 P.M)**

Course Director, M. Tech (IT)

■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ବ୍ରହ୍ମପୁର ଡିଏଫ୍‌ଓ ଗିରଫ

କଟକ ଅଫିସ, ୨୧।୭

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ(ଡିଏଫଓ) ଆଶିଷ କୁମାର ବେହେରାଙ୍କୁ ଭିଜିଲାନ୍ସ ରବିବାର ଗିରଫ କରିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ସେଲ୍‌ର ଅଧିକାରୀମାନେ ଗତ ୧୯ରେ ବେହେରାଙ୍କ ଘର, ଅଫିସ ସମେତ ମୋଟ ୭ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରିଥିଲେ। ଯାଞ୍ଚରୁ ମୋଟ ୨ କୋଟି ୧୯ ଲକ୍ଷ ୩୭ହଜାର ୧୬୫ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଉକ୍ତ ସମ୍ପତ୍ତିଗୁଡ଼ିକ ବେହେରା ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଥିଲା। ଠାବ ସମ୍ପତ୍ତିଗୁଡ଼ିକ ମଧ୍ୟରେ ଭୁବନେଶ୍ୱରରେ ୬୩ ଲକ୍ଷ ୬୭ ହଜାର ୫୦୦ ଟଙ୍କାର ଗୋଟିଏ ଫ୍ଲାଟ୍, ଭୁବନେଶ୍ୱର, ବ୍ରହ୍ମପୁର ଓ ଭଞ୍ଜନଗରରେ ୬୮ ଲକ୍ଷ ୫୦ହଜାର ଟଙ୍କାର ୪ଟି ପ୍ଲଟ୍ ରହିଛି। ସେହିପରି ବିଭିନ୍ନ ଇନ୍‌ସ୍ୟୁରାନ୍ସ କମ୍ପାନୀରେ ବେହେରା ୪୫ ଲକ୍ଷ ୪୪ହଜାର ୪୦୫ ଟଙ୍କା ଏବଂ ବିଭିନ୍ନ ବ୍ୟାଙ୍କ ଓ ପୋଷ୍ଟ ଅଫିସରେ ୯ ଲକ୍ଷ ୩୫ହଜାର ଟଙ୍କା ଜମା ରଖିଥିବା ଭିଜିଲାନ୍ସ ସୂଚନା ଦେଇଛି। ଏହାବାଦ ବେହେରାଙ୍କର ୬ ଲକ୍ଷ ୫୦ହଜାର ୭୦୦ ଟଙ୍କା ମୂଲ୍ୟର ଗୋଟିଏ କାର୍, ୫୦ହଜାର ଟଙ୍କାର ଗୋଟିଏ ସ୍କୁଟି, ୧୨ ଲକ୍ଷ ୯୮ହଜାର ୬୪୦ ଟଙ୍କାର ସୁନା,ରୁପା ଗହଣା ଓ ୮୨ହଜାର ଟଙ୍କା ଭିଜିଲାନ୍ସ ଠାବ କରିଛି। ଯାଞ୍ଚ ସମୟରେ ବେହେରାଙ୍କ ଘରୁ ୧୧ ଲକ୍ଷ ୫୮ହଜାର ୮୪୧ ଟଙ୍କାର ଆସବାବପତ୍ର ଠାବ କରିଥିବା ଭିଜିଲାନ୍ସ ସୂଚନା ଦେଇଛି। ବେହେରାଙ୍କ ଘର ତନଖି କରାଯିବା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଆୟ ବ୍ୟୟର ହିସାବ କରାଯାଇଥିଲା। ହିସାବରୁ ସେ ୧ କୋଟି ୬୦ ଲକ୍ଷ ଟଙ୍କା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ସୂଚନା ଦେଇଛି। ଯେଉଁ ସମ୍ପତ୍ତିର କୌଣସି ହିସାବ ବେହେରା ଭିଜିଲାନ୍ସକୁ ଦେଇପାରିନାହାନ୍ତି। ଏହି ଅଭିଯୋଗରେ ଭିଜିଲାନ୍ସ ସେଲ୍ ଥାନାରେ ବେହେରାଙ୍କ ବିରୋଧରେ ଏକ ମାମଲା(ନଂ.୮/୨୦୧୯) ରୁଜୁ କରାଯାଇଛି। ଗିରଫ ପରେ ତାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଥିଲା। ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ୩ବର୍ଷରେ ଓୟୁଏଟିର ୫ ନୂଆ ବିହନ ଉଦ୍ଭାବନ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ରାଜ୍ୟରେ ଅଧିକ କିସମର ବିହନ ଉତ୍ପାଦନ ଲାଗି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ପକ୍ଷରୁ ପଦକ୍ଷେପ ନିଆଯାଉଛି। ଗତ ୩ବର୍ଷରେ ଓୟୁଏଟି ୫ଟି ନୂତନ କିସମର ଧାନ ବିହନ ଉଦ୍ଭାବନ କରିଛି। ବିଧାନସଭାରେ ବିଜେଡି ବିଧାୟକ ସୁଧୀର କୁମାର ସାମଲଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ, ଓୟୁଏଟି ପକ୍ଷରୁ ହସନ୍ତ, ଆଶୁତୋଷ, ପ୍ରତିଭା, ଗୋବିନ୍ଦ ଓ ପ୍ରଦୀପ ନାମକ ଅଧିକ ଅମଳକ୍ଷମ ଉନ୍ନତ ଧାନ ବିହନ ଉଦ୍ଭାବନ କରାଯାଇଛି। ଏହି ବିହନ କିସମର ବ୍ରିଡର୍ ସିଡ୍ ଉତ୍ପାଦନ ପାଇଁ ଓୟୁଏଟି ତରଫରୁ ଚଳିତବର୍ଷ ପଦକ୍ଷେପ ନିଆଯାଉଛି। ଗବେଷଣା ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲାଗି ଜୟପୁର ଆଞ୍ଚଳିକ ଗବେଷଣା ଉପକେନ୍ଦ୍ର ମାଧ୍ୟମରେ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି।




# ବିଦ୍ୟୁତ୍ ଆଘାତରେ ୩ ମୃତ

ବ୍ରହ୍ମପୁର ଅଫିସ/କୁକୁଡ଼ାଖଣ୍ଡି, ୨୧।୭(ଡି.ଏନ.ଏ.)

ବ୍ରହ୍ମପୁର ଅଲକାପୁରୀ ୬ଷ୍ଠ ଲେନ୍‌ରେ ଏକ ନିର୍ମାଣାଧୀନ ଘର ଛାତ ସେଣ୍ଟ୍ରିଂ ଖୋଲିବା ବେଳେ ରବିବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଘର ମାଲିକ ଓ ମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଲ୍ଲିକୋଟ ଧୋବା ସାହିର ଶରତ ଚନ୍ଦ୍ର ବେହେରା ଓ ମିସ୍ତ୍ରି ହେଉଛନ୍ତି ସଦାନନ୍ଦ ବିହାରର ଅରୁଣ କୁମାର ସାବତ। ସେହିପରି ଅନ୍ୟ ଏକ ଘଟଣାରେ ଏକ ଫ୍ୟାନ ତାର ଯୋଡିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଘର ମାଲିକ ଜଗଦ୍ଦଳପୁରର କାଳିଆ ସେଠୀଙ୍କର ମୃତ୍ୟୁ ଘଟିଛି ବୋଲି ସଦର ଥାନା ଅଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।



ନିର୍ମାଣାଧୀନ ଘର।

■ ସେଣ୍ଟ୍ରିଂ ଖୋଲିବାବେଳେ ଘରମାଲିକ ଓ ମିସ୍ତ୍ରି ମୃତ

■ ଫ୍ୟାନ୍ ତାର ଖୋଜୁଥିବାବେଳେ ଜଣେ ମୃତ

ପ୍ରକାଶ ଯେ, ଶରତ ସାଉଥ୍‌କୋରେ ଆକାଉଣ୍ଟାଣ୍ଟ ଭାବେ କାମ କରନ୍ତି। ସେ ଅଲକାପୁରୀରେ ଏକ ଘର ତିଆରି କରୁଛନ୍ତି। ଏଠାରେ ଅରୁଣ ମିସ୍ତ୍ରି ଭାବେ କାମ କରୁଥିଲେ। ରବିବାର ଘର ଛାତ ସେଣ୍ଟ୍ରିଂ ଖୋଲିବା ପାଇଁ ଅରୁଣ କେତେକ ଶ୍ରମିକଙ୍କୁ ନିଯୋଜିତ କରିଥିଲେ। ନିର୍ମାଣାଧୀନ ଘର ନିକଟ ଦେଇ ୧୧ କେଭି ବିଦ୍ୟୁତ ତାର ଯାଇଛି। ଅପରାହ୍ନରେ ଅରୁଣ ଛାତ ଉପରକୁ ଯାଇ ଛାତରେ ଲାଗି ରହିଥିବା ଏକ କାଠ ଏକ ଶାବଳରେ ତାଡି ବାହାର କରୁଥିବା ବେଳେ ଅସାବଧାନତାବଶତଃ ଶାବଳଟି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ଅରୁଣ ଉକ୍ତ ତାରରେ ଲଟକି ରହିଯାଇଥିଲେ। ସେ ଛଟପଟ ହୋଇ ଚିତ୍କାର କରିବାରୁ ସେଠାରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ଏକ କାଠ ବଲା ସାହାଯ୍ୟରେ ଅରୁଣଙ୍କୁ ତାରରୁ ଅଲଗା କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେପଟେ ଉକ୍ତ ୧୧ କେଭି ତାରରେ ରହିଯାଇଥିବା ଶାବଳକୁ ବାହାର କରିବା ପାଇଁ ଘର ମାଲିକ ଶରତ ବେହେରା ଏକ ଝାଡୁ ଧରି ଛାତ ଉପରକୁ ଯାଇଥିଲେ। ସେ ଧରିଥିବା ଝାଡୁରେ ବିଦ୍ୟୁତ ତାର ଉପରୁ ଶାବଳଟିକୁ ବାହାର କରିବା ବେଳେ ବିଦ୍ୟୁତ୍ ଆଘାତରେ ଛିଟିକି ପଡି ଚିତ୍କାର କରିଥିଲେ। ପରିବାର ଲୋକେ ପାଟି ଶୁଣି ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଏମ୍‌କେସିଜି ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ପୂର୍ବରୁ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ମିସ୍ତ୍ରି ଅରୁଣଙ୍କର ମଧ୍ୟ ମୃତ୍ୟୁ ଘଟିଥିଲା।

ସେହିପରି ରବିବାର ଅନ୍ୟ ଏକ ଘଟଣାରେ ଜଗଦ୍ଦଳପୁର ଗ୍ରାମର କାଳିଆ ସେଠୀ ଘର ଫ୍ୟାନରେ ତାର ଯୋଡୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର କାଳିଆଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘର ମାଲିକ ଓ ମିସ୍ତ୍ରିଙ୍କ ମୃତଦେହ ଜବତ କରି ନଂ.୨୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି କାଳିଆଙ୍କ ମୃତଦେହ ଜବତ କରି ନଂ.୨୭/୧୯ରେ ଅନ୍ୟ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ପୋଲିସ କହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ରାଜଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜି-ଟୁ ଡି କୁଷ୍ଠ ପାଇଁ ଦାୟୀ ରହିବେ ସିଡିଏମ୍ଓ

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

ଏଣିକି ଯଦି କୌଣସି ସ୍ଥାନରେ ଜିରୋ ନ୍ୟୁ ଗ୍ରେଡ୍-୨ ଡିଜାବିଲିଟି (ଜି-ଟୁ ଡି) କୁଷ୍ଠରୋଗ ଦେଖାଯିବ ସେଥିପାଇଁ ସମ୍ପୃକ୍ତ ଜିଲାର ମୁଖ୍ୟ ଜିଲା ଚିକିତ୍ସାଧିକାରୀ ଦାୟୀ ହେବେ। ଏଥିଲାଗି କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ପ୍ରୀତି ସୂଦନ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଜଣାଇଛନ୍ତି ଯେ, କୁଷ୍ଠରୋଗୀମାନେ ଠିକଣା ସମୟରେ ଚିକିତ୍ସା ସୁବିଧା ନ ପାଇଲେ ବହୁସଂଖ୍ୟାରେ କୁଷ୍ଠରୋଗୀ ଗ୍ରେଡ୍-୨ ଦିବ୍ୟାଙ୍ଗ ହେଉଛନ୍ତି। ଜି-ଟୁ ଡି କୁଷ୍ଠରୋଗ ବୟସ୍କଙ୍କ ସମେତ ପିଲାଙ୍କଠାରେ ଚିହ୍ନଟ ହେଉଥିବାବେଳେ ବର୍ତ୍ତମାନ ସମଗ୍ର ଦେଶରେ ଏହା ବଡ଼ ବୋଝ ପାଲଟିଥିବା ସେ ଦର୍ଶାଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏହାର ବିଲୋପ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ସମଗ୍ର ଦେଶରେ ପାଳନ ହେଉଥିବାବେଳେ ଏଭଳି ପଦକ୍ଷେପ ତାଙ୍କ ପ୍ରତି ସବୁଠାରୁ ବଡ଼ ସମ୍ମାନ ବୋଲି ପ୍ରୀତି ସୂଦନ କହିଛନ୍ତି। ଏହି କ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା କୁଷ୍ଠରୋଗୀଙ୍କୁ ଚିହ୍ନଟ ସହିତ ଜିଲାସ୍ତରରେ ଏ ସଂକ୍ରାନ୍ତରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ନିମନ୍ତେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ୨୦୨୦ ସୁଦ୍ଧା ରାଜ୍ୟକୁ ସମ୍ପୂର୍ଣ୍ଣ କୁଷ୍ଠମୁକ୍ତ କରିବା ପାଇଁ ମିଳିତ ଉଦ୍ୟମ ଆବଶ୍ୟକ। ଜି-ଟୁ ଡି ବିଲୋପ ଲାଗି ରାଜ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଉଥିବା ସଚିବ କହିଛନ୍ତି।

# ପାଟକୁରାରେ ୭୨.୭୫% ମତଦାନ

**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ଶନିବାର ୭୨.୭୫ ପ୍ରତିଶତ ମତଦାନ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାରଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। ଆସନ୍ତା ୨୪ରେ ଭୋଟ ଗଣତି କରାଯିବ। ରାଜ୍ୟରେ ଗତ ଏପ୍ରିଲରେ ହୋଇଥିବା ନିର୍ବାଚନରେ ପାଟକୁରାରେ ବିଜେଡି ପକ୍ଷରୁ ବେଦ ପ୍ରକାଶ ଅଗ୍ରୱାଲଙ୍କୁ ପ୍ରାର୍ଥୀ କରାଯାଇଥିଲା। ହେଲେ ତାଙ୍କର ପରଲୋକ ଘଟିଥିଲା। ତେଣୁ ନିର୍ବାଚନକୁ ସ୍ଥଗିତ ରଖାଯିବା ସହ ଗତ ମେ'୧୯ରେ ଭୋଟ ଗ୍ରହଣ ନେଇ ତାରିଖ ଚୂଡ଼ାନ୍ତ କରାଯାଇଥିଲା। ସାମୁଦ୍ରିକ ଝଡ଼ ଫନୀ କ୍ଷୟକ୍ଷତିର ପୁନରୁଦ୍ଧାର ପାଇଁ ପୁନଶ୍ଚ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ଜୁଲାଇ ୨୦ରେ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିର୍ବାଚନ ରଣାଙ୍ଗନରେ ଏକାଧିକ ପ୍ରାର୍ଥୀ ରହିଥିଲେ ମଧ୍ୟ ମୁଖ୍ୟ ଲଢ଼େଇ ବିଜେଡି ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲ ଏବଂ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ମଧ୍ୟରେ ହେଉଥିବା ସମୀକ୍ଷକମାନେ ମତ ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ପ୍ରାର୍ଥୀ ଭାବେ ଜୟନ୍ତ ମହାନ୍ତି ସେଠାରୁ ନିର୍ବାଚନ ଲଢିଛନ୍ତି।

### ସଦସ୍ୟତା ଅଭିଯାନରେ ସବୁ ବର୍ଗର ଲୋକଙ୍କୁ ଯୋଡିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

# 'ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ଭାଜପାକୁ ସୁଦୃଢ଼ କରିବାକୁ ପଡ଼ିବ'

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

ଓଡ଼ିଶାରେ ଭାଜପା ଏକ ବଡ ରାଜନୈତିକ ଶକ୍ତିଭାବେ ଠିଆ ହୋଇଛି। ରାଜ୍ୟର ସାଢେ ୪କୋଟି ଓଡିଆଙ୍କ କଲ୍ୟାଣ ପାଇଁ ଦଳକୁ ଆହୁରି ଦୃଢ କରିବାକୁ ପଡିବ। ଏଥିପାଇଁ ଭାଜପାର ସଦସ୍ୟତା ଅଭିଯାନ ମାଧ୍ୟମରେ ସବୁ ବର୍ଗର ଲୋକଙ୍କୁ ଯୋଡିବାର ଆବଶ୍ୟକତା ରହିଛି ବୋଲି ସାମାଜିକ ଗଣମାଧ୍ୟମ ଜରିଆରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ, ଗତ ୬ତାରିଖରୁ ଆରମ୍ଭ ହୋଇଥିବା ଭାଜପାର ସଦସ୍ୟତା ଅଭିଯାନର ନେତୃତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ଏବଂ ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ଜେ.ପି. ନଡ୍ଡା ନେଉଛନ୍ତି। ଆସନ୍ତା ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସଦସ୍ୟତା ଅଭିଯାନର ଲକ୍ଷ୍ୟ ଭାଜପାକୁ ତୃଣମୂଳ ସ୍ତରରୁ ମଜଭୁତ କରିବ। ପୂର୍ବରୁ ଦଳରେ ସାମିଲ ହୋଇଥିବା ଏବଂ ନୂଆ କରି ଦଳରେ ଯୋଗଦେଇଥିବା ଲୋକଙ୍କ ଆଗ୍ରହ ଅନୁସାରେ ସେମାନଙ୍କୁ ଏହି ଅଭିଯାନରେ ଯୋଡିବା ଯୋଜନାର ମୂଳ ଲକ୍ଷ୍ୟ। ଏହା ଅଭିନବ ବିଗତ ଦିନରେ ସଫଳତା ଦେଇଥିଲା। ପ୍ରଧାନମନ୍ତ୍ରୀ ବୁଥ୍‌ସ୍ତରରେ ସଦସ୍ୟତା ଗ୍ରହଣ କରିବା ସହ ୫ ଔଷଧୀୟ ଗୁଣଯୁକ୍ତ କିମ୍ବା ଉପକାରୀ ଗଛ ଲଗାଇବା ପାଇଁ ଦଳର କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସୁଶାସନକୁ ବୁଥ୍, ଗାଁ ଗଣ୍ଡା ଓ ପଞ୍ଚାୟତସ୍ତରରେ ପହଞ୍ଚାଇବା ପାଇଁ ହେଲେ ଦଳୀୟ ସଙ୍ଗଠନର ଦୃଢୀକରଣର ଆବଶ୍ୟକତା ରହିଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଓଡିଶାର ୩୮ ହଜାର ବୁଥକୁ ଯାଇ ସଦସ୍ୟତା କରିବା ଓ ପ୍ରତ୍ୟକ୍ଷ ଫର୍ମ ପୂରଣ କରି ସମାଜର ଯୁବ, ମହିଳା, ଚାଷୀ, ପଛୁଆ, ଦଳିତ, ଆଦିବାସୀ, ଶିକ୍ଷକ, ବୁଦ୍ଧିଜୀବୀ, ଲେଖକ, କଳାକାର, ବରିଷ୍ଠ ଓ ନୂଆପିଢିର ଲୋକମାନଙ୍କୁ ଯୋଡିବାର ଗୋଟିଏ ସୁଯୋଗ ମିଳିଛି। ଗତ ନିର୍ବାଚନରେ ଭାଜପାକୁ ମିଳିଥିବା ଭୋଟ ସଂଖ୍ୟା କିଭଳି ବୃଦ୍ଧି ହେବ, କେଉଁ ବର୍ଗର ଲୋକଙ୍କୁ ଯୋଡିଲେ ଏହା ସମ୍ଭବ ହୋଇପାରିବ ତାହା ଦୃଷ୍ଟିରେ ରଖି ସଦସ୍ୟତା କରନ୍ତୁ। ଏଥିପାଇଁ ବ୍ୟକ୍ତିଗତ ସମୟ ବାହାର କରି ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ ପ୍ରତିଦିନ ସଦସ୍ୟତା କରିବା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

# ଲୁଟ୍ ସମ୍ପତ୍ତିର...

ସେବା ସଂସ୍ଥାକୁ ଭୁବନ, ଚଣ୍ଡିଖୋଲ, କାମାକ୍ଷାନଗରଠାରେ ଥିବା ବିଭିନ୍ନ କ୍ୟାମ୍ପଗୁଡ଼ିକରେ ସୁରକ୍ଷା ଦାୟିତ୍ୱ ଦେଇଥିଲା। ତେବେ ସମୟକ୍ରମେ ଉକ୍ତ ଠିକାସଂସ୍ଥା ବକେୟା ପାଉଣା ସମାଧାନ ନ କରି ସ୍ଥାନ ଛାଡ଼ି ଚାଲିଯାଇଥିଲା। ଫଳରେ କ୍ୟାମ୍ପଗୁଡ଼ିକରେ କୋଟିକୋଟି ଟଙ୍କାର ଗ୍ରେଡର, ବେଚିଂ ପ୍ଲାଣ୍ଟ, କ୍ରଶର ଇତ୍ୟାଦି ଯନ୍ତ୍ରାଂଶ ଓ ଆସବାବପତ୍ର ରହିଯାଇଥିଲା। ଏନ୍ଏଚ୍ଏଆଇର ଗାଇଡ୍‌ଲାଇନ ଅନୁସାରେ ଠିକାସଂସ୍ଥାର ଚୁକ୍ତି ବାତିଲ ହେବା ପରେ ନିର୍ମାଣ ସାମଗ୍ରୀ ଓ ଯନ୍ତ୍ରପାତି ଭାରତ ସରକାରଙ୍କ ଏନ୍ଏଚ୍ଏଆଇ ଅଧୀନରେ ରହିଥାଏ। କିନ୍ତୁ ସେଠାରେ ନିୟୋଜିତ ଥିବା ପେଟି କଣ୍ଟ୍ରାକ୍ଟର ଓ ସବ୍‌କଣ୍ଟ୍ରାକ୍ଟର କାହାରିକୁ ନ ଜଣାଇ ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀଙ୍କଠାରୁ ଜବରଦସ୍ତ ନିର୍ମାଣ ସାମଗ୍ରୀ ଲୁଟ କରିନେଇଥିଲେ। ଏନେଇ ଜେଡ୍ ପ୍ଲସ ସୁରକ୍ଷା ସଂସ୍ଥା ଧର୍ମଶାଳା, ଚଣ୍ଡିଖୋଲ, ଜେନାପୁର, ଭୁବନ ଓ କାମାକ୍ଷାନଗର ଥାନାରେ ୧୯।୬।୨୦୧୭ରେ ସୁରକ୍ଷା ସଂସ୍ଥାର ମ୍ୟାନେଜିଂ ପାର୍ଟନର କୃଷ୍ଣଚନ୍ଦ୍ର ସ୍ୱାଇଁ ଅଭିଯୋଗ ଦାଏର କରିଥିଲେ। ଉକ୍ତ ଅଭିଯୋଗରେ ଦର୍ଶାଯାଇଥିଲା ଯେ, ଠିକାସଂସ୍ଥାର ଆର୍ଥିକ ଅବନତି ଯୋଗୁ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏହି ସମୟ ମଧ୍ୟରେ କୋର୍ସାନ କୋଭିୟମ୍ କନ୍‌ଷ୍ଟ୍ରକ୍ସନ ଠିକାସଂସ୍ଥା ନିୟୋଜିତ କରିଥିବା ସବ୍‌କଣ୍ଟ୍ରାକ୍ଟର ଓ ତାଙ୍କ ସହଯୋଗୀ ଠିକାଦାରମାନେ ଚଣ୍ଡିଖୋଲ ଅଫିସ ଓ ଚଢେଇଧରା କ୍ୟାମ୍ପରୁ ସମସ୍ତ ଜିନିଷପତ୍ର ସୁରକ୍ଷା କର୍ମୀଙ୍କୁ ଧମକାଇ ଚମକାଇ ନେଇ ଚାଲିଛନ୍ତି। ଏହାପରେ ଭୁବନ(ମଙ୍ଗଳପୁର) କ୍ୟାମ୍ପ, କାମାକ୍ଷାନଗର ଆଦି କ୍ୟାମ୍ପରୁ ଲୁଟି ନେବା ପାଇଁ ବନ୍ଦୋବସ୍ତ କରୁଛନ୍ତି । ଆଗାମୀ ଦିନରେ ଏକ ବଡ଼ଧରଣର ସର୍ବସାଧାରଣ ସମ୍ପତ୍ତିର କ୍ଷତି ଘଟିବାକୁ ଯାଉଛି। ଏଣୁ ଆଇନ ଅନୁଯାୟୀ ତୁରନ୍ତ ପଦକ୍ଷେପ ନିଆଗଲେ ଏନ୍ଏଚ୍ଏଆଇ ବା ସର୍ବସାଧାରଣ ସମ୍ପତ୍ତିର ରକ୍ଷା କରାଯାଇ ପାରିବ ବୋଲି ସେ ପୋଲିସକୁ ଅନୁରୋଧ କରିଥିଲେ। ଉକ୍ତ ଅଭିଯୋଗର ୩ଦିନ ପରେ ଏନ୍ଏଚ୍ଏଆଇ ଢେଙ୍କାନାଳ ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ଢେଙ୍କାନାଳ ଓ ଯାଜପୁର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ପୋଲିସ ଏଯାବତ୍ କେଉଁ ସ୍ୱାର୍ଥରେ ନୀରବ ରହିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସଂକ୍ରାନ୍ତରେ ଏନ୍ଏଚ୍ଆଇ ଢେଙ୍କାନାଳ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାବେଳେ ଜେଡ୍ ପ୍ଲସ ସୁରକ୍ଷା ସେବାର ମ୍ୟାନେଜିଂ ପାର୍ଟନର ସ୍ୱାଇଁଙ୍କୁ ପଚାରିବାରୁ, ଏନ୍ଏଚ୍ଏଆଇର ଲୁଟ୍ ସଂକ୍ରାନ୍ତରେ ସମ୍ପୃକ୍ତ ଥାନାଗୁଡ଼ିକରେ ଅଭିଯୋଗ ହୋଇଥିଲା। ହେଲେ ଲୁଟ୍ ସାମଗ୍ରୀ ଏପର୍ଯ୍ୟନ୍ତ ଉଦ୍ଧାର ହୋଇପାରି ନାହିଁ ବୋଲି କହିଛନ୍ତି। ଅପରପକ୍ଷରେ ୨ଜିଲାର ପୋଲିସ ମଧ୍ୟ ଏନେଇ କୌଣସି ମୁହଁ ଖୋଲି ନାହାନ୍ତି।

# ସପ୍ତାହିକ ବଜାରରେ ଠିକାଦାରଙ୍କୁ ହତ୍ୟା

- ୩ ଥର ଚେତାବନୀ ଦେଇଥିଲେ ମାଓବାଦୀ
- ବର୍ଷେ ତଳେ ଜେସିବି,ବାଇକ୍ ପୋଡ଼ିଥିଲେ
- ଝିଅ ବାହାଘର ଦିନ ହୋଇଥିଲା ହତ୍ୟା ଯୋଜନା

**ଲାଞ୍ଜିଗଡ଼,୨୧।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ପାହାଡ଼ପଦରରେ ରବିବାର ଦିନ ଦ୍ୱିପ୍ରହରରେ ଜନଗହଳିପୂର୍ଣ୍ଣ ବଜାରରେ ଜଣେ ଠିକାଦାରଙ୍କୁ ଗୁଳିକରି ମାଓବାଦୀମାନେ ହତ୍ୟା କରିଛନ୍ତି। ମୃତକ ହେଲେ ବୋରପଦର ଗାଁର ଠିକାଦାର ରାଜେନ୍ଦ୍ର ସାହୁ। ଏହି ଘଟଣା ପରେ ସେହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ଦିନ ତମାମ ମୃତଦେହ ପଡି ରହିଥିଲେ ମଧ୍ୟ ପୋଲିସ ସେଠାରେ ପହଞ୍ଚି ନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ପାହାଡ଼ପଦରରେ ରବିବାର ସାପ୍ତାହିକ ବଜାର ଥିବାରୁ ପ୍ରବଳ ଜନଗହଳି ହୋଇଥିଲା। ମଧାହ୍ନ ସାଢେ ୧୨ଟାରେ ବୋରପଦର ଗାଁର ଠିକାଦାର ସାହୁ ତାଙ୍କ ବାଇକ୍(ନଂ.ଓଡି୦୮ଏଚ୍-୦୧୩୨)ରେ ନିଜ ଗାଁ ବୋରପଦରରୁ ବାତେରପଡ଼ା ଯାଇ ସେଠାରୁ ଫେରି ପାହାଡ଼ପଦର ସାପ୍ତାହିକ ବଜାରରେ ସଉଦା କିଣୁଥିଲେ। ଏହି ସମୟରେ ୨ ଜଣ ଶାଢି ପିନ୍ଧିଥିବା ମହିଳାଙ୍କ ସହିତ ୨ ଜଣ ପୁରୁଷ ମାଓବାଦୀ ତାଙ୍କ ପାଖକୁ ଆସିଥିଲେ। ଛତା ଭିତରେ ଲୁଚାଇ ରଖିଥିବା ୯ ଏମ୍ଏମ୍ ପିସ୍ତଲରେ ଅତି ପାଖରୁ ତାଙ୍କୁ ଗୁଳି କରିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ପିଠି ଓ ପେଟ ତଥା ମୁଣ୍ଡରେ ଗୁଳି ବାଜିବା ପରେ ଘଟଣାସ୍ଥଳରେ ହିଁ ରାଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ମାଓବାଦୀମାନେ ସେହି ସ୍ଥାନ ଛାଡ଼ି ପଳାଇଯାଇଥିଲେ । ମୃତଦେହ ପାଖରେ ଏକ ପୋଷ୍ଟର ଓ ୯ ଏମ୍ଏମ୍ ପିସ୍ତଲ ଗୁଳିର ଖୋଳ ପଡିଛି। ହଠାତ୍ ଗୁଳି ଶବ୍ଦ ଶୁଣି ସପ୍ତାହିକ ବଜାର କିଛି ସମୟ ମଧ୍ୟରେ ଜନଶୂନ୍ୟ ହୋଇଯାଇଥିଲା । ଲୋକଙ୍କୁ ଭୟଭୀତ ନ ହେବା ପାଇଁ କହି ମାଓବାଦୀମାନେ ସେହି ଜାଗା ଛାଡ଼ି ଚାଲିଯାଇଥିଲେ। ଏ ସମ୍ପର୍କରେ ପରିବାର ଲୋକେ ବିଜେପୁର ଥାନାରେ ଅଭିଯୋଗ କରିଥିଲେ ହେଁ ପୋଲିସ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଏହାପରେ କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ ଘଟଣାର ତଦନ୍ତ ପାଇଁ ବିଜେପୁର ସିଆର୍‌ପିଏଫ୍ କ୍ୟାମ୍ପ୍‌ରେ ପହଞ୍ଚିଥିବା ଜଣାପଡିଛି। ପାଖରେ ପଡିଥିବା ପୋଷ୍ଟରରେ ମାଓବାଦୀ କମ୍ୟୁନିଷ୍ଟ ପାର୍ଟି ରାୟଗଡା ଏରିଆ କମିଟି ବୋଲି ଲେଖାଯାଇଛି। ବାରମ୍ବାର ଚେତାବନୀ ଓ ପ୍ରଜାକୋର୍ଟ୍‌ରେ ବିଚାର ପାଇଁ ହାଜର ନ ହେବାରୁ ପିଏଲ୍‌ଜିଏ ଦ୍ୱାରା ତାଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା ବୋଲି ଉଲ୍ଲେଖ ରହିଛି ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆପଣଙ୍କ ରାଶି ପାଇଁ ଆଜି କୃଷ୍ଣପକ୍ଷର ଦ୍ୱାଦଶ ଚନ୍ଦ୍ର କଲ୍ୟାଣ ଚନ୍ଦ୍ର ହେତୁ ଯାତ୍ରାରେ ସଫଳତା, କାର୍ଯ୍ୟସିଦ୍ଧି ସାଙ୍ଗକୁ ସତ୍‌କାର୍ଯ୍ୟରେ ଅର୍ଥ ବିନିଯୋଗ କରିବେ। ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ସାଙ୍ଗକୁ ମୂଲ୍ୟବାନ୍ ଜିନିଷ କ୍ରୟ କରିପାରନ୍ତି। କଳା, ସଙ୍ଗୀତ, କ୍ରୀଡ଼ାଦି ମନୋରଞ୍ଜନ କାର୍ଯ୍ୟକ୍ରମର ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**ବୃଷ** ଶୁଭଚନ୍ଦ୍ର ପ୍ରଭାବରେ ଯେଉଁ କାମରେ ହାତଦେବେ ସେଥିରେ ନିଶ୍ଚିତ କୃତକାର୍ଯ୍ୟ ହେବେ। ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ବନ୍ଧୁଙ୍କ ନିକଟରୁ ଅର୍ଥ ସାହାଯ୍ୟ ଲାଭକରିବାର ସୁଯୋଗ ମିଳିବ। ଉପରିସ୍ଥ ଅଧିକାରୀଙ୍କ ନିକଟରୁ ପ୍ରେରଣା ଓ ସହଯୋଗ ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଘରୋଇ କଳହକୁ ନେଇ ଅଶାନ୍ତି ଲାଗି ରହିବ।

**ମିଥୁନ** ପରିବାର ସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ପାରିବାରିକ ସୁଖ,ସମୃଦ୍ଧି ପ୍ରଦାନ କରିବା ସହ କର୍ମକ୍ଷେତ୍ର ସକାଶେ ଟେନ୍ସନ ସୃଷ୍ଟି କରିବ। ଟିକିଏ ଟିକିଏ କଥାରେ ଉତ୍ତେଜିତ ହୋଇପଡ଼ିବା ଦ୍ୱାରା ସମସ୍ୟା ବଢ଼ିବ ସିନା କମିବ ନାହିଁ। ବ୍ୟୟ ବୃଦ୍ଧି ଯୋଗୁ ବ୍ୟସ୍ତ ରହିପାରନ୍ତି। ତଥାପି ଘର କାମରେ କିମ୍ବା ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ।

**କର୍କଟ** ରାଶ୍ୟାଧିପତି କୋଣଭାବସ୍ଥ ଯୋଗୁ କୌଣସି ସମ୍ପର୍କୀୟା ମହିଳାଙ୍କ ସାହାଯ୍ୟରୁ ସ୍ଥଗିତ କାମ ତ୍ୱରାନ୍ୱିତ ହୋଇପାରିବ। କିନ୍ତୁ କେତେକ କ୍ଷେତ୍ରରେ ଅସ୍ଥିରତା ଲାଗି ରହିବା ସାଙ୍ଗକୁ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ । ସଭାସମିତିରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଶତ୍ରୁତା କାରଣରୁ ଆଶଙ୍କା ଜନିତ ସାମୟିକ ବ୍ୟସ୍ତ ରହିପାରନ୍ତି।

**ସିଂହ** ଆଜିର ଅଷ୍ଟମସ୍ଥ ଚନ୍ଦ୍ର ମାନସିକ ଅସ୍ଥିରତା ସୃଷ୍ଟି କଲେ ମଧ୍ୟ ବିପରୀତ ରାଜଯୋଗ ପ୍ରଭାବରେ ଉଚ୍ଚ ସମ୍ମାନ ଓ ସାମାଜିକ ପ୍ରତିଷ୍ଠା ପାଇବେ। ପରିସ୍ଥିତିରେ ପଡ଼ି ଇଚ୍ଛା ନ ଥାଇ ମଧ୍ୟ ନିକଟ ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ । କର୍ମାରମ୍ଭର ପ୍ରାଥମିକ ସ୍ତରରେ ବିରୋଧାଭାସର ସ୍ୱର ମନକୁ ବିଚଳିତ କରିପାରେ।

**କନ୍ୟା** ଚନ୍ଦ୍ରଙ୍କ ଶୁଭ ଦୃଷ୍ଟି ଆପଣଙ୍କ ଆଶା ପୂରଣ କରିବା ସହ ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଶିକ୍ଷା, ପରୀକ୍ଷାଦି ପାଇଁ ମନ୍ଦ ହେବନି। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ପାରିବାରିକ କିମ୍ବା ବିବାଦୀୟ ପରିସରରେ ପରିସ୍ଥିତିକୁ ଲକ୍ଷ୍ୟକରି ନୀରବତା ଅବଲମ୍ବନ କରିବାକୁ ଉଚିତ ମନେ କରିପାରନ୍ତି।

**ତୁଳା** ଶୁକ୍ରଙ୍କ ପ୍ରଭାବରେ କୌଣସି ସମ୍ପର୍କୀୟାଙ୍କ ସହ ବିବାଦୀୟ ପରିସ୍ଥିତି ଦେଖାଦେଇପାରେ। ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିପାରେ। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ ତଥା ସାମ୍ବାଦିକତା,ଏଜେନ୍ସିପ୍‌ରେ ସଫଳତା ହାସଲ କରିବେ। ଚିତ୍ରା ନକ୍ଷତ୍ର ସକାଶେ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା** ଚନ୍ଦ୍ରଙ୍କ ପ୍ରତି ଗୁରୁଦୃଷ୍ଟି ଆପଣଙ୍କୁ ସ୍ଥିର ନିଷ୍ପତ୍ତି ନେବା ସାଙ୍ଗକୁ ଶିକ୍ଷା,ସ୍ୱାସ୍ଥ୍ୟ,ଲେଖାପଢ଼ା ଦିଗରେ ଉତ୍ସାହିତ କରିବ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ସତର୍କରେ ଚଳନ୍ତୁ, ଅନ୍ୟଥା ନିଜର ପାଖ ଲୋକମାନେ ଈର୍ଷାପରାୟଣ ହୋଇ ଅପପ୍ରଚାର କରି ପାରନ୍ତି।

**ଧନୁ** ଚତୁର୍ଥ କେନ୍ଦ୍ରରେ ଅଷ୍ଟମାଧିପତି ପାରିବାରିକ, ପାରିପାର୍ଶ୍ୱିକ, ଲୋକ ସମ୍ପର୍କ, ଯାନବାହନ ପ୍ରଭୃତି କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ। ଅନ୍ୟମାନଙ୍କ କାନକୁହା କଥା ଶୁଣି ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିପାରେ। ଆଇନ ଅଦାଲତ, ନିର୍ମାଣ, ରପ୍ତାନି ବାଣିଜ୍ୟ ପ୍ରଭୃତିରେ ଉନ୍ନତି ଘଟିବ।

**ମକର** ଭାଗ୍ୟସ୍ଥାନ ପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି ମନ ଚାହୁଁଥିବା କାର୍ଯ୍ୟରେ ସଫଳତା ପ୍ରଦାନ କରିବ। କିନ୍ତୁ ସପ୍ତମସ୍ଥ ଏକାଧିକ ଗ୍ରହ, ବିବାଦ, କଚେରି ମାମଲା,ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ସାଜିପାରେ। ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଆକସ୍ମିକ ଭାବେ ନିଜ ଲୋକମାନେ ଶତ୍ରୁତା କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାର୍ଯ୍ୟ କରିବା ଭଲ ହେବ।

**କୁମ୍ଭ** ଦ୍ୱିତୀୟସ୍ଥ ଚନ୍ଦ୍ର ଯେକୌଣସି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ। ବନ୍ଧୁମାନଙ୍କ ସହଯୋଗରେ ଦୀର୍ଘ ଦିନରୁ ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ନୂତନ କର୍ମାରମ୍ଭ, ଆନୁଷ୍ଠାନିକ କାମ ଏବଂ ବନ୍ଧୁଙ୍କ ଆଲୋଚନା ନିଷ୍ଫଳ ହେବନାହିଁ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** ରାଶିରେ ଚନ୍ଦ୍ରଙ୍କ ଉପସ୍ଥିତି ପ୍ରଭାବରେ ଅନ୍ୟମାନଙ୍କୁ ଆପଣାର କରିବା ସକାଶେ କୌଶଳ ପ୍ରୟୋଗ କରି ପାରନ୍ତି। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ । କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ହିତାକାଂକ୍ଷୀମାନଙ୍କ ସହ ଆଲୋଚନା କରିବା ଭଲ ହେବ ।

ଆଜି ଶ୍ରାବଣ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ସୋମବାର, ଜୁଲାଇ ୨୨ ତାରିଖ, ରାଶି ନକ୍ଷତ୍ର- ଦିବା ଘ୧୧।୨୧ ଗତେ, ଉତ୍ତରଭାଦ୍ରପଦ/କୁମ୍ଭ, ୫ମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଧନୁ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ସକାଳ ଘ୬।୫୦ମି. ମଧ୍ୟେ, ଘ୧।୦୫ମି. ଗତେ ଘ୨।୪୩ମି.ମଧ୍ୟେ, ଘ୪।୪୩ମି. ଗତେ ଘ୬।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୮ମି. ଗତେ ଘ୧୦।୦୨ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ୬।୫୯ମି. ଗତେ ଘ୮।୩୭ମି. ମଧ୍ୟେ ରାହୁକାଳ।

# ସରିଲା ସ୍ୱତନ୍ତ୍ର ଓଜେଇଇ, ୨୫ରେ ରେଜଲ୍ଟ

**ଭୁବନେଶ୍ୱର, ୨୧।୭(ବ୍ୟୁରୋ)**

ରାଜ୍ୟରେ ଖାଲି ପଡ଼ିଥିବା ବି.ଟେକ୍, ବି.ଫାର୍ମା, ଏମ୍‌ସିଏ, ଏମ୍‌ବିଏ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ରବିବାର ସ୍ୱତନ୍ତ୍ର ଓଜେଇଇ ପରୀକ୍ଷା ଶେଷ ହୋଇଛି। ରାଜ୍ୟର ୨୦ ସହରର ୩୧ ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ଦେଇଛନ୍ତି। ଦୁଇଟି ସିଟିଂରେ ପରୀକ୍ଷା ହୋଇଥିଲା। ପ୍ରଥମ ସିଟିଂ ସକାଳ ସାଢ଼େ ୯ରୁ ଆରମ୍ଭହୋଇ ସାଢ଼େ ୧୦ଟାରେ ଶେଷ ହୋଇଥିବାବେଳେ ଦ୍ୱିତୀୟ ସିଟିଂ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ସ୍ୱତନ୍ତ୍ର ଓଜେଇଇ ପାଇଁ ମୋଟ ୧୭ ହଜାର ୬୭୯ ଛାତ୍ରୀଛାତ୍ର ଆବେଦନ କରିଥିଲେ। ପ୍ରଥମ ଓଜେଇଇ ପରେ ଖାଲି ପଡୁଥିବା ଇଞ୍ଜିନିୟରିଂ ତଥା ପ୍ରଫେଶନାଲ କୋର୍ସରେ କଲେଜଗୁଡ଼ିକରେ ଖାଲି ପଡୁଥିବା ସିଟ୍ ପୂରଣ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଓଜେଇଇର ଆୟୋଜନ କରାଯାଇଥିଲା। ଆସନ୍ତା ୨୫ରେ ରେଜଲ୍ଟ ପ୍ରକାଶ ପାଇବ। ୨୫ରୁ ୨୭ତାରିଖ ମଧ୍ୟରେ ଛାତ୍ରୀଛାତ୍ରମାନେ ର୍‍ୟାଙ୍କ କାର୍ଡ ଡାଉନ୍‌ଲୋଡ୍ କରିବା ସହିତ ଅନ୍‌ଲାଇନ ଚଏସ୍ ଫିଲିଂ କରିପାରିବେ। ୩୦ ତାରିଖରେ ପ୍ରଥମ ପର୍ଯ୍ୟାୟ ସିଟ୍ ଆଲଟ୍‌ମେଣ୍ଟ ଏବଂ ଅଗଷ୍ଟ ୧ ଓ ୨ ତାରିଖରେ ଡକ୍ୟୁମେଣ୍ଟ ଭେରିଫିକେଶନ ହେବ। ଅଗଷ୍ଟ ୩ରେ ଫାଇନାଲ ସିଟ୍ ଆଲଟ୍‌ମେଣ୍ଟ ଓ କାଉନ୍‌ସେଲିଂ ହେବ।


# classifieds Everyday 0674-2580101, 2549302



## SALE

Plot for sale near SUM, Nuagaon, Ghatikia, Pitapali. 6371209927, 9337008959. D-64981

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508.** D-66729

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m. ବାସୋପଯୋଗୀ plot 1200sqft. 5,40,000/- immediate possession/registration. 9937032327, 9583328312. D-66730

**ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30'road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବ। 8917502591.** D-66732

2BHK, 3BHK ready to move flats at Hitech Heaven project near Gudiapokhari chowk, Bhubaneswar. 9937927876, 9778832554. D-13518

**SUM hospital କ୍ରିଷ୍ଟାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 9090556060.** D-66731

SUM hospital ନିକଟରେ ଏବଂ Tamando ବଜାର Infocity- 2 ପାଖରେ plot ମିଳୁଅଛି। 9439864322. D-66715

**ଭୁବନେଶ୍ୱର ପିତାପଲ୍ଲିଛକ ପାଖରେ Viswass +2 Science କଲେଜକୁ ଲାଗି yellowzone ପ୍ଲଟ ମିଳୁଅଛି। 9348261968.** D-66738

2BHK simplex 15,00,000/- finishing Hanspal Bank finance available. 7381578650, 7377605498. D-67019

**Bhubaneswar AIIMS Medical ନିକଟରେ Govt. roadକୁ ଲାଗି BDA approved yellowzone gharabari plot- 1499/- 9777553622.** D-66736

34 Gunth commercial plot sale between Bhubaneswar-Khurda NH-5, gunth- 7.50 lac, frontage- 80ft.. Contact: 9439101373, 7750068828. D-13539

**Bhubaneswar Mount Literazee School ଲାଗିକି ଘରବାରି ପ୍ଲଟ ନେଇ ଘର କରନ୍ତୁ। 9438859527.** D-66740

Prime property at Khandagiri (Land & building) 2 storied with underground cost Rs. 1.75 crore (Negotiable) phone: 9338579645. D-64988

**ଭୁବନେଶ୍ୱର KIIT ଜଗନ୍ନାଥ ମନ୍ଦିରଠାରେ ଘରବାରୀ plot 30' ରାସ୍ତା, ଇଲେକ୍ଟ୍ରି ଥାଇ ବିକ୍ରିହେବ। 6372824177.** D-66742

GA plot 2700sqft. with building 4300sqft. at Ghatikia, Bhubaneswar. Price 2crores, buyer please contact: 9178518254. D-67015

**5000 Plus sqft. residential plot for sale in Sishu Vihar, Patia. Ideal for Tutorials also. Contact directly 9871155802, 8240107574.** D-13515

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



To let for others and previlage for old age. 9437764734. D-63953

3BHK 1800 sqft. house near ITER College, Dumduma. Phone-8179751075. D-66266



Fully refreshed/ relaxed body massage by expert therapist, Shastri Nagar. 7377984773. D-67312

Rejuvenate and ayurvedic full body massage by smart therapist: 9114402304. D-67311

Full body herbal massage with refreshment, expert therapist. 7381239385, 0674-2540855. D-67313

Experience full body massage with us (expert). Call: 7377048581, 0674-2597822. D-67314

Ayurvedic full body massage ladies/gents smart experts therapist. 9114697517. D-66929

Herbal full body massage by smart/expert therapist. Contact: 8338067247. D-67315

Newly opening Ayurvedic body massage smart therapist, Shree herbal, 775 0020754. D-67317

Physiotherapy full body massage by trained ladies / gents therapist: 7008773793. D-67018

## AFFIDAVIT

By an affidavit before Notary, Jharsuguda, I Dharitri Dash, W/o- Bikash Kumar Panigrahi. Presently residing at Qtr.No. E/231, ITPS colony, Banharpali, Dist.- Jharsuguda declare that after marriage I am known as Dharitri Panigrahi. That Dharitri Dash and Dharitri Panigrahi relates to same and one person. Henceforth I shall be known as Dharitri Dash for all purposes. D-37373

## ଜିଲା ଚିଠି
### କନ୍ଧମାଳ



# ଭୟ ଘାରିଛି

କନ୍ଧମାଳ ଜିଲାରେ ଦୁର୍ନୀତି ଶେଷ ସୀମାରେ ପହଞ୍ଚିଛି। ତଥାପି କୌଣସି ଗୋଟିଏ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଦୁର୍ନୀତିର ଚେର ଏତେ ଗଭୀର ଯେ ତାକୁ ମାପିବା କାଠିକର ପାଠ ହୋଇଛି। ଚାଉଳ ଯୋଗାଣରେ ଅନିୟମିତତା, ଟେଣ୍ଡରରେ ପକ୍ଷପାତିତା, ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଆଗତ ମାମଲାର ତଦନ୍ତ ନ ସରିବା ଘଟଣାରେ ଜିଲା ପ୍ରଶାସନର ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ସେବାଶ୍ରମରେ ଛାତ୍ରୀ ଗର୍ଭବତୀ ହେବା ଘଟଣା ବାରମ୍ବାର ଆଲୋଡନ ସୃଷ୍ଟି କରୁଛି।

ଗତବର୍ଷ ଦାରିଙ୍ଗବାଡିର ଏକ ସେବାଶ୍ରମରେ ଜଣେ ଛାତ୍ରୀ ପ୍ରସବ କରିବା ପରେ ଉତ୍ତେଜନାମୂଳକ ପରିସ୍ଥିତିରୁ ବର୍ତ୍ତିବା ପାଇଁ ତାଙ୍କୁ ଜଙ୍ଗଲକୁ ପଠାଇ ଦିଆଯାଇଥିଲା। ଫଳରେ ନବଜାତକଟିର ମୃତ୍ୟୁ ଘଟିଲା। ସନ୍ତାନ ସହ ନାବାଳିକାଙ୍କୁ ଜଙ୍ଗଲ ପଠାଇବା ନିମନ୍ତେ ଅଘୋଷିତ ନିର୍ଦ୍ଦେଶ ଯିଏ ଦେଇଥିଲେ ତାହା ସମସ୍ତଙ୍କୁ ଜଣା। ହେଲେ କାର୍ଯ୍ୟାନୁଷ୍ଠାନ ହେଲାନି। ଏବେ ପୁଣି ତୁମୁଡିବନ୍ଧ ବ୍ଲକ ବେଲଘର ଥାନା ଅଞ୍ଚଳର ଏକ ସେବାଶ୍ରମରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଘଟଣା ପଦାରେ ପଡିଛି। ସେହିପରି ଦାରିଙ୍ଗବାଡି ଅଞ୍ଚଳର ଅନାଥ ନାବାଳିକାଙ୍କୁ ପୋଷ୍ୟ ସନ୍ତାନ କରାଇବା ଘଟଣାରେ ସରକାରଙ୍କ ନିୟମ ଅନୁସାରେ ନୁହେଁ ନିଜ ଇଚ୍ଛାରେ ଜିଲା ଶିଶୁ ସୁରକ୍ଷା ବିଭାଗ କାମ କରିଛି। ପୋଲିସ ତଦନ୍ତ ରିପୋର୍ଟ ଦେଇ ସାରିବା ପରେ ବି ପ୍ରଶାସନ ଚୁପ୍ ବସିଛି। ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନା ରିପୋର୍ଟକୁ ଚାପି ଦିଆଯିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ଜିଲାର ୱାର୍କ୍ସ ଡିପାର୍ଟମେଣ୍ଟ(ଆର୍‌ଡି, ଏମ୍‌ଆଇ, ପିଡବ୍ଲ୍ୟୁଡି, ପୌର ପରିଷଦ)ରେ କାମ ସବୁ ନୈରାଶଜନକ। ସାଧାରଣ ନିର୍ବାଚନ ପୂର୍ବରୁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମଧ୍ୟ ବହୁ ଅନିୟମିତତା ହୋଇଛି। ଏ ପର୍ଯ୍ୟନ୍ତ କାମ ସରୁନାହିଁ। ବିଭାଗକୁ ପଚାରିଲେ ଠିକ୍ ତଥ୍ୟ ମିଳୁନାହିଁ। ଯନ୍ତ୍ରୀମାନେ କାର୍ଯ୍ୟାଳୟକୁ ଆସୁନାହାନ୍ତି। କିଏ ଫଲ୍‌ସ ବିଲ୍ କରିବାକୁ ଯୋଜନା କରୁଛନ୍ତି ତ ଅନ୍ୟ କେହି ଏମ୍‌ବି ବୁକ୍ ନେଇ ପଳାଇଛନ୍ତି। ହେଲେ ଏ ବିଷୟରେ କୌଣସି ଜଣେ ବି ଲୋକ ପ୍ରତିନିଧି ପ୍ରଶ୍ନ ଉଠାଇବା ନଜିର ନାହିଁ। ଅନ୍ୟପକ୍ଷରେ ଜିଲାରେ କାର୍ଯ୍ୟକାରୀ ହେଉଛି ମିଶନ ୧୭୧। ଉଦ୍ୟାନ କୃଷି, ଜନଜାତି ଉନ୍ନୟନ, ପ୍ରାଣୀ ସମ୍ପଦ ବିକାଶ, ଜଳସେଚନ, ଜଳ ଛାୟା ଓ ମୃତ୍ତିକା ସଂରକ୍ଷଣ, ପଞ୍ଚାୟତିରାଜ ବିଭାଗ ଓ ଓଡିଶା କୃଷି-ଉଦ୍ୟୋଗ ନିଗମର ମିଳିତ ଆନୁକୂଲ୍ୟରେ ଏହି ମିଶନ କାର୍ଯ୍ୟକାରୀ ହେଉଛି। ଉଦ୍ୟାନ ବିଭାଗ ତରଫରୁ ୧ କୋଟି ୯୭ ଲକ୍ଷ ୨୪ ହଜାର ୪୦୦ ଟଙ୍କା ବ୍ୟୟ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ପଞ୍ଚାୟତର ୫ରୁ ୧୦ ଏକର ଜାଗାରେ ଉଭୟ ବ୍ୟକ୍ତିଗତ ଓ ସାମୂହିକ ଉଦ୍ୟମରେ ଲିଚୁ, ପିଜୁଳି, ଆମ୍ବ, କାଜୁ ଆଦି ବିଭିନ୍ନ ଚାରା ଲଗାଯାଇଥିବା କୁହାଯାଉଛି। ମାତ୍ର ଗ୍ରାମାଞ୍ଚଳକୁ ଯାଇ ଦେଖିଲେ ଏହାର ବାସ୍ତବତା ବହୁ ଦୂରରେ। ଏବେ ଏକ ଅଘୋଷିତ ନିର୍ଦ୍ଦେଶନାମା ଜିଲାରେ ଜାରି ହୋଇଛି। ପାରିବାପଣିଆ ପଦାରେ ପଡ଼ିଯିବା ଭୟ ଥିବାରୁ କେହି କିଛି ଗଣ ମାଧ୍ୟମରେ କହିବା ଲାଗି ବାରଣ କରାଯାଇଛି।

– ରାକେଶ କୁମାର ରାଉତ

## ■ ହସ୍ତଶିଳ୍ପ ମନ୍ତ୍ରୀଙ୍କ କଳାଭୂମି ସଂଗ୍ରହାଳୟ ପରିଦର୍ଶନ

# ହସ୍ତତନ୍ତ, ହସ୍ତଶିଳ୍ପର ବିଶ୍ୱସ୍ତରୀୟ ପ୍ରସାର ପାଇଁ ପରାମର୍ଶ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ରବିବାର ପୂର୍ବାହ୍ନରେ ଗଣ୍ଡମୁଣ୍ଡାସ୍ଥିତ 'କଳାଭୂମି-ହସ୍ତଶିଳ୍ପ ସଂଗ୍ରହାଳୟ' ପରିଦର୍ଶନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଓଡ଼ିଶା ହସ୍ତଶିଳ୍ପର ବିଶ୍ୱସ୍ତରୀୟ ପ୍ରସାର ନିମନ୍ତେ ଗୁରୁତ୍ୱ ଦେଇଛନ୍ତି। ଆମ ରାଜ୍ୟର ଅମୂଲ୍ୟ ହସ୍ତଶିଳ୍ପ ଓ ହସ୍ତତନ୍ତକୁ ରାଜ୍ୟ ବାହାରେ ପ୍ରଚାର, ପ୍ରସାର ଓ ବିକ୍ରୟ କରିବା ସହିତ ବିଭିନ୍ନ ଦେଶରେ ଯେପରି ଆଦୃତ ହେବ ସେଥିପାଇଁ ବିଭାଗ ପକ୍ଷରୁ ଅଧିକ ପଦକ୍ଷେପ ନିଆଯିବାକୁ ସେ ପରାମର୍ଶ ଦେଇଛନ୍ତି। ପରେ ସଂଗ୍ରହାଳୟ ପରିସରରେ ମନ୍ତ୍ରୀ ବୃକ୍ଷରୋପଣ କରିଥିଲେ।

ସୂଚନାଯୋଗ୍ୟ, ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା 'କଳାଭୂମି-ହସ୍ତଶିଳ୍ପ ସଂଗ୍ରହାଳୟ'କୁ ୨୦୧୮ ମାର୍ଚ୍ଚ ୨୨ରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ୧୨ ଏକର ପରିମିତ ଜମିରେ ପ୍ରତିଷ୍ଠିତ ଏହି ସଂଗ୍ରହାଳୟ ପୂର୍ବଭାରତର ସର୍ବବୃହତ ହସ୍ତଶିଳ୍ପ ସଂଗ୍ରହାଳୟର ମାନ୍ୟତା ପାଇଛି। ସଂଗ୍ରହାଳୟକୁ ପ୍ରଦର୍ଶନ ମଣ୍ଡଳ ଓ ଅନୁଭୂତିମଣ୍ଡଳ ଭାବେ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଏଥିରେ ପ୍ରାକ୍ ବୟନକାରୀ ପ୍ରକୋଷ୍ଠ, ଜନଜାତି କଳା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ, ଟେରାକୋଟା, ପାରମ୍ପରିକ ଚିତ୍ରକଳା, ପ୍ରସ୍ତର ଓ କାଷ୍ଠ ଖୋଦେଇ, ହସ୍ତକଳା, ଧାତବ ଶିଳ୍ପ, ପ୍ରାକୃତିକ ଉପାଦାନରେ ହସ୍ତଶିଳ୍ପ ଆଦିର ପ୍ରକୋଷ୍ଠ ଦର୍ଶକଙ୍କ ନିମନ୍ତେ ରହିଛି। ଏହି ପ୍ରକୋଷ୍ଠଗୁଡ଼ିକରେ କଳାକୃତିଗୁଡ଼ିକୁ ସଂଗୃହୀତ କରି ରଖାଯାଇଛି। ମନ୍ତ୍ରୀଙ୍କ ସଂଗ୍ରହାଳୟ ପରିଦର୍ଶନ ସମୟରେ ବିଭାଗୀୟ ଯୁଗ୍ମ ସଚିବ ଅଞ୍ଜନା ପଣ୍ଡା, ହସ୍ତଶିଳ୍ପ ନିର୍ଦ୍ଦେଶକ ବି.କେ. ଦାଶ, ସିଡାକ୍‌ର ସଦସ୍ୟ ସଚିବ ସ୍ଥିତିକାନ୍ତ ଷଡ଼ଙ୍ଗୀ ଓ ସିଡାକ୍‌ର ସହକାରୀ ନିର୍ଦ୍ଦେଶକ ଶିଶିର ରଥ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ପଦ୍ମିନୀ ଦିଆନ୍ ଓ ଅନ୍ୟମାନେ ସଂଗ୍ରହାଳୟ ବୁଲି ଦେଖୁଛନ୍ତି।

## ■ ଗତ ୫ ବର୍ଷରେ ଖଣି ରାଜସ୍ୱ ଆଦାୟ

# ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିଲା ନାହିଁ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

୨୦୧୮-୧୯ ଆର୍ଥିକ ବର୍ଷରେ ଖଣି ରାଜସ୍ୱ ଆଦାୟ ବାବଦକୁ ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି ପାଇଛି। ସରକାର ୨୦୧୮-୧୯ ବର୍ଷରେ ୭୧୦୦ କୋଟି ଟଙ୍କାର ଖଣି ରାଜସ୍ୱ ଆଦାୟ ଲାଗି ଲକ୍ଷ୍ୟ ରଖିଥିବା ବେଳେ ଏହା ବୃଦ୍ଧି ପାଇ ୧୦୪୭୯.୧୮ କୋଟି ଟଙ୍କା ଆଦାୟ ହୋଇଛି। ମାତ୍ର ୨୦୧୪-୧୫ରୁ ୨୦୧୭-୧୮ ଆର୍ଥିକ ବର୍ଷ ମଧ୍ୟରେ ଯେତିକି ଖଣି ରାଜସ୍ୱ ଆଦାୟ କରିବାକୁ ସରକାର ଲକ୍ଷ୍ୟ ରଖିଥିଲେ ସେହି ସଂଖ୍ୟା ଛୁଇଁପାରିଲେ ନାହିଁ।

ରାଜ୍ୟ ସରକାରଙ୍କ ବାର୍ଷିକ ରିପୋର୍ଟ ଅନୁଯାୟୀ,୨୦୧୪-୧୫ ଆର୍ଥିକ ବର୍ଷରେ ୬୩୪୬.୯୮ କୋଟି ଟଙ୍କା ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ଲକ୍ଷ୍ୟ ଧାର୍ଯ୍ୟରୁ ୧୦୩୬.୮୯ କୋଟି ଟଙ୍କା ହ୍ରାସ ପାଇ ସେହି ଆର୍ଥିକ ବର୍ଷରେ ସରକାର ୫୩୧୦.୦୯ କୋଟି ଟଙ୍କା ଆଦାୟ ହେଲା। ୨୦୧୫-୧୬ ଆର୍ଥିକ ବର୍ଷରେ ସରକାର ୬୬୨୬ କୋଟି ଟଙ୍କା ଆଦାୟ ପାଇଁ ଲକ୍ଷ୍ୟ ରଖିଥିଲେ। ହେଲେ ଏହି ଆର୍ଥିକ ବର୍ଷରେ ମଧ୍ୟ ସରକାର ଧାର୍ଯ୍ୟ ଲକ୍ଷ୍ୟରୁ ୬୨୮.୨୧ କୋଟି ଟଙ୍କା କମ୍ ରାଜସ୍ୱ ଆଦାୟ କଲେ। ସରକାର ସେହି ବର୍ଷ ୫୯୯୭.୭୯ କୋଟି ଟଙ୍କା ରାଜସ୍ୱ ଆଦାୟ କରିବାରେ ସକ୍ଷମ ହେଲେ। ୨୦୧୬-୧୭ ଆର୍ଥିକ ବର୍ଷରେ ସରକାର ୭୦୦୦ କୋଟି ଟଙ୍କା ରାଜସ୍ୱ ଆଦାୟ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବା ବେଳେ ଏଥିରୁ ୨ ହଜାର କୋଟି ଟଙ୍କାରୁ କମ୍ ଆଦାୟ କରିଥିଲେ। ସରକାର ସେହି ବର୍ଷ ୪୯.୨୫.୬୬ କୋଟି ଟଙ୍କାର ରାଜସ୍ୱ ଆଦାୟ କରିବାରେ ସକ୍ଷମ ହୋଇଥିଲେ। ସେହିପରି ୨୦୧୭-୧୮ରେ ମଧ୍ୟ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବାରେ ସରକାର ଫେଲ୍ ମାରିଲେ। ୬୬୩୦ କୋଟି ଧାର୍ଯ୍ୟ ଲକ୍ଷ୍ୟରୁ ୪୯୯.୦୩ କୋଟି ଟଙ୍କା କମିଯାଇ ସରକାର ୬୧୩୦.୯୭ କୋଟି ଟଙ୍କା ଆଦାୟ କଲେ। ହେଲେ ୨୦୧୮-୧୯ ଆର୍ଥିକ ବର୍ଷରେ ବେଆଇନ ଖଣି ଉତ୍ତୋଳନକାରୀଙ୍କ ଠାରୁ ଜରିମାନା ଆଦାୟ କରାଯିବାରୁ ଧାର୍ଯ୍ୟ ହୋଇଥିବା ରାଜସ୍ୱ ଲକ୍ଷ୍ୟ ବୃଦ୍ଧି ପାଇଥିବା ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ୨୦୧୪ରୁ ୨୦୧୯ ମଧ୍ୟରେ ଅର୍ଥାତ୍ ୪ ବର୍ଷରେ ସରକାର ଖଣି ରାଜସ୍ୱ ବାବଦକୁ ଧାର୍ଯ୍ୟ କରିଥିବା ଲକ୍ଷ୍ୟରୁ ୪୪୩୮.୪୭ କୋଟି ଟଙ୍କା କମ୍ ରାଜସ୍ୱ ଆଦାୟ କରିଛନ୍ତି। ସେଥିରୁ ୩୩୭୯.୧୮ କୋଟି ଟଙ୍କା ୨୦୧୮-୧୯ ଆର୍ଥିକ ବର୍ଷରେ ଅଧିକ ଆଦାୟ କରି ଭରଣ କରିଛନ୍ତି। ତଥାପି ଗତ ୫ ବର୍ଷରେ ସରକାର ଖଣି ରାଜସ୍ୱ ଆଦାୟ ବାବଦକୁ ଲକ୍ଷ୍ୟ ରଖିଥିବା ଅର୍ଥରୁ ୧୦୫୯.୨୯ କୋଟି ଟଙ୍କା କମ୍ ଆଦାୟ କରିଛନ୍ତି।

## ■ ପାଟକୁରା ନିର୍ବାଚନ

# ଅଗଣତାନ୍ତ୍ରିକ ଉପାୟରେ ଜିତିବାକୁ ଚାହୁଁଛି ବିଜେଡି: ଲେଖାଶ୍ରୀ

ଭୁବନେଶ୍ୱର, ୨୧।୭(ବ୍ୟୁରୋ)

ପାଟକୁରା ନିର୍ବାଚନ ପ୍ରସଙ୍ଗରେ ଏକ ନୂଆ ଅଭିଯୋଗ ଆଣିଛି ଭାଜପା। ନିର୍ବାଚନ ହାରିବା ଭୟରେ ବିଜେଡି ବେଆଇନ ଏବଂ ଅଗଣତାନ୍ତ୍ରିକ ଉପାୟରେ ପ୍ରତ୍ୟେକ ବୁଥ୍‌ରେ ହେରଫେର କରିଛି। ପ୍ରିଜାଇଡିଂ ଅଫିସରଙ୍କ ମାଧ୍ୟମରେ ଇଭିଏମ୍ ଟାମ୍ପରିଂଠାରୁ ଆରମ୍ଭ କରି ମେଶିନ ବଦଳାଇବା ଆଦି କାର୍ଯ୍ୟ ସହ ବୁଥ ରିଗିଂ ହୋଇଥିବା ଭାଜପା କହିଛି। ରିଟର୍ନିଂ ଅଫିସର ମଧ୍ୟ ଶାସକ ଦଳର ହାତବାରିସି ସାଜି କାର୍ଯ୍ୟ କରିଛନ୍ତି। ବୁଥ ଭିତରେ ଭାଜପା ଏଜେଣ୍ଟଙ୍କୁ ପୂରାଇ ନ ଦେବା, ଜଙ୍ଗଲ ଭିତରେ ଇଭିଏମ୍ ବଦଳାଇବା, ଇଭିଏମ୍ ଭାଙ୍ଗିବା, ଇଭିଏମ୍ ଖୋଲା ସ୍ଥାନରେ ରଖିବା ଆଦି ଘଟଣାର ଭିଡିଓ ପ୍ରମାଣ ବର୍ତ୍ତମାନ ସୋସିଆଲ ମିଡିଆରେ ଘୂରି ବୁଲୁଛି ବୋଲି ଭାଜପା ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି, ଏହି ସବୁ ବେଆଇନ ଏବଂ ବେନିୟମ କାର୍ଯ୍ୟ ବିଜେଡି ଇଙ୍ଗିତରେ କରାଯାଇଛି। ପାଟକୁରାରେ ପ୍ରିଜାଇଡିଂ ଅଫିସର ନିରପେକ୍ଷଭାବେ ନିର୍ବାଚନ କରିନାହାନ୍ତି। ଭୋଟ ପୋଲିଂ ଚାଲିଥିବାବେଳେ ଅନେକ ସ୍ଥାନରେ ଉତ୍ତେଜନା ଦେଖାଦେଇଛି। ଅନେକ ବୁଥ୍‌ରେ ପ୍ରିଜାଇଡିଂ ଅଫିସରମାନେ ଇଭିଏମ୍‌କୁ ଠିକ୍‌ଭାବରେ ସିଲ୍ ନ କରି ଷ୍ଟ୍ରଙ୍ଗରୁମ୍‌ରେ ଏପଟ ସେପଟ କରିବାକୁ ଚେଷ୍ଟା କରିଛନ୍ତି। ଦୁଇଜଣ ପ୍ରିଜାଇଡିଂ ଅଫିସର ଇଭିଏମ୍ ଟାମ୍ପରିଂ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇ ବୁଲୁଛି। ୩୦୯ଟି ବୁଥରୁ ୩୦୭ଟିରେ ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ଯାଇଥିବାବେଳେ ଅନ୍ୟ ଦୁଇଟିର ଖବର ନାହିଁ। ପାଟକୁରା ନିର୍ବାଚନମଣ୍ଡଳୀର ଗରଦପୁର ବ୍ଲକର ୨୨୦ ଏବଂ ୨୯୪ ନମ୍ବର ନଡିଆବରେଇ ବୁଥ୍‌ର ଇଭିଏମ୍ ଏ ପର୍ଯ୍ୟନ୍ତ ଷ୍ଟ୍ରଙ୍ଗ୍‌ରୁମରେ ପହଞ୍ଚିନି। ଇଭିଏମ୍‌ଗୁଡିକୁ ବଦଳାଇ ବିଜେଡି ନିର୍ବାଚନ ଜିତିବା ପାଇଁ କସରତ ଚଳାଇଛି। ଭୋଟ ହାତେଇବା ପାଇଁ ଶାସକ ଦଳ ଭୋଟରଙ୍କୁ ପ୍ରଲୋଭନ ଦେଖାଇ ଶାଢି, କାନଫୁଲ, ମଦ, ମାଂସ ଏବଂ ଟଙ୍କା ବାଣ୍ଟିବାର ଭିଡିଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦିଆଯାଇଥିଲା। ଗତ ତିନିଦିନ ତଳେ ପାଟକୁରା ନିର୍ବାଚନ ଦାୟିତ୍ୱରେ ଥିବା ଭାଜପା ନେତାମାନେ ଆରଓ ଏବଂ ଏଆରଓ ଅଧିକାରୀମାନଙ୍କୁ ଇଭିଏମ୍ ଅଦଳବଦଳ ଆଶଙ୍କା ରହିଛି ବୋଲି କହିଥିଲେ। ଏହା ସତ୍ତ୍ୱେ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇନି ବୋଲି ଲେଖାଶ୍ରୀ କହିଛନ୍ତି।




## ■ ମହିଳାଙ୍କ ଉଦ୍ୟମରୁ ସମ୍ଭବ

# ୧୭ବର୍ଷ ହେଲା ଖେମୁଣ୍ଡିଆମୁଣ୍ଡା ନିଶାମୁକ୍ତ



ଗାଁରେ ନିଶା ସାମଗ୍ରୀ ବନ୍ଦ, ଜଙ୍ଗଲ ସୁରକ୍ଷା ପାଇଁ ବୈଠକରେ ସାମିଲ ମହିଳାମାନେ।

ମୃତ୍ୟୁଞ୍ଜୟ ଶତପଥୀ
ସୋନପୁର,୨୧।୭

ଗାଁର ନା ଖେମୁଣ୍ଡିଆମୁଣ୍ଡା। ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ରେଙ୍ଗାଲି ପଞ୍ଚାୟତ ଅଧୀନ ଏହି ଗାଁ ବାରପାହାଡ ସଂରକ୍ଷିତ ଜଙ୍ଗଲପାର୍ଶ୍ୱରେ ଅବସ୍ଥିତ। ଲୋକସଂଖ୍ୟା ୩୦୦ରୁ ଊର୍ଦ୍ଧ୍ୱ। ଗ୍ରାମର ୯୦ ପ୍ରତିଶତ ଲୋକ ଆଦିବାସୀ ସମ୍ପ୍ରଦାୟର। ସମସ୍ତେ ଗରିବ ଶ୍ରେଣୀର। ଚାଷ କାର୍ଯ୍ୟ, ପଶୁପାଳନ ଓ ଜଙ୍ଗଲରୁ ପତ୍ର, ଜାଳ ସଂଗ୍ରହ କରି ବିକ୍ରି କରିବା ଗ୍ରାମବାସୀଙ୍କ ମୁଖ୍ୟ ଜୀବିକା। ଆଜିକୁ ୧୭ବର୍ଷ ହେଲା ଏହି ଗାଁ ନିଶାମୁକ୍ତ। ନିଶାଦ୍ରବ୍ୟ ସେବନ ଓ ବିକ୍ରି ସମ୍ପୂର୍ଣ୍ଣ ନିଷିଦ୍ଧ। ମହିଳାଙ୍କ ପ୍ରଚେଷ୍ଟା ଯୋଗୁ ଏହା ସମ୍ଭବ ହୋଇଛି। ଗାଁରେ ମଦ,ଗଞ୍ଜେଇ ପରି ନିଶାଦ୍ରବ୍ୟ ବିକ୍ରି ବନ୍ଦ ରହିଛି। ଲୋକେ ସେଭଳି ନିଶାଦ୍ରବ୍ୟଠାରୁ ଦୂରେଇ ରହିଛନ୍ତି। ଏଥିଯୋଗୁ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରା ଓ ଏକତା ବଢିଛି। ଏସ୍‌ଏଚ୍‌ଜି ମହିଳାଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏହା ସମ୍ଭବ ହୋଇପାରିଛି।

ସରକାରଙ୍କ ମହିଳା ସଶକ୍ତୀକରଣର ଲକ୍ଷ୍ୟ ଖେମୁଣ୍ଡିଆମୁଣ୍ଡା ଗାଁରେ ଅନେକାଂଶରେ ସଫଳ ହୋଇଛି। ୬୫ ଜଣ ମହିଳା ନିଜର ଓ ପରିବାରର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ମା' ପିତାବଳି, ମା' ସମଲେଶ୍ୱରୀ, ମା' ସମଲେଇ, ମା' ପଥେଇ, ମା' ବାଞ୍ଜି ଟଲିଏନ ଓ ମା' ବାଉଲି ନାମରେ ୬ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରିଛନ୍ତି। ନିଜେ ସଚେତନ ହେବା ସହ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିବା ସହ ଜଙ୍ଗଲ ସୁରକ୍ଷା ପାଇଁ ଅଣ୍ଟା ଭିଡିଛନ୍ତି। ଦିନ ଥିଲା ଗାଁରେ ନିଶାଦ୍ରବ୍ୟର ବହୁଳ ବ୍ୟବହାର ଥିଲା। ଏଥିଯୋଗୁ ଗାଁର ଅଧିକାଂଶ ଘରେ ଅଶାନ୍ତି ସୃଷ୍ଟି ହେଉଥିଲା। ଏହାର ପ୍ରଭାବ ଶିଶୁ ଓ ଛାତ୍ରୀଛାତ୍ରଙ୍କ ଉପରେ ପଡୁଥିଲା। ଏଥିରୁ ଗାଁକୁ ମୁକ୍ତ କରିବା ପାଇଁ ଏହି ଏସ୍‌ଏଚ୍‌ଜି ମହିଳାମାନେ ପ୍ରଥମେ ପଦକ୍ଷେପ ଗ୍ରହଣ କରିଥିଲେ। ଗାନ୍ଧିଜୀଙ୍କ ନିଶାମୁକ୍ତି ଆହ୍ୱାନକୁ ସେମାନେ ସାର୍ଥକ କରିବା ପାଇଁ ରାସ୍ତାକୁ ଓହ୍ଲାଇଲେ। ପ୍ରଥମେ ସେମାନେ ଲୋକମାନଙ୍କୁ ନିଶାକବଳରୁ ମୁକ୍ତି ପାଇଁ ସଚେତନ କରିଥିଲେ। ଯେଉଁମାନେ ଅବାଧ୍ୟ ହେଉଥିଲେ ସେମାନଙ୍କୁ ମହିଳାମାନେ ନାଲି ଆଖି ଦେଖାଇବାକୁ ପଛାଉ ନ ଥିଲେ। ଧୀରେ ଧୀରେ ସେମାନଙ୍କ ଅଭିଯାନ ସଫଳ ହୋଇଥିଲା। ନିଶା ବନ୍ଦ ଯୋଗୁ ଗାଁରେ ସୁସ୍ଥ ବାତାବରଣ ବଜାୟ ରହିଛି।

ଏ ସଂକ୍ରାନ୍ତରେ ଗାଁର ଶାନ୍ତି ଧରୁଆ କୁହନ୍ତି, ଆମ ଗାଁରେ ପୂର୍ବରୁ ବହୁଳ ଭାବେ ମଦବିକ୍ରି ହେଉଥିଲା। ଅଶାନ୍ତ ପରିବେଶ ଯୋଗୁ ଆମେ ଚିନ୍ତାରେ ଥିଲୁ। ପ୍ରଥମେ ୨୨ ଜଣ ମହିଳା ଏକତ୍ରିତ ହୋଇ ମା' ବାରପାହାଡ ଓ ମା'ଗଙ୍ଗାରାଜ ବଡଦେଓ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କଲୁ। ମଦ ବିକ୍ରି ବନ୍ଦ ପାଇଁ ଆନ୍ଦୋଳନ କରିଥିଲୁ। ଫଳରେ ୧୭ ବର୍ଷ ହେଲା ଗାଁରେ ମଦବିକ୍ରି ବନ୍ଦ ରହିଛି। ବୁଲା ଧରୁଆଙ୍କ କଥା ବି ସେପରି, ମଦ ବିରୋଧୀ ଆନ୍ଦୋଳନ ସମୟରେ ତତ୍କାଳୀନ ଜିଲାପାଳ ରେଙ୍ଗାଲି ପଞ୍ଚାୟତକୁ ଆସିଥିଲେ। ଆମେ ଜିଲାପାଳଙ୍କୁ ଭେଟି ମଦବିକ୍ରି ବନ୍ଦ ପାଇଁ ଅନୁରୋଧ କରିଥିଲୁ। ସେ ପୋଲିସ ପଠାଇ ମଦ ବିକ୍ରି ବନ୍ଦ କରିବା ଦିଗରେ ଆମକୁ ସାହାଯ୍ୟ କରିଥିଲେ। ସେଦିନଠାରୁ ଗ୍ରାମବାସୀ ମଦଠାରୁ ଦୂରେଇ ଯାଇଛନ୍ତି। ଆବଶ୍ୟକସ୍ଥଳେ ଶୁଖିଲା କାଠ ଜାଳେଣି ପାଇଁ ସଂଗ୍ରହ କରିବାର ବ୍ୟବସ୍ଥା କଲୁ। ଫଳରେ ଗାଁ ଚାରିପାଖ ସବୁଜିମାରେ ପୂର୍ଣ୍ଣ ହେଲା। ବନ ସୁରକ୍ଷା ସମିତିର ସଭାପତି ଅକ୍ଷୟ ଧରୁଆ କୁହନ୍ତି, ଆମ ଗାଁ ଲୋକେ ଶିକ୍ଷିତ ନ ଥିଲେ ହେଁ ପରିବେଶର ସୁରକ୍ଷା ଦିଗରେ ବେଶ ସଚେତନ। ଜଙ୍ଗଲକୁ ସୁରକ୍ଷା ଯୋଗାଇଛୁ। ନୂଆ ଜଙ୍ଗଲ ମଧ୍ୟ ସୃଷ୍ଟି କରୁଛୁ। ମଦ ବନ୍ଦ ପରେ ଗ୍ରାମରେ ପରିବର୍ତ୍ତନ ଆସିଛି। ଯୁବ ସମାଜ ପଥଭ୍ରଷ୍ଟ ନ ହୋଇ ସାମାଜିକ କାର୍ଯ୍ୟରେ ମନ ଦେଉଛନ୍ତି। ଗ୍ରାମର ନାରୀଶକ୍ତି ପାଇଁ ଏହା ସମ୍ଭବ ହୋଇପାରିଛି।

## ଏଚ୍‌ଆଇଭି ସଂକ୍ରମିତ ନାବାଳିକାଙ୍କୁ ଯୌନ ନିର୍ଯାତନା ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

କଟକ ଅଫିସ, ୨୧।୭

କଳାହାଣ୍ଡି ଜିଲା ଭବାନୀପାଟଣା ଅଞ୍ଚଳରେ ଥିବା ଏକ ଆଶ୍ରମରେ ଜଣେ ଏଚ୍‌ଆଇଭି ସଂକ୍ରମିତ ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ନେଇ ଗତ ଶନିବାର ତାଙ୍କ ମା' ଅଭିଯୋଗ କରିଥିଲେ। ତେବେ ଏ ନେଇ ପୋଲିସ କିମ୍ବା ଶିଶୁମଙ୍ଗଳ କମିଟି (ସିଡବ୍ଲ୍ୟୁସି) ପକ୍ଷରୁ କୌଣସି ମାମଲା ରୁଜୁ କରାଯାଇ ନ ଥିଲା। ଫଳରେ ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାସ ରବିବାର ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏ ନେଇ ମାମଲା ରୁଜୁ ସହ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜୟନ୍ତ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏଥିସହିତ ପୀଡ଼ିତାଙ୍କ ପରିବାରକୁ ଓଡ଼ିଶା ଭିକ୍ଟିମ କମ୍ପେନସେସନ ସ୍କିମ୍‌ରେ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ୩ ବର୍ଷ ତଳେ ବଲାଙ୍ଗୀର ସହରର ଉକ୍ତ ପୀଡ଼ିତା ଏଚ୍‌ଆଇଭି ସଂକ୍ରମିତ ଥିଲେ। ଫଳରେ ତାଙ୍କ ପରିବାର ଲୋକ ସିଡବ୍ଲ୍ୟୁସି ଜରିଆରେ ଭବାନୀପାଟଣାସ୍ଥିତ ଉକ୍ତ ଆଶ୍ରମରେ ପୀଡ଼ିତାଙ୍କୁ ରଖିଥିଲେ। ସେଠାରେ ଝିଅକୁ ଆଶ୍ରମର ମାଲିକ ଏବଂ କର୍ମଚାରୀମାନେ ଯୌନ ନିର୍ଯାତନା ଦେଉଥିବା ତାଙ୍କ ମା' ଅଭିଯୋଗ କରିଥିଲେ। ଏଥିସହ ତାଙ୍କ ଝିଅକୁ ଘରକୁ ନେଇ ଯାଇଥିଲେ।

Sambalpur University Institute of Information Technology
A Govt. Technical Institute of Sambalpur University
at Jyoti Vihar, Burla, Sambalpur, Odisha
Advt. No.: 852 / SUIIT Dated: 20/07/2019

NOTICE

The candidates allotted by OJEE—2019 for admission into 1st year B. Tech CSE / ECE / EEE at Sambalpur University Institute of Information Technology (SUIIT), Burla in the Academic Session 2019-20 are required to report for admission during 25th to 30th July, 2019 (Except Sunday) between 10.00 AM to 4.00 PM. (positively) along with the filled in application form and required documents.

For Detail information Visit www.suiit.ac.in
Contact:
Dr. S. Jena, HOD, CSE&A – 8247679467;
Mrs. S. Kar, HOD, ECE – 9439657668;
Dr. A. Panda, HOD, EEE - 9337347538
Email: admin.office@suiit.ac.in/director@suiit.ac.in Director, SUIIT

ମନେ ପଡ଼ନ୍ତି

ଦଶମୀ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମଞ୍ଜୁଲତା ମିଶ୍ର
ସ୍ୱାମୀ: ସୀତାକାନ୍ତ ମିଶ୍ର
ଶାସନ ଦାମୋଦରପୁର, ପୁରୀ ସଦର, ପୁରୀ-୨
ଆବିର୍ଭାବ: ୨୫।୦୨।୧୯୭୦
ତିରୋଧାନ: ୧୩।୦୭।୨୦୧୯
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଭାବ ଆମର ପ୍ରେରଣାର ଉତ୍ସ ହେଉ। ଆଜି ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ପରିବାରବର୍ଗ ତଥା ଆତ୍ମୀୟସ୍ୱଜନ।
ଧ-୧୩୪୩୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଗୌରୀ ବାରିକ୍
ସ୍ୱାମୀ: ସ୍ୱର୍ଗତ କୁଞ୍ଜବିହାରୀ ବାରିକ୍
ଅଳଗୁମ, ସାକ୍ଷୀଗୋପାଳ, ପୁରୀ
ତିରୋଧାନ: ୦୨।୦୮।୨୦୧୮
ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ସର୍ବଦା ଆମମାନଙ୍କ ପାଇଁ ସ୍ମୃତି ହୋଇ ରହିବ। ତୋର ଅମର ଆତ୍ମାର ଚିର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ଜାଗେଶ୍ୱରୀ ଠାକୁରାଣୀଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ତୋର ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ବାହୂ, ନାତୁଣୀ, ନାତୁଣୀ ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୫୩୪

୨୨ତମ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅଲେଖ ଦୀକ୍ଷିତ
(୧୯୧୦-୨୫।୦୭।୧୯୯୭)
ପୁରୁଣା ବୁଢାକେରା, ବଲଙ୍ଗୀ।
ଆଜିର ଶ୍ରାଦ୍ଧଦିବସରେ ତୁମ ଆତ୍ମାର ଶାନ୍ତି ପାଇଁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ପରିବାରବର୍ଗ
ଧ-୧୩୫୩୩

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଡା. ରଘୁନାଥ ମହାପାତ୍ର
ଚାଷିଖଣ୍ଡ, ଜଗତ୍‌ସିଂହପୁର
ବାପା, ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ମାତୃଭକ୍ତି ଆମମାନଙ୍କର ପ୍ରେରଣାର ଉତ୍ସ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ବୋହୂ, ନାତୁଣୀ-ନାତୁଣୀ ଜ୍ୱାଇଁ, ଅଣନାତି ଏବଂ ଅଣନାତୁଣୀମାନେ।
ଧ-୧୩୫୧୧

In his Memorry



Debendra Ku. Pradhan
Birthday: 12.08.1971
Death: 02.08.2018
(Srabana Panchami)
May his soul rest in peace.
Bereaved family: Bapa, Maa, Wife, Brother, Sister Alima, & daughter Liti, Putura, Jhiari, Bubuli, Muna, Sikha, Reni, Bubun, Ashis & Family.
D- 13541

ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଞ୍ଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚତର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର କର। –ଶ୍ରୀଅରବିନ୍ଦ



# ଗୁରୁତ୍ୱ କେଉଁଠି

ଝାଡ଼ଖଣ୍ଡ ଗୁମ୍‌ଲା ଜିଲାର ଏକ ଗ୍ରାମରେ ୨୧ ଜୁଲାଇରେ ଗୁଣିଗାରେଡ଼ି ସନ୍ଦେହରେ ୪ ଜଣଙ୍କୁ ପିଟିପିଟି ହତ୍ୟା କରାଯାଇଛି। ଏହାର ୩ ଦିନ ପୂର୍ବରୁ ବିହାରର ସରନ୍ ଜିଲାରେ ଗୋରୁ ଚୋରି ସନ୍ଦେହରେ ଉତ୍ତ୍ୟକ୍ତ ଲୋକେ ୩ ଜଣଙ୍କୁ ବାଡ଼େଇ ବାଡ଼େଇ ମାରି ଦେଇଥିଲେ। ଭିଡ଼ହିଂସାର ଏହି ସଦ୍ୟତମ ନିର୍ଦ୍ଦୟ ଘଟଣା ଅତ୍ୟନ୍ତ ହୃଦୟବିଦାରକ ହୋଇଥିଲେ ମଧ୍ୟ ଏହା ଉପରେ ବିଶେଷ ଆଲୋଚନା ହେଉ ନ ଥିବା ଦେଖିବାକୁ ମିଳୁଛି। କାରଣ ୨୦୧୫ରେ ଉତ୍ତରପ୍ରଦେଶର ଦାଦ୍ରୀନିବାସୀ ମହମ୍ମଦ ଅଖଲାକ୍‌ଙ୍କ ହତ୍ୟାଠାରୁ ରାଜସ୍ଥାନ ଅଲ୍‌ୱାରର ପେହେଲୁ ଖାନ୍ ସମେତ ଅସଂଖ୍ୟ ଘଟଣାକୁ ମନେପକାଇଲେ ଭିଡ଼ହିଂସାରେ ଲୋକଙ୍କୁ ମାରିପକାଇବା ସେଭଳି ଗୁରୁତ୍ୱ ରଖୁନାହିଁ। ସୁପ୍ରିମକୋର୍ଟ ଏଭଳି ଅପରାଧ ବଢୁଥିବା ଦେଖି ଏ ସଂକ୍ରାନ୍ତ ତୁରନ୍ତ ଆଇନ ଆଣିବାକୁ ୧୭ ଜୁଲାଇ ୨୦୧୮ରେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷେ ବିତିଗଲା ପରେ ମଧ୍ୟ ସରକାରଙ୍କ ନିଦ ଭାଙ୍ଗି ନାହିଁ। ବିହାରର ୩ ଜଣଙ୍କୁ ପିଟି ମାରିଦିଆଯିବା ପରେ ୧୯ ଜୁଲାଇରେ ଏଆଇଏମ୍ଆଇଏମ୍ ମୁଖ୍ୟ ଆସାଦୁଦ୍ଦିନ୍ ଓୱାଇସି ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗ ଉଠାଇ କାହିଁକି ଏ ଦିଗରେ ଆଇନ ଆସିବାରେ ବିଳମ୍ବ କରାଯାଉଛି ବୋଲି ପ୍ରଶ୍ନ କରିଥିଲେ। ଏହା କେବଳ ଆସାଦୁଦ୍ଦିନ୍‌ଙ୍କ ପ୍ରଶ୍ନ ଭାବେ ପରିଗଣିତ ହେବା ଉଚିତ ନୁହେଁ। ପୃଥିବୀର ଇତିହାସକୁ ଦେଖିଲେ ବିଭିନ୍ନ ସମୟରେ ଓ ଭିନ୍ନଭିନ୍ନ ଦେଶରେ ଆରମ୍ଭ ହୋଇଥିବା ସଂଖ୍ୟାଲଘୁ ବିରୋଧୀ ଚିନ୍ତାଧାରା ଅଧିକାଂଶ ସମୟରେ ଅଲଗା ମୋଡ଼ ନେଇ ଅନ୍ୟ ଗୋଷ୍ଠୀଗୁଡ଼ିକୁ ଶିକାର କରିଥାଏ। ଆଜି ଭାରତବର୍ଷରେ ଗୁଣିଗାରେଡ଼ି ନାମରେ ହେଉ କିମ୍ବା ଗୋରୁ ଚୋରି ଅଭିଯୋଗ ମାଧ୍ୟମରେ ବ୍ୟବସାୟିକ ସୁବିଧା ପାଇଁ ଲୋକଙ୍କୁ ମାରିଦେବାର ଉଦାହରଣ ଦେଖିବାକୁ ମିଳୁଛି। ଏଭଳି ହିଂସା ବ୍ୟାପୁଥିବାରୁ ତାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହେବା କଥା। ଯେଉଁମାନେ ଭାବୁଛନ୍ତି ଯେ, ମୁସଲମାନଙ୍କ ଭଳି ସଂଖ୍ୟାଲଘୁମାନେ ଦେଶର କ୍ଷତି କରୁଛନ୍ତି, ସେମାନେ ନିଜ ଜୀବନକୁ ସମୀକ୍ଷା କରି ଏହି ଦୋଷାରୋପ ସମ୍ପର୍କରେ ଚିନ୍ତା କରିବା ଉଚିତ ହେବ। ସାଧାରଣ ହିନ୍ଦୁର ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତି କିମ୍ବା ଅନ୍ୟ କୌଣସି ଅର୍ଥନୈତିକ ପ୍ରଗତିରେ ମୁସଲମାନମାନଙ୍କ କୌଣସି ଭୂମିକା ରହୁଥିବାର କ୍ୱଚିତ ଉଦାହରଣ ମିଳିଥାଏ। ଅର୍ଥାତ୍ ରାଜନୈତିକ ସୁବିଧା ପାଇଁ ହିଂସାତ୍ମକ ମନୋଭାବ ସୃଷ୍ଟି କରାଗଲେ ତାହା କେବଳ ମୁସଲମାନ ବିରୋଧୀ ହୋଇ ରହିବ ନାହିଁ। ଆଜି ଗୋଟିଏ ସମ୍ପ୍ରଦାୟକୁ ବିରୋଧ କରୁଥିବା ଲୋକେ ଆସନ୍ତାକାଲି ସେହି ମନୋଭାବ ପୋଷଣ କରି ଅନ୍ୟ ଏକ ଶତ୍ରୁ ଖୋଜିବସିବେ। ସେଭଳି ବିରୋଧ ସୃଷ୍ଟି ହେଲେ ତାହା କେବଳ ଧର୍ମ ନୁହେଁ, ଜାତି, ବର୍ଣ୍ଣ, ଭାଷା, ଅଞ୍ଚଳ ଭଳି ବିଭିନ୍ନ ଆଳ ଖୋଜିଥାଏ। ଅର୍ଥାତ୍ ନକାରାତ୍ମକ ଚିନ୍ତାଧାରାରୁ ଜନ୍ମ ହେଉଥିବା ହିଂସା କୌଣସି ଗୋଟିଏ କଥାରେ ସୀମିତ ରହେ ନାହିଁ।

ଓଡ଼ିଶାର କେତୋଟି ଜିଲାରେ ଗୁଣିଗାରେଡ଼ି ଆଳରେ ଅସହାୟ ବ୍ୟକ୍ତିମାନଙ୍କଠାରୁ ସେମାନଙ୍କ ସମ୍ପତ୍ତି ଛଡ଼ାଇ ନେବାର ଲୁକ୍କାୟିତ ଉଦ୍ଦେଶ୍ୟ ରହିଥାଏ। ଯେହେତୁ କୌଣସି ଉଚ୍ଚପଦସ୍ଥ କର୍ମକର୍ତ୍ତାଙ୍କଠାରୁ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ମିଳେ ନାହିଁ, ସେହେତୁ ପୋଲିସ ବ୍ୟବସ୍ଥା ନୀରବଦ୍ରଷ୍ଟା ପାଲଟି ଯାଉଥିବାର ଅନେକ ଦୃଷ୍ଟାନ୍ତ ରହିଛି। ଗ୍ରାମାଞ୍ଚଳରେ ଯେକୌଣସି ମହିଳା କିମ୍ବା ପୁରୁଷଙ୍କୁ ଅତି ସହଜରେ ଗୁଣିଗାରେଡ଼ିର ଆଖ୍ୟା ଦିଆଯାଇ ନିର୍ଯାତନା ଦେଇହୁଏ।

ତୁଳନାତ୍ମକ ଭାବେ ଭିଡ଼ହିଂସାଠାରୁ ନଗଣ୍ୟ ଘଟଣାରେ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଦିଆଯାଇ ଯଦି ତୁରନ୍ତ ଆଇନ ପ୍ରଣୟନ କରାଯାଇପାରୁଛି, ସେହି ଅନୁଯାୟୀ ଏଭଳି ଗମ୍ଭୀର ପ୍ରସଙ୍ଗକୁ ଅତ୍ୟଧିକ ପ୍ରାଧାନ୍ୟ ଦିଆଯିବା କଥା। ହେଲେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି, ଏ ସମ୍ବନ୍ଧରେ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ପାର୍ଲାମେଣ୍ଟର ଚଳିତ ଅଧିବେଶନରେ ଏହା ଉପସ୍ଥାପିତ ହେବ। ଏଭଳି ଆଶ୍ୱାସନାମୂଳକ ପ୍ରତିଶ୍ରୁତି ଭିଡ଼ହିଂସା ଯୋଗୁ ସୃଷ୍ଟି ହେଉଥିବା ଅରାଜକତା ଓ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ କୌଣସି ମୂଲ୍ୟ ରଖୁ ନାହିଁ। ସାଧାରଣତଃ ଦେଖାଯାଉଛି, ସରକାର ଯେଉଁ ପ୍ରସଙ୍ଗକୁ ଗୁରୁତ୍ୱ ମନେକରୁଛନ୍ତି, ସେଥିଲାଗି ତତ୍‌କ୍ଷଣାତ୍ ଆଇନ ଆଣିବା ସମ୍ଭବ ହେଉ ନ ଥିଲେ ଅଧ୍ୟାଦେଶ ଜରିଆରେ ଲକ୍ଷ୍ୟ ପୂରଣ କରୁଛନ୍ତି। ଆଧାରଠାରୁ ଆରମ୍ଭ କରି ତିନି ତଲାକ୍ ଯାଏ ଅଧ୍ୟାଦେଶ ଅଣାଯାଇଛି। କିନ୍ତୁ ଘୋର ସାମାଜିକ ସମସ୍ୟାର ସମାଧାନ ଦିଗରେ ସେଭଳି ତତ୍ପରତା ଦେଖିବାକୁ ମିଳେନାହିଁ। ଫଳସ୍ୱରୂପ ନିର୍ଦ୍ଦୋଷ ନିର୍ଯାତନାର ସମ୍ମୁଖୀନ ହୁଏ, ଦୋଷୀ ରାସ୍ତାରେ ଛାତି ଫୁଲାଇ ବୁଲିପାରେ।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜୁଲାଇ ୧୯୯୪

- ୟୁରୋପୀୟ କମିଶନର ରାଷ୍ଟ୍ରପତି ନିର୍ବାଚନରେ ଲକ୍ସେମ୍‌ବର୍ଗର ପ୍ରଧାନମନ୍ତ୍ରୀ ଜାକୁସ ସାଣ୍ଟର ପରାଜୟ ବରଣ କରିଛନ୍ତି।
- ମଣିପୁରରେ ସଶସ୍ତ୍ର ନାଗା ଉଗ୍ରପନ୍ଥୀମାନଙ୍କ ଆଖିବୁଜା ଗୁଳି ଚାଳନାରେ ୨୨ ଜଣ କୁକୀ ଗ୍ରାମବାସୀଙ୍କ ମୃତ୍ୟୁ।
- ସମଗ୍ର ଦେଶରେ ଚଳିତ ବନ୍ୟାରେ ମୃତ୍ୟୁସଂଖ୍ୟା ୫୮୧କୁ ବୃଦ୍ଧି।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 3 | | | | | 8 | | | | 9 | | 5 | E |
| | | | | | | | 6 | | D | | 1 | | 7 | |
| | | | | | A | 1 | | C | 3 | | B | | 0 | |
| | | | 5 | D | 8 | 7 | | 2 | | | 6 | | 9 | |
| 7 | 5 | | | 9 | | | | | | | | 3 | 6 | |
| | 7 | | | | | | | | C | E | | | | |
| | | | 1 | | 5 | 8 | | 9 | | B | | E | C | |
| | | | 4 | | 2 | | B | | | A | | | | 6 |
| | | | | | E | D | | | | | 2 | | | B |
| | | 6 | | | | 2 | C | | 9 | 4 | | 7 | | |
| | | | | 5 | D | 3 | 1 | | | | 4 | | | C |
| | | 8 | | | | C | 4 | | 6 | 2 | | D | B | |
| | 1 | | | | B | | | | | | | | | 5 |
| A | | | 6 | | 4 | | | | 7 | | | | 8 | |
| | | 4 | 8 | | | E | 5 | | | D | 0 | 9 | | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | E | B | C | 5 | 1 | 3 | 0 | 6 | 8 | 7 | 4 | A | 2 | D |
| 3 | 5 | 4 | 6 | 9 | 2 | B | D | 7 | A | C | 0 | 8 | E | 1 |
| 2 | D | A | E | 3 | 0 | 4 | 8 | C | 9 | 1 | 6 | 7 | B | 5 |
| 1 | C | 7 | 8 | A | B | 5 | 2 | 9 | E | 3 | D | 4 | 0 | 6 |
| 0 | 8 | 6 | 4 | 7 | D | 1 | E | A | 2 | 5 | B | C | 9 | 3 |
| A | 6 | D | B | 0 | 9 | C | 7 | 4 | 1 | 8 | 2 | 5 | 3 | E |
| 5 | 9 | 0 | 7 | C | 8 | E | B | 1 | D | 4 | 3 | 6 | A | 2 |
| C | 4 | 2 | 5 | E | 6 | 8 | A | 3 | 0 | B | 9 | 1 | D | 7 |
| 7 | 3 | 8 | D | 1 | A | 2 | 5 | 0 | C | 6 | E | B | 4 | 9 |
| B | 1 | E | 3 | 2 | 4 | 6 | 9 | D | 5 | A | 7 | 0 | C | 8 |
| 4 | 7 | 9 | 2 | B | E | 0 | C | 5 | 6 | D | 1 | 3 | 8 | A |
| 8 | B | 5 | A | 4 | 7 | D | 6 | E | 3 | 9 | C | 2 | 1 | 0 |
| E | 2 | C | 1 | D | 5 | A | 3 | B | 7 | 0 | 8 | 9 | 6 | 4 |
| 6 | 0 | 1 | 9 | 8 | 3 | 7 | 4 | 2 | B | E | A | D | 5 | C |
| D | A | 3 | 0 | 6 | C | 9 | 1 | 8 | 4 | 2 | 5 | E | 7 | B |

ଗତକାଲିର ଉତ୍ତର

# ଭାରତ ଓ କ୍ରିକେଟ



ଶରତ ଚନ୍ଦ୍ର ମିଶ୍ର

ସିପାହି ଆନ୍ଦୋଳନ (୧୮୫୭) ସମୟକୁ ଭାରତରେ ଇଂରେଜ ଓ ଭାରତୀୟଙ୍କ ମଧ୍ୟରେ ତିକ୍ତତା ଚରମ ସୀମାରେ। ଇଷ୍ଟ ଇଣ୍ଡିଆ କମ୍ପାନୀଠାରୁ ଇଂରେଜ ସରକାର ଶାସନଭାର ଗ୍ରହଣ (୧୮୫୮) କରି ଭାରତରେ ଇଂରେଜ ମୂଲ୍ୟବୋଧଭିତ୍ତିକ ଏକ ଇଂରେଜ ସପକ୍ଷବାଦୀ ଭାରତୀୟ ଗୋଷ୍ଠୀ ସୃଷ୍ଟି କରିବାକୁ ଉଦ୍ୟମ କଲେ। ଇଂଲିଶ ଶିକ୍ଷା ବ୍ୟବସ୍ଥା ଭାରତରେ ପ୍ରଚଳନ କରାଗଲା। ତିନୋଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲା ଓ କେତୋଟି ଇଂଲିଶ ମାଧ୍ୟମ ସ୍କୁଲ ଖୋଲିଲା। ଇଂଲିଶ ସ୍କୁଲମାନଙ୍କରେ ରାଜପୁତ୍ରମାନେ ଓ ପାର୍ଶୀମାନେ ଅଧିକ ସଂଖ୍ୟାରେ ଯୋଗଦେଲେ। ଇଂଲିଶ ଶିକ୍ଷା ସହିତ ଇଂଲିଶ କ୍ରୀଡ଼ା ମଧ୍ୟ ଭାରତରେ ଅନୁପ୍ରବେଶ କଲା। ଏକା ସାଙ୍ଗରେ ଖେଳିଲେ ଇଂରେଜମାନଙ୍କ ପ୍ରତି ଭାରତୀୟମାନେ ଅନୁକୂଳଭାବ ପୋଷଣ କରିବେ ବୋଲି ଚିନ୍ତା କରାଯାଉଥାଏ। ବିଲାତୀ ଖେଳ, କ୍ରିକେଟ, ହକି, ଫୁଟବଲ, ଟେନିସ, ପୋଲୋ, ବିଲିୟାର୍ଡ୍ସ ଓ ବ୍ରିଜ ଆଦି ଇଂରେଜ କ୍ୟାଣ୍ଟନମେଣ୍ଟରୁ ବାହାରକୁ ଆସି ଭାରତୀୟମାନଙ୍କୁ ଉପଲବ୍ଧ ହେଲା। ବିଲାତୀ ଖେଳମାନଙ୍କରେ ଉପକରଣ ଆବଶ୍ୟକ। ତେଣୁ ବ୍ୟୟସାପେକ୍ଷ। ପୁଣି ଉପକରଣଗୁଡ଼ିକ ଇଂଲଣ୍ଡରୁ ଆମଦାନି ହେଉଥାଏ। ତେଣୁ ସ୍ୱଳ୍ପ ବ୍ୟୟସାପେକ୍ଷ ଫୁଟବଲ ହିଁ ପ୍ରସାର ଲାଭକଲା।

ସମସ୍ତ ଇଂଲିଶ ଖେଳ ମଧ୍ୟରେ କ୍ରିକେଟ ଖେଳ ନିଆରା। ଏହା ଇଂରେଜ ସାମନ୍ତବାଦୀଙ୍କ ଖରାଦିନିଆ ଖେଳ। ସବୁପ୍ରକାର ଖେଳ ଅବସର ସମୟରେ ହେଲାବେଳକୁ କ୍ରିକେଟ ଖେଳ କାମ କରିବା ସମୟରେ ହୁଏ। ପାଞ୍ଚଦିନ କାଳ ନିଜର କାମଧନ୍ଦା ଛାଡ଼ି ଖେଳିବାକୁ ହେବ। ଯାହାର ଅନ୍ନଚିନ୍ତା ଅଛି, ସେ ଏ ଖେଳରେ ସାମିଲ ହୋଇପାରିବ ନାହିଁ। ତେଣୁ ଭାରତରେ କେବଳ ରାଜା, ମହାରାଜା ଓ ଧନୀ ବ୍ୟବସାୟୀ ପୁତ୍ରମାନେ ପ୍ରଥମେ ଏ ଖେଳରେ ଆଗ୍ରହୀ ହେଲେ। ତା'ପରେ ପୁଣି ବ୍ୟାଟ, ପ୍ୟାଡ, ନେଟ, ଉଇକେଟ ଆଦି ସବୁ ଇଂଲଣ୍ଡରୁ ଆମଦାନି।

କ୍ରିକେଟ ଭାରତରେ ପ୍ରଥମେ ବମ୍ବେର ବିଭିନ୍ନ କ୍ଲବ ଓ ଇଂଲିଶ ମାଧ୍ୟମ ସ୍କୁଲମାନଙ୍କରେ ଆରମ୍ଭ ହେଲା। ଊନବିଂଶ ଶତାବ୍ଦୀର ସପ୍ତମ ଦଶକ ବେଳକୁ ପାର୍ଶୀମାନେ ଏଥିରେ ପାରଦର୍ଶିତା ଲାଭ କରି ଇଂରେଜ କ୍ଲବମାନଙ୍କୁ ପରାସ୍ତ କରିବା ଆରମ୍ଭ କଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଇଂରେଜ ୬୬ତମ ରେଜିମେଣ୍ଟ, ୧୮୭୭ ମସିହାରେ ପାର୍ଶୀ ଖେଳାଳି ଓ ଉତ୍ସାହଦାନକାରୀ ଦର୍ଶକମାନଙ୍କୁ ପିଟାପିଟି କରିଥିଲେ। ଇଂରେଜମାନଙ୍କ ସାଙ୍ଗରେ ଖେଳିବାରେ, ସେମାନଙ୍କ ସାଙ୍ଗରେ ମିଶିବାର ଏହା ଏକ ସୁଯୋଗ ଓ ସେମାନଙ୍କୁ ତାଙ୍କରି ଖେଳରେ ପରାସ୍ତ କଲେ ଏକ ପ୍ରଚ୍ଛନ୍ନ ଆନନ୍ଦ ଓ ଗର୍ବଭାବ ନିହିତ ଥିଲା।

ପାର୍ଶୀମାନଙ୍କୁ ଅନୁକରଣ କରି ବମ୍ବେରେ ମୁସଲମାନ ଜିମ୍‌ଖାନା କ୍ଲବ ଓ ହିନ୍ଦୁ ଜିମ୍‌ଖାନା କ୍ଲବ ଗଠିତ ହେଲା ଓ ଏମାନଙ୍କ ପ୍ରତିଯୋଗିତା ସମୟରେ ସାମ୍ପ୍ରଦାୟିକ ଦଙ୍ଗାହଙ୍ଗାମା ହେଉଥିଲା। ଭାରତୀୟମାନଙ୍କୁ ଇଂଲଣ୍ଡ ଆସି ଖେଳିବାକୁ, ଇଂଲଣ୍ଡ ପକ୍ଷରୁ ବାରମ୍ବାର ନିମନ୍ତ୍ରଣ କରାଯାଉଥିଲେ ମଧ୍ୟ ଭାରତୀୟମାନେ ସମୁଦ୍ର ପାରିହେବାକୁ ଅନିଚ୍ଛା ପ୍ରକାଶ କରୁଥିଲେ ଓ ସବୁ ଧର୍ମର ଲୋକ ଏକ ସାଙ୍ଗରେ ଟିମ୍ ଗଠନ କରି ମିଳାମିଶା କରିବାକୁ ଚାହିଁ ନ ଥିଲେ। ଇଂଲଣ୍ଡର ସାମନ୍ତବାଦୀ ପରିବାରମାନଙ୍କ ପକ୍ଷରୁ ବହୁ ପ୍ରରୋଚନା ପରେ ଏକ ୧୬ ଜଣିଆ ଦଳ ୧୯୧୧ରେ ଇଂଲଣ୍ଡ ଭ୍ରମଣ କଲା। ପଟିଆଲା ମହାରାଜା ଭୂପିନ୍ଦର ସିଂହ କ୍ୟାପଟେନ ହେଲେ। ସେ କିନ୍ତୁ କେବଳ ବ୍ୟାଟିଂ କରନ୍ତି ଓ ସେ ସମୟରେ ସାଙ୍ଗରେ ଜଣେ ରନର ଯାଏ। ସେ ଅଳ୍ପ କେତେକ ମ୍ୟାଚ ଖେଳିଥିଲେ। ତାଙ୍କ ଦଳରେ ସାତଜଣ ପାର୍ଶୀ, ଦୁଇଜଣ ଦଳିତଙ୍କ ସମେତ ପାଞ୍ଚଜଣ ହିନ୍ଦୁ ଓ ତିନିଜଣ ମୁସଲମାନ ଥିଲେ। ବାକି ତିନିଜଣ ହିନ୍ଦୁ ଥିଲେ ବ୍ରାହ୍ମଣ ଓ ଦଳିତ ଦୁଇଜଣ ତାଲ୍‌ୱାନଙ୍କର ବାଲୁ ଓ ଶିଭମ୍ ଥିଲେ ପେଣ୍ଟୁ ନିକ୍ଷେପକାରୀ। ବାଲୁ ପରବର୍ତ୍ତୀ କାଳରେ ଜଣେ ଉଚ୍ଚକୋଟୀର ପେଣ୍ଟୁ ନିକ୍ଷେପକାରୀ ଭାବରେ ନାମ ଅର୍ଜନ କରିଥିଲେ। ଇଂଲଣ୍ଡରେ ରହଣି କାଳର ସମସ୍ତ ଖର୍ଚ୍ଚ ଇଂଲିଶ ସମ୍ଭ୍ରାନ୍ତମାନେ ବହନ କରିଥିଲେ। ଯାତ୍ରା ଓ ଅନ୍ୟାନ୍ୟ ଖର୍ଚ୍ଚ ପାର୍ଶୀମାନଙ୍କର ଟାଟା ପରିବାର, ହିନ୍ଦୁମାନଙ୍କର ବମ୍ବେର ଗୁଜରାଟୀ ବ୍ୟବସାୟୀ ଓ ମୁସଲମାନଙ୍କର ଖୋଜା ବ୍ୟବସାୟୀମାନେ ବହନ କରିଥିଲେ। ଇଂଲଣ୍ଡ ଗସ୍ତରେ ଭାରତୀୟ ଦଳ ବିଫଳ ହେଲେ ମଧ୍ୟ କ୍ରିକେଟ ଖେଳର ପ୍ରଚାର ହେଲା।

କ୍ରିକେଟ ଉପକରଣ କାଳକ୍ରମେ ଦେଶରେ ଉପଲବ୍ଧ ହେଲା। ଶ୍ରୀନଗର ଉପତ୍ୟକାର ଉଇଲୋ ଗଛର କାଠରୁ ବ୍ୟାଟ ତିଆରି ହେଲା। ଲୁଧିଆନାରେ ବଲ ତିଆରି ହେଲା। କ୍ରିକେଟ ଖେଳର ବ୍ୟୟବହୁଳତା ହ୍ରାସ ପାଇଲା। ଜାମସାହେବ ରଣଜିତ ସିଂହ ୪୦୦ ରନ କରି ସାରା ବ୍ରିଟିଶ ସାମ୍ରାଜ୍ୟରେ ପରିଚିତି ଲାଭ କଲେ। ଦେଶରେ ରେଡିଓର ପ୍ରଚଳନ ପରେ କ୍ରିକେଟ ଖେଳ ସବୁ ରେଡିଓରେ ପ୍ରଚାର ହେଲା। ବଡ ବଡ ସହର, ବିଶ୍ୱବିଦ୍ୟାଳୟମାନଙ୍କରେ ଖେଳର ପ୍ରସାର ଘଟିଲା ଓ ବମ୍ବେ ହେଲା ଦେଶର କ୍ରିକେଟ ରାଜଧାନୀ।

ଦେଶ ବିଭାଜନ ସମୟରେ ଭାରତୀୟ କ୍ରିକେଟ ଦଳର କେତେଜଣ ନାମକରା ଖେଳାଳି ପାକିସ୍ତାନ ଚାଲିଗଲେ। ଭିତ୍ତିଭୂମିର ଅଭାବ ସତ୍ତ୍ୱେ ସେମାନେ ପାକିସ୍ତାନରେ ଟିମ୍ ଗଠନ କଲେ ଓ ସେ ଟିମ୍ ୧୯୫୨ ମସିହାରେ ଟେଷ୍ଟ କ୍ରିକେଟ ଖେଳିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପାକିସ୍ତାନରୁ ଅଲଗା ହୋଇ ଯାଇଥିବା ବାଂଲାଦେଶ ମଧ୍ୟ ନିଜ ଟିମ୍ ଗଠନ କଲା। ଉଭୟ ପାକିସ୍ତାନୀ ଓ ବାଂଲାଦେଶ ଟିମ୍ ଉତ୍ତମ ଟିମ୍ ଭାବରେ ପରିଚିତ।

ଦେଶରେ ଟିଭିର ପ୍ରଚଳନ କ୍ରିକେଟ ଜଗତରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଦେଲା। ଘରେ ବସି କ୍ରିକେଟ ଆଗ୍ରହୀମାନେ ଖେଳ ଦେଖିଲେ। ବର୍ତ୍ତମାନ ଆଗ୍ରହୀ ଦର୍ଶକମାନେ ଘଣ୍ଟା ଘଣ୍ଟାଧରି ଆଇପିଏଲ୍ ଓ ବିଶ୍ୱକପ୍ ଦେଖିବାର ମଜା ଉପଭୋଗ କରୁଛନ୍ତି।

ଭାରତୀୟ କ୍ରିକେଟ ଦଳ କ୍ରିକେଟ ଜଗତରେ ସ୍ୱୀକୃତି ଲାଭ କଲା। ୧୯୮୩ ମସିହାରେ ଅପ୍ରତ୍ୟାଶିତ ଭାବରେ ବିଶ୍ୱକପ ଜୟ କରି ଭାରତୀୟ ଦଳ ସିଂହ ଗୁମ୍ଫାରେ ସିଂହକୁ ଆୟତ୍ତ କଲା ଭଳି ଇଂରେଜ ମାଟିରେ ବିଶ୍ୱକପ୍ ବିଜୟୀ ହେଲା। ତା' ପରେ ଭାରତୀୟ ଟିମ୍ ସାତଥର ସେମିଫାଇନାଲରେ ପ୍ରବେଶ କରିଛି, ତିନିଥର ଫାଇନାଲକୁ ଯାଇ ଦୁଇଥର ବିଶ୍ୱକପ ବିଜେତା ହୋଇଛି। କ୍ରିକେଟର ସମସ୍ତ ପ୍ରକାର (ଦିନିକିଆ ଟେଷ୍ଟ ଓ ଟି–୨୦) ଖେଳରେ ଭାରତୀୟ ଦଳ ଶ୍ରେଷ୍ଠତା ପ୍ରଦର୍ଶନ କରିପାରିଛି ଓ ଶ୍ରେଷ୍ଠ ଭାରତୀୟ ଖେଳାଳି ଗାଭାସ୍କର, ତେନ୍ଦୁଲକର, ଧୋନି ଓ କୋହଲି ଅନେକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

ଏ ଖେଳଟି ନିଚ୍ଛକ ବିଲାତୀ ଖେଳ ଓ ପୂର୍ବତନ ବ୍ରିଟିଶ ସାମ୍ରାଜ୍ୟ ମଧ୍ୟରେ ସୀମାବଦ୍ଧ। ଇଂଲଣ୍ଡର ଉପନିବେଶ ନ ଥାଇ ବିଶ୍ୱକପରେ ଭାଗ ନେବାରେ ଆଫଗାନିସ୍ତାନ ହିଁ ପ୍ରଥମ ଦେଶ। ଆଫଗାନିସ୍ତାନରେ କ୍ରିକେଟକୁ ଜନପ୍ରିୟ କରାଇବାର ଶ୍ରେୟ ଭାରତର।

ବର୍ତ୍ତମାନ କ୍ରିକେଟ ଭାରତରେ ସବୁଠାରୁ ଜନପ୍ରିୟ କ୍ରୀଡ଼ା। କ୍ରିକେଟ ଖେଳାଳିମାନେ ଆଉ ଦୁଃସ୍ଥ ନୁହନ୍ତି। ସଫଳକାମଙ୍କ ଆର୍ଥିକ ସମ୍ପତ୍ତି ଓ ଭାବମୂର୍ତ୍ତି ବଲିଉଡ କଳାକାରମାନଙ୍କ ପରି। ବିସିସିଆଇ ପୃଥିବୀର ସବୁଠାରୁ ଧନୀ କ୍ରିକେଟ ଅନୁଷ୍ଠାନ। କ୍ରିକେଟ ଦେଶ ଓ ବିଦେଶ ମାଟିରେ ଭାରତୀୟମାନଙ୍କ ମଧ୍ୟରେ ଜାତୀୟତା ଭାବ ଉଦ୍ରେକ କରାଏ ଓ ତାହା ହିଁ ଦେଶକୁ କ୍ରିକେଟର ଶ୍ରେଷ୍ଠ ଅବଦାନ।

ମୋ–୯୯୩୭୪୨୨୫୨୧

# ଓଡ଼ିଶାର ପାଲା ସଂସ୍କୃତି

ନୃସିଂହ ଚରଣ ମହାପାତ୍ର

ଆମ ଉତ୍କଳ ପ୍ରଦେଶର ଯେତେପ୍ରକାର ସଂସ୍କୃତି ରହିଛି ତନ୍ମଧ୍ୟରୁ ପାଲା ଅନ୍ୟତମ। ମୋଗଲ ଶାସନ ଅମଳରୁ ସତ୍ୟନାରାୟଣ ପାଲା ବା ସତ୍ୟପୀର ପାଲା ଚଳିଆସୁଛି। ସତ୍ୟନାରାୟଣ+ପୀର= ସତ୍ୟପୀର ନାମରେ ଏହି ପାଲା ହିନ୍ଦୁ ଓ ମୁସଲମାନ ସଂସ୍କୃତିର ସମନ୍ୱୟକୁ ବୁଝାଉଛି। ବର୍ତ୍ତମାନ ମଧ୍ୟ ଓଡ଼ିଶାର ଘରେ ଘରେ ସତ୍ୟପୀର ପୂଜା ଅନୁଷ୍ଠିତ ହେଉଛି। ଏହା ବିଭିନ୍ନ କାହାଣୀକୁ ଆଧାର କରି ଗତିଶୀଳ ହୋଇଥାଏ।

କେତେକଙ୍କ ମତରେ ପାଲା ଦଣ୍ଡନାଚର ପରବର୍ତ୍ତୀ ସଂସ୍କରଣ। ଦଣ୍ଡନାଚରେ ବିଭିନ୍ନ ପୌରାଣିକ ଆଖ୍ୟାନକୁ ଆଧାରକରି ବିଭିନ୍ନ ସଙ୍ଗୀତ ଗାନପୂର୍ବକ ଦର୍ଶକମାନଙ୍କର ମନୋରଞ୍ଜନ କରାଯାଇଥାଏ। କ୍ରମଶଃ ତାହା ନୂତନ ରୂପ ଧାରଣ କରି ଏକ ସାଂସ୍କୃତିକ ଚେତନାର ବାର୍ତ୍ତାବହ ରୂପେ ପ୍ରତିଷ୍ଠା ଲାଭ କରିଛି।

ପାଲା ସାଧାରଣତଃ ଦୁଇ ପ୍ରକାର– ବୈଠକୀ ପାଲା ଓ ଠିଆ ପାଲା। ବୈଠକୀ ପାଲାରେ ସତ୍ୟନାରାୟଣ ପାଲା, ସତ୍ୟପୀର ପାଲା, ପଞ୍ଚାନନ ମେଳା ଆଦି ଅନ୍ତର୍ଭୁକ୍ତ, ଯେଉଁଥିରେ ବ୍ରାହ୍ମଣ ମନ୍ତ୍ର ପାଠକରି ସେହି ପାଲାକୁ ଆଧାର କରି ରଚିତ ଆଖ୍ୟାୟିକା ସମ୍ବନ୍ଧରେ ଗାନ କରି ଭକ୍ତବୃନ୍ଦଙ୍କୁ ବୁଝାଇଥାନ୍ତି। ଠିଆପାଲାରେ ୫/୬ ଜଣ କଳାକାରଙ୍କୁ ନେଇ ଏକ ଦଳ ଗଠିତ। ଏଥିରେ ମୁଖ୍ୟ ଥାଆନ୍ତି ଗାୟକ, ଯେ କି ଓଡ଼ିଶାର ପ୍ରାଚୀନ ସାହିତ୍ୟରେ ଥିବା ବିଭିନ୍ନ ରାଗ ଓ ରାଗିଣୀରେ ସଙ୍ଗୀତ ଗାନ କରି ତା'ର ଅର୍ଥକୁ ସରଳୀକରଣ କରି ଶ୍ରୋତାମାନଙ୍କୁ ବୁଝାଇଥାନ୍ତି। ଏହି ପାଲାରେ ସଂସ୍କୃତ ସାହିତ୍ୟରୁ ବିଭିନ୍ନ ଉଦାହରଣ ଦେଇ ତନ୍ନ ତନ୍ନ କରି ବୁଝାଇବା ଗାୟକଙ୍କର ବୈଶିଷ୍ଟ୍ୟ। ଗାୟକଙ୍କୁ ବାଦ ଦେଲେ ଜଣେ ବାଦକ ଓ ଜଣେ ଶ୍ରୀପାଳିଆ ଓ ଅନ୍ୟ ୨ ବା ୩ ଜଣ ପାଳିଆ ଥାଆନ୍ତି।

ଗାୟକଙ୍କର ସୁମଧୁର ସ୍ୱରକୁ ମୃଦଙ୍ଗରେ ତାଳ ଦିଅନ୍ତି ବାୟକ, ଶ୍ରୀପାଳିଆ ଗାୟକଙ୍କର ସ୍ୱରକୁ ଶେଷାଂଶରେ ଗାନ କରି ଅନ୍ୟ ପାଳିଆ ଭାଇଙ୍କର ସହାୟତା ନିଅନ୍ତି। ସବୁ ପାଳିଆଙ୍କ ହାତରେ ଝାଞ୍ଜ ଥାଏ। ସମୟ ସମୟରେ ଦାସକାଠିଆରେ ବ୍ୟବହୃତ ଦାସକାଠି ମଧ୍ୟ ବ୍ୟବହୃତ ହୁଏ। ଗାୟକ ଚାମର ସହ ଗିନିରେ ମଙ୍ଗଳାଚରଣ କରିଥାନ୍ତି।

ଓଡ଼ିଶା ସଂସ୍କୃତି ବିଭାଗ ତରଫରୁ ପାଲା ଓ ଦାସକାଠିଆ ଉତ୍ସବ ଅନୁଷ୍ଠିତ ହୋଇଥାଏ। କଟକସ୍ଥ ବାଦାମବାଡ଼ିରେ ଏକ ପାଲାମଣ୍ଡପ ରହିଛି। ସେଠାରେ ଗାୟକମାନେ ସେମାନଙ୍କ କଳାର ନୈପୁଣ୍ୟ ପ୍ରଦର୍ଶନ କରିଥାନ୍ତି।

ସର୍ବପ୍ରଥମେ ମଞ୍ଚକୁ ବାୟକ ଓ ଅନ୍ୟ ପାଳିଆମାନେ ପ୍ରବେଶ କରନ୍ତି। ମୃଦଙ୍ଗ ବାଦକ ବିଭିନ୍ନ ତାଳରେ ବାଦନ କରିବା ସଙ୍ଗେସଙ୍ଗେ ବୋଲ ଉଚ୍ଚାରଣ କରୁଥାଏ। ଅନ୍ୟ ପାଳିଆମାନେ ଝାଞ୍ଜ ଦ୍ୱାରା ବାଦ୍ୟ ସହିତ ତାଳମେଳ ରଖନ୍ତି। ତତ୍ପରେ ଶ୍ରୀପାଳିଆ ଗୋଟିଏ ବନ୍ଦନା ଗାନ କରି ସରଳ ଭାଷାରେ ବୁଝାଇ ଥାଆନ୍ତି। ବନ୍ଦନା ସରିବା ପରେ ଗାୟକ ମଞ୍ଚରେ ପ୍ରବେଶ କରନ୍ତି। ଚାମର ଓ ଗିନି ସାହାଯ୍ୟରେ ସେ ମଙ୍ଗଳାଚରଣ ଆବୃତ୍ତି କରନ୍ତି। ମଙ୍ଗଳାଚରଣରେ ସର୍ବପ୍ରଥମେ 'ଗଣେ ନାରାୟଣେ ରୁଦ୍ରେ ଅମ୍ବିକେ ଭାସ୍କରେ ତଥା, ଭିନ୍ନାଭିନ୍ନଂ ନ କର୍ତ୍ତବ୍ୟଂ ପଞ୍ଚଦେବୋ ନମୋଽସ୍ତୁ ତେ' ଏହି ଶ୍ଳୋକ ପାଠକରି କିମ୍ବା ଅନ୍ୟ ସଂସ୍କୃତ ମଙ୍ଗଳାଚରଣ ପାଠକରି ବୁଝାଇଥାନ୍ତି। ପାଲାରେ ସାଧାରଣତଃ କୌଣସି ଏକ ପୌରାଣିକ ବିଷୟବସ୍ତୁକୁ ଆଧାର କରି ସଙ୍ଗୀତ ଗାନ କରାଯାଇଥାଏ। ବିଷୟ ପ୍ରସଙ୍ଗରେ ସନ୍ଧ୍ୟା ବର୍ଣ୍ଣନା, ପ୍ରଭାତ ବର୍ଣ୍ଣନା, ରାଜ୍ୟ ବର୍ଣ୍ଣନା, ନାରୀର ଅଙ୍ଗସୌଷ୍ଠବ ବର୍ଣ୍ଣନା ଇତ୍ୟାଦି ବିଭିନ୍ନ ପ୍ରାଚୀନ କବିଙ୍କ ଲେଖାରୁ ସୁମଧୁର ସ୍ୱରରେ ଗାୟକ ଗାନ କରିଥାନ୍ତି ଓ ସରଳ ସାବଲୀଳ ଭାଷାରେ ବୁଝାଇଥାନ୍ତି। ବିଶେଷକରି କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ, ଭକ୍ତକବି ଦୀନକୃଷ୍ଣ ଦାସ, କବିସୂର୍ଯ୍ୟ ବଳଦେବ ରଥ, ଅଭିମନ୍ୟୁ ସାମନ୍ତସିଂହାର, ଉତ୍କଳଘଣ୍ଟ ଯଦୁମଣି ମହାପାତ୍ରଙ୍କ ରଚିତ କାବ୍ୟରୁ ସେ ବିଭିନ୍ନ ଉଦାହରଣ ଦେଇଥାନ୍ତି। ସଂସ୍କୃତ ଗ୍ରନ୍ଥ ଯଥା ମେଘଦୂତମ୍, କୁମାରସମ୍ଭବମ୍, ନୈଷଧୀୟ ଚରିତମ୍, ଶିଶୁପାଳବଧମ୍, କୀରାତାର୍ଜୁନୀୟମ୍ ଇତ୍ୟାଦିରୁ ଉଦାହରଣମାନ ପ୍ରଦାନ କରିଥାନ୍ତି। ପରମ୍ପରା ଅନୁସାରେ ଚଉପଦୀ, ଓଡ଼ିଶୀ, ଦକ୍ଷିଣୀ ଇତ୍ୟାଦି ତାଳ ଓ ବିଭିନ୍ନ ରାଗକୁ ଆଧାର କରି ସଙ୍ଗୀତ ପରିବେଷଣ କରିଥାନ୍ତି। ପାଲା ଦଳରେ ସୁନ୍ଦର ସୁନ୍ଦର କଣ୍ଠଶିଳ୍ପୀ ମଧ୍ୟ ଥାଆନ୍ତି। ସେମାନେ ସୁମଧୁର କଣ୍ଠସ୍ୱରରେ ସଂଗୀତ ଗାନ କରି ଶ୍ରୋତା ଓ ଦର୍ଶକଙ୍କୁ ମୁଗ୍ଧ କରିଥାନ୍ତି। ପ୍ରସଙ୍ଗକ୍ରମେ ପାଳିଆମାନେ ମଧ୍ୟ ଓଢ଼ଣି ମୁଣ୍ଡରେ ପକାଇ ସୁନ୍ଦର ଆଧୁନିକ ନୃତ୍ୟ ପରିବେଷଣ କରିଥାନ୍ତି। ପାଳିଆମାନଙ୍କ ମଧ୍ୟରୁ ଜଣେ ହାସ୍ୟରସିକ ଥାଆନ୍ତି। କାରଣ ବିଭିନ୍ନ ମନୋବୃତ୍ତିର ଲୋକେ ସମାଜରେ ଥାଆନ୍ତି। କିଏ ବିଷୟବସ୍ତୁ ପ୍ରତି ଗୁରୁତ୍ୱ ଆରୋପ କରନ୍ତି, କେହି କେହି ହାସ୍ୟରସ ଶୁଣିବା ପାଇଁ ଆଗ୍ରହୀ ଥାଆନ୍ତି ଓ କେତେକ ସଙ୍ଗୀତ ଶୁଣିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି। ସମାଜର ରୁଚିକୁ ଦୃଷ୍ଟିରେ ରଖି ମଣ୍ଡପରେ ଆଧୁନିକ ନୃତ୍ୟ, ଓଡ଼ିଶୀ ନୃତ୍ୟ, ହାସ୍ୟରସ ଉଦ୍ରେକକାରୀ ଗଳ୍ପ ପରିବେଷଣ କରାଯାଇଥାଏ। ସର୍ବଶେଷରେ ଗାୟକ 'ଦୀନଜନ ଶରଣରକ୍ଷଣ ମହାବାହୁ, ଆନନ୍ଦ ସାଗରେ ହରିବୋଲ ହୁଳହୁଳି ଦିଅ ଜଗତର ଦୁଃଖ ଯାଉ ହେ...' ଇତ୍ୟାଦି ପଦ ଉଚାରଣ କରି ପବିତ୍ର ଚାମରକୁ ସମସ୍ତ ପାଳିଆଙ୍କ ଝାଞ୍ଜ ଓ ମୃଦଙ୍ଗରେ ସ୍ପର୍ଶଦେଇ ପାଲାର ପରିସମାପ୍ତି କରନ୍ତି।

ପାଲା ଗାୟକଙ୍କ ସାଧନାକୁ ପ୍ରଶଂସା ନ କରି ରହିହେବ ନାହିଁ। କେତେ କାବ୍ୟକବିତା ସେମାନଙ୍କ ମୁହଁରେ ରହିଛି। ପ୍ରସିଦ୍ଧ ଗାୟକବୃନ୍ଦ ଯେଉଁମାନେ ଇହଧାମରେ ନାହାନ୍ତି, ସେମାନଙ୍କର ସାହିତ୍ୟ ସାଧନା ନୂତନ ପିଢିର ଗାୟକମାନଙ୍କୁ ପ୍ରେରଣା ଦେଉଥିବ, ଏହା ସ୍ୱୀକାର୍ଯ୍ୟ। ସେମାନଙ୍କ ମଧ୍ୟରୁ ସ୍ୱର୍ଗତ ହରି ନାଥ, ନରି ନାଥ, କପିଳ ନାଥ, ଘନଶ୍ୟାମ ନାୟକ, କରୁଣାସିନ୍ଧୁ ନାୟକ, ପରମାନନ୍ଦ ବାରିକ ପ୍ରମୁଖ ପ୍ରଧାନ। ପ୍ରାତଃସ୍ମରଣୀୟ ବର୍ତ୍ତମାନର ଗାୟକମାନେ ମଧ୍ୟ ସୁନ୍ଦର ବ୍ୟାଖ୍ୟା ଓ ଅଭିନୟ ଶୈଳୀରେ ପାଲାର ଉପସ୍ଥାପନା କରୁଛନ୍ତି। ଆଜିକାଲିର ପ୍ରବଚକ କିମ୍ବା ବକ୍ତା ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ପ୍ରସ୍ତୁତ ହୋଇ ସଭାରେ ଭାଷଣ ପ୍ରଦାନ କରନ୍ତି। କିନ୍ତୁ ଜଣେ ଗାୟକ ରାତିରେ ୪ ଘଣ୍ଟା ପାଲା ଗାଇବା ସାଙ୍ଗକୁ ବିଭିନ୍ନ ରଚନାରୁ କବିତା ଉଦ୍ଧାର କରି ସ୍ୱର, ଲୟ, ତାଳକୁ ଲକ୍ଷ୍ୟକରି ଉପସ୍ଥାପନ କରିବା କମ୍ କଷ୍ଟକର ବ୍ୟାପାର ନୁହେଁ। ଗାୟକ ବନ୍ଧୁମାନେ ଯଥାର୍ଥରେ ମା' ସରସ୍ୱତୀଙ୍କର ବରପୁତ୍ର। ମା'ଙ୍କ ଆଶୀର୍ବାଦରୁ ସେମାନେ ଅଗାଧ ସାହିତ୍ୟ ସମୁଦ୍ରକୁ ସାମାନ୍ୟ କାଠଡଙ୍ଗାରେ ପାରି ହୋଇ ପାରୁଛନ୍ତି।

ସର୍ବଶେଷରେ ଏତିକି କୁହାଯାଇପାରେ ଯେ, ଓଡ଼ିଆ, ପ୍ରାଚୀନ ସାହିତ୍ୟ ଓ ସଂସ୍କୃତ ସାହିତ୍ୟକୁ ଯଦି କେହି ବଞ୍ଚାଇ ରଖିବାକୁ ଚେଷ୍ଟା କରିଥାଏ ସେ ହେଉଛି ଗାୟକ ସମାଜ। ତେଣୁ ସମସ୍ତ ଗାୟକ ବନ୍ଧୁଙ୍କୁ ସେମାନଙ୍କର ନିରଳସ ସାହିତ୍ୟ ସାଧନା ପାଇଁ ଅଭିନନ୍ଦନ।

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଦିବ୍ୟଭୂମି, କୋହ୍ଲ, ଭଦ୍ରକ, ମୋ–୯୨୩୮୫୬୮୮୮୩

## ଏଇ ଭାରତରେ

୪୪ ଜଣ ସାଥୀଙ୍କୁ ଏକାଠି କଲା ଗୋଟିଏ ମେସେଜ୍। ଆଧୁନିକ ଯୁଗରେ ସମସ୍ତେ ମୋବାଇଲ ମାନିଆ ହୋଇଥିବା ବେଳେ ଏବେ ହ୍ୱାଟ୍ସଆପ୍ ମଧ୍ୟ ଅନେକ ସମୟରେ ଦୂରରେ ଥିବା ବନ୍ଧୁଙ୍କୁ ଏକାଠି କରିବାରେ ସାହାଯ୍ୟ କରୁଛି। ଏମିତି ଏକ ଉଦାହରଣ ସୃଷ୍ଟି କରିଛନ୍ତି ମଧ୍ୟପ୍ରଦେଶର ରତଲାମ୍ ଅଞ୍ଚଳର ୪୪ଜଣ ବନ୍ଧୁ। କରଜରେ ବୁଡି ଯାଇଥିବା ଜଣେ ବନ୍ଧୁଙ୍କୁ ଏମାନେ ମିଶି ଉଦ୍ଧାର କରିଛନ୍ତି। ଅସଲ ଘଟଣା ହେଲା ଜଣେ ବ୍ୟବସାୟୀ ବ୍ୟାଙ୍କରୁ ଋଣ ଆଣି ବ୍ୟବସାୟ କରିଥିଲେ। ହେଲେ ଏଥିରେ କ୍ଷତି ହେବା ଫଳରେ ତାଙ୍କ ଉପରେ ଲକ୍ଷାଧିକ ଟଙ୍କାର ଋଣ ବୋଝ ଲଦି ହୋଇଯାଇଥିଲା। ସେ ଏକଥା ଅଷ୍ଟ୍ରେଲିଆରେ ଥିବା ତାଙ୍କର ଜଣେ ସାଙ୍ଗଙ୍କୁ କହିଥିଲେ। ଆଉ ଜୁନ୍ ୩୦ ସୁଦ୍ଧା ଋଣ ପରିଶୋଧ ନ କଲେ ତାଙ୍କ ଘର ବିକ୍ରି ହୋଇଯିବ ବୋଲି ସୂଚାଇ ଦେଇଥିଲେ। ଏକଥା ଜାଣିବା ପରେ ଅଷ୍ଟ୍ରେଲିଆରେ ଥିବା ତାଙ୍କର ବନ୍ଧୁ ଜଣକ ହ୍ୱାଟ୍ସଆପ୍‌ରେ ଏକ ଗ୍ରୁପ ତିଆରି କରି ଏଥିରେ ୪୪ ଜଣ ସାଙ୍ଗଙ୍କୁ ସାମିଲ କରିଥିଲେ। ଏଥିପାଇଁ କିଛି କିଛି ଅର୍ଥ ସାହାଯ୍ୟ ଦେବାକୁ କହିଥିଲେ। ତାହା ପୁଣି ସର୍ତ୍ତରେ। ସର୍ତ୍ତ ଥିଲା ଅର୍ଥ ଦେବା ସମୟରେ ଏହା ଯେଉଁ ସାଙ୍ଗଙ୍କୁ ଦିଆଯାଉଛି ତାଙ୍କୁ ଏ ବିଷୟରେ ଯେମିତି କିଛି ପଚରା ନ ଯାଏ। ଶେଷରେ ତାହା ହିଁ ହେଲା ସମସ୍ତେ ୨୫ ହଜାର ଲେଖାଁ ଟଙ୍କା ଏକ ନିର୍ଦ୍ଦିଷ୍ଟ ଆକାଉଣ୍ଟରେ ଜମା କରିବାରୁ ଦେବାଳିଆ ହୋଇଯାଇଥିବା ବନ୍ଧୁଙ୍କ ପାଖରେ ରାତାରାତି ପହଞ୍ଚିଲା ୧୧ ଲକ୍ଷ ଟଙ୍କା। ଆଉ କିଛି ନ ପଚାରି ତାଙ୍କୁ ବ୍ୟାଙ୍କର ଋଣ ପରିଶୋଧ କରିବାକୁ ସାଙ୍ଗମାନେ କହିଥିଲେ। ଅର୍ଥାତ୍ ଜୁନ୍ ୨୯ରେ ସେହି ବ୍ୟବସାୟୀ ୱାନ ଟାଇମ୍ ସେଟଲ୍‌ମେଣ୍ଟରେ ୧୧ଲକ୍ଷ ଟଙ୍କା ପଇଠ କରି ଋଣମୁକ୍ତ ହୋଇଛନ୍ତି। ବନ୍ଧୁଭାବ ସାହାଯ୍ୟର ଏଭଳି ଏକ ନିଆରା ପରମ୍ପରା ସୃଷ୍ଟି କରିଥିବାରୁ ଏହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

କିଣିଲ ଭୁବନମୟ ରୂପଗୁଣେ
ଅଭୟ ଅଶୋକ
ଜିଣିଲ ଶୈଶବ ଜରା ଦୀନ ଧନୀ
ଜ୍ଞାନୀ ମୂର୍ଖ ଲୋକ।
(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ଜୁଲାଇ ୧୪– ଆଇସିସି ବିଶ୍ୱକପ୍ କ୍ରିକେଟରେ ଇଂଲଣ୍ଡ ଚାମ୍ପିୟନ ଟ୍ରଫି ହାସଲ କରିଛି।

୧୫– ପୂର୍ବତନ କେନ୍ଦ୍ରମନ୍ତ୍ରୀ କଲରାଜ ମିଶ୍ରଙ୍କୁ ହିମାଚଳପ୍ରଦେଶର ଏବଂ ହିମାଚଳପ୍ରଦେଶରେ ରାଜ୍ୟପାଳ ଥିବା ଆଚାର୍ଯ୍ୟ ଦେବବ୍ରତଙ୍କୁ ଗୁଜରାଟର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି।

୧୬– ବରିଷ୍ଠ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଭାବେ ନିଯୁକ୍ତ।

୧୭– ପାକିସ୍ତାନରେ ଭାରତର ପୂର୍ବତନ ନୌସେନା ଅଧିକାରୀଙ୍କ ମୃତ୍ୟୁଦଣ୍ଡାଦେଶ ଉପରେ ସ୍ଥଗିତାଦେଶକୁ ଅନ୍ତର୍ଜାତୀୟ ଅଦାଲତ ବଳବତ୍ତର ରଖିବା ସହ ତାଙ୍କର ଦଣ୍ଡାଦେଶ ଉପରେ ପୁନର୍ବିଚାର କରିବା ଓ ତାଙ୍କୁ ଦୂତାବାସ ସହ ଯୋଗାଯୋଗ ସୁଯୋଗ ଓ ନ୍ୟାୟିକ ସହାୟତା ଯୋଗାଇଦେବା ଲାଗି ଆଦେଶ ଦେଇଛନ୍ତି।

୧୮– ବହୁକୋଟି ଟଙ୍କା ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶାହିଦ ଖାକନ ଆବାସି ଗିରଫ।

୧୯– ପାକିସ୍ତାନରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଲଭୂଷଣ ଯାଦବଙ୍କ ସମ୍ପର୍କରେ ଅନ୍ତର୍ଜାତୀୟ ନ୍ୟାୟିକ ଅଦାଲତ ଅନୁକୂଳ ରାୟ ଦେବା ପରେ ତାଙ୍କୁ ଦୂତାବାସ ମାଧ୍ୟମରେ ଆଇନଗତ ସହାୟତା ପାଇବା ଲାଗି ପାକିସ୍ତାନ ମଞ୍ଜୁରୀ ପ୍ରଦାନ କରିବାକୁ ବାଧ୍ୟ ହୋଇଛି।

## ଆମ ସମସ୍ୟା

### ଫ୍ଲାଇ ଓଭର ନିର୍ମାଣରେ ବିଳମ୍ବ

ମହାଶୟ,

ସାକ୍ଷୀଗୋପାଳ (ସତ୍ୟବାଦୀ) ବଜାର ଫ୍ଲାଇ ଓଭର ବ୍ରିଜ୍ ନିର୍ମାଣର ଧାର୍ଯ୍ୟ ତାରିଖ ଘୁଞ୍ଚି ଘୁଞ୍ଚି ଯାଉଛି। ଏହି ବ୍ରିଜ୍ ନିର୍ମାଣରେ ବିଳମ୍ବ ହେତୁ ଅଞ୍ଚଳରେ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଅଞ୍ଚଳରେ କ୍ରମବର୍ଦ୍ଧିଷ୍ଣୁ ଯାନବାହନ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏହି ଓଭରବ୍ରିଜ୍‌ର ପରିକଳ୍ପନା କରାଯାଇଥିଲା। ଏଣେ ପ୍ରକଳ୍ପ ପାଇଁ ଘରୋଇ ଓ ସରକାରୀ ଜମି ଅଧିଗ୍ରହଣ କାମ ବାକି ରହିଛି। ଜବରଦଖଲ ମଧ୍ୟ ଉଚ୍ଛେଦ କରାଯିବ। ହେଲେ ଅସମ୍ପୂର୍ଣ୍ଣ ପ୍ରକଳ୍ପ ଅଞ୍ଚଳର ବ୍ୟବସ୍ଥାକୁ ଗୁରୁତର ଭାବେ ପ୍ରଭାବିତ କରିଛି।

ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### କାର୍ଡ ନ ଥିବା ଲୋକଙ୍କୁ ବି ଗହମ ଓ କିରୋସିନ ମିଳୁ

ସାଧାରଣ ଖାଉଟି ଗହମ ବା କିରୋସିନ ଟିକିଏ ପାଉନାହାନ୍ତି। କାର୍ଡ ଥିବା ଲୋକେ ଗହମ, ଚାଉଳ କିଲୋ ଏକ ଟଙ୍କାରେ ପାଇ ଆନନ୍ଦରେ ଥିବା ବେଳେ ସାଧାରଣ ଖାଉଟି ଏଥିରୁ ବଞ୍ଚିତ ହେଉଛନ୍ତି। ଫନୀ ବାତ୍ୟାରେ ଟିକିଏ କିରୋସିନ ବିନା ଦୀର୍ଘ ଦଶ ପନ୍ଦର ଦିନ ଅନ୍ଧାରରେ କାଳ କଟାଇବାକୁ ପଡିଛି। ଏମାନେ କ'ଣ ଦେଶର ନାଗରିକ ନୁହନ୍ତି ? ଆଗକୁ କାର୍ଡ ନ ଥିବା ଲୋକେ କିପରି ଗହମ ଓ କିରୋସିନ (ବଜାର ଦରରେ ହେଉ ପଛେ) ପାଇବେ ସରକାର ତା'ର ବ୍ୟବସ୍ଥା କରନ୍ତୁ, ନ ହେଲେ ଲୋକେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବେ। ଏ ପାତରଅନ୍ତରକୁ ଆଉ ବରଦାସ୍ତ କରାଯିବ ନାହିଁ।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସୋମବାର, ୨୨ ଜୁଲାଇ, ୨୦୧୯



## ସଂକ୍ଷେପରେ

### ଜିଲାପାଳଙ୍କୁ ଭେଟିଲା ନାଗରିକ ମଞ୍ଚ

**ସୋର, ୨୧।୭(ଡି.ଏନ୍‌.ଏ.):** ସୋର ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ସଭାପତି ନେତ୍ରାନନ୍ଦ ରାଉତଙ୍କ ନେତୃତ୍ୱରେ ସୋର ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ନେଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପର୍ଯ୍ୟସ୍ତ ରୋଗୀସେବା, ପୌର କର୍ତ୍ତୃପକ୍ଷଙ୍କ ଆବର୍ଜନା ପରିଚାଳନାରେ ଅବହେଳା ସହ ରାଜପଥ ପାର୍ଶ୍ୱରେ ସହରରୁ ସଂଗୃହୀତ ଆବର୍ଜନା ଢଳା, ଡ୍ରେନେଜ୍ ଅବ୍ୟବସ୍ଥା ସହ ସୋର ଉତ୍ତରେଶ୍ୱର ରାଜପଥ ପାର୍ଶ୍ୱ ଓ ସହରସ୍ଥ ମୁଖ୍ୟ ପ୍ରବେଶପଥ ରାସ୍ତାପାର୍ଶ୍ୱରେ ଶତାଧିକ ଟ୍ରକ୍ ପାର୍କିଂ ଭଳି ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କୁ ଭେଟି ଆଲୋଚନା ପରେ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ଏସବୁ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ମଞ୍ଚ ସଭାପତି ରାଉତ କହିଛନ୍ତି। ଏହି ଅବସରରେ ନବକିଶୋର ଦାସ, ନରହରି ନାୟକ, ବାସୁକୃଷ୍ଣ ମହାପାତ୍ର, ମାୟାଧର ନାୟକ, ଗଙ୍ଗାଧର ପାଢ଼ୀ ଓ ଖଗେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

### ହଷ୍ଟେଲରୁ ଛାତ୍ର ନିଖୋଜ

**ଜଳେଶ୍ୱର, ୨୧।୭(ଡି.ଏନ୍‌.ଏ.):** ଜଳେଶ୍ୱର ସହର ବଡ଼ବଜାରସ୍ଥିତ ଏକ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଅଷ୍ଟମ ଶ୍ରେଣୀ ଛାତ୍ର ଗୋବିନ୍ଦ ଦାସ(୧୩) ରବିବାର ନିଖୋଜ ହୋଇଯାଇଛନ୍ତି। ସେ ହେଉଛନ୍ତି ଭୋଗରାଇ ଥାନା ହାଣ୍ଡପଡ଼ା ଗ୍ରାମନିବାସୀ କାହ୍ନୁ ଦାସଙ୍କ ପୁଅ। ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଓ ଅଭିଭାବକ ଖୋଜାଖୋଜି କରୁଥିଲେ ମଧ ଖବରଲେଖା ପର୍ଯ୍ୟନ୍ତ ତାଙ୍କର ପତ୍ତା ମିଳିନାହିଁ। ଏଥିପାଇଁ ହଷ୍ଟେଲ ପରିଚାଳକଙ୍କୁ ଅଭିଭାବକମାନେ ଦାୟୀ କରିଛନ୍ତି।

### ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ସଚେତନତା

**ଖଇରା,୨୧।୭(ଡି.ଏନ୍‌.ଏ.):** ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ଗୁଆପାଳ ଗ୍ରାମର ଗ୍ରାମ କୋଠଘରେ ଦିନଦୟାଲ ଗ୍ରାମୀଣ କୌଶଲ୍ୟ ଯୋଜନାରେ ନିଯୁକ୍ତି ସଂକ୍ରାନ୍ତିୟ ସଚେତନତା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି।ଏଥିରେ ଖଇରା ବ୍ଲକ ଅଧ୍ୟକ୍ଷ ଅଭିଲିପ୍ସା ସାହୁ, ବ୍ଲକ ସ୍କିଲ ସଂଯୋଜକ ମିହିର କୁମାର ରାଉତ କୌଶଲ୍ୟ ଯୋଜନା ଉପରେ ଆଲୋକପାତ କରିଥିଲେ। ବ୍ଲକର ୧୮ରୁ ୩୫ବର୍ଷ ମଧରେ ଥିବା ଯୁବତୀ ଯୁବକମାନଙ୍କୁ ବାଲେଶ୍ୱରରେ ୬ମାସ ତାଲିମ ପରେ ଓଡିଶା କିମ୍ବା ରାଜ୍ୟ ବାହାର କମ୍ପାନୀମାନଙ୍କରେ ନିଯୁକ୍ତି ସୁଯୋଗ ପ୍ରଦାନ କରାଯିବ ବୋଲି ଅତିଥିମାନେ ଉଲ୍ଲେଖ କରିଥିଲେ। କୁପାରୀ ଜୋନ ଜିଲା ପରିଷଦ ସଭ୍ୟା କଳ୍ପନା ନାଇକ, ସମିତିସଭ୍ୟା ସଞ୍ଜୁଶ୍ରୀ ବାରିକ, ଏମବିକେ କୌଶଲ୍ୟା ସ, ନିଳାଚଳ ମହାପାତ୍ର, ଶମ୍ଭୁନାଥ ନାୟକ, ମା' ଅମ୍ବିକା ମହିଳା ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ପାଠପଢ଼ା ସାଙ୍ଗକୁ ଖେଳରେ ବି ଧୁରନ୍ଧର

# ନିଆରା ପ୍ରତିଭା ବବିତା

**ଗରିବ ପରିବାରରେ ଜନ୍ମ ହୋଇଥିଲେ ବି ଉଭୟ ପାଠପଢ଼ା ଓ କ୍ରୀଡ଼ାକ୍ଷେତ୍ରରେ ପ୍ରତିଭା ପ୍ରଦର୍ଶନ କରି ସେ ପାଦେ ପାଦେ ଆଗକୁ ବଢ଼ିଚାଲିଛନ୍ତି। ରଗ୍‌ବୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତି ସେ ଅଞ୍ଚଳବାସୀଙ୍କ ପାଇଁ ପାଲଟିଛନ୍ତି ସୁନାଝିଅ।**



ବବିତା ମହାପାତ୍ର।

**ସନ୍ତୋଷ କୁମାର ନାୟକ**
**ସିମୁଳିଆ, ୨୧।୭**

ବାଲେଶ୍ୱର ଜିଲା ସିମୁଳିଆ ମହାବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀ ବବିତା ମହାପାତ୍ର(୧୬)। ବିଭିନ୍ନ କ୍ରୀଡ଼ା ସହିତ ପାଠପଢ଼ାରେ ବେଶ୍ ଧୁରନ୍ଧର। ଜଣେ ଅଲ୍‌ରାଉଣ୍ଡର ଭାବେ ସେ କଲେଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଗୋଟିଏ ଆନ୍ତର୍ଜାତିକ, ୪ଟି ଜାତୀୟ ଓ ୧୦ଟି ରାଜ୍ୟସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ କରି ୫୦ରୁ ଊର୍ଦ୍ଧ୍ୱ ପ୍ରମାଣପତ୍ର ପାଇଛନ୍ତି। ତାଙ୍କୁ ମଧ ମିଳିଛି ଶ୍ରେଷ୍ଠ କ୍ରୀଡ଼ାବିତ୍ ସମ୍ମାନ। ସଫ୍ଟବଲ ଓ ରଗ୍‌ବୀ କ୍ରୀଡ଼ା ତାଙ୍କର ଅତି ପ୍ରିୟ। ଆନ୍ତର୍ଜାତିକ ରଗ୍‌ବୀ କ୍ରୀଡ଼ାରେ ଭାଗନେଇ ସେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। କ୍ରୀଡ଼ା ପ୍ରତିଭାର ବିକାଶ ଲାଗି ନିୟମିତ ଅଭ୍ୟାସ କରୁଛନ୍ତି। ଆଗକୁ ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ପାଠ ପଢ଼ି ପୋଲିସ ଚାକିରି କରିବା ତାଙ୍କର ଭିନ୍ନ ଏକ ଅଭିଳାଷ ରହିଛି ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି।

ଏକ ଗରିବ ପରିବାରରେ ଜନ୍ମ ନେଇଥିବା ବବିତାଙ୍କ କ୍ରୀଡ଼ା ପ୍ରତିଭା ପିଲାଦିନୁ ବାରିହୋଇପଡିଥିଲା। ତାଙ୍କ ଘର ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଙ୍ଗରଖଡିଗଡିଆ ପଞ୍ଚାୟତର ବଣା ଅଞ୍ଚଳରେ। ସେ ନିଜ ଅଞ୍ଚଳର ସରସ୍ୱତୀ ଶିଶୁମନ୍ଦିରରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ବେଳେ ଲଙ୍ଗଜମ୍ପ୍ କ୍ରୀଡ଼ାରେ ଭାଗ ନେଇଥିଲେ। ପରେ ଲକ୍ଷ୍ମୀନାରାୟଣ ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ଦୌଡ଼ ଓ ଲଙ୍ଗଜମ୍ପ୍ ପ୍ରତିଯୋଗିତାରେ ପ୍ରଥମ ହୋଇଥିଲେ। ରଘୁନାରାୟଣ ହାଇସ୍କୁଲର ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ କ୍ରୀଡ଼ା ଶିକ୍ଷକ ବିଭୁଦତ୍ତ ରଥଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱରରେ ଅନୁଷ୍ଠିତ ଜିଲାସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ନବମ ଶ୍ରେଣୀରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ରଗ୍‌ବୀ କ୍ରୀଡ଼ାରେ ଭାଗ ନେଇଥିଲେ। ପରେ ଦଶମ ଶ୍ରେଣୀରେ ହାଇଦ୍ରାବାଦରେ ଅନୁଷ୍ଠିତ ଜାତୀୟ ସଫ୍ଟବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବବିତା କହନ୍ତି, ଦଶମ ଶ୍ରେଣୀରେ ପଢୁଥିବା ବେଳେ ସେ ସର୍ବାଧିକ କ୍ରୀଡ଼ାରେ ଅଂଶଗ୍ରହଣ କରିଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ ଦୁଇଟି ରାଜ୍ୟସ୍ତରୀୟ ରଗ୍‌ବୀ ମ୍ୟାଚ୍, ଝାରସୁଗୁଡାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟେନିକଏଟ୍ ମ୍ୟାଚ୍, ପୁରୀରେ ରାଜ୍ୟସ୍ତରୀୟ ଟେନିସ୍ ଭଲିବଲ, ବାଲେଶ୍ୱରରେ ରାଜ୍ୟସ୍ତରୀୟ ସଫ୍ଟବଲ, ଭଦ୍ରକରେ ରାଜ୍ୟସ୍ତରୀୟ ରଗ୍‌ବୀ ଓ ମାର୍କୋଣାର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସଫ୍ଟବଲ ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିଲେ। ପରେ ସିମୁଳିଆ କଲେଜର କ୍ରୀଡ଼ା ଅଧ୍ୟାପକ ବାଇଧର ମହାକୁଡ଼ଙ୍କ ତତ୍ତ୍ୱାବଧାନରେ ସେ ଯୁକ୍ତ ଦୁଇ ଷ୍ଟେଟ୍ କାଉନ୍‌ସିଲ ଦ୍ୱାରା ମନୋନୀତ ହୋଇ କିଟ୍ ପରିସରରେ ଅନୁଷ୍ଠିତ ଆନ୍ତର୍ଜାତିକ ରଗ୍‌ବୀ କ୍ରୀଡ଼ାରେ ଭାଗନେଇ ଗୋଲ୍ଡମେଡାଲ ହାସଲ କରିଥିଲେ। ତାଙ୍କ କୋଚ୍ ଥିଲେ ଶତ୍ରୁଜିତ୍ ଦଳାଇ ଓ ଉଷାକାନ୍ତ ମହାଳିକ। ସଫ୍ଟବଲ ତାଙ୍କର ପ୍ରିୟ ଖେଳ ହୋଇଥିଲେ ବି କଲେଜରେ ଏହି ଖେଳ ଅଭ୍ୟାସ ଲାଗି ବ୍ୟବସ୍ଥା ନ ଥିବାରୁ ସେ ରଗ୍‌ବୀ ଖେଳୁଛନ୍ତି। ପ୍ରୋତ୍ସାହନ ମିଳିଲେ ସେ ଆଗକୁ ଅଧିକ ପଢିପାରିବେ ବୋଲି ବବିତା କହିଛନ୍ତି। ତାଙ୍କ ମା' ସରିତା ଓ ବାପା କୈବଲ୍ୟ ମହାପାତ୍ର ଝିଅର କ୍ୟାରିୟର ନେଇ ଖୁବ୍ ଆଶାବାଦୀ। ସେମାନେ ଏକ ଛୋଟ ଦୋକାନ କରି ପରିବାର ଚଳାଇବା ସହିତ ଝିଅକୁ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦେଇଛନ୍ତି। ପ୍ରତ୍ୟେକ ଦିନ ସକାଳେ ବବିତା କଲେଜ ଯିବା ପରେ ଅପରାହ୍ନରେ ଘରଠାରୁ ୨କି.ମି. ଦୂର ରଘୁନାରାୟଣ ହାଇସ୍କୁଲ ପଡିଆରେ ଖେଳ ପାଇଁ ଅଭ୍ୟାସ କରିଥାନ୍ତି। ତାଙ୍କ ଭାଇ ପଦ୍ମଲୋଚନ ମଧ ତାଙ୍କୁ ଉତ୍ସାହିତ କରି ଆସୁଛନ୍ତି।

## ୨ ନମ୍ବର ପ୍ଲାଟଫର୍ମରେ ଲିଫ୍ଟ ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ, ୨୧।୭**

ବାଲେଶ୍ୱର ରେଲଷ୍ଟେଶନର ୨ନଂ. ପ୍ଲାଟଫର୍ମରେ ରବିବାର ଏକ ଲିଫ୍ଟ ଉଦ୍‌ଘାଟନ କରାଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ରେଲଷ୍ଟେଶନକୁ ସ୍ୱଚ୍ଛତାରେ ୧ନଂ. କରିବାକୁ ଗୁରୁତ୍ୱାରୋପ କରିଥିଲେ। ସେହିପରି ଷ୍ଟେଶନର ଉନ୍ନତୀକରଣ, ଅଧିକ ଦ୍ରୁତଗାମୀ ରେଳ ଅଟକିବା ଉପରେ ପ୍ରୟାସ ଜାରି ରଖିବେ ବୋଲି କହିଥିଲେ।

ଖଡ଼ଗପୁର ମଣ୍ଡଳ ପ୍ରବନ୍ଧକ କେ.ଆର୍‌.କେ. ରେଡ୍ଡି ଅଧ୍ୟକ୍ଷତା କରି ଷ୍ଟେଶନରେ ଅଧିକ ୨ଟି ଲିଫ୍ଟ ବ୍ୟବସ୍ଥା କରାଯିବା ସହ ଷ୍ଟେଶନକୁ ସ୍ୱଚ୍ଛତାରେ ୧ନମ୍ବର କରିବା ନିମନ୍ତେ ଯାନ୍ତ୍ରିକ ସରଞ୍ଜାମ ଯୋଗାଇ ଦେବା, ଷ୍ଟେଶନ ପରିସରକୁ ପ୍ଲାଷ୍ଟିକମୁକ୍ତ କରିବା, ୨ଟି ଅଟୋମେଟିକ୍ ଟିକେଟ ଭେଣ୍ଡିଂମେସିନ ସହ ଡିଜିଟାଲ ମ୍ୟୁଜିକ୍‌ର ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ। ସଦର ବିଧାୟକ ମଦନମୋହନ ଦତ୍ତ, ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଆଦିତ୍ୟ କୁମାର ଚୌଧୁରୀ, ବରିଷ୍ଠ ମଣ୍ଡଳ ଯାତାୟାତ ପ୍ରବନ୍ଧକ ଭିନିଶ କୁମାର ଗୁପ୍ତା, ଷ୍ଟେଶନ ମ୍ୟାନେଜର ଭାଗବତ ଦାସ ଅତିଥି ଭାବେ ଯୋଗଦେଇ ଲିଫ୍ଟ ଦ୍ୱାରା ବହୁ ଭିନ୍ନକ୍ଷମ, ବୃଦ୍ଧାବୃଦ୍ଧ ପ୍ରମୁଖ ଉପକୃତ ହେବା ସହ ଆବଶ୍ୟକ ଥିବା ସାମଗ୍ରୀକୁ ଯଥାଶୀଘ୍ର ଯୋଗାଇ ଦେବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଣ୍ଡଳ ପ୍ରବନ୍ଧକ ରେଡ୍ଡି କହିଥିଲେ ଯେ, ବାରିପଦା-ବାଙ୍ଗିରିପୋଷି ଏକ୍ସପ୍ରେସ୍‌ରୁ ହଟାଯାଇଥିବା ଏସି ବଗି ଯୋଡ଼ିବା ଲାଗି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବା ସହ ଷ୍ଟେଶନ ପରିସରରେ ଥିବା ସିମେଣ୍ଟ ଗୋଦାମକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବା ଲାଗି ପଦକ୍ଷେପ ଗ୍ରହଣ କରାଯିବ।


ସଫେଇ ଅଭିଯାନରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ସୁକାନ୍ତ ନାୟକ ଓ ଅନ୍ୟମାନେ।

■ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

## ଝାଡୁ ଧରି ସଫେଇ କଲେ କେନ୍ଦ୍ରମନ୍ତ୍ରୀ, ବିଧାୟକ

**ସଜନାଗଡ଼,୨୧।୭(ଡି.ଏନ୍‌.ଏ.)**

ବାଲେଶ୍ୱର ଜିଲାର ପ୍ରସିଦ୍ଧ ଶୈବପୀଠ ନୀଳଗିରି ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ରବିବାର 'ସ୍ୱଚ୍ଛତା ହିଁ ସେବା' ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗଦେଇ ପଞ୍ଚଲିଙ୍ଗେଶ୍ୱର ବସ୍‌ଷ୍ଟାଣ୍ଡଠାରୁ ସଫେଇ ଅଭିଯାନ ଆରମ୍ଭ କରିଥିଲେ। କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ବକ୍ତବ୍ୟରେ ପ୍ରତ୍ୟେକ ବ୍ୟକ୍ତି ନିଜ ପରିବେଶକୁ ସ୍ୱଚ୍ଛ ଓ ପରିଷ୍କାର ରଖିଲେ ସମଗ୍ର ପରିବେଶ ସ୍ୱଚ୍ଛ ଓ ପରିଷ୍କାର ରହିବ। ଏଥିପାଇଁ ବିଶେଷ କରି ଲୋକମାନେ ଖୋଲାସ୍ଥାନରେ ମଳ, ମୂତ୍ର ତ୍ୟାଗ ନ କରି ଶୌଚାଳୟ ବ୍ୟବହାର କରିବା ଉଚିତ। ସ୍ୱଚ୍ଛ ଅଭିଯାନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯଥେଷ୍ଟ ଭାବେ ଗୁରୁତ୍ୱ ଦେଉଥିବା ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ଔପଦା ବିଡ଼ିଓ ପୀତାମ୍ବର ଭୋଇ, ନୀଳଗିରି ଆଇଆଇସି ନଳିତା ମୋଦି, ସ୍ଥାନୀୟ ସରପଞ୍ଚ, ଆଖପାଖ ଅଞ୍ଚଳବାସୀ, ହିତାକାଂକ୍ଷୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସୌଜନ୍ୟ ବାଲେଶ୍ୱର ଜିଲା ଜଳ ପରିମଳ ତରଫରୁ ଅନୁଷ୍ଠିତ ହୋଇଥିଲା। ସୋମବାରଠାରୁ ଶ୍ରାବଣ ମାସର ପ୍ରଥମ ସୋମବାର ଏହି ପୀଠକୁ କାଉଡ଼ିଆ ଯାତ୍ରା ଆରମ୍ଭ ହେଉଥିବା ବେଳେ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ବାଲିଆପାଳ, ୨୧।୭(ଡି.ଏନ୍‌.ଏ.):** ବାଲିଆପାଳ ଶିକ୍ଷକ ସମନ୍ୱୟ କମିଟି ପକ୍ଷରୁ ଖଗଡାପାଳସ୍ଥିତ ଉପେନ୍ଦ୍ର ନାଥ ଉପ୍ରା ବିଦ୍ୟାଳୟ ପରିସରରେ ଶିକ୍ଷକ ସରୋଜ କୁମାର ଜେନାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଶିକ୍ଷକ ମନ୍ମଥ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ପାଦକ ଆଦିତ୍ୟ ରାଉତ, ସରକାରୀ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ପ୍ରଭାତ ରଞ୍ଜନ ସାହୁ, ପୂର୍ବତନ ସିଆରସିସି ନିତାଇ ରାଉଳ, ଅଶୋକ ଗିରି, ପ୍ୟାରୀମୋହନ ବିଶ୍ୱାଳ, ବିନୋଦ ପାତ୍ର, ସନ୍ଧ୍ୟାରାଣୀ ରାଉତ, ଭଗିରଥ ନନ୍ଦୀ, ଧୀରେନ୍ଦ୍ର ପରିଡା, ବିଇଓ ନାରାୟଣ ପ୍ରସାଦ ଦାସ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ବିଦାୟୀ ଶିକ୍ଷକ ଜେନାଙ୍କ ଚାକିରି ଜୀବନର ନିଷ୍ଠା ଓ ଆଦର୍ଶ ସମ୍ପର୍କରେ କହିଥିଲେ। ରବୀନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।





ବାଲେଶ୍ୱର ସଦର ବିଧାୟକ ମଦନମୋହନ ଦତ୍ତଙ୍କୁ ଖବରଦାତା ବିକ୍ରେତା ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ଏବଂ ସଭାରେ ଉପସ୍ଥିତ ଖବରକାଗଜ ବିକ୍ରେତା।

# 'ବିକାଶ ପାଇଁ ମିଳିତ ସହଯୋଗ ଲୋଡ଼ା'

## ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ, ୨୧।୭**

ବାଲେଶ୍ୱର ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ନବନିର୍ବାଚିତ ସଦର ବିଧାୟକ ମଦନମୋହନ ଦତ୍ତଙ୍କୁ ରବିବାର ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶୋଭାରାମପୁରସ୍ଥିତ ଜଗନ୍ନାଥ କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ସଂଘ ସଭାପତି ଅରୁଣ କୁମାର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ସମ୍ବର୍ଦ୍ଧନାର ଉତ୍ତର ଦେଇ ବିଧାୟକ ଦତ୍ତ କହିଥିଲେ, ବାଲେଶ୍ୱରର ବିକାଶ କାର୍ଯ୍ୟ ପାଇଁ ଜନସାଧାରଣ ତାଙ୍କୁ ଭୋଟ ଦେଇ ବିଜୟୀ କରାଇଛନ୍ତି। ସମସ୍ତଙ୍କ ସହଯୋଗ ରହିଲେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଏଥିଲାଗି ଖବରକାଗଜ ବିକ୍ରେତା ସଂଘର ସହଯୋଗ ଆବଶ୍ୟକ। ରାତି ପାହିଲେ ଦେଶ ବିଦେଶର ଖବରକୁ ଲୋକଙ୍କ ପାଖରେ ପହଞ୍ଚାଉଥିବା ଖବରକାଗଜ ବିକ୍ରେତାଙ୍କ ଗଠନମୂଳକ ପ୍ରୟାସକୁ ସେ ପ୍ରଶଂସା କରିଥିଲେ।

ଉତ୍ସବରେ ସଂଘ ସଭାପତି ସ୍ୱାଇଁ କହିଥିଲେ, ବିଧାୟକଙ୍କୁ ଓଡ଼ିଶାର ଜଣେ ପ୍ରଭାବଶାଳୀ ନେତା ଭାବେ ଦେଖିବାକୁ ସମସ୍ତେ ଆଶା ରଖିଛନ୍ତି। କେବଳ ଖବରକାଗଜ ବିକ୍ରେତା ସଂଘ ନୁହେଁ, ହିନ୍ଦ୍ ମଜଦୁର ସଂଘ ବାଲେଶ୍ୱରର ବିକାଶ ପାଇଁ ବିଧାୟକଙ୍କୁ ସବୁପ୍ରକାର ସହଯୋଗ ଯୋଗାଇଦେବ। ଯୁବନେତା ନିଶିକାନ୍ତ ଦାସ, ବରିଷ୍ଠ ସଦସ୍ୟ ତ୍ରୈଲୋଚନ ଦାସ ବକ୍ତବ୍ୟ ରଖି ବିଧାୟକଙ୍କୁ ସ୍ୱାଗତ ଜଣାଇବା ସହ ସଂଘର ସଦସ୍ୟଙ୍କ ଦୁଃଖସୁଖରେ ସାଥୀ ହେବା ପାଇଁ ଅନୁରୋଧ କରିଥିଲେ। ଉପସଭାପତି ଅଭୟ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ବୈଠକର ଉଦ୍ଦେଶ୍ୟ ସୂଚାଇଥିଲେ। ସମ୍ପାଦକ ଅନିରୁଦ୍ଧ ଲେଙ୍କା ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୨୦୦୦ ମସିହାରୁ ଆରମ୍ଭ ହୋଇଥିବା ଏହି ସଂଘ ଗତ ୩ବର୍ଷ ପୂର୍ବରୁ ସରକାରୀ ଭାବରେ ପଞ୍ଜୀକୃତ ହୋଇଛି। ୧୧୦ଜଣ ସଦସ୍ୟ ପ୍ରତିଦିନ ଭୋର୍ ୪ଟା ୩୦ମିନିଟ୍ ସମୟରୁ ବାଲେଶ୍ୱର ରେଲଷ୍ଟେଶନରୁ ଖବରକାଗଜ ସଂଗ୍ରହ କରି ସମଗ୍ର ସହର ସମେତ କୁରୁଡ଼ା, ରେମୁଣା, ନହରପାଟଣା, ନିଧିପଣ୍ଡା, ପରିଖି, ଚାନ୍ଦିପୁର, ବଳରାମଗଡ଼ି, ରସାଳପୁର ଆଦି ଗ୍ରାମାଞ୍ଚଳରେ ବିତରଣ କରି ସମସ୍ତବର୍ଗର ଲୋକଙ୍କୁ ସେବା ଯୋଗାଉଛନ୍ତି। ହେଲେ ସେମାନଙ୍କ ସମସ୍ୟା ପ୍ରତି ସରକାର ଉଦାସୀନ ରହୁଥିବା ସେ ଅଭିଯୋଗ କରିଥିଲେ। ଖବରକାଗଜ ବିକ୍ରେତାଙ୍କ ପାଇଁ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ଓ ଜୀବନବୀମା କରାଯିବା ସକାଶେ ସଭାରେ ଦାବି କରାଯାଇଥିଲା। ସଂଘର ସଭାପତି ସ୍ୱାଇଁ ସଙ୍ଗଠନର ସ୍ଥାୟୀ ଜମି ଏବଂ ବାସଗୃହ ନ ଥିବାରୁ ବିବିଧ କାର୍ଯ୍ୟରେ ବାଧାବିଘ୍ନ ସୃଷ୍ଟି ହେଉଥିବା ସୂଚନା ଦେଇ ଆଗାମୀ ଦିନରେ ଏହି ଅଭାବ ପୂରଣ କରିବା ଲାଗି ସଂଗଠନ ପକ୍ଷରୁ ଉଦ୍ୟମ ଜାରି ରହିଥିବା କହିଥିଲେ। ସହସମ୍ପାଦକ ଗୌର ଗୋପାଳ ଦାସ, କୋଷାଧ୍ୟକ୍ଷ ଯୋଗେନ୍ଦ୍ର ତପସ୍ୱୀ, ପରିଚାଳନା କମିଟିର ସଦସ୍ୟ କରୁଣାକର ରାଉତ, କମଳ ଲୋଚନ ରାଉତ, ସୁକାନ୍ତ ଦାସ, ବାପି ଲେଙ୍କା, ପଦ୍ମଲୋଚନ ରାଉତ, ଅଜୟ ଲେଙ୍କା, ଶଶୀକାନ୍ତ କୁଅଁର, ଶ୍ରୀକାନ୍ତ କୁଅଁର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## କୃତ୍ରିମ ପ୍ରଜନନ ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୨୧।୭**



ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଓଡ଼ିଶା ପ୍ରାଣୀ ବିକାଶ ସମିତି ବାଲେଶ୍ୱର ଶାଖା ତରଫରୁ ରବିବାର ଘରୋଇ ହୋଟେଲ ପରିସରରେ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମିତିର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦୟାନିଧି ପାତ୍ର ସଭାପତିତ୍ୱ କରିଥିଲେ। କେନ୍ଦ୍ରୀୟ ପ୍ରାଣୀବିଜ୍ଞାନ ଗବେଷଣା ଅନୁଷ୍ଠାନର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡା. ଜଗନ୍ନାଥ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରାଣୀମାନଙ୍କର କୃତ୍ରିମ ପ୍ରଜନନ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା କଲେଜ ଅଫ୍ ୟୁନିଭରସିଟି ଲାବୋରେଟୋରୀ ସାଇନ୍ସ ଆଣ୍ଡ ଆନିମାଲ ହେଲ୍‌ଥ ଭୁବନେଶ୍ୱରର ମୁଖ୍ୟ ପ୍ରଫେସର ଇନ୍ଦ୍ରମଣି ନାଥ ଅତିଥି ଭାବେ ଯୋଗଦେଇ ଲାବୋରେଟୋରୀ ବାହାରେ ପ୍ରାଣୀମାନଙ୍କ ସଫଳ ଅସ୍ତ୍ରୋପଚାର ଉପରେ ଆଲୋକପାତ କରିଥିଲେ।

ଅବସରପ୍ରାପ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଲକ୍ଷ୍ମଣ କୁମାର ଗୁଡ୍ଡୁ, ଅବସରପ୍ରାପ୍ତ ଉପଖଣ୍ଡ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶଶଧର ବାରିକ ଯୋଗଦେଇ ସେମାନଙ୍କର ଜୀବନବ୍ୟାପୀ କର୍ତ୍ତବ୍ୟ ସମ୍ପାଦନା ପାଇଁ ମୁଖ୍ୟଅତିଥିଙ୍କ ଦ୍ୱାରା ୨୦୧୯ ପାଇଁ ଡା. କ୍ଷେତ୍ରମୋହନ ମହାନ୍ତି ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବାଲେଶ୍ୱର ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ ନିତ୍ୟାନନ୍ଦ ଦାସଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିର ସମ୍ପାଦକ ଡା. ଦଳଗୋବିନ୍ଦ ନାୟକ, କୋଷାଧ୍ୟକ୍ଷ ଡା. ସତ୍ୟନାରାୟଣ ମହାପାତ୍ର, ଡା. ବଳଭଦ୍ର ପଣ୍ଡା, ଡା. ପ୍ରବର୍ତ୍ତକ ପରିଡ଼ା, ନୀଳଗିରି ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ଅନିଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବାଲେଶ୍ୱର ଜିଲାର କାର୍ଯ୍ୟରତ ୩୦ ଜଣ ପ୍ରାଣୀ ଚିକିତ୍ସକ ଓ ୭ଜଣ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଉପସ୍ଥିତ ଥିଲେ। ପଡ଼ୋଶୀ ଜିଲା ଭଦ୍ରକ ତଥା ମୟୂରଭଞ୍ଜ ଜିଲାର ଆଗ୍ରହୀ ପ୍ରାଣୀ ଚିକିତ୍ସକ ଏଥିରେ ଯୋଗଦେଇଥିଲେ। ସଭାରେ ଅବସରପ୍ରାପ୍ତ ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀ ନାରାୟଣ ଦାସ ସମସ୍ତ ପୃଷ୍ଠ ପୋଷକତା କରିଥିଲେ।

## ୧୫ ଛାତ୍ରୀଛାତ୍ରଙ୍କୁ ମେଧା ସମ୍ମାନ

**ବାଲିଆପାଳ, ୨୧।୭(ସ୍ୱ.ପ୍ର./ଡି.ଏନ୍‌.ଏ.)**

ବାଲିଆପାଳ ବ୍ଲକ ଜିଲାପରିଷଦ ସଦସ୍ୟ ତଥା ଯୁବନେତା ରବୀନ୍ଦ୍ର ନାଥ ଅଣ୍ଡିଆଙ୍କ ପକ୍ଷରୁ ଏହି ବ୍ଲକର ହାଇସ୍କୁଲ ଏବଂ ଯୁକ୍ତ୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

ସ୍ଥାନୀୟ ପୂର୍ତ୍ତ ଡାକବଙ୍ଗଳାଠାରେ ଅନୁଷ୍ଠିତ ସଭାରେ ରବୀନ୍ଦ୍ର ନାଥ ଅଣ୍ଡିଆ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ମୁଖ୍ୟବକ୍ତା ଭାବେ ବିଇଓ ନାରାୟଣ ଦାସ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜର ଲକ୍ଷ୍ୟ ହାସଲ ପାଇଁ ନିରନ୍ତର ପ୍ରଚେଷ୍ଟା କଲେ ସଫଳତା ନିଶ୍ଚୟ ମିଳିବ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ବିଜେଡି ବ୍ଲକ ସଭାପତି ଚକ୍ରଧର ଗିରି, ବସ୍ତା ବ୍ଲକ ବିଜେଡି ସଭାପତି ତ୍ରିଲୋଚନ ବେହେରା, ବସ୍ତା ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ଜିଲାପରିଷଦ ସଦସ୍ୟା ଅନୁପମା ସାହୁ, ମିନତି ଜେନା, ସାମାଜିକ କର୍ମୀ ଅଜୟ ପାତ୍ର ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଦଶମ ଶ୍ରେଣୀର 'ଏ'ୱାନରେ ପାସ୍ କରିଥିବା ତନୁଶ୍ରୀ ପରିଡ଼ା, ଅଞ୍ଜନ କୁମାର ପାତ୍ର, ସୋନାଲି ନାୟକ, ଶୁଭେନ୍ଦୁ ଶେଖର ଚାନ୍ଦ, ଜୟଶ୍ରୀ ପ୍ରଧାନ, ଚନ୍ଦନ କୁମାର ସାମନ୍ତ, ସୌମ୍ୟରଞ୍ଜନ ଦାସ, ସୁଶ୍ରୀ ସଙ୍ଗୀତା ଗିରି, ଅଭିଶେଖ ପାତ୍ର, ଅରଘ୍ୟରୂପା ମହାନ୍ତି, ଆନନ୍ଦ ବାଲା ଦାସ ଏବଂ ଯୁକ୍ତ୨ରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଶିବୁ ନାରାୟଣ ଜେନା ଏବଂ ଏସ୍‌.କେ. ଟୈରୁଦ୍ଦିନଙ୍କୁ ମେଧା ସମ୍ମାନ ସହିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ଲମ୍ବୋଧର ମାହାନା, ଚନ୍ଦନ ଜେନା, ପ୍ରଦୀପ ମାହାନା, ଭୁବନ ଦାସ, ସନ୍ତୋଷ ରାଉଳ, ଚନ୍ଦନ ଅଣ୍ଡିଆ, ଲକ୍ଷ୍ମୀଧର ପାତ୍ର, ଗୋପାଳ ମାହାନା ଓ ପ୍ରଭୁରାମ ପୂଜାରୀ ପ୍ରମୁଖ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ଜିଲାସ୍ତରୀୟ ମିଶନ ଶକ୍ତି ସମନ୍ୱୟ କର୍ମଶାଳା

**ବାରିପଦା ଅଫିସ,୨୧।୭:** ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ସହାୟତା କେନ୍ଦ୍ର କକ୍ଷରେ ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଯୋଜନାରେ ସାମିଲ କରାଯିବା ନେଇ ଏକ ଜିଲାସ୍ତରୀୟ ସମନ୍ୱୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଏଥିରେ ଅଧ୍ୟକ୍ଷତା କରିଥିଲେ। କର୍ମଶାଳାରେ ଗତ ମେ ୨୯ ତାରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା ଗୃହୀତ ନିଷ୍ପତ୍ତି ଅନୁଯାୟୀ, ସରକାରଙ୍କ ୧୦ ଟି ବିଭାଗର ବିଭିନ୍ନ କାର୍ଯ୍ୟ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯିବ ବୋଲି ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମମାଳା ମିଶ୍ର ସୂଚନା ଦେଇଥିଲେ। କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଯୋଗାଣ ବିଭାଗ, ମତ୍ସ୍ୟ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ବନ ବିଭାଗ, ଶିକ୍ଷା ବିଭାଗ, ଜିଲା ମଙ୍ଗଳ ବିଭାଗ, ନଗର ଉନ୍ନୟନ ବିଭାଗ, ଓରମାସ୍ ଆଦି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ବିଭାଗରେ ସ୍ୱୟଂ ସହାୟକ ଦଳମାନେ କିପରି କାର୍ଯ୍ୟକରି ଜୀବନ ଜୀବିକା ନିର୍ବାହ କରି ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବେ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ଏକ ସମନ୍ୱିତ କାର୍ଯ୍ୟକାରୀ ଯୋଜନା ପ୍ରସ୍ତୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲାସ୍ତରୀୟ ଗଠିତ ସମନ୍ୱୟ କମିଟି ଦ୍ୱାରା ପ୍ରତ୍ୟେକ ମାସରେ ଏହାର ସମୀକ୍ଷା ବୈଠକ କରାଯିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ ମଲିକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ପ୍ରତାପ କୁମାର ମହାପାତ୍ର ପ୍ରମୁଖଙ୍କ ସମେତ ଅନ୍ୟମାନେ ମଞ୍ଚାସୀନ ଥିଲେ।

# ବ୍ଲକ୍ ଅଫିସରେ ଅଚଳାବସ୍ଥା

**କୁଆମରା,୨୧।୭(ଡି.ଏନ୍.ଏ.)**

ଆଦିବାସୀ ଅଧ୍ୟୁଷିତ ଗୋପବନ୍ଧୁ ନଗର ବ୍ଲକରେ କର୍ମଚାରୀ ପଦବୀ ଖାଲି ପଡିଥିବାରୁ ଉନ୍ନୟନ କାର୍ଯ୍ୟପ୍ରଭାବିତ ହେଉଥିବା ବେଳେ ବ୍ଲକ୍‌ରେ ଅଚଳାବସ୍ଥା ଲାଗି ରହିଛି। ୧୩ଟି ପଞ୍ଚାୟତକୁ ନେଇ ଗଠିତ ଏହି ବ୍ଲକର ମୋଟ ଜନସଂଖ୍ୟା ୮୧ ହଜାର। ଏହି ବ୍ଲକର ବହୁ ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ବେଳେ ହାତ ଗଣତି କେତେ ଜଣ କର୍ମଚାରୀଙ୍କୁ ନେଇ ଚାଲିଛି ବ୍ଲକ। ୨୦୧୭ରୁ ଏହି ବ୍ଲକ ଏବିଡିଓଙ୍କ ବଦଳି ହେବା ପରେ ଅଦ୍ୟାବଧି କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ଫଳରେ ବିଡିଓଙ୍କ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ ରହିବା ଯୋଗୁଁ ପ୍ରତିଟି କାର୍ଯ୍ୟରେ ବିଳମ୍ବ ଘଟୁଛି। ସେହିପରି ୨୦୧୮ରୁ ଆକାଉଣ୍ଟ ଅଫିସର ନାହାଁନ୍ତି। ଡବ୍ଲୁଇଓ ଏବଂ ଆଇପିଓ ପଦବୀ ମଧ୍ୟ ଖାଲି ପଡିଛି। ସେହିପରି ଗ୍ରାମପଞ୍ଚାୟତ ଟେକନିସିଆନ ଆକାଉଣ୍ଟ କର୍ମଚାରୀ ଦୀର୍ଘ ଦିନ ଧରି ନାହାଁନ୍ତି। ୧୩ ପଞ୍ଚାୟତର କାର୍ଯ୍ୟ ମାତ୍ର ୬ ନିର୍ବାହୀ ଅଧିକାରୀ (ପିଇଓ )ତୁଲାଉଛନ୍ତି। ପ୍ରତି ପିଇଓଙ୍କୁ ୨ଟି ଲେଖାଏଁ ପଞ୍ଚାୟତ ଦାୟିତ୍ୱ ଦିଆଯାଇ ଥିବାରୁ ପଞ୍ଚାୟତମାନଙ୍କରେ ଉନ୍ନୟନ ମୂଳକ କାର୍ଯ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ଆଗେଇ ପାରୁ ନାହିଁ। ସାଧାରଣ ଲୋକଙ୍କୁ କୌଣସି କାର୍ଯ୍ୟ ପାଇଁ ୨/୩ ଥର ଲେଖାଏଁ ବ୍ଲକ ଯିବାକୁ ପଡୁଛି। ୬ ମାସ ଧରି ୱାଚମ୍ୟାନ ପୋଷ୍ଟ ଖାଲି ପଡିଛି। ଏହା ବ୍ୟତୀତ ବିଡିଓଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କ କ୍ୱାର୍ଟର ନାହିଁ। ୪୦ ବର୍ଷ ତଳେ ନିର୍ମିତ ଆଜବେଷ୍ଟ କ୍ୱାର୍ଟରଗୁଡିକର ଅବସ୍ଥା ନ କହିବା ଭଲ। ଶୋଚନୀୟ ଅବସ୍ଥାରେ ଥିବା ଏହି କ୍ୱାର୍ଟରଗୁଡିକ ଭୂତକୋଠି ପାଲଟିଛି। ଅଧିକାଂଶ ଘର ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ସେଠାରେ କର୍ମଚାରୀମାନେ ରହିବାକୁ ପସନ୍ଦ କରୁ ନାହାଁନ୍ତି। ବ୍ଲକରେ ଖାଲି ପଡିଥିବା ସମସ୍ତ ପଦବୀ ପୂରଣ କରିବା ସହ ଅନ୍ୟାନ୍ୟ ସମସ୍ୟା ଦୂର କରିବା ପାଇଁ ଦାବି ହେଉଛି।



ଗୋପବନ୍ଧୁ ନଗର ବ୍ଲକ କାର୍ଯ୍ୟାଳୟ।

# ଯାଦବ ମହାସଭାର କାର୍ଯ୍ୟକାରିଣୀ

## ଶତାଧିକ ଚାରାରୋପଣ, ବଣ୍ଟନ

**ଧାମନଗର, ୨୧।୭ (ଡି.ଏନ.ଏ.)**

ଧାମନଗର ବ୍ଲକ ଅସୁରାଳି ଶ୍ରୀମା ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ବ୍ଲକ ଯାଦବ ମହାସଭାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ଫଳ ଚାରାରୋପଣ ସହ ବଣ୍ଟନ କରାଯାଇଛି। ବ୍ଲକ ସଭାପତି ସୁବାସ ବାରିକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସମ୍ପାଦକ ପ୍ରଦୀପ ବେହେରା ମୁଖ୍ୟଅତିଥି, ଯୁବ ଯାଦବ ସଂଘ ରାଜ୍ୟ ସଭାପତି ଇଂ. ପ୍ରଦୀପ ବେହେରା ମୁଖ୍ୟବକ୍ତା ଏବଂ ହେମେନ୍ଦ୍ର ସାହୁ, ରବୀନ୍ଦ୍ର ପାଣିଗ୍ରାହୀ, ଯୁବ ଯାଦବ ମହାସଭାର ରାଜ୍ୟ ସମ୍ପାଦକ ଅମର ନାୟକ, ବ୍ଲକ ସମ୍ପାଦକ ମାଧବ ଖଟୁଆ, ରବୀନ୍ଦ୍ର ଖିଲାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ବାର୍ଷିକ ଉତ୍ସବ ବିଷୟରେ ବୈଠକରେ ଆଲୋଚନା କରିବା ସହିତ ରାଜ୍ୟରେ ପ୍ରମୁଖ ସଙ୍ଗଠନ ଭାବେ ମହାସଭାକୁ ଆହୁରି ମଜ୍‌ଭୁତ କରି ସରକାରଙ୍କ ପାଖରେ ବିଭିନ୍ନ ଦାବି ହାସଲ ପାଇଁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକାରୀ ସଭାପତି ଅନୀଲ ବାରିକ ଉଦ୍ଦେଶ୍ୟ ଜ୍ଞାପନ ଓ ବ୍ଲକ ସମ୍ପାଦକ କୁଳମଣି ବେହେରା ବିବରଣୀ ପାଠ କରିଥିଲେ। ଅସୁରାଳି ଜୋନ୍ ସଭାପତି ରବୀନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ଯାଦବ ମହାସଭା ଦ୍ୱାରା ଚାରା ବଣ୍ଟନ।

### ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚାର ଉଦଳା ବ୍ଲକସ୍ତରୀୟ କମିଟି ଗଠିତ

**ଉଦଳା,୨୧।୭(ଡି.ଏନ୍.ଏ.)**

ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଂଗଠନ ପକ୍ଷରୁ ଉଦଳା ବ୍ଲକସ୍ତରୀୟ କମିଟି ଗଠନ କରାଯାଇଛି। ବୁଧବାର ସ୍ଥାନୀୟ ବିଦୁ ବାଗାନ ହଲ୍‌ଠାରେ ଏହି କମିଟି ଗଠନ କରାଯାଇ କର୍ମକର୍ତ୍ତାମାନଙ୍କର ନାମ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କପ୍ତିପଦା ସବଡିଭିଜନ ସଂଗଠନ ସଭାପତି ବୁଧିରାମ ମୁର୍ମୁ ସଭାପତିତ୍ୱ କରିଥିଲେ। ଉଦଳା ବ୍ଲକ ସଭାପତି ଭାବେ ରାମଚନ୍ଦ୍ର ମାରାଣ୍ଡି, ଉପସଭାପତି ବିକାଶ ସିଂ, ସମ୍ପାଦକ ଭାବେ ଗୁନା ହେମ୍ବ୍ରମ୍‌ଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଏହି କମିଟି ଆଗାମୀ ଦିନରେ ଉଦଳା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ନେଇ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଜିଲା ଅଧ୍ୟକ୍ଷ ଧର୍ମରାଜ ହାଁସଦା ସୂଚନା ଦେଇଛନ୍ତି। ନିର୍ବାଚନମଣ୍ଡଳୀରେ ମୁଖ୍ୟତଃ ରାସ୍ତାଘାଟ, ବିଦ୍ୟୁତ୍ ସେବା, ପାନୀୟଜଳ ଏବଂ ଉଦଳା ସହରାଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସଂଗଠନ କାର୍ଯ୍ୟ କରିବ। ଏହା ବ୍ୟତୀତ ଆଦିବାସୀ ଅଧ୍ୟୁଷିତ କପ୍ତିପଦା ଉପଖଣ୍ଡକୁ ରେଳପଥ ସଂଯୋଗ ଦାବିକୁ ଗୁରୁତ୍ୱ ଦେବ ବୋଲି ସେ କହିଛନ୍ତି। ଏହି ସାଂଗଠନିକ ବୈଠକରେ ଜିଲା ସଭାପତି ଧର୍ମରାଜ ହାଁସଦାଙ୍କ ସମେତ ସମ୍ପାଦକ ଗୌରାଙ୍ଗ ସୋରେନ୍, ସବଡିଭିଜନ ସମ୍ପାଦକ ବିଜୟ କୁମାର ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କତରା ଘୋଡ଼ିହେଲେ**
**ଯମ କି ଛାଡ଼େ ଭଲେ ?**

ମୃତ୍ୟୁ ଅନିବାର୍ଯ୍ୟ । ସଂସାରରେ ଯଦି କିଛି ସତ୍ୟ ଥାଏ ତାହା ହିଁ ହେଉଛି ମୃତ୍ୟୁ। ଯେପରି ଆଲୋକ ସାମ୍ନାରେ ଅନ୍ଧକାରର ସ୍ଥିତି ଅସମ୍ଭାଳ, ସେପରି ମୃତ୍ୟୁ ଲୋକରେ ଅମରତ୍ୱ ଅସମ୍ଭବ। ଜନ୍ମ ଅଛି ମାନେ ମୃତ୍ୟୁ ଅଛି। ଯେତେ ଚେଷ୍ଟା କଲେ ମଧ୍ୟ ମୃତ୍ୟୁକୁ ଟାଳିବା ଅସମ୍ଭବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କୋରଡ଼ ଆଖି**
**ସଜ ହେଉଥାଏ ଯାତରା ଦେଖି ।**

ମହିଳାମାନେ ଅଧିକ ସୌନ୍ଦର୍ଯ୍ୟପ୍ରିୟ। ନିଜକୁ ସୁନ୍ଦର ବେଶରେ ସଜାଇ ଅନ୍ୟ ଆଗରେ ଦେଖେଇହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ବୟସ ଯେତେ ଅଧିକ ହୋଇଗଲେ ମଧ୍ୟ ତାଙ୍କ ସାଜସଜ୍ଜା ପ୍ରତି ରହିଥିବା ଦୁର୍ବଳତା ଭାବ କେବେ ବି କମିପାରି ନ ଥାଏ। ଯାହା ଦେଖିବା ପାଇଁ ମନ ବଳାଇଥିବା ବୃଦ୍ଧା ମହିଳା ନିଜର ବେଶ ପରିପାଟୀ ନେଇ ବ୍ୟଗ୍ର ହୋଇପଡୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
- ଫ୍ରେଣ୍ଡସ୍ ପବ୍ଲିଶର୍ସ


ଜଣେ ଯୁବକଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

# ଚକ୍ଷୁ ଚିକିତ୍ସା ଶିବିର

**ଖଇରା,୨୧।୭(ଡି.ଏନ.ଏ.):** ଭଦ୍ରକର ଭୂମିକା ଚକ୍ଷୁ ହସ୍‌ପିଟାଲ ଓ ମହତୀପୁର ପଞ୍ଚାୟତର ମିଳିତ ସହଯୋଗରେ ଏକ ମେଗା ଚକ୍ଷୁ ଚିକିତ୍ସା ଶିବିର ଶନିବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସଞ୍ଜୟ କୁମାର ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଡା.ମୁକ୍ତିକାନ୍ତ ନାୟକ ୪୦ଜଣ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ମୋତିଆବିନ୍ଦୁ ଚିହ୍ନଟ ହୋଇଥିବା ୧୦ଜଣଙ୍କର ଅସ୍ତ୍ରୋପଚାର ପାଇଁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ଭୂମିକା ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ଅନାଦି ପାଲ, ରବୀନ୍ଦ୍ର ଜେନା, ଅନିତା ସେନାପତି ସ୍ଥାନୀୟ ସ୍ୱେଚ୍ଛାସେବୀ ରମାକାନ୍ତ ଗିରି, ଦୟାନିଧି ମହାପାତ୍ର, ବାବୁ ନାୟକ, ନିଶିକାନ୍ତ ନାୟକ, ସିଲୁ ରାଉଳ ପ୍ରମୁଖ ପରିଚାଳନା କରିଥିଲେ।


ଟାଉନ ହାଇସ୍କୁଲ ପରିସରରେ ଚାରାରୋପଣ।

# ସବୁଜ ବାହିନୀ ପକ୍ଷରୁ ବନ ମହୋତ୍ସବ

**ବାଲେଶ୍ୱର ଅଫିସ,୨୧।୭**

ପୁରାତନ ଶିକ୍ଷାନୁଷ୍ଠାନ ଟାଉନ ହାଇସ୍କୁଲରେ ଇକୋ କ୍ଲବର 'ସବୁଜବାହିନୀ' ପକ୍ଷରୁ ବନ ମହୋତ୍ସବ ଅବସରରେ ଶନିବାର ବିଦ୍ୟାଳୟ ହତା ସଫେଇ ଏବଂ ବୃକ୍ଷରୋପଣ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଇକୋ କ୍ଲବର ଗାଇଡ୍‌ଶିକ୍ଷକ ଅକ୍ଷୟ କୁମାର ପାତ୍ର, କ୍ଲବର ସବୁଜ ବାହିନୀ, ଗାଇଡ଼ ଶିକ୍ଷୟିତ୍ରୀ ସବିତା ପରିଡ଼ା, କଳ୍ପଲତା ରଥ, ଦାମୋଦର ପଣ୍ଡା ଏହାର ନେତୃତ୍ୱ ନେଇଥିଲେ।

ପ୍ରଧାନଶିକ୍ଷକ ଜେନା, ଏସ୍‌ଏମ୍‌ସିର ସଭାପତି ପ୍ରଦୀପ କୁମାର ପ୍ରଧାନ, ପୂର୍ବତନ ସଭାପତି ପ୍ରହ୍ଲାଦ ପ୍ରସାଦ ଗୁପ୍ତା, ପୁରାତନ ଛାତ୍ର ସଂସଦ ସଭାପତି ସୁବ୍ରତ କର, ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତିଙ୍କ ଦ୍ୱାରା ୫ଟି ଫଳଚାରା ବିଦ୍ୟାଳୟ ବଗିଚାରେ ରୋପଣ କରାଯାଇଥିଲା। ଉତ୍ତପ୍ତ ପୃଥିବୀକୁ ରକ୍ଷା କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ବାଡ଼ିରେ ୨ଟିକରି ଗଛ ଲଗାଇବା ବାର୍ତ୍ତା ଦିଆଯାଇଥିଲା। ସବୁଜ ବାହିନୀର ଛାତ୍ରୀଛାତ୍ରମାନେ 'ଗଛ ଲଗାଅ, ଜୀବନ ବଞ୍ଚାଅ', 'ଆମ ବିଦ୍ୟାଳୟ ଭାରି ସୁନ୍ଦର', 'ଯଦି ଥାଏ ତା' ମଧ୍ୟେ ଗଛ ଅପାର', 'ଆସରେ ପିଲେ ଆସ ଲଗାଇବା ଆମ୍ଭେ ଗଛ' ସ୍ଲୋଗାନ ଦେଇଥିଲେ। ଗାଇଡ୍ ଝିଅମାନେ ଏଥିରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଶୋଭନା ମିଶ୍ର, ସୁଷମା ପାଣିଗ୍ରାହୀ, ରଶ୍ମିରେଖା ବେରା, ନମିତା ମହାପାତ୍ର, ସୁମତି ରାଉତ, ଜୟନ୍ତି ଚାଷୀ, ଭାରତୀ ରାଉଳ, ଶିଖାରାଣୀ ପାତ୍ର, ସସ୍ମିତା ଗିରି, ରାମକୃଷ୍ଣ ପଣ୍ଡା, ଗୋପାଳ ପାଲ ତଥା ଅଫିସ ସହକର୍ମୀ ରାଜେନ୍ଦ୍ର ଦେ, ଗୌରାଙ୍ଗ ଚନ୍ଦ୍ର ପାଣିଗ୍ରାହୀ, ଶଶଧର ପ୍ରଧାନ, କାର୍ତ୍ତିକ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଏନଏସ୍‌ଏସ୍ ଶିବିର ଉଦଯାପିତ

**ବାରିପଦା ଅଫିସ,୨୧।୭**

ବାରିପଦା ସହର ଭଞ୍ଜପୁରସ୍ଥିତ ବାରିପଦା ମହାବିଦ୍ୟାଳୟର ଯୁକ୍ତ ୨ ଜାତୀୟ ସେବା ଯୋଜନା ମହିଳା ଶାଖାର ଏନଏସ୍‌ଏସ୍ ଶିବିର ଉଦଯାପିତ ହୋଇଯାଇଛି। ଛାତ୍ରୀମାନେ ମହାବିଦ୍ୟାଳୟର ପୋଷ୍ୟ ଗ୍ରାମକୁ ଯାଇ ବୃକ୍ଷରୋପଣ କରିବା ସହିତ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଶିବିରକୁ ଏନଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ଦୀପକ କୁମାର ବେହେରା ପରିଦର୍ଶନ କରି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅନୀଲ କୁମାର କର, ଗୋପବନ୍ଧୁ ମହାନ୍ତ, ରାଜେଶ କୁମାର ଷଡଙ୍ଗୀ, ସ୍ୱେଚ୍ଛାସେବୀ ଜଗଦୀଶ ପାଲବାବୁ, ସୀମାନ୍ତ ଦିଗାର, ସୁଶ୍ରୀ ଶୁଭମ ପ୍ରମୁଖ ଯୋଗ ଦେଇଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ତରୁଣ କୁମାର ଓଝା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରିଣୀ ଡକ୍ଟର ଅନୀ ପଣ୍ଡା ଏହାକୁ ପରିଚାଳନା କରିଥିଲେ। ଅଧ୍ୟାପିକା ସଂଯୁକ୍ତାରାଣୀ ସୁର, ତାପସ କୁମାର ସାମଲ, ଅଟଳ କୁମାର ମହାନ୍ତ ଓ ରାଜେଶ କୁମାର ଷଡଙ୍ଗୀ ପରିଚାଳନାରେ ସହଯୋଗ କରିଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଦୁର୍ଘଟଣାରେ ୩ ଗୁରୁତର

ଉଦଳା,୨୧।୭(ଡି.ଏନ୍.ଏ.)- ଉଦଳା ଥାନା ଅନ୍ତର୍ଗତ ଜୟପୁର -ବେତନଟୀ ରାସ୍ତାର ରଙ୍ଗାମାଟିଆଠାରେ ରବିବାର ବସ୍ ସହ ଅଟୋରିକ୍ସା ଦୁର୍ଘଟଣାରେ ୭ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ଲାଗି ସେମାନଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତମାନେ ହେଲେ ବୈଶିଙ୍ଗା ଥାନା ଅଞ୍ଚଳର ଚୁନୁମଣୀ ମହାକୁଡ, ବିଜୟ କୁମାର ମହାକୁଡ ଏବଂ ପ୍ରଶାନ୍ତ କୁମାର ଗଣି। ରଙ୍ଗାମାଟିଆ ବାଙ୍କ ନିକଟରେ ବସ ସହ ଅଟୋରିକ୍ସା ପିଟି ହୋଇଯିବାରୁ ଏହି ଦୁର୍ଘଟଣା ଘଟିଥିଲା। ଅଟୋରେ ଥିବା ୭ ଯାତ୍ରୀ ବାହାରକୁ ଛିଟିକି ପଡ଼ିଥିଲେ । ଉଦଳା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

### ଉପଖଣ୍ଡସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା

ବାରିପଦା ଅଫିସ,୨୧।୭-ମୟୂରଭଞ୍ଜ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ବାରିପଦା ମହାବିଦ୍ୟାଳୟଠାରେ ଏନଏସଏସ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଉପଖଣ୍ଡସ୍ତରୀୟ ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏନଏସଏସ ପ୍ରୋଗ୍ରାମ ଅଫିସର ଡା.ଶୁଭେନ୍ଦୁ ଦାସ, ବାରିପଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ତରୁଣ ଓଝା, ଏନଏସଏସ ପ୍ରୋଗ୍ରାମ ଅଫିସର ଡା.ଅଞ୍ଜଳି ପଣ୍ଡା ଓ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଶିଶୁ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ପ୍ରଦାନ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରୋବେଶନ ଅଧିକାରୀ ବବିତା ସାହୁ ଏବଂ କାଉନସିଲର ଦିଲୀପ କୁମାର ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ତଥା ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ସମାଜରେ ଶିଶୁ ନିର୍ଯାତନା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ଭଳି ଅନ୍ୟାନ୍ୟ ଶିଶୁ ସୁରକ୍ଷା ସମ୍ପର୍କିତ ସମସ୍ୟାକୁ ଏନଏସଏସ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ଦୂର କରିବା ଏବଂ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

### ଫଟା ପାଣି ପାଇପ୍‌ର ମରାମତି ହେଉନି

ବାରିପଦା ଅଫିସ,୨୧।୭- ମୟୂରଭଞ୍ଜ ଜିଲା ବାରିପଦା ସହର ୱାର୍ଡ ନଂ. ୨୭ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ପାଣି ପାଇପ୍ ଫାଟି ଯାଇଛି। ଫଳରେ ପାଇପରୁ ପାଣି ବାହାରି ରାସ୍ତା ଓ ନାଳ ନର୍ଦ୍ଦମାରେ ବୋହି ଯାଉଛି। ଫଳରେ ଏହି ୱାର୍ଡ ବାସିନ୍ଦା ଜଳକଷ୍ଟ ଭୋଗୁଛନ୍ତି। ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏ ସମ୍ପର୍କରେ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ନେଇ ଗୁରୁବାର ଭଞ୍ଜସେନାର ଉପସଭାପତି ଜିତୁ ଶିବାନନ୍ଦଙ୍କ ନେତୃତ୍ୱରେ ୱାର୍ଡ ବାସିନ୍ଦା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସାକ୍ଷାତ କରି ପାଇପ ମରାମତି କରିବାକୁ ଦାବି କରିଛନ୍ତି। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

■ ଉଦଳା ମେଡିକାଲରେ ଆସବାବପତ୍ର ଭଙ୍ଗାରୁଜା, କର୍ମଚାରୀଙ୍କୁ ଦୁର୍ବ୍ୟବହାର

# ସୁରକ୍ଷା ଦାବିରେ ଡାକ୍ତର, କର୍ମଚାରୀଙ୍କ ଧାରଣା

ଉଦଳା,୨୧।୭(ଡି.ଏନ୍.ଏ.)



ଡାକ୍ତରଖାନା ସମ୍ମୁଖରେ ଡାକ୍ତର ଓ କର୍ମଚାରୀ ଧାରଣା ଦେଇଛନ୍ତି।

ମୟୂରଭଞ୍ଜ ଜିଲା ଉଦଳା ଡାକ୍ତରଖାନା ପରିସରରେ ଦୈନନ୍ଦିନ ନିଶାସକ୍ତ ଯୁବକମାନଙ୍କର ଅବାଧ ପ୍ରବେଶ ଏବଂ ଡାକ୍ତର ତଥା ଅନ୍ୟାନ୍ୟ କର୍ମଚାରୀଙ୍କୁ ଦୁର୍ବ୍ୟବହାର ସାଙ୍ଗକୁ ଡାକ୍ତରଖାନାରେ ଭଙ୍ଗାରୁଜା କରାଯିବା ଘଟଣାକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ରବିବାର ସକାଳ ୮ ଟାରୁ ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ କରି ଧାରଣାରେ ବସିଥିଲେ। ଖବରପାଇ ଉଦଳା ବିଧାୟକ ଭାସ୍କର ମଢେଇ,ଉପଜିଲାପାଳ ଭଗବାନ ବେହେରା, ଉପଖଣ୍ଡ ଚିକିତ୍ସାଧିକାରୀ ଡା.ଶିବାନନ୍ଦ ମହାନ୍ତି, ଉପଖଣ୍ଡ ପୋଲିସ୍ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର, ଆଇଆଇସି ସନାତନ ସାହୁ ପ୍ରମୁଖ ମେଡିକାଲ ପରିସରରେ ପହଞ୍ଚି ଡାକ୍ତର ଏବଂ କର୍ମଚାରୀଙ୍କୁ ବୁଝାସୁଝା କରିଥିଲେ। ଡାକ୍ତରଖାନା ପରିସରରେ ଦୈନନ୍ଦିନ ଡାକ୍ତରଙ୍କ ସୁରକ୍ଷା ପାଇଁ ପୋଲିସ ମୁତୟନ ହେବା ଏବଂ ମଦ୍ୟପ ଯୁବକମାନଙ୍କୁ ଚିହ୍ନଟ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହାର ହୋଇଥିଲା।

ଏହି ଡାକ୍ତରଖାନାରେ କେତେବେଳ ଡାକ୍ତର ଅଭାବ ତ ଆଉ କେତେବେଳେ ରୋଗୀ ଚିକିତ୍ସାରେ ଡାକ୍ତରଙ୍କ ଅବହେଳା ନେଇ ଡାକ୍ତରଖାନା କର୍ମଚାରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଲାଗି ରହୁଛି। ଗତ ୨ ସପ୍ତାହ ହେଲା କିଛି ନା କିଛି ଘଟଣାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ସହ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଥିବା ଦେଖିବାକୁ ମିଳିଛି। ଡାକ୍ତରଖାନା କର୍ତ୍ତୃପକ୍ଷ, ପୋଲିସ୍ ପ୍ରଶାସନ ଏହାର ସମାଧାନ କରିବାରେ ଅସଫଳ ହୋଇଛନ୍ତି। ଗତ ଶନିବାର ରାତିରେ ଏଭଳି ଘଟଣାକୁ ନେଇ ୩ ଯୁବକଙ୍କୁ ଉଦଳା ଥାନା ପୋଲିସ୍ ଅଟକ ରଖିଛି । ଡାକ୍ତରଖାନାରେ ରୋଗୀ ସେବା ପାଇଁ ଡାକ୍ତରଙ୍କ ଅଭାବ ଥିଲେ ମଧ୍ୟ ଯେଉଁ କେତେଜଣ ଡାକ୍ତର ଅଛନ୍ତି ସେମାନେ ରୋଗୀଙ୍କୁ ଉଚିତ ସେବା ଯୋଗାଇ ଦେଉଥିବା ସ୍ଥାନୀୟ ବିଧାୟକ ସଫେଇ ଦେଇଛନ୍ତି। ଖୁବଶୀଘ୍ର କପ୍ତିପଦା ଉପଖଣ୍ଡ ସରକାରୀ ଡାକ୍ତରଖାନାରେ ସମସ୍ତ ବିଭାଗୀୟ ଡାକ୍ତର ପଦବୀ ପୂରଣ ହେବ ବୋଲି ବିଧାୟକ ମଢେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଲ୍ୟାମ୍ପ୍ସର ବାର୍ଷିକ ବୈଠକ

ବଡସାହି,୨୧।୭(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ସାନକେରକ ଲ୍ୟାମ୍ପ୍ସ ପରିସରରେ ସଭ୍ୟାସଭ୍ୟ ଓ ଶତାଧିକ ଚାଷୀଙ୍କୁ ନେଇ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପ୍ସ ସଭାପତି ଛତିଶ ଚନ୍ଦ୍ର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲ୍ୟାମ୍ପ୍ସ ପରିଚାଳକ ସୁଧାକର ସାହୁ, ଏମସିସି ବ୍ୟାଙ୍କ ସଭାପତି ରାଜକିଶୋର ଆଚାର୍ଯ୍ୟ, ଡାଇରେକ୍ଟର ଭୀମ ଚରଣ ଆଚାର୍ଯ୍ୟ, ଅଶୋକ କୁମାର ସାହୁ, ରବୀନ୍ଦ୍ର କୁମାର ସାହୁ ଓ ପ୍ରକାଶ କରମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆଲୋଚ୍ୟ ପ୍ରସଙ୍ଗକୁ ନେଇ ବିଭିନ୍ନ ପ୍ରସ୍ତାବମାନ ଗୃହୀତ ହୋଇଥିଲା। ସେଥିମଧ୍ୟରୁ ଲ୍ୟାମ୍ପ୍ସ ପରିଚାଳକ ଚୟନରେ ହୋଇଥିବା ଅନିୟମିତତା ସମ୍ପର୍କରେ ଆଲୋଚନା ହୋଇଥିଲା। ଲ୍ୟାମ୍ପ୍ସ ପରିଚାଳକ ପଦବୀ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ପ୍ରଥମ ଚୟନ ହୋଇଥିବା ବ୍ୟକ୍ତି ଜ୍ଞାନ ରଞ୍ଜନ ଦାଶଙ୍କୁ ନିଯୁକ୍ତି ଦିଆଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ବିଶ୍ୱଜିତ ସିଂ, ଶିରିଶ ଚନ୍ଦ୍ର ଦାଶ, ସୁକାନ୍ତ କୁମାର ସାହୁ, ସୁବାସ ଚନ୍ଦ୍ର ପ୍ରଧାନ, ଆନନ୍ଦ ବେହେରାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

## ୨୨୬ ଗାଁରେ ଲାଗୁନି ଷ୍ଟ୍ରିଟ୍ ଲାଇଟ୍

ବେତନଟୀ,୨୧।୭(ଡି.ଏନ୍.ଏ.)

ଗ୍ରାମପଞ୍ଚାୟତ ଓ ବ୍ଲକ ପ୍ରଶାସନ ମଧ୍ୟରେ ଉତ୍ତମ ବୁଝାମଣା ଅଭାବରୁ ସର୍ବସାଧାରଣ ଅନ୍ଧାରୁଆ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇ ପାରୁନାହିଁ। ବେତନଟୀ ବ୍ଲକର ୨୪ଟି ପଞ୍ଚାୟତର ଆକାଉଣ୍ଟକୁ ୩ ବର୍ଷ ହେଲା ଟଙ୍କା ଆସିଥିଲେ ମଧ୍ୟ ତାହା ଖର୍ଚ୍ଚ ନ ହୋଇ ପଡି ରହିଛି। ପଞ୍ଚାୟତରେ ପଲ୍ଲୀସଭା ଓ ଗ୍ରାମସଭା କରାଯାଇ ଏଷ୍ଟିମେଟ ପାସ୍ ହୋଇଥିବା ବେଳେ ସରପଞ୍ଚମାନେ ଟଙ୍କା ଖର୍ଚ୍ଚ କରୁ ନାହାନ୍ତି। ଫଳରେ ବେତନଟୀ ବ୍ଲକ ଅନ୍ତର୍ଗତ ୨୨୬ ଗ୍ରାମ ଅନ୍ଧାରରେ ରହିଛି। ଏଥିନେଇ ବାରମ୍ବାର ବ୍ଲକ ପ୍ରଶାସନ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ସରପଞ୍ଚମାନେ ସଫଳ ହୋଇ ପାରିନାହାନ୍ତି।

ଜିଲାର ଅଧିକାଂଶ ବ୍ଲକରେ ସରପଞ୍ଚମାନେ ଏହି ଟଙ୍କାକୁ କାମରେ ଲଗାଇଥିବା ବେଳେ ବେତନଟୀ ବ୍ଲକରେ ଷ୍ଟ୍ରିଟ୍ ଲାଇଟ୍ ଲାଗିପାରୁ ନାହିଁ। ଏହି ଯୋଜନାରେ ପଞ୍ଚାୟତ ଆକାଉଣ୍ଟକୁ ଦିଆଯାଇଥିବା ୧ କୋଟି ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ୨୪ ପଞ୍ଚାୟତ ପାଇଁ ଗଚ୍ଛିତ ରହିଛି। ଗାଁରେ ଥିବା ସର୍ବସାଧାରଣ ସ୍ଥାନ ଯଥା-ଅଙ୍ଗନୱାଡି, ବିଦ୍ୟାଳୟ, ସଭାଗୃହ, ମନ୍ଦିର, ରାସ୍ତା ଓ ଛକସ୍ଥାନରେ ଏହି ଲାଇଟ୍ ଲଗାଯିବାର ନିର୍ଦ୍ଦେଶ ରହିଛି। ଗୋଟିଏ ଲାଇଟ୍‌ର ଦାମ ୩୭ ଶହ ଟଙ୍କାରୁ ଉର୍ଦ୍ଧ୍ୱ ରହିଛି। ଏଥିପାଇଁ ବର୍ଷକୁ ପ୍ରତି ପଞ୍ଚାୟତ ପାଇଁ ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଉଛି। ଏହିଭଳି ହିସାବରେ ୨୦୧୫-୧୬, ୨୦୧୬-୧୭, ୨୦୧୭-୧୮ ପାଇଁ ଟଙ୍କା ଆସିଥିଲେ ମଧ୍ୟ ପ୍ରତି ପଞ୍ଚାୟତରେ ଏହି ଟଙ୍କା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ବେତନଟୀ ବ୍ଲକର ୨୨୬ ଗ୍ରାମ ମଧ୍ୟରୁ ବେତନଟୀ ଓ ବୈଶିଙ୍ଗା ଅଧିକ ଜନ ସମାଗମ ଅଞ୍ଚଳ ହୋଇଥିବା ଓ ଏଠାରେ ବଜାର ରହିଥିବା ବେଳେ ଏହି ଅଞ୍ଚଳଗୁଡ଼ିକ ମଧ୍ୟ ଏବେବି ଅନ୍ଧାରରେ ରହିଛି। ଏ ବିଷୟରେ ବ୍ଲକ ଅଧୀନ ମୁକ୍ତାପୁର ପଞ୍ଚାୟତର ନିର୍ବାହୀ ଅଧିକାରୀ (ପି.ଇ.ଓ.) ପବିତ୍ର ମୋହନ ବାରିକ୍ କୁହନ୍ତି, ଦୀର୍ଘ ଦିନ ଧରି ଟଙ୍କା ପଡି ରହିଥିଲା ବେଳେ ଅଳ୍ପଦିନ ହେବ ସରପଞ୍ଚଙ୍କ ନିର୍ଦ୍ଦେଶରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା କାମ ଆରମ୍ଭ କରିଛନ୍ତି। ବେତନଟୀ ପଞ୍ଚାୟତର ସରପଞ୍ଚ ଦୁଃଖିଆ ମୁର୍ମୁ ଓ ବୈଶିଙ୍ଗା ପଞ୍ଚାୟତର ସରପଞ୍ଚ ଇନ୍ଦିରାବତୀ ମୁର୍ମୁ କୁହନ୍ତି, ବେତନଟୀ ବଜାର ସମେତ ସମସ୍ତ ଛକ, ବସ୍ତି ଓ ରାସ୍ତାରେ ସମ୍ପୂର୍ଣ୍ଣ ଆଲୋକୀକରଣ କରିବାରେ ଇଚ୍ଛା ଅଛି। ପଞ୍ଚାୟତ ବ୍ୟାଙ୍କ ଖାତାରେ ଗଚ୍ଛିତ ଥିବା ଟଙ୍କାରେ ଏହି ବ୍ୟବସ୍ଥା ହୋଇପାରିବ, ଏଥିପାଇଁ ସରପଞ୍ଚମାନଙ୍କୁ ବ୍ଲକ ପ୍ରଶାସନ ଅସହଯୋଗ କରୁଥିବାରୁ କାମ ହୋଇ ପାରୁନାହିଁ ବୋଲି କହିଛନ୍ତି। ବ୍ଲକ ସହକାରୀ ଯନ୍ତ୍ରୀ ସୁକେଶ୍ମିତା ନାୟକଙ୍କୁ ପଚାରିବାରୁ ପଞ୍ଚାୟତ ଆକାଉଣ୍ଟକୁ ଆସିଥିବା ଷ୍ଟ୍ରିଟ୍ ଲାଇଟ୍ ବାବଦରେ ଟଙ୍କା ବିଷୟ ଜିଲାସ୍ତରରୁ କ୍ଲିୟରାନ୍ସ ଆସି ନ ଥିବାରୁ କାମ ହୋଇପାରି ନାହିଁ ବୋଲି କହିଛନ୍ତି। ବେତନଟୀ ବିଡିଓ ଜଗନ୍ନାଥ ହନୁମାନଙ୍କୁ ପଚାରିବାର ରାଜ୍ୟ ସରକାର ଏଥିପାଇଁ ଟେଣ୍ଡର କରିବାକୁ ଥିଲା ବେଳେ ଜିଲାରୁ ଟେଣ୍ଡର କରାଯିବ ବୋଲି ସିଦ୍ଧାନ୍ତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକର ଜଣେ ସରପଞ୍ଚ ଟେଣ୍ଡର ବିଷୟକୁ ନେଇ କେସ୍ କରିଛନ୍ତି। ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦ ଜିଲାରେ ଟେଣ୍ଡର କାମ ସରି ଯାଇଥିଲେ ମଧ୍ୟ ମୟୂରଭଞ୍ଜରେ ଟେଣ୍ଡର ହୋଇନାହିଁ ବୋଲି କହିଛନ୍ତି।

## 'ସମାଜ ସଂସ୍କାର କ୍ଷେତ୍ରରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ'

### ଯଶୋଦା ସାହିତ୍ୟ ସଂସଦର ସାରସ୍ୱତ ଆଲୋଚନାଚକ୍ର

ବାରିପଦା ଅଫିସ,୨୧।୭

ବାରିପଦା ଯଶୋଦା ସାହିତ୍ୟ ସଂସଦ ତରଫରୁ ରବିବାର ଆଇଏଏସ ଗୁରୁକୁଳ ମିଶନ ପରିସରରେ ମାସିକ ସାରସ୍ୱତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। 'ସମାଜକୁ ବୁଦ୍ଧିମନ୍ତ କରିବାରେ ସାହିତ୍ୟର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଡ.ସରୋଜ କୁମାର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଭାରତ ଶିକ୍ଷାରତ୍ନ କବି ଅମିତାଭ ମିଶ୍ର ଓ ଅଧ୍ୟାପକ ଅଶୋକ କୁମାର ପୃଷ୍ଟି ଆଲୋଚକ ଭାବେ ଯୋଗଦେଇ ସମାଜର ପ୍ରଗତି ଓ ସଂସ୍କାର କ୍ଷେତ୍ରରେ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏହି ଅବସରରେ କବୟିତ୍ରୀ ସୁନିତା ରାଣୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସମୀକ୍ଷା ମହାନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନନ୍ୟା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଯୋଗ ଦେଇଥିଲେ।


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ।

## କାଠ ବୋଝେଇ ଗାଡ଼ି ଜବତ

ବେତନଟୀ,୨୧।୭(ଡି.ଏନ୍.ଏ.)

ବେତନଟୀ ରେଞ୍ଜ କାର୍ଯ୍ୟାଳୟ ଅଧୀନ ମାକୁନ୍ଦ ଗ୍ରାମ ରାସ୍ତାରେ ଏକ ଶାଳ କାଠଗଣ୍ଡି ବୋଝେଇ ପିକ୍‌ଅପ୍ ଭ୍ୟାନକୁ ରବିବାର ବନ ବିଭାଗ ଜବତ କରିଛି। ବେତନଟୀ ରେଞ୍ଜର ଘନଶ୍ୟାମ ସିଂଙ୍କ ନେତୃତ୍ୱରେ ଫରେଷ୍ଟର ସୁଶାନ୍ତ ବାଗ୍, ବୈଶିଙ୍ଗା, ବୋଡାମ୍ପୁର, କେଶିପୁର ଫରେଷ୍ଟରଙ୍କ ସମେତ ବନ କର୍ମଚାରୀମାନେ ଏହି କାଠ ବୋଝେଇ ଗାଡିକୁ ଜବତ କରିଥିଲେ। କୌଶଳ କ୍ରମେ ଗାଡି ଚାଳକ ଫେରାର୍ ହୋଇଯାଇଛନ୍ତି। ଏଥିନେଇ ବେତନଟୀ ରେଞ୍ଜ କାର୍ଯ୍ୟାଳୟରେ ଏକ ମାମଲା (ନଂ. ୯/୧୯-୨୦) ରୁଜୁ ହୋଇଛି। ଜବତ କାଠର ମୂଲ୍ୟ ପ୍ରାୟ ୮୦ ହଜାର ଟଙ୍କା ହେବ ବୋଲି ବନବିଭାଗ ଆକଳନ କରିଛି।


ଜବତ ହୋଇଥିବା କାଠ ବୋଝେଇ ଗାଡି।

## କର୍ମନିଯୁକ୍ତି ଶିବିର

ରାଇରଙ୍ଗପୁର,୨୧।୭(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ରବିବାର ଜିଲା କର୍ମ ନିୟୋଜନ ସଂସ୍ଥା ପକ୍ଷରୁ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟ ପରିସରରେ ଏକ ମିନି କର୍ମ ନିଯୁକ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ଉପଜିଲାପାଳ ଧର୍ମାନନ୍ଦ ବେହେରା ଏବଂ ବିଡିଓ ରୀନା ଡାଙ୍ଗ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କର୍ମନିୟୋଜନ ଅଧିକାରୀ ବିଜୟ କୁମାର ପାତ୍ର ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିବିରରେ ୧୦ଟି କମ୍ପାନୀ ଅଂଶ ଗ୍ରହଣ କରିଥିଲେ। ରାଇରଙ୍ଗପୁର, ତିରିଂ, ଯାମଦା, ବହଳଦା ଏବଂ ବିଜାତଳା ସମେତ ୭ଟି ବ୍ଲକରୁ ଆସିଥିବା ମୋଟ ୪୨୫ ଜଣ ଶିକ୍ଷିତ ବେକାର ଯୁବତୀ ଯୁବକମାନଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩୩୪ ଜଣଙ୍କୁ ନିଯୁକ୍ତି ଲାଗି ଚୟନ କରାଯାଇଥିବା ଜଣାପଡିଛି। ଏହି ଅବସରରେ ରାଇରଙ୍ଗପୁର ସବ୍‌ଡିଭିଜନାଲ କର୍ମ ନିୟୋଜନ ଅଧିକାରୀ ମେଘନାଥ ରାୟଙ୍କ ସମେତ ଜିଲା ଏବଂ ରାଇରଙ୍ଗପୁର କର୍ମନିୟୋଜନ କାର୍ଯ୍ୟାଳୟର ବିଭିନ୍ନ ପଦାଧିକାରୀ ଯୋଗଦେଇଥିଲେ। ଏହି ଶିବିରକୁ ରାଇରଙ୍ଗପୁର ସବ୍‌ଡିଭିଜନର ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରୁ ଶତାଧିକ ବିଭିନ୍ନ ବର୍ଗର ଶିକ୍ଷିତ ବେକାର ଯୁବତୀଯୁବକ ଆସିଥିଲେ। ତେବେ ନାମିଦାମୀ କମ୍ପାନୀ ଆସି ନ ଥିବାରୁ ନିରାଶ ହୋଇ ବହୁ ଶିକ୍ଷିତ ଯୁବତୀ ଯୁବକ ଫେରିଯାଇଥିବା ତିରିଂ ବ୍ଲକ ଅଞ୍ଚଳର ହିରାମଣି ମୁର୍ମୁ ଏବଂ ରାଇରଙ୍ଗପୁର ବ୍ଲକ ଅଞ୍ଚଳର ସମ୍ପଦ ଲାଲ ମଣ୍ଡଳ ପ୍ରକାଶ କରିଛନ୍ତି।

## ଜାତୀୟ ସେବା ଶିବିର

କୁଆମରା,୨୧।୭(ଡି.ଏନ୍.ଏ.)

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ୭ ଦିନିଆ ଜାତୀୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅଧକ୍ଷ ମନୋଜ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଯୋଜନା ଅଧିକାରୀ ବାଳକ ବିଭାଗର ଗୋପାଳ କୃଷ୍ଣ ନାୟକ ଓ ବାଳିକା ବିଭାଗର ଇପସିତା ମୋନାଲିସା ମିଶ୍ରଙ୍କ ଦ୍ୱାରା ମୋଟ ୨୪ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କୁ ନେଇ ମାଙ୍କଡକେନ୍ଦା ଗ୍ରାମରେ ଚାରାରୋପଣ, ରାସ୍ତା ସଫେଇ ସାଙ୍ଗକୁ ମରାମତି ପ୍ରଭୃତି କାର୍ଯ୍ୟ କରାଯାଇଥିଲା। ଅତିଥି ଭାବେ ଜିଲା ଯୋଜନା ଅଧିକାରୀ ଡକ୍ଟର ଶୁଭେନ୍ଦୁ ଦାସ ଓ ସୀମାନ୍ତ କଲେଜର ଅଧ୍ୟାପକ ଦେବେଶ ହୋତା ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଉନ୍ନୟନ ମୂଳକ ସେବା କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଲୁମ୍ନି ମିଟ୍‌ରେ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧିତ ହୋଇଥିବା କୃତୀ ଛାତ୍ରୀଛାତ୍ରମାନେ ।

ବାରିପଦା ଅଫିସ,୨୧।୭

ବାରିପଦା ଭଞ୍ଜପୁରସ୍ଥିତ ଆବେୱେଷ୍ଟ କୌଶଳ କେନ୍ଦ୍ରଠାରେ ଆଲୁମ୍ନି ମିଟ୍ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉକ୍ତ କେନ୍ଦ୍ରରୁ ତାଲିମ ନେଇ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ର ପରିଚାଳକ ପୀତବାସ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ଆଇଟିଡିଏ ବାରିପଦାର ସ୍ପେଶାଲ ଅଫିସର ମହେଶ ପ୍ରସାଦ ମହାପାତ୍ର, ସମ୍ମାନନୀୟ ଅତିଥି ଭାବରେ ବାରିପଦା ସଦର ଏଡିଡବ୍ଲ୍ୟୁଓ ବିଜୟ କୁମାର ନାଏକ, ଉଦଳା ଆଇଟିଡିଏର ପ୍ରୋଜେକ୍ଟ ମ୍ୟାନେଜର ପ୍ରଣବ କୁମାର ଦାସ, ବାରିପଦା ଆଇଟିଡିଏର ସବଜେକ୍ଟ ମେଟର ସ୍ପେଶିଆଲିଷ୍ଟ ଅମରେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। କୃତୀ ତାଲିମପ୍ରାପ୍ତ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରେନର ଶୁଭଲକ୍ଷ୍ମୀ ଭଞ୍ଜଦେଓ, ଭାଗ୍ୟଶ୍ରୀ ଦଣ୍ଡପାଟ, ଦେବିକାରାଣୀ ଦାସ, ସାନୁ ସନ୍ଦୀପ ମହାପାତ୍ର, ରାକେଶ ମହାନ୍ତି, ଆଶିଷ କୁମାର ଦାସ, ମାନସ ରଞ୍ଜନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ସହିତ ବହୁ ପୁରାତନ ଛାତ୍ରୀଛାତ୍ର ମଧ୍ୟ ଯୋଗ ଦେଇଥିଲେ ।

# ବର୍ଷାଭାବ: ପଡ଼ିଆ ପଡ଼ିଛି ଚାଷଜମି

ବାରିପଦା ଅଫିସ,୨୧।୭

■ ଧାନତଳି ହଳଦିଆ ପଡି ନଷ୍ଟ ହୋଇଗଲାଣି

■ ୩୩୭.୦୩ ମି.ମି. ସ୍ଥାନରେ ହୋଇଛି ୯୦.୩୫ ମି.ମି.ବର୍ଷା

ଶ୍ରାବଣ ମାସକୁ ଧାରା ଶ୍ରାବଣ କୁହାଯାଏ। ଏହି ସମୟରେ ମୂଷଳ ଧାରାରେ ବର୍ଷା ହୋଇଥାଏ। ନଦୀ ନାଳ ଓ ଗଡିଆ ପୋଖରୀ ସବୁ ଜଳମଗ୍ନ ହୋଇପଡ଼େ। ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଅନେକ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଏବେ ଶ୍ରାବଣ ମାସ ଆରମ୍ଭ ହୋଇଥିଲେ ବି ବର୍ଷାଭାବରୁ ବିଲବାଡି ଶୁଖିଲାପଡ଼ିଛି। ମୌସୁମୀ ଆସିବା ପରେ ଦୁର୍ବଳ ହୋଇପଡିଥିବାରୁ ଚାଷୀକୁଳ ବର୍ଷାକୁ ଚାହିଁ ଚାହିଁ ହତାଶ ହେଲେଣି। ଜିଲାର ଅଧିକାଂଶ ଅଞ୍ଚଳରେ ଚାଷ କାର୍ଯ୍ୟ ଏଯାଏ ଆରମ୍ଭ ହୋଇପାରିନି । ଚାଷୀମାନେ ଅଳ୍ପ ବର୍ଷାରେ ପକାଇଥିବା ଧାନତଳି ହଳଦିଆ ପଡି ନଷ୍ଟ ହେବାକୁ ବସିଲାଣି। ଏଥିରୁ ସାରା ଜିଲାରେ ଆସନ୍ନ ମରୁଡିର ପଦଧ୍ୱନି ବାରି ହୋଇ ପଡୁଛି ।

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ପ୍ରାୟ ତିନି ଚତୁର୍ଥାଂଶ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଜିଲା ଅର୍ଥନୀତିର ଭିତ୍ତିଭୂମି କୃଷି ଉତ୍ପାଦନ। ଏଥର ମୌସୁମୀ ଆଗମନକୁ ଦୃଷ୍ଟିରେ ରଖି ଚାଷୀମାନେ ଆଗୁଆ ଜୁନ୍ ୧୫ ବେଳକୁ ତଳି ପକାଇବା କାମ ଆରମ୍ଭ କରିଥିଲେ। ସ୍ୱାଭାବିକ ବୃଷ୍ଟିପାତ ହେଲେ ଚାଷୀ ଜୁଲାଇ ୧୫ରୁ ଅଗଷ୍ଟ ୧୫ ମଧ୍ୟରେ ଜମିରେ ରୁଆପୋତା କାମ ସାରିଥାନ୍ତି। ହେଲେ ବର୍ଷାଭାବ ପରିସ୍ଥିତି ଯୋଗୁ ଜିଲାର ଅନେକ ଅଞ୍ଚଳରରେ ଏଯାଏ ଚାଷକାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଯେଉଁମାନେ ଧାନତଳି ପକାଇଥିଲେ, ତାହା ନଷ୍ଟ ହୋଇଯିବାରୁ ଚିନ୍ତାରେ ପଡ଼ିଛନ୍ତି। ଜଳସେଚନ ସୁବିଧା ଥିବା ଅଞ୍ଚଳରେ ସବୁ ଜମିକୁ ମଧ୍ୟ ପାଣି ପହଞ୍ଚୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଚାଷୀ ମାଧବ ସିଂ କହିଛନ୍ତି, ବର୍ଷା ଅଭାବରୁ ତାଙ୍କ ଧନତଳି ଶୁଖି ନଷ୍ଟ ହୋଇଯିବାରୁ ସେ ଏଥର ଚାଷ କରିବା ଆଶା ଛାଡି ଦେଲେଣି। ଜିଲା ପ୍ରଶାସନ ତୃଣମୂଳ ସ୍ଥିତି ଅନୁଧ୍ୟାନ କରି ଚାଷୀଙ୍କୁ କ୍ଷତିପୂରଣ ଦେବା ଆବଶ୍ୟକ। ଚାଷୀ ହରିନାରାୟଣ ବେହେରା ଅନୁରୂପ ମତବ୍ୟକ୍ତ କରି କହିଛନ୍ତି, ଏଥର ମରୁଡି ସ୍ଥିତି ସୃଷ୍ଟି ହେଲେ ଏହା କୃଷି ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେବ। ସରକାର ପରିସ୍ଥିତିର ମୁକାବିଲା ଲାଗି ତୁରନ୍ତ ପଦକ୍ଷେପ ନେବା ବେଳ ଆସିଛି। ଚାଷୀ ବିକାଶ ନାଏକ କହିଛନ୍ତି, ସେ ଧାର ଉଧାର କରି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ବର୍ଷାଭାବରୁ ଧାନ ତଳି ଖରାପ ହୋଇଯିବାରୁ ଚିନ୍ତାରେ ରହିଛନ୍ତି। ବିଳମ୍ବରେ ବର୍ଷା ହେଲେ ଧାନ ତଳି ଅଭାବରୁ ସେ ଚାଷ କାର୍ଯ୍ୟ କରିପାରିବେ ନାହିଁ। ଜିଲାର ବିଭିନ୍ନ ଅଞ୍ଚଳରେ ବର୍ଷାଭାବ ଯୋଗୁ ଚାଷଜମି ସବୁ ପଡିଆ ପଡିଥିବାରୁ କେତେକ ସ୍ଥାନରେ ଲୋକେ ଜମିକୁ ଗୋରୁ ଛାଡି ଦେଉଥିବା ଦେଖିବାକୁ ମିଳିଛି।


ଶାମାଖୁଣ୍ଟା ବ୍ଲକ ଅଞ୍ଚଳରେ ନଷ୍ଟ ହୋଇଥିବା ଧାନ ତଳି।

ସରକାରୀ ସୂଚନା ଅନୁଯାୟୀ ଚଳିତ ବର୍ଷ ମୟୂରଭଞ୍ଜ ଜିଲାର ୩୦ ବ୍ଲକରେ ୨ ଲକ୍ଷ ୯୨ ହଜାର ୫୦୦ ହେକ୍ଟର ଜମିରେ ଖରିଫ ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ବର୍ତ୍ତମାନ ସୁଦ୍ଧା ମାତ୍ର ୮୧ ହଜାର ୭୯୧ ହେକ୍ଟର ଜମିରେ ଚାଷକାର୍ଯ୍ୟ ଆରମ୍ଭ ହୋଇଛି। ଚାଷ କାର୍ଯ୍ୟ ଲାଗି ଜୁଲାଇ ମାସରେ ୩୩୭.୦୩ ମି.ମି. ବର୍ଷାର ଆବଶ୍ୟକତା ଥିବାବେଳେ ଏହି ମାସରେ ଅଦ୍ୟାବଧି ୯୦.୩୫ ମି.ମି. ବର୍ଷା ହୋଇଥିବା ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ଆସନ୍ତା ସପ୍ତାହକ ମଧ୍ୟରେ ଚାଷ ଉପଯୋଗୀ ବର୍ଷା ନ ହେଲେ ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ଜିଲା କୃଷି ଉପନିର୍ଦ୍ଦେଶକ ଦାମୋଦର ସେଠୀ କହିଛନ୍ତି।

### ଚିନ୍ତାରେ ଚାଷୀକୁଳ

କୋଷ୍ଟା,୨୧।୭(ଡି.ଏନ୍.ଏ.)- ବର୍ଷା ଅଭାବରୁ ଶୂଳିଆପଦା ବ୍ଲକ ଅଞ୍ଚଳରେ ଚାଷ ଜମି ପଡିଆ ପଡ଼ିଛି। ଅନେକ ସ୍ଥାନରେ ଜମିରେ ଗୋରୁ ଚରୁଛନ୍ତି । ଚାଷକାମ ଆରମ୍ଭ ହୋଇ ପାରି ନ ଥିବାରୁ ଚାଷୀକୁଳ ହତାଶ ହୋଇ ପଡ଼ିଛନ୍ତି । ଦୀର୍ଘ କିଛି ବର୍ଷ ହେବ ଏହି ଅଞ୍ଚଳରେ ପ୍ରାୟତଃ ମରୁଡି ଭଳି ପରିସ୍ଥିତି ଲାଗି ରହୁଛି। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳର ଚାଷୀ ସହଳ କିସମ ଧାନ ଚାଷ ପାଇଁ ଶୁଖିଲା ତଳି ପ୍ରସ୍ତୁତ କରି ସାରିଛନ୍ତି। ଏହି ତଳିକୁ ୧୫ ରୁ ୨୧ ଦିନ ମଧ୍ୟରେ ରୁଆ ପୋତା କରାଯିବା କଥା, ମାତ୍ର ତଳି ଘେରା ମାସକର ହେବାକୁ ବସିଲାଣି । ବର୍ତ୍ତମାନ ଏହି ତଳି ରୁଆ ନ ହେଲେ ଏହାର ଅମଳ କମିଯିବ। ସାର, ବିହନ, ମଜୁରି, ବେଉଷଣ ଖର୍ଚ୍ଚ ଭରଣା କରିବା କଷ୍ଟକର ହୋଇପଡିବ। ଏହି ଚିନ୍ତାରେ ଚାଷୀକୁଳ ମୁଣ୍ଡରେ ହାତଦେଇ ବସିଛନ୍ତି। ଏହି ବ୍ଲକରେ ଖରିଫ ଚାଷ ହେବାକୁ ଥିବା ପ୍ରାୟ ୧୪ ହଜାର ହେକ୍ଟର ଚାଷଜମି ମଧ୍ୟରୁ ୧୦ ପ୍ରତିଶତରୁ କମ୍ ଖାଲୁଆ ଜମିରେ ବର୍ତ୍ତମାନ ଚାଷ କାମ ହୋଇଛି । ଚଳିତ ବର୍ଷ ଓଡ଼ିଶା ରାଜ୍ୟ ବିହନ ନିଗମ ପକ୍ଷରୁ ଯୋଗାଇ ଦିଆଯାଇଥିବା ବିହନରୁ ଅଧିକାଂଶ ଗଜା ହେଉ ନ ଥିବା ଅଭିଯୋଗ ହୋଇଛି। ଚାଷୀ ବିଭିନ୍ନ ସୂତ୍ରରୁ ବିହନ ସଂଗ୍ରହ କରି ପ୍ରସ୍ତୁତ କରିଥିବା ତଳିଘେରା ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଏହି ବ୍ଲକ ମଧ୍ୟ ଦେଇ ଯାଇଥିବା ଜମ୍ବିରା କେନାଲରେ ମଧ୍ୟ ଏଯାବତ ପାଣି ଛଡା ଯାଇ ନାହିଁ । ବ୍ଲକ ଅଞ୍ଚଳରେ ଥିବା ଉଠା ଜଳସେଚନ ପଏଣ୍ଟଗୁଡକ ମଧ୍ୟରୁ ୯୫ ଭାଗ ଅଚଳ ଅବସ୍ଥାରେ ପଡ଼ି ରହିଛି । ପ୍ରଶାସନ ଦିଗରେ ଧ୍ୟାନ ଦେଇ କେନାଲ କିମ୍ବା ଜଳସେଚନ ପଏଣ୍ଟ ଜରିଆରେ ତୁରନ୍ତ ଜଳସେଚନ ବ୍ୟବସ୍ଥା କରାଇବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।

# ଅଧାପନ୍ତରିଆ ଅବସ୍ଥାରେ ୧୮ ପ୍ରକଳ୍ପ

■ ଗ୍ରାମ୍ୟ ଜଳ ଯୋଗାଣ ଯୋଜନା ଦିଗହରା
■ ୩୮ ପ୍ରକଳ୍ପରୁ ମାତ୍ର ୨୦ ସମ୍ପୂର୍ଣ୍ଣ
■ ଅବଧି ସରିଲାଣି, କାମ ସରୁନି

**ବନ୍ତ, ୨୧।୭ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ଦିଗହରା ହୋଇପଡ଼ିଛି ଗ୍ରାମ୍ୟ ଜଳ ଯୋଗାଣ ଯୋଜନା। ସରକାରଙ୍କ ଏହି ଯୋଜନାରେ ପ୍ରତ୍ୟେକ ପରିବାରକୁ ସ୍ୱଚ୍ଛ ପାନୀୟଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଯୋଜନା କିନ୍ତୁ ଫେଲ୍ ମାରିଥିବା ଦେଖିବାକୁ ମିଳିଛି। ବ୍ଲକର ୨୫ ପଞ୍ଚାୟତରେ ମୋଟ ୩୮ଟି ପ୍ରକଳ୍ପ ମଞ୍ଜୁର ହୋଇଥିବା ଜଣାପଡ଼ିଛି। ୨୦୧୩-୧୪ ଓ ୨୦୧୪-୧୫ରୁ ଅଧିକାଂଶ ପ୍ରକଳ୍ପ ମଞ୍ଜୁର ହୋଇ କାମ ଆରମ୍ଭ ହୋଇଥିଲେ ମଧ୍ୟ ସରକାରୀ ତଥ୍ୟ ଅନୁସାରେ ଏପର୍ଯ୍ୟନ୍ତ ମାତ୍ର ୨୦ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୧୮ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିଥିବା ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି।

ପଞ୍ଚାୟତର ସମସ୍ତ ଗ୍ରାମକୁ ପାଇପ୍ ସଂଯୋଗ କରାଯାଇ ପ୍ରତି ପରିବାରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ସକାଶେ ଏହି ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରାଯାଇଛି। ୨୦୧୬ ସୁଦ୍ଧା ସମସ୍ତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଥିଲା। ଧାର୍ଯ୍ୟ ସମୟ ଯାଇ ୩ ବର୍ଷ ବିତିଗଲାଣି। କାର୍ଯ୍ୟ କରୁଥିବା ଏଜେନ୍ସି ଧାର୍ଯ୍ୟ ସମୟରେ କାମ ଶେଷ କରୁ ନ ଥିବାରୁ ଯୋଜନାର ଉଦ୍ଦେଶ୍ୟ ସାଧିତ ହୋଇପାରୁ ନ ଥିବା କୁହାଯାଉଛି। ମିଳିଥିବା ସୂଚନା ଅନୁଯାୟୀ, ଅଣିଜୋରେ ୨୦୧୩-୧୪ ଆର୍ଥିକ ବର୍ଷରେ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ୨୦୧୪ ଜୁନ ୧୦ରେ କାମ ଆରମ୍ଭ କରାଯାଇ ୨୦୧୫ ଜୁଲାଇ ୧୦ରେ କାର୍ଯ୍ୟ ସାରିବାର ଥିଲା। ଅଦ୍ୟାବଧି ୧୫ ଲକ୍ଷ ୭୮ ହଜାର ୧୨୦ ଟଙ୍କା ଖର୍ଚ୍ଚ ସରିଥିଲେ ବି କାର୍ଯ୍ୟ ଶେଷ ହୋଇପାରି ନାହିଁ। ସେହିପରି ଓଡଙ୍ଗ ପଞ୍ଚାୟତ ସରମରାରେ ୨୦୧୪-୧୫ରେ ମଞ୍ଜୁର ହୋଇଥିବା ପ୍ରକଳ୍ପ ୨୦୧୫ ଜୁନ ୩୦ରେ କାର୍ଯ୍ୟ ଶେଷ ହେବାର ଥିଲା। ଏପର୍ଯ୍ୟନ୍ତ ୨୦ ଲକ୍ଷ ୬୭ ହଜାର ୫୩୬ ଟଙ୍କା ଖର୍ଚ୍ଚ ହୋଇସାରିଥିଲେ ମଧ୍ୟ କାର୍ଯ୍ୟ ସରିପାରି ନାହିଁ। ୨୦୧୪-୧୫ରେ ମଞ୍ଜୁର ହୋଇଥିବା ଆପଣ୍ଡା, ଗୋପାଳପୁର, ତରାଗୋ, ରାଉତରାପୁର, ଅଳଡତି ପ୍ରକଳ୍ପର ଅନୁରୂପ ଅବସ୍ଥା। ୨୦୧୩-୧୪ରେ ମଞ୍ଜୁର ହୋଇଥିବା ଗୋପୀନାଥପୁର, ଦଣ୍ଡୋ, ରାମକୃଷ୍ଣପୁର, ରାମପୁର, ତୋଡଗାଁ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଶେଷ ହୋଇପାରି ନାହିଁ। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ମିଶ୍ରଙ୍କୁ ପଚାରିବାରୁ କହିଛନ୍ତି, ପ୍ରକଳ୍ପ କାମ କରୁଥିବା ଏଜେନ୍ସି ମନ୍ଥର ଗତିରେ କାର୍ଯ୍ୟ କରୁଥିବାରୁ ଏପରି ବିଳମ୍ବ ହେଉଛି। ଏଗ୍ରିମେଣ୍ଟ ଅନୁସାରେ ସେମାନେ ୧୧ ମାସ ଭିତରେ କାମ ସାରିବା କଥା। ବେଶିହେଲେ ୬ ମାସ ସମୟ ନେଇପାରିବେ। ରାଉତରାପୁର ଓ ଗୋପୀନାଥପୁର ୨ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଆସିଲାଣି ବୋଲି ସେ ସୂଚନା ଦେଇଛନ୍ତି।



ଅଧା ହୋଇ ରହିଥିବା ଏକ ପାନୀୟ ଜଳ ପ୍ରକଳ୍ପ।

## ସଂକ୍ଷେପରେ

### ଭଦ୍ରକ ରେଳ ଷ୍ଟେଶନରୁ ୭ ଶିଶୁ ଉଦ୍ଧାର

**ଭଦ୍ରକ ଅଫିସ, ୨୧।୭ :** ଭଦ୍ରକ ରେଳ ଷ୍ଟେଶନରୁ ଶନିବାର ୭ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ୫ ଜଣ ନାବାଳିକା ଓ ୨ ନାବାଳକ ରହିଛନ୍ତି। କାର୍ଯ୍ୟରତ ରେଳସୁରକ୍ଷା ବଳ ଓ ରେଲୱେ ପୋଲିସ ଏବଂ ଭଦ୍ରକର ଚାଇଲ୍ଡ ଲାଇନ କର୍ମକର୍ତ୍ତା ଷ୍ଟେଶନ ନିକଟରେ ଏହି ଶିଶୁମାନେ ବୁଲୁଥିବା ଖବର ପାଇ ଆସି ମିଳିତ ଭାବେ ସେମାନଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ପଚରାଉଚରା କରିବା ପରେ ସେମାନଙ୍କ ଘର ଝାଡ଼ଖଣ୍ଡରେ ହୋଇଥିବା ଜଣାପଡ଼ିଥିଲା। କୌଣସି ଅଜଣା ଟ୍ରେନ୍‌ରେ ଶନିବାର ସକାଳୁ ଭଦ୍ରକ ଷ୍ଟେଶନକୁ ଆସିଥିଲେ ଓ ସେମାନେ ଭିକ୍ଷାବୃତ୍ତି କରିବା ଉଦ୍ଦେଶ୍ୟରେ ଆସିଥିବା ଏହି କର୍ମକର୍ତ୍ତା ଜାଣିବାକୁ ପାଇଥିଲେ। ସମସ୍ତ ଶିଶୁଙ୍କୁ ଭଦ୍ରକ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଥିବାବେଳେ ସେଠାକାର ଚାଇଲ୍ଡ ଲାଇନ ମାଧ୍ୟମରେ ସେମାନଙ୍କ ପରିବାର ସହ ଯୋଗାଯୋଗ କରାଯାଇଛି।

### ସ୍କୁଲ ଆଗରେ ଗଳାପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ

**ଭଣ୍ଡାରିପୋଖରୀ, ୨୧।୭ (ସ୍ୱ.ପ୍ର):** ଭଣ୍ଡାରିପୋଖରୀ ବ୍ଲକ ୧୬ ନମ୍ବର ଜାତୀୟ ରାଜପଥର ଚିଙ୍ଗୁଡ଼ିପୁର ନିକଟରେ ଥିବା ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ସମ୍ମୁଖରେ ଗଳାପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ନେଇ ସ୍କୁଲ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ବାସିନ୍ଦା ଖୁସି ବ୍ୟକ୍ତ କରିଛନ୍ତି। ଏଠାରେ ନିଶ୍ଚିତ ଦୁର୍ଘଟଣାକୁ ରୋକିବାକୁ ଯାଇ ଦୀର୍ଘଦିନରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଗଳାପୋଲ ନିର୍ମାଣ ଲାଗି ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଆସୁଥିଲା। ଜାତୀୟ ରାଜପଥର ୬ ଥାକିଆ ରାସ୍ତା ନିର୍ମାଣ ଅବସରରେ ଏହି ଗଳାପୋଲ କାର୍ଯ୍ୟ ଆରମ୍ଭ ହୋଇଛି।

### ବୋଲବମ୍ ଭକ୍ତ ଆହତ

**ଭଣ୍ଡାରିପୋଖରୀ, ୨୧।୭ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର ବାରିକପୁର ନିକଟରେ ରବିବାର ଜଣେ ବୋଲବମ୍ ଭକ୍ତ ଦୁର୍ଘଟଣାର ଶିକାର ହୋଇଛନ୍ତି। ଉତ୍ତରପ୍ରଦେଶ ଅଞ୍ଚଳର ରବି ଜୟଶ୍ୱାଲ(୨୫) ତାଙ୍କ ସହକର୍ମୀ ବୋଲବମ୍ ଯାତ୍ରୀଙ୍କ ସହ ଏକ ବସ୍ ଯୋଗେ ଆରଡ଼ି ଧାମକୁ ଯାଉଥିଲେ। ସେ ବସ୍ ଝରକାରେ ଅନ୍ୟମନସ୍କ ଯୋଗୁ ହାତ ପଦାକୁ କାଢ଼ି ଦେଇଥିଲେ। ଏହି ସମୟରେ ପଛପଟୁ ଏକ ଟ୍ରକ ସାଇଡ୍‌ରେ ଯିବାରୁ ତାଙ୍କ ହାତରେ ଶକ୍ତ ଆଘାତ ଲାଗି ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଓ ପରେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ଟ୍ରକଟି ଫେରାର ହୋଇଯାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ହତ୍ୟା ଧମକ ଦେଇ ଟଙ୍କା, ମୋବାଇଲ ଲୁଟ୍

#### ୩ ଜଣଙ୍କ ନାଁରେ ମାମଲା

**ଭଦ୍ରକ ଅଫିସ, ୨୧।୭:** ଭଦ୍ରକ ମେଡିକାଲ ଛକ ନିକଟରେ ଶନିବାର ଅପରାହ୍ନରେ ଧୁଷୁରୀ କାଶିମପୁର ଅଞ୍ଚଳର ଦେବାଶିଷ ମଲିକଙ୍କୁ ହତ୍ୟା ଧମକ ଦିଆଯାଇ ତାଙ୍କ ପାଖରୁ ୧୮ ହଜାର ଟଙ୍କା ସହ ମୋବାଇଲ ଲୁଟି ନିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଟାଉନ ଥାନା ପୋଲିସ ଏ ନେଇ ୩ ଜଣଙ୍କ ବିରୋଧରେ ମାମଲା(ନଂ.୨୧୪/୧୯) ରୁଜୁ କରି ତଦନ୍ତ ଚଳାଇଛି। ଦେବାଶିଷ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ କୌଣସି କାମରେ ଭଦ୍ରକ ଆସିଥିଲେ। ଭଦ୍ରକରୁ ତାଙ୍କ ସମ୍ପର୍କୀୟ ମାମୁଙ୍କ ସହ ଫେରୁଥିବା ବେଳେ କୁଆଁସ ଅଞ୍ଚଳର ବିଜୟ ଯେନା, ବୋଡ଼କ ଅଞ୍ଚଳର ସନ୍ତୋଷ ମଲ୍ଲିକ ଓ ଅସୁରାଳିର ସୁବ୍ରତ ମଲ୍ଲିକ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଏଥିସହ ସେମାନେ ତାଙ୍କ ପକେଟ୍‌ରୁ ଟଙ୍କା ଓ ଏକ ମୋବାଇଲ ନେଇଯାଇଛନ୍ତି।

## ଓଡ଼ିଶା ଜୀବିକା ମିଶନ ଅଧିକାରୀଙ୍କ ବହିଷ୍କାର ଦାବି

# ବିଧାନସଭା ଘେରାଉ ଚେତାବନୀ

**ତିହିଡ଼ି, ୨୧।୭ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକର ଓଡ଼ିଶା ଜୀବିକା ମିଶନର ଜଣେ ଅଧିକାରୀଙ୍କ ବହିଷ୍କାର ଦାବି କରାଯାଇଛି। ବ୍ଲକ ଅଧୀନ ସୟା ପଞ୍ଚାୟତର ମାତୃଶକ୍ତି ମହିଳା ମହାସଂଘ ପକ୍ଷରୁ ଶନିବାର ମୁଖ୍ୟମନ୍ତ୍ରୀ, ଶିଶୁ ଓ ମହିଳା ବିକାଶ ମନ୍ତ୍ରୀ, ବିରୋଧୀ ଦଳ ନେତା ଓ ଉପନେତା, ଜିଲାପାଳ, ବିଡିଓ ପ୍ରମୁଖଙ୍କ ନିକଟକୁ ଡାକ ଯୋଗେ ଏହି ଦାବି ପଠାଯାଇଛି। ମହିଳା ମହାସଂଘ ବିରୋଧରେ ସେହି ଅଧିକାରୀ କାର୍ଯ୍ୟ କରୁଥିବାରୁ ଏଥିରେ ଅସନ୍ତୋଷ ପ୍ରକାଶ କରି ମହାସଂଘର କର୍ମକର୍ତ୍ତା ଏହି ଦାବି ଜଣାଇଛନ୍ତି। ଦାବି ପୂରଣ ନ ହେଲେ ମହିଳା ମହାସଂଘ ବିଧାନସଭା ଘେରିବ ବୋଲି ଚେତାବନୀ ଦେଇଛି।

୨୦୧୮ ଜୁନ୍ ୮ ତାରିଖରେ ଅନୁଷ୍ଠିତ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ମହାସଂଘ ଗାଡ଼ିଭଡ଼ା ଓ ଖାଇବା ବାବଦକୁ ୧୭ ହଜାର ଟଙ୍କା ଖର୍ଚ୍ଚ କରିଥିଲା। ଆଜିଯାଏ ସେହି ଟଙ୍କା ମିଳିପାରି ନାହିଁ। ଏହି ଟଙ୍କାକୁ ନେଇ ଜୀବିକା ମିଶନର ଜନୈକ ଅଧିକାରୀ ବିଭିନ୍ନ ସମସ୍ୟା ସୃଷ୍ଟି କରୁଥିବା ଦର୍ଶାଯାଇଛି। ସ୍ୱଚ୍ଛ ଭାରତ ପାଇଖାନା ପାଇଁ ସ୍ୱୟଂସହାୟକ ଗୋଷ୍ଠୀକୁ ସଚେତନ କରାଇ ଶହେରୁ ଉର୍ଦ୍ଧ୍ୱ ପାଇଖାନା ମହାସଂଘ ପକ୍ଷରୁ ନିର୍ମାଣ କରାଯାଇଛି। ୪୦ଟି ପାଇଖାନା ବାବଦକୁ ୪ ଲକ୍ଷ ୮୦ ହଜାର ଟଙ୍କା ସଂଘ ଆକାଉଣ୍ଟକୁ ଆସିଥିଲେ ମଧ୍ୟ ଗତ ଏପ୍ରିଲ ମାସରୁ ଆକାଉଣ୍ଟକୁ ଫ୍ରିଜ୍ କରି ରଖାଯାଇଛି। ଏହାଦ୍ୱାରା ପାଇଖାନା ବିଲ୍ ଉଠାଇ ହେଉ ନାହିଁ। ଅନ୍ୟ ପାଇଖାନାର ବିଲ୍ କରିବା ଏବଂ ନୂଆ ପାଇଖାନା ତିଆରି ପାଇଁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ବ୍ୟାଙ୍କ ଖାତା ଖୋଲିବାକୁ ଚିଠି କରିଥିଲେ ମଧ୍ୟ ସେହି ଅଧିକାରୀଙ୍କ ବିରୋଧ ପାଇଁ ସଂଘର ବ୍ୟାଙ୍କ କାରବାର ବନ୍ଦ ହୋଇ ରହିଥିବା ଦର୍ଶାଯାଇଛି। ଏହାଛଡ଼ା ସରକାରଙ୍କ କୌଣସି ଜନହିତକର କାର୍ଯ୍ୟ ନ କରି ସେହି ଅଧିକାରୀ ମନମୁଖି ଭାବେ କାର୍ଯ୍ୟ ଚଳାଇଥିବା ସଂଘର ଉପଦେଷ୍ଟା ଅମିୟଚାନ୍ଦ ନାୟକ, ସଭାନେତ୍ରୀ ନିରୁପମା ଦାସ, ସମ୍ପାଦିକା ଜୟନ୍ତୀ ନାୟକ, କୋଷାଧକ୍ଷା ସୁରତୀ ମହାପାତ୍ରଙ୍କ ସମେତ ମନୋରମା ନାୟକ, ଯଶୋଦା ନାୟକ, କନକଲତା ମଲ୍ଲିକ, ସୁଚିସ୍ମିତା ବିଶ୍ୱାଳ, ଶୁଭଲକ୍ଷ୍ମୀ ଖଟୁଆ ଓ ମମତା ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି।

# ଅସମ୍ପୂର୍ଣ୍ଣ ୧୨ କୋଟିର କଂକ୍ରିଟ ରାସ୍ତା



ଭଣ୍ଡାରିପୋଖରୀ-ମଣିନାଥପୁର ରାସ୍ତାର କେତେକ ସ୍ଥାନରେ କଂକ୍ରିଟ ହୋଇନାହିଁ।

**ଭଣ୍ଡାରିପୋଖରୀ, ୨୧।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ପାଳଦାବାଙ୍କଠାରୁ ଭଣ୍ଡାରିପୋଖରୀ ମଣିନାଥପୁର ପୂର୍ତ୍ତ ବିଭାଗ ରାସ୍ତା କଂକ୍ରିଟରେ ପରିଣତ ହୋଇଛି। ୧୧ କି.ମି. ରାସ୍ତା ନିର୍ମାଣ ଲାଗି ୧୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। କଟକ ଅଞ୍ଚଳର ଜଣେ ଠିକାଦାର ନିର୍ମାଣ କାର୍ଯ୍ୟ ଦାୟିତ୍ୱ ନେଇଥିଲେ। ଦୁଇବର୍ଷ ତଳେ ରାସ୍ତା କାମ ଆରମ୍ଭ ହୋଇଥିଲା। ୨ରୁ ୩ ମାସ ହେବ ଠିକାଦାର ରାସ୍ତା କାମ ସମ୍ପୂର୍ଣ୍ଣ ନ କରି ଛାଡ଼ି ଚାଲିଯାଇଥିବା ଅଭିଯୋଗ ହେଉଛି। ରାସ୍ତାର କେତେକ ସ୍ଥାନରେ କଂକ୍ରିଟ କରାଯାଇ ନ ଥିବା ଯୋଗୁ ପଥଚାରୀଠାରୁ ଆରମ୍ଭ କରି ହାଲୁକା ଯାନଗୁଡ଼ିକ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଉକ୍ତ ରାସ୍ତାର ସରସଦା, ପଚ୍ଚାପୋଲ ବଜାର, ମଣିନାଥପୁର, ଖପୁରିଆପଦା, ସାନମାଳଦା ଆଦି ସ୍ଥାନରେ କଂକ୍ରିଟ ରାସ୍ତା ସମ୍ପୂର୍ଣ୍ଣ ହୋଇପାରି ନାହିଁ। ସେହିଭଳି କେତେକ ସ୍ଥାନ ଓ କେନାଲ ଉପରେ ଛୋଟ ଛୋଟ ପୋଲର ଆବଶ୍ୟକତା ଥିବାବେଳେ ସେଗୁଡ଼ିକ କାମ ନ ହୋଇ ପଡ଼ିରହିଛି। କେତେକ ସ୍ଥାନରେ ଗାର୍ଡୱାଲ କରାଯିବାର ଥିଲେ ମଧ୍ୟ କାମ ନ କରି କଣ୍ଟ୍ରାକ୍ଟର ଚାଲିଯାଇଛନ୍ତି। ଫଳରେ ଲୋକେ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଅମ୍ବିକା ବଲ୍ଲଭ ସ୍ୱାଇଁଙ୍କୁ ପଚାରିବାରୁ କହିଛନ୍ତି, ଖୁବ୍‌ଶୀଘ୍ର ଅସମ୍ପୂର୍ଣ୍ଣ କାମ ଆରମ୍ଭ ହେବ। ରାସ୍ତାର କେତେକ ସ୍ଥାନ ଯଥା ସର୍ତ୍ତାନାଳ ଓ ଅନ୍ୟାନ୍ୟ ଛୋଟ ଛୋଟ କେନାଲ ଉପରେ ବ୍ରିଜ୍ ଆବଶ୍ୟକ ରହିଛି। ଏଷ୍ଟିମେଟରେ ନ ଥିବାରୁ କାମ ହୋଇନାହିଁ। ଖୁବ୍‌ଶୀଘ୍ର ଗାର୍ଡୱାଲ, ପୋଲ ଓ ଅସମ୍ପୂର୍ଣ୍ଣ କଂକ୍ରିଟ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

# ଛାତ୍ରୀନିବାସ ପାର୍ଶ୍ୱରେ ଓଭରହେଡ୍ ଟାଙ୍କି ନିର୍ମାଣକୁ ବିରୋଧ

**ଭଦ୍ରକ ଅଫିସ, ୨୧।୭**

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ନବନିର୍ମିତ ୪ ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ପାର୍ଶ୍ୱରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଓଭରହେଡ୍ ଟାଙ୍କି ନିର୍ମାଣ କରାଯାଉଛି। ୫ ଦିନ ହେବ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ନିର୍ମାଣ କାର୍ଯ୍ୟକୁ କଲେଜର ଛାତ୍ରୀଛାତ୍ର ଓ କର୍ମଚାରୀ ବିରୋଧ କରୁଛନ୍ତି। କଲେଜ ହତା ପରିସରରେ ଜାଗା ସଂକୀର୍ଣ୍ଣ ହେଉଥିବା ବେଳେ ଗୋଟିଏ ପରେ ଗୋଟିଏ ପାନୀୟଜଳ ପ୍ରକଳ୍ପ କରାଯିବା ଦୁର୍ଭାଗ୍ୟଜନକ ବୋଲି କଲେଜ ଛାତ୍ର ସଙ୍ଗଠନ ପକ୍ଷରୁ କୁହାଯାଉଛି। ଅପରପକ୍ଷେ ନବନିର୍ମିତ ଛାତ୍ରୀନିବାସକୁ ଲାଗି ଏହି ପ୍ରକଳ୍ପ କରାଗଲେ ଭବିଷ୍ୟତରେ ହଷ୍ଟେଲ ପ୍ରତି ବିପଦ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟକୁ ତୁରନ୍ତ ସ୍ଥଗିତ କରା ନ ଗଲେ ଆନ୍ଦୋଳନର ମୁଣ୍ଡ ଟେକିବ ବୋଲି ଚେତାବନୀ ଦିଆଯାଇଛି।

## ■ ଭଦ୍ରକ-ଧାମରା କୃଷକ ମଞ୍ଚର ଦାବି

# ଜମିହରା ପରିବାରର ଜଣଙ୍କୁ ମିଳୁ ନିଯୁକ୍ତି



ବୈଠକରେ କୃଷକ ମଞ୍ଚ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

**ତିହିଡ଼ି, ୨୧।୭ (ଡି.ଏନ.ଏ.):** ଭଦ୍ରକ-ଧାମରା କୃଷକ ମଞ୍ଚ ପକ୍ଷରୁ ଧାମରା ପୋର୍ଟ କମ୍ପାନୀ ଲିମିଟେଡ୍(ଡିପିସିଏଲ) ନିକଟରେ ବିଭିନ୍ନ ସମୟରେ କେତେକ ଦାବି ଉପସ୍ଥାପନ କରାଯାଇଥିଲେ ମଧ୍ୟ ତାହା ଏଯାବତ୍ ପୂରଣ ହୋଇ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମଞ୍ଚର କର୍ମକର୍ତ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କର୍ମକର୍ତ୍ତାମାନେ ରବିବାର ତିହିଡ଼ି ଡାକବଙ୍ଗଳାରେ କୋର୍ କମିଟି ବୈଠକରେ ମିଳିତ ହୋଇ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ମଞ୍ଚର କୋର୍ କମିଟି ଉପଦେଷ୍ଟା ସଚିକାନ୍ତ ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ଗତ ୧୦ ତାରିଖରେ ଜିଲାପାଳଙ୍କ ସାଳନ୍ଦୀ ସଭାଗୃହ ପ୍ରକୋଷ୍ଠରେ ହୋଇଥିବା ଆଲୋଚନା ସମ୍ପର୍କରେ କୃଷକ ମଞ୍ଚର ସାଧାରଣ ସମ୍ପାଦକ ପ୍ରକାଶ କୁମାର ଜେନା ଉପସ୍ଥାପନ କରିଥିଲେ। ସଦସ୍ୟ ବିଶ୍ୱକେଶରୀ ମହାନ୍ତି ଭଦ୍ରକ-ଧାମରା ରେଳପଥ ପାଇଁ ଜମି ହରାଇଥିବା ପରିବାର ଅଭାବ ଅସୁବିଧାରେ ଦିନ କାଟୁଥିବାରୁ ସେହି ପରିବାରର ଜଣଙ୍କୁ ଧାମରା ବନ୍ଦରରେ ନିଯୁକ୍ତି ଦିଆଯାଉ ବୋଲି ଦାବି କରିଛନ୍ତି। ୨୦୧୭ରେ ପୂର୍ବତନ ଜିଲାପାଳ ଲକ୍ଷ୍ମୀନାରାୟଣ ମିଶ୍ର ଧାମରା କୃଷକ ମଞ୍ଚର ପ୍ରସ୍ତାବ ଅନୁଯାୟୀ ୧୦ଜଣଙ୍କୁ ନିଯୁକ୍ତି ଦେବା ପାଇଁ ଡିପିସିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ତାହା ଏଯାଏ କାର୍ଯ୍ୟକାରୀ ନ ହେବା ପରିତାପର ବିଷୟ ବୋଲି ବୈଠକରେ କୁହାଯାଇଥିଲା। କୃଷକ ମଞ୍ଚର ସଦସ୍ୟ ନରେନ୍ଦ୍ର ସାହୁ, ବସନ୍ତ ନାୟକ, ପ୍ରଭାତ ରାଉଳ, ଶଶିକାନ୍ତ ଜେନା, ସୁବାସ ନନ୍ଦୀ, ଆଇନଜୀବୀ ମାନଭଞ୍ଜନ ବଳ, ପ୍ରଫୁଲ୍ଲ ପାଢ଼ୀ ଓ ସୁଶାନ୍ତ ଘଡ଼େଇ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

# ଦୁର୍ଘଟଣାରେ ମାଛ ବ୍ୟବସାୟୀ ଗୁରୁତର

**ପଦ୍ମପୁର, ୨୧।୭ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ଦଧିବାମନପୁରର ମାଛ ବ୍ୟବସାୟୀ ଚଗୁଲୁ ମାଝି ରବିବାର ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସେ ପଦ୍ମପୁରରେ ମାଛ ବିକ୍ରି କରି ବାଇକ୍‌ରେ ଘରକୁ ଫେରୁଥିଲେ। ଦଧିବାମନପୁର ପୋଲ ନିକଟରେ ବାଇକ୍ ସାମ୍ନାକୁ ଏକ କୁକୁର ଚାଲି ଆସିବାରୁ ସେ ନିୟନ୍ତ୍ରଣ ହରାଇ ଛିଟିକି ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଜାତୀୟ ପଠନ ଦିବସ ପାଳିତ

**ଭଦ୍ରକ ଅଫିସ, ୨୧।୭ :** କର୍ମବୀର ପି.ଏନ୍. ପାନିକରଙ୍କ ଦ୍ୱାରା ପରିଚାଳିତ ପୁସ୍ତକାଳୟ ଆନ୍ଦୋଳନ ତ୍ୟାଗ ଓ ସେବାର ମହତ୍ ବାର୍ତ୍ତା। ତାଙ୍କ ଉଦ୍ୟମରେ ଏହି ପୁସ୍ତକାଳୟ ଆନ୍ଦୋଳନ କେରଳକୁ ଭାରତବର୍ଷରେ ଶତପ୍ରତିଶତ ଶିକ୍ଷିତ ରାଜ୍ୟ ଭାବେ ଗଢ଼ି ତୋଳିଛି ବୋଲି ଭଦ୍ରକ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ତାଙ୍କ ଜନ୍ମଦିବସ ଉପଲକ୍ଷେ ଜାତୀୟ ପଠନ ଦିବସ ଓ ପଠନ ମାସ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଗତମାସ ୧୯ ତାରିଖଠାରୁ ଚଳିତମାସ ୧୮ ତାରିଖ ପର୍ଯ୍ୟନ୍ତ ଏହି ଦିବସ ଓ ମାସ ପାଳନ କରାଯାଇଥିଲା। ବିଦ୍ୟାଳୟର ପ୍ରାଚାର୍ଯ୍ୟ ସୁଜାତା ମିଶ୍ରଙ୍କ ତତ୍ତ୍ୱାବଧାନରେ ପୁସ୍ତକାଳୟ ଅଧକ୍ଷ ତୃପ୍ତିକାନ୍ତ କରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରାଥମିକସ୍ତରରେ ନିର୍ଭୁଲ ପଢ଼ିବା, ଗଳ୍ପ ଓ ଭାଷଣ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ସ୍ତରରେ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଦିବସରେ କବି ପ୍ରମୋଦ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରାଚାର୍ଯ୍ୟ ରମେଶ ଚନ୍ଦ୍ର ବେହେରା, ଶିକ୍ଷୟିତ୍ରୀ ଶିବା ଏସ୍ ବାବୁ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ସାଇକ୍ଲିଂ ଚାମ୍ପିୟନଶିପ୍ ପାଇଁ କ୍ଷେତ୍ର ଅନୁଧ୍ୟାନ



ଅନୁଧ୍ୟାନ ଲାଗି ଆସିଥିବା ପ୍ରତିନିଧି ଦଳଙ୍କ ସହ ସ୍ଥାନୀୟ ବାସିନ୍ଦା ଓ କ୍ରୀଡ଼ାବିତ୍।

**ଭଣ୍ଡାରିପୋଖରୀ, ୨୧।୭ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବାରିକପୁରଠାରେ ଆସନ୍ତା ଅକ୍ଟୋବର ୫ ଏବଂ ୬ ତାରିଖରେ ରାଜ୍ୟସ୍ତରୀୟ ସାଇକ୍ଲିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରବିବାର ଏକ ଉଚ୍ଚସ୍ତରୀୟ ୪ ଜଣିଆ ପ୍ରତିନିଧି ଦଳ ଭଣ୍ଡାରିପୋଖରୀକୁ ଆସି କ୍ଷେତ୍ର ଅନୁଧ୍ୟାନ କରି ଫେରିଛନ୍ତି। ବ୍ଲକର ବିଭିନ୍ନ ରାସ୍ତାକୁ ଟ୍ରାକ୍ ଭାବେ ସ୍ଥିର କରାଯିବା ପୂର୍ବରୁ ଏହିସବୁ ରାସ୍ତାକୁ ପ୍ରତିନିଧି ଦଳ ବୁଲି ଦେଖିଥିଲେ। ବାରିକପୁର ବଜାର ନୟନମଣି କଲେଜ ରୋଡକୁ ସବୁଠୁ ପସନ୍ଦଯୋଗ୍ୟ ରୋଡ୍ ଟ୍ରାକ୍ ଭାବେ ରାଜ୍ୟ ସଂଘ ଚୟନ କରିଥିବା ଜଣାପଡ଼ିଛି। ବାରିକପୁର ବଜାରର ଜାତୀୟ ରାଜପଥଠାରୁ ଆରମ୍ଭ ହୋଇ ଚୁଡାକୁଟି ଅଭୁଲା ଛକ ପର୍ଯ୍ୟନ୍ତ ୫ କି.ମି. ରାସ୍ତାକୁ ରାଜ୍ୟ ସାଇକ୍ଲିଂ ସଂଘ ନିଜର ଟ୍ରାଏଲ ଟ୍ରାକ୍ ଭାବେ ମଧ୍ୟ ଚିହ୍ନଟ କରିଛି। ରାଜ୍ୟର ବିଭିନ୍ନ ଜିଲାରୁ ପ୍ରତିଭାବାନ ଜାତୀୟ ଏବଂ ରାଜ୍ୟସ୍ତରୀୟ ସାଇକ୍ଲିଷ୍ଟଙ୍କ ଏହି ଚମ୍ପିୟନଶିପ୍ ପ୍ରତିଯୋଗିତା କରାଯିବା ପାଇଁ ସ୍ଥିର କରାଯାଇଛି। ଭଦ୍ରକ ଜିଲା ସାଇକ୍ଲିଂ ଆସୋସିଏଶନର ସଙ୍ଗଠନ ସମ୍ପାଦକ ମନୋରଞ୍ଜନ ବାରିକ୍ ଏହି ସୂଚନା ଦେଇଛନ୍ତି।

ସେହିପରି ଗ୍ରାମାଞ୍ଚଳରେ ରହୁଥିବା ବହୁ ପ୍ରତିଭାବାନ ସାଇକ୍ଲିଷ୍ଟଙ୍କୁ ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ଦିଲ୍ଲୀ କ୍ୟାମ୍ପକୁ ପଠାଇବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ସାଧାରଣ ସମ୍ପାଦକ ତଥା ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆର ଯୁଗ୍ମ ସମ୍ପାଦକ ବିଜୟ କୁମାର ରାଉତ କହିଛନ୍ତି। ଅନ୍ତର୍ଜାତୀୟ ସାଇକ୍ଲିଷ୍ଟ ତଥା ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ମୁଖ୍ୟ ପ୍ରଶିକ୍ଷକ ସୁଶୀଲ କୁମାର ଦାସ, ଓସିଏ ଟେକ୍ନିକାଲ କମିଟି ମୁଖ୍ୟ ସଦସ୍ୟ ଏନ୍.ସି. ସାହୁ ଓ ଦେବାଶିଷ ମହାପାତ୍ର ପ୍ରମୁଖ ଏହି ଗସ୍ତ ସମୟରେ ଉପସ୍ଥିତ ଥିଲେ। ତାଜଉଦ୍ଦିନ ଖାନ୍, ଅଜିତ କୁମାର ଶତପଥୀ, ସାଇକ୍ଲିଷ୍ଟ ବର୍ଷାରାଣୀ ବାରିକ, ରବୀନ୍ଦ୍ର ନାୟକ, ମୋହିତ ବାରିକ ଓ ଦୀପକ ସାମଲ ପ୍ରମୁଖ ପ୍ରତିନିଧି ଦଳଙ୍କୁ ଜାତୀୟ ରାଜପଥର ନଳାଙ୍ଗଠାରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

# ସତ୍ୟସାଇ ସମିତି ପକ୍ଷରୁ ଚାରାରୋପଣ



ଚାରାରୋପଣ କରାଯାଉଛି।

**ବନ୍ତ, ୨୧।୭ (ସ୍ୱ.ପ୍ର.):** ବନ୍ତ ବ୍ଲକ ଆଗରପଡ଼ା ଥାନା ଅନ୍ତର୍ଗତ ହଳଦୀପହଣି ଗ୍ରାମରେ ଆଗରପଡ଼ା ସତ୍ୟସାଇ ସେବା ସମିତି ପକ୍ଷରୁ ସାଇସବୁଜିମା ତଥା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମିତି ଆବାହକ ଚିନ୍ତାମଣି ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଳବିକାଶ ଛାତ୍ରୀଛାତ୍ର, ଆଡ଼ିଆ, ବେରୁଣପଦୀ, ମୌଦା, ଓଲଡାଙ୍ଗ ଆଦି ସମିତିର ସେବକମାନେ ଯୋଗ ଦେଇଥିଲେ। ସେମାନେ ଗ୍ରାମଦେବତୀ ବୁଢ଼ୀ ଜାଗୁଳାଇ ପୀଠରେ ଅଶୋକ, ବେଲ, ନିମ୍ବ, କରଞ୍ଜ ଭଳି ଦରକାରୀ ଗଛ ସମେତ ୫୦ରୁ ଅଧିକ ଚାରାରୋପଣ କରିଥିଲେ। ସମିତିର ଅରୁଣ ସେଠୀ, ରବୀନ୍ଦ୍ର ଜେନା, ପଦ୍ମନାଭ ସେଠୀ, ବୈଦ୍ୟନାଥ ଦାଶ, କୃଷ୍ଣ ପାତ୍ର, ଦୁର୍ଯ୍ୟୋଧନ ଜେନା, ପ୍ରସନ୍ନ ସେଠୀ, ନିତ୍ୟାନନ୍ଦ ଜେନା, ସୁଶୀଳା ଦାସ, ମୀରା ଦାସ ଓ ଅହଲ୍ୟା ଦାସ ପ୍ରମୁଖ ସହଯୋଗ କରିଥିଲେ।

# ତା. ୩୦.୦୬.୨୦୧୯ରିଖରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଥିବା ଓଡ଼ିଶା ସ୍ୱଳ୍ପ ସଞ୍ଚୟ ପ୍ରୋତ୍ସାହନ ଯୋଜନା 'AP' ସିରିଜ୍ ଉଠାଣର ଫଳାଫଳ

No. 09-S

**First Prize** **Rs. 5,00,000/-** 2705635
**Second Prize** **Rs. 3,00,000/-** 1950878
**Third prize** **Rs. 1,00,000/-** 1233676 3697947
**Fourth prize** **Rs. 50,000/-** 2497388 7701723 3308456 5799230
**Fifth Prize** **Rs. 10,000/-**

3322963 3139730 0028260 2647909 3953222 8589606 8861367 2186120
1320614 2466259 0692076 0826755 8251746 6698700 2338490 4935724
6067641 7677069 2190227 7503103

**Sixth Prize** **Rs.5000/-**

0000005 0022335 0044665 0066995 0089325 0111655 0133985 0156315
0178645 0200975 0223305 0245635 0267965 0290295 0312625 0334955
0357285 0379615 0401945 0424275 0446605 0468935 0491265 0513595
0535925 0558255 0580585 0602915 0625245 0647575 0669905 0692235
0714565 0736895 0759225 0781555 0803885 0826215 0848545 0870875
0893205 0915535 0937865 0960195 0982525 1004855 1027185 1049515
1071845 1094175 1116505 1138835 1161165 1183495 1205825 1228155
1250485 1272815 1295145 1317475 1339805 1362135 1384465 1406795
1429125 1451455 1473785 1496115 1518445 1540775 1563105 1585435
1607765 1630095 1652425 1674755 1697085 1719415 1741745 1764075
1786405 1808735 1831065 1853395 1875725 1898055 1920385 1942715
1965045 1987375 2009705 2032035 2054365 2076695 2099025 2121355
2143685 2166015 2188345 2210675 2233005 2255335 2277665 2299995
2322325 2344655 2366985 2389315 2411645 2433975 2456305 2478635
2500965 2523295 2545625 2567955 2590285 2612615 2634945 2657275
2679605 2701935 2724265 2746595 2768925 2791255 2813585 2835915
2858245 2880575 2902905 2925235 2947565 2969895 2992225 3014555
3036885 3059215 3081545 3103875 3126205 3148535 3170865 3193195
3215525 3237855 3260185 3282515 3304845 3327175 3349505 3371835
3394165 3416495 3438825 3461155 3483485 3505815 3528145 3550475
3572805 3595135 3617465 3639795 3662125 3684455 3706785 3729115
3751445 3773775 3796105 3818435 3840765 3863095 3885425 3907755
3930085 3952415 3974745 3997075 4019405 4041735 4064065 4086395
4108725 4131055 4153385 4175715 4198045 4220375 4242705 4265035
4287365 4309695 4332025 4354355 4376685 4399015 4421345 4443675
4466005 4488335 4510665 4532995 4555325 4577655 4599985 4622315
4644645 4666975 4689305 4711635 4733965 4756295 4778625 4800955
4823285 4845615 4867945 4890275 4912605 4934935 4957265 4979595
5001925 5024255 5046585 5068915 5091245 5113575 5135905 5158235
5180565 5202895 5225225 5247555 5269885 5292215 5314545 5336875
5359205 5381535 5403865 5426195 5448525 5470855 5493185 5515515
5537845 5560175 5582505 5604835 5627165 5649495 5671825 5694155
5716485 5738815 5761145 5783475 5805805 5828135 5850465 5872795
5895125 5917455 5939785 5962115 5984445 6006775 6029105 6051435
6073765 6096095 6118425 6140755 6163085 6185415 6207745 6230075
6252405 6274735 6297065 6319395 6341725 6364055 6386385 6408715
6431045 6453375 6475705 6498035 6520365 6565025 6587355 6609685
6632015 6654345 6676675 6699005 6721335 6743665 6765995 6788325
6810655 6832985 6855315 6877645 6899975 6922305 6944635 6966965
6989295 7011625 7033955 7056285 7078615 7100945 7123275 7145605
7167935 7190265 7212595 7234925 7257255 7279585 7301915 7324245
7346575 7368905 7391235 7413565 7435895 7458225 7480555 7502885
7525215 7547545 7569875 7592205 7614535 7636865 7659195 7681525
7703855 7748515 7770845 7793175 7815505 7837835 7860165 7882495
7904825 7927155 7949485 7971815 7994145 8016475 8038805 8061135
8083465 8105795 8128125 8150455 8172785 8195115 8217445 8239775
8262105 8284435 8306765 8329095 8351425 8373755 8396085 8418415
8440745 8463075 8485405 8507735 8530065 8552395 8574725 8597055
8619385 8641715 8664045 8686375 8708705 8731035 8753365 8775695
8798025 8820355 8842685 8865015 8887345 8909675

**Seventh Prize** **Rs.2000/-**

0000001 0004471 0008941 0013411 0017881 0022351 0026821 0031291
0035761 0040231 0044701 0049171 0053641 0058111 0062581 0067051
0071521 0075991 0080461 0084931 0089401 0093871 0098341 0102811
0107281 0111751 0116221 0120691 0129631 0134101 0138571 0143041
0147511 0151981 0156451 0160921 0165391 0169861 0174331 0178801
0183271 0187741 0192211 0196681 0201151 0205621 0210091 0214561
0219031 0227971 0232441 0236911 0241381 0245851 0250321 0254791
0259261 0263731 0268201 0272671 0277141 0281611 0286081 0290551
0295021 0299491 0303961 0308431 0312901 0317371 0321841 0326311
0330781 0335251 0339721 0344191 0348661 0353131 0357601 0362071
0366541 0371011 0375481 0379951 0384421 0388891 0393361 0397831
0402301 0406771 0411241 0415711 0420181 0424651 0429121 0433591
0438061 0442531 0447001 0451471 0455941 0460411 0464881 0469351
0473821 0478291 0482761 0487231 0491701 0496171 0500641 0505111
0509581 0514051 0518521 0522991 0527461 0531931 0536401 0540871
0545341 0549811 0554281 0558751 0563221 0567691 0572161 0576631
0581101 0585571 0590041 0594511 0598981 0603451 0607921 0612391
0616861 0621331 0625801 0630271 0634741 0639211 0643681 0648151
0652621 0657091 0661561 0666031 0670501 0674971 0679441 0683911
0688381 0692851 0697321 0701791 0706261 0710731 0715201 0719671
0724141 0728611 0733081 0737551 0742021 0746491 0750961 0755431
0759901 0764371 0768841 0773311 0777781 0782251 0786721 0791191
0795661 0800131 0804601 0809071 0813541 0818011 0822481 0826951
0831421 0835891 0840361 0844831 0849301 0853771 0858241 0862711
0867181 0871651 0876121 0880591 0885061 0889531 0894001 0898471
0902941 0907411 0911881 0916351 0920821 0925291 0929761 0934231
0938701 0943171 0947641 0952111 0956581 0961051 0965521 0969991
0974461 0978931 0983401 0987871 0992341 0996811 1001281 1005751
1010221 1014691 1019161 1023631 1028101 1032571 1037041 1041511
1045981 1050451 1054921 1059391 1063861 1068331 1072801 1077271
1081741 1086211 1090681 1095151 1099621 1104091 1108561 1113031
1117501 1121971 1126441 1130911 1135381 1139851 1144321 1148791
1153261 1157731 1162201 1166671 1171141 1175611 1180081 1184551
1189021 1193491 1197961 1202431 1206901 1211371 1215841 1220311
1224781 1229251 1233721 1238191 1242661 1247131 1251601 1256071
1260541 1265011 1269481 1273951 1278421 1282891 1287361 1291831
1296301 1300771 1305241 1309711 1314181 1318651 1323121 1327591
1332061 1336531 1341001 1345471 1349941 1354411 1358881 1363351
1367821 1372291 1376761 1381231 1385701 1390171 1394641 1399111
1403581 1408051 1412521 1416991 1421461 1425931 1430401 1434871
1439341 1443811 1448281 1452751 1457221 1461691 1466161 1470631
1475101 1479571 1484041 1488511 1492981 1497451 1501921 1506391
1510861 1515331 1519801 1524271 1528741 1533211 1537681 1542151
1546621 1555561 1560031 1564501 1568971 1573441 1577911 1582381
1586851 1591321 1595791 1600261 1604731 1609201 1613671 1618141
1622611 1627081 1631551 1636021 1640491 1644961 1649431 1653901
1658371 1662841 1667311 1671781 1676251 1680721 1685191 1689661
1694131 1698601 1703071 1707541 1712011 1716481 1720951 1725421
1729891 1734361 1738831 1743301 1747771 1752241 1756711 1761181
1765651 1770121 1774591 1779061 1783531 1788001 1792471 1796941
1801411 1805881 1810351 1814821 1819291 1823761 1828231 1832701
1837171 1841641 1846111 1850581 1855051 1859521 1863991 1868461
1872931 1877401 1881871 1886341 1890811 1895281 1899751 1904221
1908691 1913161 1917631 1922101 1926571 1931041 1935511 1939981
1944451 1948921 1953391 1957861 1962331 1966801 1971271 1975741
1980211 1984681 1989151 1993621 1998091 2002561 2007031 2011501
2015971 2020441 2024911 2029381 2033851 2038321 2042791 2047261
2051731 2056201 2060671 2065141 2069611 2074081 2078551 2083021
2087491 2091961 2096431 2100901 2105371 2109841 2114311 2118781
2123251 2127721 2132191 2136661 2141131 2145601 2150071 2154541
2159011 2163481 2167951 2172421 2176891 2181361 2185831 2190301
2194771 2199241 2203711 2208181 2212651 2217121 2221591 2226061
2230531 2235001 2239471 2243941 2248411 2252881 2257351 2261821
2270761 2275231 2279701 2284171 2288641 2293111 2297581 2302051
2306521 2310991 2315461 2319931 2324401 2328871 2333341 2337811
2342281 2346751 2351221 2355691 2360161 2364631 2369101 2373571
2378041 2382511 2386981 2391451 2395921 2400391 2404861 2409331
2413801 2418271 2422741 2427211 2431681 2436151 2440621 2445091
2449561 2454031 2458501 2462971 2467441 2471911 2476381 2480851
2485321 2489791 2494261 2498731 2503201 2507671 2512141 2516611
2521081 2525551 2530021 2534491 2538961 2543431 2547901 2552371
2556841 2561311 2565781 2570251 2574721 2579191 2583661 2588131
2592601 2597071 2601541 2606011 2610481 2614951 2619421 2623891
2628361 2632831 2637301 2641771 2646241 2650711 2655181 2659651
2664121 2668591 2673061 2677531 2682001 2686471 2690941 2695411
2699881 2704351 2708821 2713291 2717761 2722231 2726701 2731171
2735641 2740111 2744581 2749051 2753521 2757991 2762461 2766931
2771401 2775871 2780341 2784811 2789281 2793751 2798221 2802691
2807161 2811631 2816101 2820571 2825041 2829511 2833981 2838451
2842921 2847391 2851861 2856331 2860801 2865271 2869741 2874211
2878681 2883151 2887621 2892091 2896561 2901031 2905501 2909971
2914441 2918911 2923381 2927851 2932321 2936791 2941261 2945731
2950201 2954671 2959141 2963611 2968081 2972551 2977021 2981491
2985961 2990431 2994901 2999371 3003841 3008311 3012781 3017251
3021721 3026191 3030661 3035131 3039601 3044071 3048541 3053011
3057481 3061951 3066421 3070891 3075361 3079831 3084301 3088771
3093241 3097711 3102181 3106651 3111121 3115591 3120061 3124531
ଅଲିମ୍ପିକ୍ସ ରୌପ୍ୟପଦକ ବିଜୟିନୀ ତଥା ମହିଳା ବ୍ୟାଡମିଣ୍ଟନ ତାରକା ପି.ଭି. ସିନ୍ଧୁ ଆଉ ଏକ ଫାଇନାଲରେ ପରାସ୍ତ ହୋଇଛନ୍ତି। ଏଠାରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦୦ ଟୁର୍ନାମେଣ୍ଟ ଇଣ୍ଡୋନେସିଆ ଓପନର ଫାଇନାଲରେ ପରାସ୍ତ ହୋଇ ସିନ୍ଧୁ ରନର୍ସଅପ୍ ହୋଇଛନ୍ତି। ରବିବାର ଖେଳାଯାଇଥିବା ଟାଇଟଲ ମୁକାବିଲାରେ ସିନ୍ଧୁ ଚତୁର୍ଥ ସିଡ୍ ଜାପାନର ଅକେନ ୟାମାଗୁଚିଙ୍କଠାରୁ ୧୫–୨୧, ୧୬– ୨୧ ସିଧାସଳଖ ଗେମ୍‌ରେ ମାତ୍ର ୫୧ ମିନିଟ୍‌ରେ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଛନ୍ତି। ୨୨ ବର୍ଷୀୟା ୟାମଗୁଚିଙ୍କ ବିପକ୍ଷରେ ୧୦–୪ ବ୍ୟବଧାନର ଭଲ ରେକର୍ଡ ରହିଥିଲେ ମଧ ସିନ୍ଧୁଙ୍କୁ ଶେଷରେ ପରାଜୟର ମୁହଁ ଦେଖିବାକୁ ପଡିଛି। ପରାସ୍ତ ହୋଇଥିଲେ ମଧ ବିଶ୍ୱର ୫ ନମ୍ବର ଖେଳାଳି ସିନ୍ଧୁଙ୍କ ପାଇଁ ଚଳିତ ସେସନରେ ଏହା ଶ୍ରେଷ୍ଠ ପ୍ରଦର୍ଶନ ସାବ୍ୟସ୍ତ ହୋଇଛି। ଏହାପୂର୍ବରୁ ୨୪ ବର୍ଷୀୟା ସିନ୍ଧୁ ସିଙ୍ଗାପୁର ଓ ଇଣ୍ଡିଆ ଓପନ୍‌ରେ ମଧ ସେମିଫାଇନାଲରେ ପ୍ରବେଶ କରିଥିଲେ। ଶନିବାର ସେମିଫାଇନାଲରେ ସିନ୍ଧୁ ଅଲ୍ ଇଂଲଣ୍ଡ ଚାମ୍ପିୟନ ଚାଇନାର ଚେନ୍ ୟୁ ଫେଇଙ୍କୁ ୨୧–୧୯, ୨୧–୧୦ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।



ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ (ବାମ) ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଜୁଲାଇ ୨୨/୨୦୧୯ Balasore, Monday, July 22/ 2019

# ଭ୍ୟାନ୍ ଚଢ଼ାଇ ଦେଲେ କୋଇଲା ମାଫିଆ

- କନଷ୍ଟେବଲ ଗୁରୁତର
- ୨ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ସହ ଗାଡ଼ି ଜବତ

**ଭଦ୍ରକ ଅଫିସ/ପଦ୍ମପୁର, ୨୧।୭ (ଡି.ଏନ.ଏ.)**

ଭଦ୍ରକ ଜିଲାରେ କୋଇଲା ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। କେତେବେଳେ ପୋଲିସକୁ ମାଡ଼ ମାରି କୋଇଲା ମାଫିଆ ଖସି ଯାଉଛନ୍ତି ତ ଆଉ କେତେବେଳେ ଗାଡ଼ି ଚଢ଼ାଇ ପୋଲିସକୁ ଭୟଭୀତ କରାଇ ଚମ୍ପଟ ମାରୁଛନ୍ତି। ରବିବାର ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ସାବରଙ୍ଗ ଫାଣ୍ଡି ପୋଲିସ ଉପରେ କୋଇଲା ମାଫିଆ ପିକ୍‌ଅପ୍ ଭ୍ୟାନ୍ ଚଢ଼ାଇ ଫେରାର ହୋଇଯାଇଛନ୍ତି। ଏଥିରେ କନଷ୍ଟେବଲ ରଜତ କୁମାର ପାଣିଗ୍ରାହୀ ଗୁରୁତର ଆହତ ହୋଇଛନ୍ତି। ଭଦ୍ରକ ଏସ୍‌ଡିପିଓ ଜଳନ୍ଧର ଜାଲି, ଗ୍ରାମାଞ୍ଚଳ ଥାନାଧିକାରୀ ଦୟାନିଧି ଦାସ ଘଟଣାସ୍ଥଳରେ ଓଲଟି ପଡ଼ିଥିବା ଚୋରା କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରି ତଦନ୍ତ ଚଳାଇଛନ୍ତି। ଭ୍ୟାନ୍‌ରେ ୨ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ରହିଛି। ଚାଳକ ଓ ହେଲ୍‌ପର ଫେରାର ହୋଇଯାଇଛନ୍ତି।

ସାବରଙ୍ଗ ଫାଣ୍ଡି ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ ସାରି ରବିବାର ଭୋର ସମୟରେ ଫେରୁଥିବା ବେଳେ ଏକ ଚୋରା କୋଇଲା ବୋଝେଇ ଭ୍ୟାନ୍ ଜାତୀୟ ରାଜପଥରେ ଯାଉଥିବା ସୂଚନା ମିଳିଥିଲା। ସାବରଙ୍ଗ ବଜାର ଆଡୁ ଆସୁଥିବା ଏହି ଗାଡ଼ିକୁ ଏରଡ଼ା ଛକ ନିକଟରେ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲା। ସେଠାରେ ଗାଡ଼ି ଅଟକାଉଥିବା କନଷ୍ଟେବଲ ରଜତଙ୍କ ଉପରେ ଭ୍ୟାନ୍ (ନଂ. ଓଡି ୨୨ କେ ୦୬୦୨) ଚଢ଼ିଯାଇ ନୟନଯୋରିକୁ ଓଲଟି ପଡ଼ିଥିଲା। ଡ୍ରାଇଭର, ହେଲ୍‌ପର



ଓଲଟି ପଡ଼ିଥିବା ପିକ୍‌ଅପ୍ ଭ୍ୟାନ୍।

ଫେରାର ହୋଇଯାଇଥିଲେ। ପାଟ୍ରୋଲିଂ କରୁଥିବା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି, କନଷ୍ଟେବଲ ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଗୁରୁତର ଆହତ ରଜତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବର ପାଇ ଅତିରିକ୍ତ ଏସ୍‌ପି ବିକାଶ ଦାସ ଓ ଗ୍ରାମାଞ୍ଚଳ ଥାନାଧିକାରୀ ଜିଲା ଚିକିତ୍ସାଳୟରେ ପହଞ୍ଚି ରଜତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ୩୭୯, ୨୭୯, ୩୩୭, ୩୩୮, ୩୦୭, ୩୫୩, ୩୩୨, ୩୪ ଦଫାରେ ମାମଲା(ନଂ. ୩୭୬/୧୯) ରୁଜୁ କରାଯାଇଛି। ଉଲ୍ଲେଖନୀୟ ଯେ, ବିଦେଶରୁ ଧାମରା ବନ୍ଦରକୁ ଅଣାଯାଉଥିବା ଉନ୍ନତମାନର କୋଇଲାକୁ ଟ୍ରେନ ଯୋଗେ ଚାନ୍ଦବାଲି-ଭଦ୍ରକ ରେଳପଥରେ ପଠାଯିବା ବେଳେ ମାଫିଆମାନେ ଚଳନ୍ତା ଗାଡ଼ିରୁ ଏହାକୁ ଲୁଟି ନେଉଛନ୍ତି। ପରେ ସେମାନେ ଉଭୟ ସ୍ଥଳ ଓ ଜଳପଥରେ ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି। ବର୍ଷ ବର୍ଷ ଧରି କୋଇଲା ଚୋରା କାରବାର ଚାଲିଥିଲେ ବି ପୋଲିସ ଓ ପ୍ରଶାସନ ଏହାକୁ ରୋକିପାରୁ ନାହିଁ। ପୂର୍ବରୁ କୋଇଲା ଚୋରା ଚାଲାଣକାରୀଙ୍କୁ ପୋଲିସ ଓ ଧାମରା ବନ୍ଦର ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ଅଧିକାରୀ ପ୍ରୋତ୍ସାହିତ କରୁଥିବା ଘଟଣା ପଦାକୁ ଆସିଥିଲେ ବି ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ।

## ସଂକ୍ଷେପରେ

### ବାଳକଙ୍କ ଅସ୍ୱାଭାବିକ ମୃତ୍ୟୁ
### ଭୁଲ୍ ଔଷଧ ଖାଇ ମୃତ୍ୟୁ ଅଭିଯୋଗ

**ବାସୁଦେବପୁର, ୨୧।୭ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବିଦେଇପୁର ନିକଟବର୍ତ୍ତୀ କେରସାହି ଗ୍ରାମରେ ରବିବାର ସକାଳେ ପ୍ରମୋଦ ନାୟକ ନାମକ ଜଣେ ବାଳକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଜଣେ କ୍ୱାକ୍‌ଙ୍କ ଭୁଲ୍ ଚିକିତ୍ସା ଯୋଗୁ ତାଙ୍କ ପୁଅର ମୃତ୍ୟୁ ହୋଇଥିବା ପ୍ରମୋଦଙ୍କ ବାପା ସତ୍ୟବ୍ରତ ଅଭିଯୋଗ ଆଣିବା ସହିତ ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସତ୍ୟବ୍ରତ କହିଛନ୍ତି ଯେ, ଗତ କିଛିଦିନ ଧରି ପ୍ରମୋଦଙ୍କୁ ଜ୍ୱର ହୋଇ ଛାଡୁ ନ ଥିଲା। ସେ ଶନିବାର ବିରସ ନିକଟସ୍ଥ ଜଣେ କ୍ୱାକ୍‌ଙ୍କ ନିକଟକୁ ଚିକିତ୍ସା ପାଇଁ ଯାଇଥିଲେ। କ୍ୱାକ୍ ଜଣଙ୍କ କିଛି ଔଷଧ ଖାଇବାକୁ ପ୍ରମୋଦଙ୍କୁ ଦେଇଥିଲେ। ଶନିବାର ରାତିରେ ଏହି ଔଷଧ ମଧ୍ୟରୁ ୩ଟି ଖାଇଥିଲେ ମଧ୍ୟ ଜ୍ୱର ଭଲ ହୋଇ ନ ଥିଲା। ବାକି ଥିବା ଗୋଟିଏ ଔଷଧ ରବିବାର ସକାଳେ ପ୍ରମୋଦଙ୍କୁ ପରିବାର ଲୋକ ଖାଇବାକୁ ଦେଇଥିଲେ। ଏହାକୁ ଖାଇବା ପରେ ସେ ଅଧିକ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସାପ କାମୁଡ଼ାରେ ନାବାଳିକା ମୃତ
### ଅନ୍ଧବିଶ୍ୱାସ ପାଇଁ ଜୀବନ ଗଲା

**ଜଳେଶ୍ୱର, ୨୧।୭(ଡି.ଏନ୍.ଏ.):** ଅନ୍ଧବିଶ୍ୱାସଠାରୁ ଦୂରେଇ ରହିବା ପାଇଁ ବିଜ୍ଞାପନ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଉଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରୁନାହିଁ। ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଆରୁହା ଗ୍ରାମରେ ଘଟିଥିବା ଘଟଣାରୁ ତାହା ସ୍ପଷ୍ଟ ହୋଇଛି। ଉକ୍ତ ଗ୍ରାମର ବୁଦ୍ଧିଆ ସିଂଙ୍କ ଝିଅ ବନିତା (୧୭) ଶନିବାର ରାତି ପ୍ରାୟ ୮ଟା ବେଳେ ଶାଳିକୋଠା ଛକଠାରୁ କିଛି ଜିନିଷ କିଣି ଘରକୁ ଫେରୁଥିବା ବେଳେ ରାସ୍ତାରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ିଥିଲା। ଏହାପରେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାକୁ ନ ନେଇ ଗୁଣିଗାରେଡ଼ି ଦ୍ୱାରା ଚିକିତ୍ସା କରାଇଥିଲେ। ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମର ଲୋକେ ୧୦୮କୁ ଖବର ଦେଇଥିଲେ। ହେଲେ ବନିତାଙ୍କ ବାପା ଝିଅକୁ ଡାକ୍ତରଖାନାକୁ ନେବାକୁ ରାଜି ନ ହୋଇ ଗୁଣିଗାରେଡ଼ି ଦ୍ୱାରା ଭଲ ହେବ ବୋଲି କହି ସେ ତାଙ୍କୁ ୩୦ କି.ମି. ଦୂର ହାତୀଗଡ଼ଠାରେ ଜଣେ ଗୁଣିଆ ପାଖକୁ ନେଇଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ନାବାଳିକାଙ୍କ ମୃତ୍ୟୁକୁ ନେଇ ଜଳେଶ୍ୱର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୧୯) ରୁଜୁ ହୋଇଛି।

### ପାଣିରେ ବୁଡ଼ି ଶ୍ରମିକ ମୃତ

**କୋଲିମାଟି, ୨୧।୭(ଡି.ଏନ.ଏ.):** ଆନନ୍ଦପୁର ବ୍ଲକ ଘସିପୁରା ଥାନା ଅଧୀନ କାଦୁଅବାହାଳୀ ବୈତରଣୀ ନଦୀରେ ପ୍ରମୋଦ କୁମାର ନାମକ ଜଣେ ଅଣ ଓଡିଆ ଶ୍ରମିକ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ସୂଚାନୁଯାୟୀ ଝାଡଖଣ୍ଡରୁ ଆସିଥିବା ଅଣ ଓଡିଆ ଶ୍ରମିକ ବୋଲି ଜଣାପଡ଼ିଛି। କାଦୁଅବାହାଳୀ ନିକଟରେ ଥିବା ସିଙ୍ଗନାଳୀ ବିଦ୍ୟୁତ ଉତ୍ପାଦନ କମ୍ପାନୀରେ ଶ୍ରମିକ ଭାବରେ କାମ କରୁଥିଲେ। ଶୁକ୍ରବାର ସେ କୋଲିମାଟି ବଜାରକୁ ଆସିଥିଲେ ସେଠାରୁ ଫେରୁ ଫେରୁ ସନ୍ଧ୍ୟା ହୋଇଯାଇଥିଲା। ସନ୍ଧ୍ୟା ୭ ଟା ସମୟରେ ବୈତରଣୀ ନଦୀପାର ହୋଇ ସିଙ୍ଗନାଳୀ କମ୍ପାନିକୁ ଯାଉଥିବା ସମୟରେ ମଝି ନଦୀରେ ବୁଡିଯାଇଥିଲେ। ଗାଁର ଲୋକମାନେ କିଛି ସମୟ ଧରି ଖୋଜା ଖୋଜି କରି ପାଇନଥିଲେ। ପରେ ଘସିପୁରା ପୋଲିସ ସହିତ ଆନନ୍ଦପୁର ଅଗ୍ନିଶମ ବିଭାଗ ପହଞ୍ଚି ଖୋଜାଖୋଜି କରିଥିଲେ ହେଁ ମୃତଦେହ ପାଇନଥିଲେ। ରବିବାର ସକାଳୁ କାଦୁଅବାହାଳୀ ଗ୍ରାମର ଜଣେ ବ୍ୟକ୍ତି ନଦୀ କୂଳରେ ମୃତଦେହ ଭାସୁଥିବାର ଦେଖିବାକୁ ପାଇଥିଲେ। କିଛି ସମୟପରେ କମ୍ପାନୀର ମ୍ୟାନେଜର ରମେଶ ଚନ୍ଦ୍ର ବିଶ୍ୱାଳ ଘସିପୁରା ଥାନାକୁ ଖବର ଦେଇଥିଲେ ଫଳରେ ଥାନା ଅଧିକାରୀ ଓ ଅଗ୍ନିଶମ କର୍ମଚାରୀଙ୍କ ସହିତ ପହଞ୍ଚି ମୃତଦେହ ପାଣିରୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ନେଇଯାଇଥିଲେ।

## ୩ ଲୁଟେରା ଗିରଫ

**ଚାନ୍ଦବାଲି, ୨୧।୭(ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ମତୋ-ମାଧପୁର ମୁଖ୍ୟରାସ୍ତାରେ ଗତ ମେ ୫ ତାରିଖରେ ଅନ୍ନପୂର୍ଣ୍ଣା ଫାଇନାନ୍ସ ନାମକ ଏକ କମ୍ପାନୀର ଜଣେ ମହିଳା କର୍ମଚାରୀଙ୍କଠାରୁ ୩୨ ହଜାର ୯୨୫ ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାରେ ଚାନ୍ଦବାଲି ପୋଲିସ ମତୋ ଅଞ୍ଚଳର ୩ ଲୁଟେରାଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ନଗଦ ୨୬ ହଜାର ଟଙ୍କା, ୨ଟି ଏଟିଏମ୍ କାର୍ଡ ଓ ବାଇକ୍ ଜବତ କରିଛି। ଅନ୍ୟ ଜଣେ ଲୁଟେରା କେନ୍ଦ୍ରାପଡ଼ା ଜିଲା ତାଳଚୁଆ ଅଞ୍ଚଳର ହୋଇଥିବା ବେଳେ ସେ ଫେରାର ଅଛନ୍ତି। ଗିରଫ ୩ ଲୁଟେରାଙ୍କୁ ପୋଲିସ ରବିବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଏହି ଲୁଟ୍‌ରେ ୪ ଜଣ ସମ୍ପୃକ୍ତ ଥିଲେ। ଏ ନେଇ ମହିଳା କର୍ମଚାରୀ ଜଣଙ୍କ ଚାନ୍ଦବାଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ.୨୫/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ୩ ଜଣଙ୍କୁ ଗିରଫ କରିବାରେ ପୋଲିସ ସକ୍ଷମ ହୋଇଛି।

## ରୂପ୍‌ସା ଜଙ୍କଶନରେ ଫୁଟ୍ ଓଭରବ୍ରିଜ ନିର୍ମାଣ ତ୍ୱରାନ୍ୱିତ
# ଅନୁଧ୍ୟାନ କଲେ ଡିଆର୍‌ଏମ୍

**ରୂପ୍‌ସା, ୨୧।୭ (ଡି.ଏନ.ଏ.)**

ଦକ୍ଷିଣପୂର୍ବ ରେଳପଥ ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପ୍‌ସା ରେଳ ଜଙ୍କଶନ ଓ ଷ୍ଟେଶନରେ ଚାଲିଥିବା ଫୁଟ ଓଭରବ୍ରିଜ ସମ୍ପ୍ରସାରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯାତ୍ରୀଙ୍କ ନିରାପତ୍ତା ଓ ଯାତାୟାତ ସୁବିଧାକୁ ଦୃଷ୍ଟିରେ ରଖି ୧ନଂ. ପ୍ଲାଟଫର୍ମକୁ ଥିବା ଫୁଟ୍ ଓଭରବ୍ରିଜକୁ ସିଧା ୩ନଂ. ଓ ୪ନଂ. ପ୍ଲାଟଫର୍ମକୁ ସମ୍ପ୍ରସାରଣ କରିବା ଲାଗି ଆଞ୍ଚଳିକ ବିକାଶ ପରିଷଦ ଦାବି କରିଥିଲା। ତଦନୁଯାୟୀ ବର୍ଷକ ପୂର୍ବରୁ ନିର୍ମାଣ କାମ ଆରମ୍ଭ ହୋଇଥିଲା। ପରେ ମନ୍ଥର ଗତିରେ କାର୍ଯ୍ୟ ହେବାରୁ ବିକାଶ ପରିଷଦର କର୍ମକର୍ତ୍ତା ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଡିଭିଜ୍‌ନାଲ ରେଳବାଇ ମ୍ୟାନେଜର ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ରବିବାର ଷ୍ଟେଶନରେ ପହଞ୍ଚି ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସିନିୟର ଡିଭିଜନାଲ ଅପରେଶନ ମ୍ୟାନେଜର, ସିନିୟର ଇଞ୍ଜିନିୟର, ସିକ୍ୟୁରିଟି



ପ୍ଲାଟଫର୍ମରେ ଫୁଟ୍ ଓଭରବ୍ରିଜ୍ ସଂଯୋଗ କରାଯାଉଛି।

କଣ୍ଟ୍ରୋଲ, ଡିଭିଜନାଲ ଇଞ୍ଜିନିୟର, ଆସିଷ୍ଟାଣ୍ଟ ଇଞ୍ଜିନିୟର ପ୍ରମୁଖ ଉପସ୍ଥିତ ଥିଲେ। ସେଠାରେ ୧ନଂ.ରୁ ୩ ଓ ୨ନଂ. ପ୍ଲାଟଫର୍ମକୁ କ୍ରେନ୍ ଯୋଗେ ଫୁଟ ଓଭରବ୍ରିଜ୍ ସଂଯୋଗ କରାଯାଇଥିଲା। ଏଥିଲାଗି ଡାଉନ ଲାଇନ୍‌ରେ ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଡାଉନ ଲାଇନ୍‌ରେ ଟ୍ରେନ୍ ଚଳାଚଳ ବନ୍ଦ ରହିଥିଲା। ଡିଆର୍‌ଏମ୍ ଓ ସିନିୟର ଡିଭିଜନାଲ ଇଞ୍ଜିନିୟରଙ୍କ ଅନୁଧ୍ୟାନ ବେଳେ ବିକାଶ ପରିଷଦର ସଭାପତି ଭଗବାନ ମହାପାତ୍ର, ସାଧାରଣ ସମ୍ପାଦକ ସୁଧାକର ଗିରି, କର୍ମକର୍ତ୍ତା ନିରଞ୍ଜନ ପଣ୍ଡାଶର୍ମା, ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, ରବୀନ୍ଦ୍ର ବେହେରା, ଚକ୍ରଧର ଆଚାର୍ଯ୍ୟଙ୍କ ସମେତ ଷ୍ଟେଶନ ମ୍ୟାନେଜର ଏମ୍. ହାଁସଦା, ଶ୍ରୀପତି ରାଉତ, ଆରପିଏଫ୍ ସବ୍‌ଇନ୍ସପେକ୍ଟର ଭଗବାନ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ୱଶୁରଘର ଲୋକଙ୍କ ଆକ୍ରମଣରେ ଜ୍ୱାଇଁ ଗୁରୁତର

**ସଜନାଗଡ଼, ୨୧।୭(ଡି.ଏନ.ଏ.):** ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନ ଗରଡ଼ିହି ପଞ୍ଚାୟତ କଳାକାତ ଗ୍ରାମର ସୁରେନ୍ଦ୍ର ସ ଙ୍କ ପୁଅ ମୁକ୍ତିକାନ୍ତ (୩୭)ଙ୍କୁ ଶ୍ୱଶୁରଘର ଲୋକେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ସୁରେନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୩୫/୧୯) ରୁଜୁ କରି ମୁକ୍ତିକାନ୍ତଙ୍କ ଶାଶୁ ଭାନୁମତୀ ଜେନା, ଶ୍ୱଶୁର ଦୟାନିଧି ଓ ଶାଳକ ଜ୍ୟୋତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମୁକ୍ତିକାନ୍ତ ନୀଳଗିରି ଥାନା ଖୁଣ୍ଟୁଣୀ ଗ୍ରାମର ଦୟାନିଧି ଜେନାଙ୍କ କନ୍ୟା ଜ୍ୟୋତିର୍ମୟୀଙ୍କୁ ବିବାହ କରିଥିଲେ। ସେମାନଙ୍କର ୫ବର୍ଷର ଝିଅ ଅଛି। ପାରିବାରିକ କଳହରୁ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ଅଶାନ୍ତି ଲାଗି ରହିଥିଲା। କୌଣସି କାରଣରୁ ଶନିବାର ସନ୍ଧ୍ୟାରେ ଝଗଡ଼ା ଲାଗିବାରୁ ସ୍ତ୍ରୀ ଜ୍ୟୋତିର୍ମୟୀ ତାଙ୍କ ମା'ଙ୍କୁ ଜଣାଇଥିଲେ। ଖବରପାଇ ଶାଶୁ, ଶ୍ୱଶୁର ଓ ଶାଳକ ଘରକୁ ଆସି ଜ୍ୱାଇଁ ମୁକ୍ତିକାନ୍ତଙ୍କୁ ନିଘୁମ ମାଡ଼ ମାରିଥିଲେ। ପରିବାର ଲୋକ ଓ ପଡ଼ୋଶୀ ପହଞ୍ଚି ଗଣ୍ଡଗୋଳ ଅଟକାଇବା ସହ ବରହମପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ୩ଜଣଙ୍କୁ ଗିରଫ କରିଛି। ଅପରପକ୍ଷରେ ଆକ୍ରମଣର ଶିକାର ହୋଇଥିବା ମୁକ୍ତିକାନ୍ତ ପ୍ରଥମେ ନୀଳଗିରି ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ଚୁଟିଆପଶି ଗ୍ରାମର ବିବାଦୀୟ ଜମିରେ ୧୪୪ ଧାରା ଜାରି



ବିବାଦୀୟ ଜମିରେ ପୋଲିସ ମୁତୟନ ହୋଇଛନ୍ତି।

**ପାଟଣା, ୨୧।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ଚୁଟିଆପଶି ମୌଜାର ଏକ ସରକାରୀ ଜମିରେ ଉକ୍ତ ଗ୍ରାମର କୁମ୍ଭାର ସାହି ପକ୍ଷରୁ ପାଲାମଣ୍ଡପ ନିର୍ମାଣ ଓ ଗୋପାଳ ସାହି ପକ୍ଷରୁ ଶହିଦଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଦାବିରେ ଗ୍ରାମର ଚାପା ଉତ୍ତେଜନା ଲାଗରହିଛି। ଏନେଇ ପ୍ରଶାସନ ପକ୍ଷରୁ ରବିବାର ଉକ୍ତ ସ୍ଥାନରେ ୧୪୪ଧାରା ଜାରି କରାଯାଇଛି।

ସୂଚନା ଯୋଗ୍ୟ ଯେ କୁମ୍ଭାର ସାହିର ଲୋକମାନେ ଉକ୍ତ ସ୍ଥାନ ରେ ଦୀର୍ଘ ବର୍ଷ ହେବ କୁରାଳ ପଞ୍ଚମୀ ଉତ୍ସବ ଓ ବାଦୀପାଲା ଆୟୋଜନ କରୁଥିଲେ। ଉକ୍ତ ଗ୍ରାମର ଗୋପାଳ ସାହିର ସଞ୍ଜୟ ଦାସ କୋରାପୁଟ ଶୁଙ୍କି ଘାଟିରେ ୨୦୧୭ ମସିହାରେ ନକ୍ସଲଙ୍କ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଶହିଦ ହେବାପରେ ସଞ୍ଜୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉକ୍ତ ଜମି ଉପରେ ସହିଦ ଙ୍କ ଷ୍ଟାଚ୍ୟୁ ନିର୍ମାଣ କରିବା ଦାବିକୁ ନେଇ ବିବାଦ ସୃଷ୍ଟି ହୋଇଛି। ଦୀର୍ଘ ଦୁଇବର୍ଷ ହେବ ଉଭୟ ପକ୍ଷ କୋର୍ଟ ଓ ପ୍ରଶାସନର ଦ୍ୱାରସ୍ଥ ହୋଇ ଘଟଣାଟିକୁ ଆହୁରି ବିବାଦୀୟ କରିପକାଇଛନ୍ତି। କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ମାଜିଷ୍ଟ୍ରେଟ ଭାବେ ସାହାରପଡା ତହସିଲର ଅତିରିକ୍ତ ତହସିଲଦାର ସାହେବ ରାମ ବାସ୍କେ, ପାଟଣା ଥାନାଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟ, ଏସ ଆଇ ବୈଲୋଚନ ସିଂ, ଏଏସ ଆଇ ଅଶୋକ କୁମାର ନାଏକ, ସୁଧାଂଶୁଶେଖର ଜେନା ଓ ଏକ ପ୍ଲାଟୁନ ଫୋର୍ସଙ୍କ ଉପସ୍ଥିତିରେ ଉକ୍ତ ବିବାଦୀୟ ଜମିରେ ପ୍ରଶାସନ ପକ୍ଷରୁ ୧୪୪ଧାରା ଜାରି କରାଯାଇଛି। ଅଗଷ୍ଟ ୬ତାରିଖେ ଉପଜିଲାପାଳ ଉଭୟ ଗୋଷ୍ଠୀଙ୍କୁ ଏକାଠି ବସାଇ ଆପୋଷ ବୁଝାମଣାରେ ସମସ୍ୟାର ସମାଧାନ କରିବାକୁ ନୋଟିସ ଦେଇଛନ୍ତି।

## ବୋଲେରୋ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଡ୍ରାଇଭର ଗିରଫ**

**ରୂପ୍‌ସା, ୨୧।୭ (ଡି.ଏନ.ଏ.):** ବାଲେଶ୍ୱର ଦେଇ ଯାଇଥିବା ୬୦ନଂ. ଜାତୀୟ ରାଜପଥର ସଦର ବ୍ଲକ ଅନ୍ତର୍ଗତ ବାଘାଯତୀନ ହାଇସ୍କୁଲ ଛକ ନିକଟରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ହଳଦୀପଦା ଫାଣ୍ଡି ମଧୁପୁରା ଗ୍ରାମର ଭାନୁଚରଣ ଜେନା (୪୬) ଏକ ବାଇକ୍‌ରେ ଗାଁକୁ ଫେରୁଥିବା ବେଳେ ପଛପଟୁ ଆସୁଥିବା ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଭାନୁଚରଣ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ରାତିରେ କଟକ ମେଡ଼ିକାଲ ନିଆଯାଉଥିବା ବେଳେ ସୋର ନିକଟରେ ମୃତ୍ୟୁ ଘଟିଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ସଂକ୍ରାନ୍ତରେ ସଦର ଥାନା ପୋଲିସ ଏକ ମାମଲା (ନଂ. ୨୨୮/୧୯) ରୁଜୁ କରି ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ଦୁର୍ଘଟଣା ଘଟାଇଥିବା ବୋଲେରୋ ନଂ.ହେଉଛି ଓଆର୍‌୦୫ଏଏମ୍-୩୪୬୪ ।

## କଟୁରିରେ ହାଣି ପୁତୁରାକୁ ହତ୍ୟା, କକା ଗିରଫ

**କେନ୍ଦୁଝର, ୨୧।୭(ସ୍ୱ.ପ୍ର.):** କେନ୍ଦୁଝର ଜିଲା ନୟାକୋଟ ଥାନା ଅନ୍ତର୍ଗତ କଲଣ୍ଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଘରୋଇ ବିବାଦକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ତାଙ୍କ ପୁତୁରାଙ୍କୁ କଟୁରୀରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ପାଉ ଦେହୁରୀ । ରବିବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି । ଘଟଣାସ୍ଥଳରେ ଥିବା ପୋଲିସ ସହିତ ଯୋଗଯୋଗ ହୋଇପାରି ନ ଥିବାରୁ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ ବୋଲି ଏସ୍‌ଡିପିଓ ପି.ଜେ. ଟପୋ କହିଛନ୍ତି। ଅଭିଯୁକ୍ତ କକା କାନ୍ଦୁରୁ ଦେହୁରୀଙ୍କୁ ପୋଲିସ ଗିରଫ ତନାଘନା ଚଳାଇଛି । ମଦ ନିଶାରେ କାନ୍ଦୁରୁ ଏପରି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି ।

## ମହିଳାଙ୍କୁ ପ୍ରତାରଣା ପରେ ନିର୍ଯାତନା
# ନିଖୋଜ ମାମଲା ରୁଜୁ କରି ପୋଲିସ ନୀରବ

**ଯୋଡ଼ା, ୨୧।୭(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ ବିଚାକୁଣ୍ଡି ଅଞ୍ଚଳରେ ରହୁଥିବା ଜଣେ ମହିଳା ପ୍ରେମ ପ୍ରତାରଣାର ଶିକାର ହୋଇ ନ୍ୟାୟ ପାଇବାକୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କୁ ଭଲ ପାଇ ବିବାହ କରିଥିବା ଯୁବକ ଏକୁଟିଆ ଛାଡ଼ି କେଉଁଆଡ଼େ ଚାଲିଯାଇଛନ୍ତି। ଏସମ୍ପର୍କରେ ସେ ଯୁବକଙ୍କ ଘରକୁ ଯାଇ ପଚାରିବାବେଳେ ପରିବାର ଲୋକେ ତାଙ୍କୁ ମାରଧର କରି ନିର୍ଯାତନା ଦେଇଥିଲେ। ଗତ ୭ ତାରିଖରେ ସେ ଏନେଇ ଯୋଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ କୌଣସି ପଦକ୍ଷେପ ନ ନେଇ କେବଳ ଏକ ନିଖୋଜ ମାମଲା ରୁଜୁ କରି ବସିରହିଛି। ଏଥିଲାଗି ସେ ପୁନଶ୍ଚ ଶନିବାର ପୁନର୍ବାର ଯୋଡା ଥାନା ମହିଳା ପୋଲିସ ଅଧିକାରୀ ସାଗରିକା ମହାନ୍ତିଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିବା ଗଣମାଧ୍ୟମକୁ କହିଛନ୍ତି।

ପ୍ରେମ ପ୍ରତାରଣା ଓ ନିର୍ଯାତନା ଶିକାର ହୋଇଥିବା ଏହି ମହିଳା ଆହୁରି କହିଛନ୍ତି ଯେ, ବିଚାକୁଣ୍ଡି ଅଞ୍ଚଳର ଜଣେ ଯୁବକଙ୍କ ସହିତ ସମ୍ପର୍କ ଗଢି ଉଠିବା ପରେ ସେମାନେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ଜାତିଆଣ ଭାବ ନେଇ ଯୁବକଙ୍କ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। ଏହି ପରିପ୍ରେକ୍ଷୀରେ ମହିଳାଙ୍କ ପରିବାର ତାଙ୍କୁ ଅନ୍ୟତ୍ର ବିବାହ କରାଇ ଦେବାକୁ ନିଷ୍ପତ୍ତି ନେଇ ନିର୍ବନ୍ଧ ତାରିଖ ସ୍ଥିର କରିଥିଲେ। ନିର୍ବନ୍ଧର ଦୁଇ ଦିନ ପୂର୍ବରୁ ସେମାନେ ଘରୁ ଲୁଚି ପଳାଇ ଆସି ଏକ ମନ୍ଦିରରେ ବିବାହ କରି ଦୀର୍ଘ ୪ ମାସ ଧରି ଯୋଡା ସହରର ହୁଡିସାହି ଅଞ୍ଚଳରେ ଭଡା ଘର ନେଇ ରହୁଥିଲେ। ଏହି ପରିପ୍ରେକ୍ଷୀରେ ଯୁବକ ଜଣକ ଘରକୁ ଯାଉଛନ୍ତି ବୋଲି କହି ଚାଲିଯାଇ ଆଉ ଫେରିନାହାନ୍ତି। ତାଙ୍କୁ ଫେରାଇ ଆଣିବାକୁ ଯାଇ ସେ ନିର୍ଯାତନାର ଶିକାର ହୋଇଛନ୍ତି। ଏସମ୍ପର୍କରେ ଯୋଡା ଥାନାର ତଦନ୍ତକାରୀ ଅଧିକାରୀ ବୁଦ୍ଧଦେବ ନାଏକଙ୍କୁ ପଚାରିବାରୁ କହିଛନ୍ତି, ମହିଳା ଜଣକ କରିଥିବା ଲିଖିତ ଅଭିଯୋଗକ୍ରମେ ଘଟଣାର ତଦନ୍ତ କରାଯାଇଛି। ନିଖୋଜ ଯୁବକଙ୍କ ସନ୍ଧାନ ମିଳିଲେ ତଦନ୍ତ କାର୍ଯ୍ୟ ଆଗେଇ ପାରିବ।

## ଗୋରୁ ବୋଝେଇ କଣ୍ଟେନର ଦୁର୍ଘଟଣାଗ୍ରସ୍ତ
# ଡାଲାରୁ ଡେଇଁ ଧାଇଁଲେ: ୨ ମୃତ, ୩୭ ଉଦ୍ଧାର

- ଗୋଶାଳାକୁ ଉଦ୍ଧାର ଗୋରୁ ହସ୍ତାନ୍ତର
- ୮ ଗୋରୁ ଗୁରୁତର ଆହତ ହୋଇଥିବା ସୂଚନା
- କଣ୍ଟେନର ପଛପଟେ ଲେଖା ରହିଛି ଡାକ ପାର୍ଶଲ

**ସିମୁଳିଆ, ୨୧।୭(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ପ୍ରାୟ ଶହେ ମିଟର ଦୂର ୧୬ନଂ ଜାତୀୟ ରାଜପଥ ମାର୍କୋଣା ଛକର ବଜାର ସାହି ନିକଟରେ ରବିବାର ସକାଳ ୭ଟାରେ ଏକ ଗୋରୁ ବୋଝେଇ କଣ୍ଟେନର (ଟିଏସ୍-୧୨, ଏଚ୍‌ଏ ୪୮୦୮) ଦୁର୍ଘଟଣାଗ୍ରସ୍ତ ହୋଇଛି। କଲିକତା ଆଡ଼କୁ ଯାଉଥିବା ଏହି କଣ୍ଟେନରଟି ଭାରସାମ୍ୟ ହରାଇ ଅନ୍ୟ ଏକ ଗାଡ଼ି ପଛପଟେ ପିଟି ହୋଇଯାଇଥିଲା। ଫଳରେ କଣ୍ଟେନର ପଛପାର୍ଶ୍ୱ ଦ୍ୱାର ଖୋଲିଯାଇଥିଲା। ଏଥିରେ ଥିବା ଗୋରୁ ଛାନିଆରେ ରଡ଼ି ଛାଡ଼ିଥିଲେ। ଦୁଇଟି ବଳଦ ପ୍ରାଣବିକଳରେ ଡାଲାରୁ ତଳକୁ ଡିଆଁମାରି ରାଜପଥରେ ଧାଇଁଥିଲେ। ଏହି ସମୟରେ ଅନ୍ୟ ଗାଡ଼ି ଧକ୍କାରେ ଆହତ ହୋଇଥିବା ୨ ବଳଦଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ପହଞ୍ଚି କଣ୍ଟେନର ତଳ ଥାକରେ ଥିବା ଅନ୍ୟ



ଦୁର୍ଘଟଣାଗ୍ରସ୍ତ କଣ୍ଟେନରରେ ବୋଝେଇ ଗୋରୁ।

ଗୋରୁଗୁଡ଼ିକୁ ଉଦ୍ଧାର କରିଥିଲେ। ଏଥିରୁ ମୋଟ ୩୭ ଗୋରୁ ଉଦ୍ଧାର ହୋଇଛନ୍ତି। ପୋଲିସ ଜାତୀୟ ରାଜପଥର ବାମପାର୍ଶ୍ୱକୁ ସିଲ୍ କରି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ଉଦ୍ଧାର ଗୋରୁଙ୍କୁ ପରେ ନିକଟସ୍ଥ ମଇତାପୁରାର ରୁଦ୍ରାଶ୍ରମ ଗୋଶାଳାକୁ ହସ୍ତାନ୍ତର କରାଯାଇଛି। ସେଥିରୁ ୮ଟି ଗୋରୁ ଗୁରୁତର ଆହତ ହୋଇଥିବା ରୁଦ୍ରାଶ୍ରମର ମୁଖ୍ୟ ରଞ୍ଜନ ନାୟକ ସୂଚନା ଦେଇଛନ୍ତି।

ଦୁର୍ଘଟଣାଗ୍ରସ୍ତ କଣ୍ଟେନର ବାମପାର୍ଶ୍ୱରେ କାର୍ଗୋ ପ୍ରାଇଭେଟ୍ ଲିମିଟେଡ୍ ଲେଖାଥିବା ବେଳେ ପଛପଟେ ଡାକ ପାର୍ଶଲ ବୋଲି ଲେଖାରହିଛି। ଗାଡ଼ିର ଆଗପାର୍ଶ୍ୱରେ ହାତଲେଖା ଅସ୍ପଷ୍ଟ ନମ୍ବର ପ୍ଲେଟ୍ ଲାଗିଥିବା ବେଳେ ପଛପାର୍ଶ୍ୱରେ ନାହିଁ। ଏ ନେଇ ପୋଲିସ ତଦନ୍ତ ଚଳାଇଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଗାଡିର ପର୍ମିଟ୍ ନ ଥିବା ସନ୍ଦେହ କରାଯାଉଛି। ଦୁର୍ଘଟଣା ପରେ ଚାଳକ ଓ ହେଲ୍‌ପର ଫେରାର ହୋଇଯାଇଥିବା ପୋଲିସ କହିଛି। ଏହି ବ୍ୟବସାୟୀମାନେ ପୋଲିସ, ଆର୍‌ଟିଓକୁ ଖାତିର ନ କରି ରାଜପଥରେ ବେଆଇନ ଓ ଅମାନବୀୟ ଭାବେ ଗୋଚାଲାଣ କରୁଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ନବଜାତ ଶିଶୁ କନ୍ୟାର ମୃତଦେହ ଉଦ୍ଧାର

ଝୁମ୍ପୁରା ୨୧ା୭ (ଡି.ଏନ.ଏ.)-ଝୁମ୍ପୁରା ଥାନା ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମୁରୁସୁଆଁ ଗ୍ରାମର ପ୍ରଧାନ ପୋଖରୀରୁ ଶନିବାର ଭାସୁଥିବା ଅବସ୍ଥାରେ ଏକ ନବଜାତକ ଶିଶୁ କନ୍ୟାର ମୃତଦେହ ଉଦ୍ଧାର ହୋଇଛି। ପୋଖରୀରେ ମୃତ ନବଜାତକ ଭାସୁଥିବା ଦେଖି ଗ୍ରାମବାସୀ ସୂଚନା ଦେବାରୁ ଗ୍ରାମରକ୍ଷୀ କୃଷ୍ଣ ଚନ୍ଦ୍ର ମୁଣ୍ଡା ଲିଖିତ ଭାବେ ଝୁମ୍ପୁରା ଥାନାରେ ଜଣାଇଥିଲେ। ପୋଲିସ ପକ୍ଷରୁ ମୁରୁସୁଆଁ ଗ୍ରାମର ଆଶାକର୍ମୀ, ଅଙ୍ଗନୱାଡି କର୍ମୀଙ୍କୁ ଘଟଣାସ୍ଥଳକୁ ଡକାଯାଇଥିଲା। ତେବେ ନବଜାତକକୁ କିଏ ପୋଖରୀରେ ପକାଇଲା ଜଣା ପଡିନାହିଁ। ବହୁ ସମୟରେ ଜଙ୍ଗଲାଞ୍ଚଳ ସହିତ ଗ୍ରାମାଞ୍ଚଳରେ ଏଭଳି ଘଟଣା ଘଟୁଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଝୁମ୍ପୁରା ଥାନା ଦାୟିତ୍ୱରେ ଥିବା ଅଧିକାରୀ ଏଫ୍. ଟିଗା ଘଟଣାସ୍ଥଳରେ ପହଞ୍ଚିବା ପରେ ନବଜାତକକୁ ପୋଖରୀରୁ କଢ଼ାଯାଇଥିଲା।

### ନାବାଳିକାଙ୍କୁ ଅପହରଣ କରି ଯୁବକ ଗିରଫ

ପାଟଣା, ୨୧ା୭(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ଥାନା ଲକ୍ଷ୍ମୀପଶୀ ଗ୍ରାମର ଚରଣ ମୁଣ୍ଡାଙ୍କୁ ରବିବାର ପାଟଣା ପୋଲିସ ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗରେ ଗିରଫ କରିଛି। ସୂଚନା ଅନୁଯାୟୀ ଗତ ସୋମବାର ଠାରୁ ଉକ୍ତ ଯୁବକ ଜଣକ ପାଟଣା ଅଞ୍ଚଳର ଜଣେ ନାବାଳିକାଙ୍କୁ ଭଦ୍ରକକୁ ନେଇଯାଇଥିଲେ। ପରେ ଝିଅ ନମିଳିବାରୁ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପାଟଣା ଥାନାରେ ଏକ ମାମଲା (ନଂ.୮୬/୧୯) ରୁଜୁ କରି ଯୁବକଙ୍କୁ ଗିରଫ କରାଯାଇଛି। ରବିବାର ନାବାଳିକାଙ୍କ ଡାକ୍ତରୀ ମାଇନା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କରାଯାଇଛି।

### ଧର୍ମପରାୟଣାଙ୍କ ପରଲୋକ

ପାଟଣା,୨୧ା୭(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସୁଆମ ଶାସନର ୮୪ ବର୍ଷୀୟା ଧର୍ମପରାୟଣା ମହିଳା ପଦ୍ମାବତୀ ଦେବୀଙ୍କ ଶନିବାର ରାତି ମୟୁରଭଞ୍ଜ ଜିଲା କରଞ୍ଜିଆ ଶାସନରେ ମୃତ୍ୟୁ ଘଟିଛି। ସେ ଜଣେ ଅମାୟିକ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ଜଣାଶୁଣା। ପଦ୍ମାବତୀ ସୁଆମ ଶାସନର ସ୍ୱର୍ଗତ ଅର୍ଜୁନ ଚରଣ ଦାଶଙ୍କ ପତ୍ନୀ ଥିଲେ। ଅନ୍ତିମ ଶଯ୍ୟା ନିକଟରେ ତାଙ୍କର ଏକମାତ୍ର କନ୍ୟା ବାସନ୍ତୀ ପଣ୍ଡା, ଜ୍ୱାଇଁ ଶିଶିର ପଣ୍ଡା ଓ ନାତି ସଞ୍ଜୀବ କୁମାର ପଣ୍ଡା ଉପସ୍ଥିତ ଥିଲେ। ବହୁବିଶିଷ୍ଟ ବ୍ୟକ୍ତି ପଦ୍ମାବତୀଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପାଟଣା ବୈତରଣୀ ନଦୀ କୂଳରେ ରବିବାର ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି।

### ଘରେ ପଶିଲା ଟ୍ରଲର, ଅଳ୍ପକେ ବର୍ତ୍ତିଲେ ଶିଶୁ

ଯୋଡ଼ା,୨୧ା୭(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହର ଦେଇ ଯାଇଥିବା ୫୨୦ନଂ ଜାତୀୟ ରାଜପଥର କଳାପାହାଡଠାରେ ଏକ ୧୮ ଚକିଆ ଟ୍ରଲର ଜାତୀୟ ରାଜପଥ ଛାଡି କଡରେ ଥିବା ଏକ ଘରେ ପଶିଯିବାରୁ ଅଳ୍ପକେ ଜଣେ ୧ବର୍ଷର ଶିଶୁ ବର୍ତ୍ତିଯାଇଛି। ରବିବାର ସକାଳ ୧୦ଟାରେ ଏକ ୧୮ ଚକିଆ ଟ୍ରଲର କୋଇଡାରୁ ଲୁହାପଥର ଗୁଣ୍ଡ ବୋଝେଇ କରି ଯୋଡା ଅଭିମୁଖେ ଆସୁଥିବା ବେଳେ କଳାପାହାଡଠାରେ ଅନ୍ୟ ଏକ ରାସ୍ତାରୁ ଜାତୀୟ ରାଜପଥ ଉପରକୁ ଆସୁଥିବା ଏକ ଡମ୍ପର ସାଇଡ ମାରିବାରୁ ଉକ୍ତ ଟ୍ରଲରଟି ରାସ୍ତା ଛାଡି ରାସ୍ତା କଡରେ ଥିବା ମୁକୁନ୍ଦ ଦାସଙ୍କ ଘର ଭିତରକୁ ପଶିଯାଇଥିଲା । ଫଳରେ ଘର ଭାଙ୍ଗିଯାଇଥିଲା। ତେବେ ଘରେ ଖେଳୁଥିବା ମୁକୁନ୍ଦ ଦାସଙ୍କ ଏକ ବର୍ଷର ପୁଅ ବର୍ତ୍ତିଯାଇଥିଲେ।

### ରାସ୍ତା ପାର୍ଶ୍ୱରେ ଜଳିଲା ଲାଇଟ

ଝୁମ୍ପୁରା ୨୧ା୭(ଡି.ଏନ.ଏ.)- ଝୁମ୍ପୁରା ପଞ୍ଚାୟତ ଅନ୍ତର୍ଗତ ଝୁମ୍ପୁରା ସମେତ ବିଷ୍ଣୁପୁର, ଭାଲୁକା, ଶ୍ରୀରାମପୁର ଗ୍ରାମଗୁଡିକର ମୁଖ୍ୟ ରାସ୍ତା ପାର୍ଶ୍ୱରେ ରାସ୍ତା ପାର୍ଶ୍ୱ ଆଲୋକ ବ୍ୟବସ୍ଥା କରାଯିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବିଦ୍ୟୁତ ଖୁଣ୍ଟ ଗୁଡିକରେ ଲାଇଟ ଲଗାଯାଉଛି। ପଞ୍ଚାୟତରେ ଥିବା ୧୪ଟି ୱାର୍ଡ ପାଇଁ ସମୁଦାୟ ୭୫ଟି ଲାଇଟ ଲଗାଯିବାର ବ୍ୟବସ୍ଥା କରାଯାଇଛି ବୋଲି ସରପଞ୍ଚ ବୈଜୟନ୍ତୀ ନାଏକ ସୂଚନା ଦେଇଛନ୍ତି। ପ୍ରଥମେ ଭାଲୁକା ଗ୍ରାମରୁ ଲାଇଟ ଲଗାଇବା ଆରମ୍ଭ ହୋଇଛି।

# ରାସ୍ତାକଡ଼ରେ ଦାନ୍ତକାଠି ପସରା

**ଜଙ୍ଗଲ ଉପରୁ କମୁନି ନିର୍ଭରଶୀଳତା**

କେନ୍ଦୁଝର, ୨୧ା୭ (ସ୍ୱ.ପ୍ର.)


ଦାନ୍ତକାଠି ଧରି ଗ୍ରାହକ ଅପେକ୍ଷାରେ ବନବାସୀ।

ଦିନ ଥିଲା ଲୋକେ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିଲେ। ସେମାନଙ୍କୁ ଜଙ୍ଗଲ ଦେଉଥିଲା ଦାନାପାଣି। ଦିନକୁ ଦିନ ଜଙ୍ଗଲ ସମ୍ପଦର କ୍ଷୟ ଘଟିବା ଯୋଗୁ ବନଜାତ ଦ୍ରବ୍ୟ ସଂଗ୍ରହ ଉପରେ କଟକଣା ଜାରି କରାଯାଉଛି। ବନବାସୀ ଓ ଜଙ୍ଗଲ ତଳି ଇଲାକାର ଗରିବ ଲୋକେ ଆଜି ବି ଜଙ୍ଗଲ ଉପରେ ଅନେକାଂଶରେ ନିର୍ଭର କରି ପେଟ ପୋଷୁଛନ୍ତି। ବିଭିନ୍ନ ସରକାରୀ ଯୋଜନା ସେମାନଙ୍କ ଲାଗି ଅପହଞ୍ଚ ହୋଇ ରହିଛି। ଏଥିଲାଗି ଜଙ୍ଗଲ ଉପରୁ ନିର୍ଭରଶୀଳତା ହ୍ରାସ ପାଇପାରୁ ନାହିଁ । କେନ୍ଦୁଝର ସହର ରାସ୍ତାକଡ଼ରେ ଅନେକ ବନବାସୀ ଓ ଆଦିବାସୀ ପରିବାରର ମହିଳା ପ୍ରତିଦିନ ଦାନ୍ତକାଠି, ଜାଳକାଠ, ପତ୍ର, ଫଳ ଆଦି ବନଜାତ ଦ୍ରବ୍ୟ ଆଣି ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ବନଜାତ ଦ୍ରବ୍ୟ ସଂଗ୍ରହ ଦ୍ୱାରା ଜଙ୍ଗଲ ସମ୍ପଦ କ୍ଷୟ ହେଉଥିବା ଅଭିଯୋଗକୁ ସେମାନେ ମାନିବାକୁ ରାଜି ନ ଥିବା ସେମାନଙ୍କ ପ୍ରତିକ୍ରିୟାରୁ ଜଣାପଡ଼ିଛି।

ରାସ୍ତାକଡରେ ଦାନ୍ତକାଠି ବିକୁଥିବା ବାଂଶପାଳ ବ୍ଲକର ତଳଚମ୍ପେଇ ପଞ୍ଚାୟତର ଉପରକାଇପୁର ଗ୍ରାମର ମମତା ନାୟକ କହିଛନ୍ତି, ଆମେ ଜଙ୍ଗଲରୁ ଦାନ୍ତ କାଠି ଓ ପତ୍ର ତୋଳି ଆଣି ବିକି ପେଟ ପୋଷୁଛୁ। ଆମେ ଜଙ୍ଗଲ ଓ ପରିବେଶ କେବେ ନଷ୍ଟ କରି ନାହୁଁ। ଆମକୁ କାମଧନ୍ଦା ମିଳୁ ନ ଥିବା ବେଳେ ଜଙ୍ଗଲକୁ ନ ଗଲେ କିଭଳି ପେଟ ପୋଷିବୁ ବୋଲି ସେ ପ୍ରଶ୍ନ କରିଥିଲେ। ପୁରୁଷାନୁକ୍ରମେ ଜଙ୍ଗଲକୁ ସୁରକ୍ଷା ଦେଇଥିବା ଲୋକଙ୍କୁ ଏବେ ଜଙ୍ଗଲ ସୁରକ୍ଷା ଆଳରେ ନାନା ଭାବେ ହଇରାଣ କରାଯାଉଛି। ପ୍ରକୃତରେ ଯେଉଁମାନେ ଜଙ୍ଗଲ ଉଜାଡୁଛନ୍ତି, ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ ବୋଲି ଉପସ୍ଥିତ ଅନ୍ୟ ମହିମାନେ କହିଥିଲେ। ସେମାନେ ଆହୁରି କହିଥିଲେ, ଆଗ ଭଳି ଏବେ ଦାନ୍ତକାଠିର ଆଉ ଚାହିଦା ନାହିଁ । ବିଭିନ୍ନ ପେଷ୍ଟ ଓ ବ୍ରଶକୁ ଲୋକେ ଆଦର କରୁଛନ୍ତି। ଦେଶୀ ଦାନ୍ତକାଠିର ଔଷଧୀୟ ଗୁଣ ହେତୁ ଏହାକୁ କେତେକ ଗ୍ରାହକ କିଣିଥାନ୍ତି।

ଜଙ୍ଗଲ ଉପରେ ବନବାସୀଙ୍କ ନିର୍ଭରଶୀଳତା କମାଇବା ଲାଗି ସରକାରୀ ସ୍ତରରେ ହେଉଥିବା ଯୋଜନାର ସୁଫଳ ରୂପାୟନ ନେଇ ବିଭିନ୍ନ ସମୟରେ ପଶ୍ନ ଉଠୁଛି। କେନ୍ଦୁଝର ଜିଲାର ବଣପାହାଡ଼ ଘେରା ଜଙ୍ଗଲ ଇଲାକାରେ କର୍ମନିଯୁକ୍ତି ଯୋଜନା ତଥା ଆଦିବାସୀଙ୍କ ବିକାଶ ଲାଗି ଉଦ୍ଦିଷ୍ଟ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ । ଏ ଦିଗରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯିବା ସତ୍ତ୍ୱେ ବନବାସୀଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ନ ବଦଳିବା ଚିନ୍ତାଜନକ ହୋଇଛି। ବନ୍ୟପ୍ରାଣୀ ତତ୍ତ୍ୱାବଧାରକ (ଅବୈତନିକ) ହରେକୃଷ୍ଣ ମହାନ୍ତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଜଙ୍ଗଲ ନଷ୍ଟ ହେଉଥିବାରୁ ବନ୍ୟପ୍ରାଣୀ ଖାଦ୍ୟ ନ ପାଇ ଗ୍ରାମମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ବନବାସୀଙ୍କୁ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ଦିଆଗଲେ ସେମାନେ ଏହାର ରକ୍ଷଣାବେକ୍ଷଣ କରି ନିଜେ ରୋଜଗାରକ୍ଷମ ହୋଇପାରନ୍ତେ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ମଧ୍ୟ ମତବ୍ୟକ୍ତ କରିଛନ୍ତି।

# ବିଦ୍ୟାଳୟରେ ଅଗ୍ନି ନିର୍ବାପକ ଯନ୍ତ୍ରର ସିଲ୍ ଖୋଲାଯାଉନାହିଁ

ଚମ୍ପୁଆ,୨୧ା୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟରେ ଅଗ୍ନି ନିର୍ବାପକ ଯନ୍ତ୍ର ନ ଥିବା ଅନୁସନ୍ଧାନରୁ ଜଣାଯାଇଛି। ଯଦିଓ କେତେକ ବିଦ୍ୟାଳୟରେ ଏହା ରହିଛି ବର୍ତ୍ତମାନ ପର୍ଯ୍ୟନ୍ତ ସିଲ୍ ଖୋଲା ହୋଇପାରିନାହିଁ। ଏପରିକି ଏହି ଯନ୍ତ୍ର ଉପରେ ପ୍ୟାକିଙ୍ଗ ଓ ଏକ୍ସପାଏରୀ ତାରିଖ ନ ଥିବା ଏବଂ ବିଦ୍ୟାଳୟରେ ଶିକ୍ଷକମାନେ ଏହାର ଅପରେଟିଂ ବ୍ୟବସ୍ଥା ଜାଣି ନ ଥିବା କହିଛନ୍ତି।

ଅନୁସନ୍ଧାନରୁ ଜଣାଯାଏ ଯେ, ୨୦୧୦ ମସିହାରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରାଥମିକ ବିଦ୍ୟାଳୟଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟରେ ଆଗ୍ନିକ ସୁରକ୍ଷା ଦୃଷ୍ଟି କୋଣକୁ ଗୁରୁତ୍ୱ ଦିଆଯାଇ ଅଗ୍ନି ନିର୍ବାପକ ଯନ୍ତ୍ର ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିଲା। ଏପରିକି ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଏହି ଅଗ୍ନି ନିର୍ବାପକ ଯନ୍ତ୍ର ପରିଚାଳନା ନିମନ୍ତେ ସ୍ୱତନ୍ତ୍ର ତାଲିମ ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିଲା। ମାତ୍ର ୮ ବର୍ଷ ମଧ୍ୟରେ ଅନେକ ବିଦ୍ୟାଳୟରେ ଏହା ନ ଥିବାବେଳେ ଯେଉଁ ବିଦ୍ୟାଳୟ ଗୁଡିକରେ ଏଗୁଡିକ ରହିଛି ତାହାର ପରିଚାଳନା ଶିକ୍ଷକମାନେ ଜାଣି ନ ଥିବା କହିଛନ୍ତି। କେତେକ ବିଦ୍ୟାଳୟର ଶିକ୍ଷକ ଏପର୍ଯ୍ୟନ୍ତ ଏହା ମିଳି ନ ଥିବା କହିଛନ୍ତି। ଏହି ଅଗ୍ନି ନିର୍ବାପକ ଯନ୍ତ୍ରଗୁଡିକ ସୁରକ୍ଷିତ ସ୍ଥାନରେ ରହିବାର ନିୟମ ଥିବା ବେଳେ କେଉଁଠି ଏହା ଷ୍ଟୋର ରୁମରେ ପଡିଛି ତ କେଉଁଠି ଆଲମିରା ଭିତରେ ପଡିରହିଛି। ଅଗ୍ନି ନିର୍ବାପକ ପାଇଁ ବ୍ୟବହୃତ ପାଉଡର ଅଧିକ ଦିନ ରହିଲେ ଏହା ନଷ୍ଟ ହୋଇଯାଇଥାଏ ବୋଲି ଅଗ୍ନିଶମ ବିଭାଗ ସୂତ୍ରରୁ ପ୍ରକାଶ। ମାତ୍ର ଯେଉଁ ବିଦ୍ୟାଳୟ ଗୁଡିକରେ ଏହା ରହିଛି ତାହା କେତେଦୂର କାର୍ଯ୍ୟକ୍ଷମ ତାହା ଜଣାପଡୁନାହିଁ। ଶିକ୍ଷାନୁଷ୍ଠାନ ଅଗ୍ନି ଦୁର୍ଘଟଣା ରୋକିବା ପାଇଁ ଅଗ୍ନି ନିର୍ବାପକ ଯନ୍ତ୍ରର ଉପଯୋଗ ନିହାତି ଆବଶ୍ୟକ ଥିବାବେଳେ କେଉଁ କାରଣ ଲାଗି ଏଥିପ୍ରତି ଅଣଦେଖା କରାଯାଉଛି, ଉଚ୍ଚସ୍ତରରେ ଏହାର କୌଣସି ଯାଞ୍ଚ କରାଯାଉ ନାହିଁ। ଏଥିପ୍ରତି ଶିକ୍ଷା ଓ ଅଗ୍ନିଶମ ବିଭାଗ ଦୃଷ୍ଟି ଦେବା ଉଚିତ ବୋଲି ଅଭିଭାବକମାନେ ମତ ପୋଷଣ କରିଛନ୍ତି।

# କ୍ଷତିରେ ବନବାସୀ, ଲାଭ କମାଉଛନ୍ତି ବେପାରୀ

କେନ୍ଦୁଝର ୨୧ା୭ (ସ୍ୱ.ପ୍ର.)

ବର୍ଷାଦିନେ ବଣମୂଳକରେ ଉତ୍ପାଦିତ ହେଉଥିବା ମକା, କଦଳୀ, ଛତୁ, କୁସୁମ, ଲାଉ, ଶାଗ ଓ ଅନ୍ୟ ପନିପରିବା ଆଣି ଆଦିବାସୀମାନେ କେନ୍ଦୁଝର ସହରରେ ବିକ୍ରି କରିଥାନ୍ତି। ସେମାନେ ବୋଝ, ବ୍ୟାଗ ଓ ବସ୍ତା ଆଦିରେ ଏହାକୁ ଆଣି ରାସ୍ତାକଡ଼ରେ ବସି ବିକ୍ରିବଟା କରିଥାନ୍ତି। କେତେକ ବେପାରୀ ସେମାନଙ୍କୁ ଘେରି ଯାଇ ବହୁତ କମ ଦାମ୍‌ରେ ମୂଲାଇ କିଣି ନିଅନ୍ତି। ଏଥିଲାଗି ଗରିବ ଆଦିବାସୀ ମହିଳାପୁରୁଷ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି। ପ୍ରଶାସନ ପକ୍ଷରୁ ଏଭଳି ସମସ୍ୟା ପ୍ରତି ଆଦୌ ଦୃଷ୍ଟି ଦିଆଯାଉ ନ ଥିବା ସହରକୁ ବିକ୍ରିବଟା କରିବାକୁ ଆସୁଥିବା ଆଦିବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ଡେଲି ମାର୍କେଟରେ ବସିବା ପାଇଁ ସ୍ଥାନ ନ ଥିବାରୁ ସେମାନେ ବାଧ ହୋଇ ରାସ୍ତାକଡ ଓ ଫୁଟପାଥରେ ବସି ଏହାକୁ ବିକ୍ରି କରୁଥିବା କହିଛନ୍ତି। ସହରର ଗାନ୍ଧୀ ମାର୍କେଟ ନିକଟରେ ଥିବା ପୌରପାଳିକା ମାର୍କେଟ ସ୍ଥାନକୁ ଉନ୍ନତୀକରଣ କରାଯାଇ ସେଠାରେ ବନବାସୀଙ୍କ ସାମଗ୍ରୀ ବିକିବା ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ସଚେତନ ନାଗରିକ ଦାବି କରିଛନ୍ତି।



ବନବାସୀଙ୍କଠାରୁ ପନିପରିବା ଓ ଫଳ କିଣିବା ପାଇଁ ବେପାରୀଙ୍କ ଭିଡ।

# ଝିଙ୍କରା ଜଳପ୍ରପାତ ଦେଖିଲେ ପର୍ଯ୍ୟଟନ ମନ୍ତ୍ରୀ

- ସପରିବାର ଝିଙ୍କରା ଜଳପ୍ରପାତ ପରିଦର୍ଶନ
- ପର୍ଯ୍ୟଟନସ୍ଥଳୀକୁ ଆକୃଷ୍ଟ କରିବାକୁ ପଦକ୍ଷେପ ନିଆଯିବ

ବଡବିଲ/ କେନ୍ଦୁଝର, ୨୧ା୭(ସ୍ୱ.ପ୍ର.)


ଝିଙ୍କରା ଜଳପ୍ରପାତ ପରିଦର୍ଶନରେ ମନ୍ତ୍ରୀ ପାଣିଗ୍ରାହୀ ଓ ତାଙ୍କ ପରିବାର ।

କେନ୍ଦୁଝର ଜିଲା ଯୋଡା ବ୍ଲକ ବଲାଣୀକୁ ଦୁଇ ଦିନିଆ ଗସ୍ତରେ ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଝିଙ୍କରାନାଳ ଜଳପ୍ରପାତ ସପରିବାର ପରିଦର୍ଶନ କରିଛନ୍ତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ପଦକ୍ଷେପ ନେବାକୁ ସେଲ କମ୍ପାନୀ ଓ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ସେ କହିଛନ୍ତି। ଏହି ଲୁକ୍କାୟିତ ଜଳପ୍ରପାତ ବିଷୟରେ ଖବର କିଛି ଦିନ ତଳେ ଧରିତ୍ରୀ/ଓଡ଼ିଶା ପୋଷ୍ଟରେ ପ୍ରକାଶ ପାଇଥିଲା । ଏହି ପର୍ଯ୍ୟଟନ କେନ୍ଦ୍ରର କିପରି ଭିତ୍ତିଭୂମିର ବିକାଶ ହୋଇ ପାରିବ ସେ ନେଇ ଗସ୍ତ ବେଳେ ଅନୁଧ୍ୟାନ କରିଥିଲେ ।

ମିଳିଥିବା ସୂଚନା ଅନୁଯାୟୀ, ଦୁଇ ଦିନିଆ ଗସ୍ତରେ ରାଜ୍ୟ ପର୍ଯ୍ୟଟନ ଓଡିଆ ଭାଷା ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ତାଙ୍କ ପରିବାର ଶନିବାର ଦିନ ବଲାଣୀସ୍ଥିତ ସେଲ (ଷ୍ଟିଲ ଅଥରିଟୀ ଅଫ ଇଣ୍ଡିଆ ଲିମିଟେଡ) କମ୍ପାନୀର କାରୋ ଆତିଥ୍ୟାଳୟରେ ପହଞ୍ଚି ରାତ୍ରୀଯାପନ କରିଥିଲେ। ଗସ୍ତର ଦ୍ୱିତୀୟ ଦିନ ଅର୍ଥାତ୍ ରବିବାର ଦିନ ମନ୍ତ୍ରୀ ପାଣିଗ୍ରାହୀ ସେଲ କମ୍ପାନୀର ଲିଜ ପରିସରଭୁକ୍ତ ଅଞ୍ଚଳରେ ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଝିଙ୍କରାନାଳ ଜଳପ୍ରପାତକୁ ସପରିବାର ପରିଦର୍ଶନ ନିମନ୍ତେ ଯାଇଥିଲେ। ସେଠାରେ ମନ୍ତ୍ରୀ ଗଣମାଧ୍ୟମକୁ କହିଥିଲେ ଯେ, ଏହି ଜଳପ୍ରପାତ ନିକଟକୁ ଯିବା ଲାଗି କିଭଳି ପର୍ଯ୍ୟଟକ ଆକୃଷ୍ଟ ହେବେ ସେ ନେଇ ତଥ୍ୟ ସଂଗ୍ରହ କରାଯାଉଛି। ଏ ନେଇ କେନ୍ଦୁଝର ଜିଲାପାଳ ଓ ସେଲ କମ୍ପାନୀ ଜିଏମ (ଜେନେଲାର ମ୍ୟାନେଜର)ଙ୍କ ସହ ଆଲୋଚନା କରିବେ। ଆହୁରି ମଧ୍ୟ ମନ୍ତ୍ରୀ ପାଣିଗ୍ରାହୀ କହିଥିଲେ ଯେ, କେନ୍ଦୁଝର ଜିଲାରେ ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନ ରହିଛି। ସେଥିମଧ୍ୟରୁ ଚିହ୍ନଟ ହୋଇଥିବା ପର୍ଯ୍ୟଟନସ୍ଥଳୀ ଓ ଚିହ୍ନଟ ହୋଇନଥିବା ପର୍ଯ୍ୟଟନସ୍ଥଳୀ ବିଷୟରେ ଜିଲାପାଳଙ୍କ ସହ ଶନିବାର ଆଲୋଚନା ହୋଇଛି। ତେବେ ଝିଙ୍କରାନାଳ ଜଳପ୍ରପାତକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିବା ସମ୍ପର୍କରେ ପଚାରିବାରୁ ଜିଲାପାଳଙ୍କ ଠାରୁ ରିପୋର୍ଟ ଆସିବା ପରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପାଣିଗ୍ରାହୀ କହିଥିଲେ। ମନ୍ତ୍ରୀଙ୍କ ପରିବାର ସହ ସେଲ କମ୍ପାନୀ ଜିଏମ୍(ଜେନେରାଲ ମ୍ୟାନେଜର) ଅରୁଣ କୁମାର ମିଶ୍ର ଓ ବିଜେଡିର ସ୍ଥାନୀୟ କେତେକ କର୍ମୀମାନେ ଉପସ୍ଥିତ ରହିଥିଲେ। ସେଲ ଜିଏମ ଅରୁଣ କୁମାର ମିଶ୍ର କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କମ୍ପାନୀ କାର୍ଯ୍ୟପନ୍ଥା ଆପଣେଇବ। ପରିଦର୍ଶନପରେ ମନ୍ତ୍ରୀ ବଲାଣୀର ବିଭିନ୍ନସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ସ୍କୁଲ ପରିସରରେ ବୃକ୍ଷରୋପଣ କରି ମଧ୍ୟାହ୍ନଭୋଜନ ପରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ।

### ବିଦ୍ୟୁତ ଖୁଣ୍ଟରେ ଚଢ଼ି ନାବାଳକ ଗୁରୁତର

ଝୁମ୍ପୁରା, ୨୧ା୭ (ଡି.ଏନ.ଏ.)

ସଦର ବ୍ଲକ ଅନ୍ତର୍ଗତ କୁରବାହାଲ ଗ୍ରାମର ନବମ ଶ୍ରେଣୀରେ ପଢୁଥିବା ନାବାଳକ ରାମ ତିରିଆ ୧୧କେଭି ସମ୍ପନ୍ନ ବିଦ୍ୟୁତ ଖୁଣ୍ଟରେ ଚଢିଥିବାବେଳେ କରେଣ୍ଟ ଲାଗି ଗୁରୁତର ଆହତ ହୋଇଛନ୍ତି। ତାଙ୍କର ହାତ ପୋଡିଯାଇଛି। ରାମଙ୍କୁ ପ୍ରଥମେ କେନ୍ଦୁଝର, ପରେ କଟକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। କେଉଁ କାରଣ ଯୋଗୁ ରାମ ଖୁଣ୍ଟରେ ଚଢିଥିଲେ ତାହା ଜଣା ପଡିନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ସେ ଅଧିକ ସମୟ ଚୁପଚାପ ରୁହନ୍ତି ବୋଲି ପରିବାର ଲୋକେ କହିଛନ୍ତି।

# ୨୮୪ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

କେନ୍ଦୁଝର, ୨୧ା୭(ଡି.ଏନ୍.ଏ.)

କେନ୍ଦୁଝର ସଦର ବ୍ଲକ ସଭାଗୃହଠାରେ ୨୦୧୯-୨୦ ବର୍ଷର ଚୟନ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ର ୨୮୪ଜଣ ହିତାଧିକାରୀଙ୍କୁ ରବିବାର ଦିନ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସଦର ବ୍ଲକ ଅଧ୍ୟକ୍ଷା ଲତିକା ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟାଦେଶ ବଣ୍ଟନ ମେଳାର ପ୍ରାରମ୍ଭରେ ଭାରପ୍ରାପ୍ତ ବିଡିଓ ଭାଗବତ ନାଏକ ନିମନ୍ତ୍ରିତ ଅତିଥି ଉପସ୍ଥିତ ହିତାଧିକାରୀଙ୍କୁ ସ୍ୱାଗତ ଜଣାଇ ଯୋଜନାର ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ। ମୁଖ୍ୟଅତିଥି ଭାବେ କେନ୍ଦୁଝର ସଦର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଯୋଗଦେଇ ହିତାଧିକାରୀମାନେ ନିଜେ ଗୃହ ନିର୍ମାଣ କରି ଧାର୍ଯ୍ୟ ୪ମାସ ମଧ୍ୟରେ ଘର ସମ୍ପୂର୍ଣ୍ଣ କରି ୨୦ହଜାର ଟଙ୍କାର ପ୍ରୋତ୍ସାହନ ରାଶି ନେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ବାରିକ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ୯୫ଦିନର ମଜୁରୀ ବାବଦକୁ ୧୭ହଜାର ୮୬୦ ଟଙ୍କା ଓ ପାଇଖାନା ନ ଥିଲେ ତା'ର ନିର୍ମାଣ ବାବଦକୁ ୧୨ହଜାର ଟଙ୍କା ଯୋଗାଇ ଦିଆଯିବ ବୋଲି ହିତାଧିକାରୀଙ୍କୁ ଅବଗତ କରିଥିଲେ। ବରିଷ୍ଠ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ପରିଡା ଗୃହ ନିର୍ମାଣ ବାବଦରେ ମାପ ଓ ବୈଷୟିକ ଜ୍ଞାନ ସମ୍ବନ୍ଧରେ ହିତାଧିକାରୀଙ୍କୁ ବୁଝାଇଥିଲେ। ବ୍ଲକ ପ୍ରୋଜେକ୍ଟ କୋର୍ଡିନେଟର ପିଙ୍କୁ ବେହେରା, ବ୍ଲକ ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ଚିନ୍ମୟ ରଞ୍ଜନ ଗିରି, ଦିଲୀପ ବେହେରା ପ୍ରମୁଖ ସଭା ପରିଚାଳନା ଓ କାର୍ଯ୍ୟାଦେଶ ବଣ୍ଟନରେ ସହଯୋଗ କରିଥିଲେ।

# କୃଷକ ଦିବସ ପାଳିତ

ଢେଙ୍କିକୋଟ, ୨୨ା୭(ଡି.ଏନ୍.ଏ.)

ବ୍ୟାଙ୍କ ଅଫ୍ ଇଣ୍ଡିଆ ତରଫରୁ ବ୍ୟାଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଅପରାହ୍ନ ୪ଟାରେ କୃଷକ ଦିବସ ପାଳନ କରାଯାଇଛି। ବ୍ୟାଙ୍କର ଶାଖା ପରିଚାଳକ ଭବାନୀ ପ୍ରସାଦ ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅଫିସର ତନ୍ମୟ ବଳ, ଉପସ୍ଥିତ ଅତିଥି ପରିଚୟ ପ୍ରଦାନ ସାଙ୍ଗକୁ ସ୍ୱାଗତ ଭାଷଣ ଦେଇଥିଲେ। କୃଷକ ବଞ୍ଚିଲେ ଦେଶ ବଞ୍ଚିବ। କୃଷକ ହସିଲେ ଦେଶ ହସିବ କହି ସେ କୃଷକ କ୍ଷେତରେ କେତେ କଷ୍ଟ ସାଧ କରି ଦେଶର ଜନସାଧାରଣଙ୍କୁ ଆହାର ଯୋଗାଉଛି, ସେଥିପାଇଁ ଦେଶରେ ସେ ମହାନ୍ । ରାଜ୍ୟ ଏବଂ ଦେଶ ସରକାର ତାଙ୍କ ନିମନ୍ତେ ବହୁ ଯୋଜନା ପ୍ରଣୟନ କରିଛନ୍ତି। ସେଥିମଧ୍ୟରୁ ବ୍ୟାଙ୍କ ମାଧ୍ୟମରେ ଋଣ ନେଇ ଚାଷ କରି ପରିଶୋଧ କରିବା ଗୋଟିଏ। ୧୭ ଜଣ କୃଷକଙ୍କୁ ଶାଖା ତରଫରୁ ୫ଲକ୍ଷ ୧୦ ଟଙ୍କା ଚାଷ ଋଣ ପ୍ରଦାନ କରାଯାଇଥିବାବେଳେ ବିଭିନ୍ନ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ ତଥା ମହିଳା ଏସ୍‌ଏଚ୍‌ଜି ଗ୍ରୁପ୍‌ର ୭ଟି ଗ୍ରୁପ୍‌ଙ୍କୁ ସାଢ଼େ ୭ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଜଣେ ବ୍ୟବସାୟୀଙ୍କୁ ମୁଦ୍ରା ଋଣ ମାଧ୍ୟମରେ ୫ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଛି। ଶାଖା ପରିଚାଳକ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ବ୍ୟାଙ୍କ ଆପଣମାନଙ୍କର ଆମ୍ଭେ କେବଳ ଜଗୁଆଳି। ବ୍ୟାଙ୍କରୁ ଋଣ ନେଇ ଚାଷୀ ଚାଷ କାର୍ଯ୍ୟ କରିପାରିବ, ବ୍ୟବସାୟୀ ବ୍ୟବସାୟ କରିପାରିବ, ଏସ୍‌ଏଚ୍‌ଜି ମହିଳା ମଣ୍ଡଳ ଗ୍ରୁପ୍‌ମାନେ ସ୍ୱାବଲମ୍ବୀ ହୋଇପାରିବେ। ମେଧାବୀ ଛାତ୍ରୀଛାତ୍ର ଉଚ୍ଚଶିକ୍ଷିତ ହୋଇପାରିବେ। ସବୁ କ୍ଷେତ୍ରରେ ସମସ୍ତେ ସାହାଯ୍ୟ ସହଯୋଗ ପାଇପାରିବେ।

# ରାସ୍ତାକଡ଼ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଆନନ୍ଦପୁର, ୨୧ା୭(ସ୍ୱ.ପ୍ର.)

ଘସିପୁରା ବ୍ଲକର କଇଁସିଆରୀ-ଦାନ୍ତିଆ ରାସ୍ତା କଡରେ ରବିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଚଡିଏଫସି ବ୍ୟାଙ୍କ ଦ୍ୱାରା ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଯୋଗଦେଇ ବୃକ୍ଷ ଲଗାଇଥିଲେ। ବ୍ୟାଙ୍କ ପକ୍ଷରୁ ଜ୍ୟୋତିଶଙ୍କର ସ୍ୱାଇଁ, ସୁନୀଲ ପଣ୍ଡା, ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପରିବେଶକୁ ସୁରକ୍ଷା ଦେବାକୁ ହେଲେ ପ୍ରତ୍ୟେକ ମଣିଷ ବୃକ୍ଷରୋପଣ କରିବା ଜରୁରୀ ହୋଇପଡିଥିବା ଏବଂ ଜଣେ ଲୋକ ପାଇଁ ୪୦ ଗୋଟି ବୃକ୍ଷର ଆବଶ୍ୟକତା ଥିବା କଥା ମୁଖ୍ୟ ଅତିଥି ବିଧାୟକ ପାତ୍ର କହିଥିଲେ। ଏହି କାର୍ଯ୍ୟକ୍ରମକୁ କଇଁସିଆରୀ, ଭାଲୁକା, ସୁଆଁଲୋ ଆଦି ଗ୍ରାମର ଗ୍ରାମବାସୀମାନେ ସହଯୋଗ କରିଥିଲେ।

# ଓଭରବ୍ରିଜ ତଳେ ପରିବା ବିକ୍ରି

ଢେଙ୍କିକୋଟ, ୨୧ା୭(ଡି.ଏନ୍.ଏ.)


ଓଭରବ୍ରିଜ୍ ତଳେ ପରିବା ମାର୍କେଟ।

କେନ୍ଦୁଝର ଜିଲା ଲାଇଫ ଲାଇନ୍ ଜାତୀୟ ରାଜପଥ ୨୦ ନଂ ପାଣି କୋଇଲିଠାରୁ ରାଜାମୁଣ୍ଡାକୁ ଢେଙ୍କିକୋଟ ବଜାର ମଧ୍ୟ ଦେଇ ଯାଇଛି। ଯାହାକି ଏହାର ନବୀକରଣ ୪ ଲେନ୍ ରାସ୍ତା ନିର୍ମାଣ ବେଳେ ଢେଙ୍କିକୋଟ ବଜାର ମଧ୍ୟରେ ଏକ ଓଭରବ୍ରିଜ୍ ନିର୍ମାଣ କରାଯାଇଛି। ଏହି ଓଭରବ୍ରିଜ ଦେଇ ଜାତୀୟ ରାଜପଥ ୨୦ ନଂ ରାଞ୍ଚି-ବିଜୟୱାଡ଼ାକୁ ସଂଯୋଗ କରିଛି। ଓଭରବ୍ରିଜ ଉଭୟ ପାର୍ଶ୍ୱରେ ଚଲାପଥ ରହିଅଛି। ନବିକରଣବେଳେ ଠିକାସଂସ୍ଥା ଚଲାପଥଗୁଡ଼ିକୁ ନିର୍ମାଣ ନକରି ଅଧାପନ୍ତରିଆ କରି ଛାଡ଼ି ଚାଲିଯାଇଛି। ଯାହାଫଳରେ ଜନସାଧାରଣ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି।

ଅନ୍ୟପକ୍ଷେ ଓଭରବ୍ରିଜ ତଳ ଦୁଇ ପାର୍ଶ୍ୱରେ ସ୍ଥାନୀୟ ପରିବା ବ୍ୟବସାୟୀମାନେ ସେମାନଙ୍କ ପରିବା ଦୋକାନ ଏବଂ ଫଳ ଦୋକାନଗୁଡ଼ିକ ଦୋକାନ ମେଲି ବସିଥିବାରୁ ଗ୍ରାହକମାନେ ସାଇକେଲ, ବାଇକ ଏବଂ ଚାରିଚକିଆ ଯାନ ରଖି ପରିବା ଫଳ କିଣିଲାବେଳେ ଓଭରବ୍ରିଜ ତଳ ରାସ୍ତା ଜାମ ହେଉଛି। ଏହି ବ୍ରିଜ ତଳ ଦେଇ ବହୁ ଲୁହାପଥର ବୋଝେଇ ୧୦ ଚକିଆ, ୧୨ଚକିଆ, ଏବଂ ୧୮ ଚକିଆ ଯାନ ପ୍ରତିଦିନ ଯାତାୟାତ କରୁଛି। ଫଳରେ ଲୋକଙ୍କୁ ବହୁ ଅସୁବିଧା ଭୋଗିବାପାଇଁ ପଡୁଛି। ଏଥିଲାଗି ଢେଙ୍କିକୋଟ ପୋଲିସକୁ ନାକେଦମ ହେବାକୁ ପଡୁଛି। ଭବିଷ୍ୟତରେ ଏଠାରେ ବଡ଼ ଧରଣର ଦୁର୍ଘଟଣା ହେବାର ଆଶଙ୍କାକୁ ଏଡ଼ାଯାଇ ନ ପାରେ।

**ରାସ୍ତା ଜାମ, ଲୋକେ ହଇରାଣ**

ତେଣୁ ଏନ୍‌ଏଚ୍‌ଏଆଇ ତରଫରୁ ତୁରନ୍ତ ଢେଙ୍କିକୋଟ ବଜାର ଚଲାପଥ ସାଙ୍ଗକୁ ଉଭୟ ପାର୍ଶ୍ୱରେ ଅଧା ପନ୍ତରିଆ କରି ଛାଡ଼ିଥିବା ଡ୍ରେନ କାର୍ଯ୍ୟ ଶେଷ କରିବା ପାଇଁ ସାଧାରଣରେ ଦାବି ହେଉଛି। ନଚେତ ଆଗାମୀ ଦିନରେ ଏହା ଏକ ଆନ୍ଦୋଳନର ରୂପ ନେବ ବୋଲି କୁହାଯାଇଛି। ତେବେ ଓଭରବ୍ରିଜ ତଳୁ ପରିବା ଏବଂ ଫଳ ଦୋକାନଗୁଡ଼ିକୁ ସ୍ଥାନାନ୍ତର କରି ଯାନବାହାନ ସାଙ୍ଗକୁ ସାଧାରଣ ଲୋକଙ୍କୁ ଚଳପ୍ରଚଳ କରିବା ପାଇଁ ଦିଆଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ଓଡ଼ିଶା ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍

**କେନ୍ଦୁଝର ୨୧।୭ (ସ୍ୱ.ପ୍ର./ଡି.ଏନ.ଏ.)** ସ୍ଥାନୀୟ ଡିମ୍ବୋ ସ୍ଥିତ କେନ୍ଦୁଝର ସ୍କୁଲ ଅଫ ଇଞ୍ଜିନିୟରିଂ ବିଦ୍ୟାଳୟରେ ଶନିବାର ଅପରାହ୍ନରେ ଓଡ଼ିଶା ରାଜ୍ୟସ୍ତରୀୟ ଓପନ (୨୫ ବର୍ଷରୁ କମ) ଏବଂ ବାଳିକା ଚାମ୍ପିୟନଶିପ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତା ଆସନ୍ତା ୨୨ ତାରିଖରେ ଉଦ୍‌ଯାପିତ ହେବ। ରାଜ୍ୟର ବିଭିନ୍ନ ଜିଲାରୁ ସମୁଦାୟ ୨୦ପ୍ରତିଯୋଗୀ ଏଥିରେ ଭାଗ ନେଇଛନ୍ତି। ଓଡ଼ିଶା ଅଲିମ୍ପିକ ଆସୋସିଏଶନର ପୂର୍ବତନ ଉପସଭାପତି ସୁର ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଚେସ୍ ଆସୋସିଏଶନର ସଭାପତି ଇଂ ବସନ୍ତ କୁମାର ଦାନୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଅମର ମହାନ୍ତି ବିବରଣୀ ପାଠ କରିଥିଲେ। ଓଡ଼ିଶାରୁ ଭୈରବ ମିଶ୍ର, ରାଜେଶ କୁମାର ନାୟକ, କ୍ରିଷ୍ଣା ମିଶ୍ରଙ୍କ ସମେତ ଓଡ଼ିଶା ଚେସ୍ ଚାମ୍ପିୟନ ହୋଇଥିବା ଖେଳାଳି ଏଥିରେ ଭାଗ ନେଉଛନ୍ତି।

### ଆବାସ ଗୃହ ଯୋଗାଣରେ ଅନିୟମିତତା

**ହାଟଡିହୀ,୨୧। ୭(ଡି.ଏନ୍.ଏ.)-** କେନ୍ଦୁଝର ଜିଲ୍ଲ ହାଟାଡିହୀ ବ୍ଲକରେ ଉପଯୁକ୍ତ ହିତାଧିକାରୀଙ୍କୁ ସରକାରୀ ଆବାସ ଗୃହ ମିଳୁ ନ ଥିବା ଅଭିଯୋଗ ହେଉଛି। ପଞ୍ଚାୟତ ସ୍ତରରେ ହିତାଧିକାରୀ ଚୟନରେ ପାତରଅନ୍ତର ଓ ଅନିୟମିତତା କରାଯାଉଛି। ଏପରିକି ହାତଗୁଞ୍ଜା ନ ଦେଲେ ଆବାସ ଗୃହ ମିଳୁ ନ ଥିବା ହିତାଧିକାରୀ ଅଭିଯୋଗ କରୁଥିଲେ ମଧ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଆମ୍ବୋ ପଞ୍ଚାୟତ ସରଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଠାରୁ ଗୃହ ଯୋଗାଇଦେବା ଲାଗି ୨ହଜାର ଟଙ୍କା ନିଆଯିବା ସତ୍ତ୍ୱେ ତାଙ୍କୁ ଘର ନମିଳିବାରୁ ସେ ହାଟଡିହୀ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ବିଡିଓ ସୁଶାନ୍ତ ବାରିକଙ୍କୁ ପଚାରିବାରୁ ସେ ଘଟଣା ଅନୁଧାନ କରି ଦେଖିବେ ବୋଲି କହିଛନ୍ତି।

### ଭଦ୍ରକ ରେଳ ଷ୍ଟେଶନରୁ ୭ ଶିଶୁ ଉଦ୍ଧାର

**ଭଦ୍ରକ ଅଫିସ, ୨୧।୭ :** ଭଦ୍ରକ ରେଳ ଷ୍ଟେଶନରୁ ଶନିବାର ୭ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ୫ ଜଣ ନାବାଳିକା ଓ ୨ ନାବାଳକ ରହିଛନ୍ତି। କାର୍ଯ୍ୟରତ ରେଳସୁରକ୍ଷା ବଳ ଓ ରେଲୱେ ପୋଲିସ ଏବଂ ଭଦ୍ରକର ଚାଇଲ୍ଡ ଲାଇନ କର୍ମକର୍ତ୍ତା ଷ୍ଟେଶନ ନିକଟରେ ଏହି ଶିଶୁମାନେ ବୁଲୁଥିବା ଖବର ପାଇ ଆସି ମିଳିତ ଭାବେ ସେମାନଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ପଚରାଉଚରା କରିବା ପରେ ସେମାନଙ୍କ ଘର ଝାଡ଼ଖଣ୍ଡରେ ହୋଇଥିବା ଜଣାପଡ଼ିଥିଲା। କୌଣସି ଅଜଣା ଟ୍ରେନ୍‌ରେ ଶନିବାର ସକାଳୁ ଭଦ୍ରକ ଷ୍ଟେଶନକୁ ଆସିଥିଲେ ଓ ସେମାନେ ଭିକ୍ଷାବୃତ୍ତି କରିବା ଉଦ୍ଦେଶ୍ୟରେ ଆସିଥିବା ଏହି କର୍ମକର୍ତ୍ତା ଜାଣିବାକୁ ପାଇଥିଲେ। ସମସ୍ତ ଶିଶୁଙ୍କୁ ଭଦ୍ରକ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଥିବାବେଳେ ସେଠାକାର ଚାଇଲ୍ଡ ଲାଇନ ମାଧମରେ ସେମାନଙ୍କ ପରିବାର ସହ ଯୋଗାଯୋଗ କରାଯାଇଛି।

### ହତ୍ୟା ଧମକ ଦେଇ ଟଙ୍କା, ମୋବାଇଲ ଲୁଟ୍

**ଭଦ୍ରକ ଅଫିସ, ୨୧।୭:** ଭଦ୍ରକ ମେଡିକାଲ ଛକ ନିକଟରେ ଶନିବାର ଅପରାହ୍ନରେ ଧୁଷୁରୀ କାଶିମପୁର ଅଞ୍ଚଳର ଦେବାଶିଷ ମଲ୍ଲିକଙ୍କୁ ହତ୍ୟା ଧମକ ଦିଆଯାଇ ତାଙ୍କ ପାଖରୁ ୧୮ ହଜାର ଟଙ୍କା ସହ ମୋବାଇଲ ଲୁଟି ନିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଟାଉନ ଥାନା ପୋଲିସ ଏ ନେଇ ୩ ଜଣଙ୍କ ବିରୋଧରେ ମାମଲା(ନଂ.୨୧୪/୧୯) ରୁଜୁ କରି ତଦନ୍ତ ଚଳାଇଛି। ଦେବାଶିଷ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ କୌଣସି କାମରେ ଭଦ୍ରକ ଆସିଥିଲେ। ଭଦ୍ରକରୁ ତାଙ୍କ ସମ୍ପର୍କୀୟ ମାମୁଙ୍କ ସହ ଫେରୁଥିବା ବେଳେ କୁଆଁସ ଅଞ୍ଚଳର ବିଜୟ ଯେନା, ବୋଡ଼କ ଅଞ୍ଚଳର ସନ୍ତୋଷ ମଲ୍ଲିକ ଓ ଅସୁରାଳିର ସୁବ୍ରତ ମଲ୍ଲିକ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଏଥିସହ ସେମାନେ ତାଙ୍କ ପକେଟ୍‌ରୁ ଟଙ୍କା ଓ ଏକ ମୋବାଇଲ ନେଇଯାଇଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା

■ ଫାଇଲରେ ବନ୍ଧା ଯୋଜନା
■ ତଦନ୍ତ ଦାବି କଲେ ଗ୍ରାମବାସୀ

**ତେଲକୋଇ, ୨୧।୭(ଡି.ଏନ.ଏ.)**

ତେଲକୋଇ ବ୍ଲକ ଅଧୀନରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଅନିୟମିତତା ହୋଇଛି। ବିଭିନ୍ନ ଗ୍ରାମରେ ବଡ ପୋଖରୀ,ରାସ୍ତା ନିର୍ମାଣ କାର୍ଯ୍ୟରେ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତୁରା ପାଇଁ ନିର୍ମାଣ କାର୍ଯ୍ୟ କେବଳ ଫାଇଲରେ ବନ୍ଧା ପଡିଛି।

ଏଭଳି ଘଟଣା ଘଟିଛି ପଡାଙ୍ଗ ପଞ୍ଚାୟତର ରାଙ୍କି ଗ୍ରାମରେ। ବଡ ପୋଖରୀର ଅନିୟମିତତାକୁ ନେଇ ଗ୍ରାମବାସୀ ଜିଲାପାଳ, ଜିଲା ଭିଜିଲାନ୍ସ ଅଧିକାରୀଙ୍କୁ ଅଭିଯୋଗ କରିବା ସହିତ ଏହାର ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ ରାଙ୍କି ଗ୍ରାମରେ ବଡ ପୋଖରୀ ନିର୍ମାଣ ପାଇଁ ୨୦୧୬-୧୭ ମସିହାରେ ୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟ କରାଯାଇଥିଲା। ତେବେ ଏହି କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଥିବା ବେଳେ ୨୦୧୯ ମସିହାରେ ପୁନଃରାୟ ସ୍ପେଶାଲ ଫଣ୍ଡ ଦ୍ୱାରା ୧୦ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ଉକ୍ତ କାର୍ଯ୍ୟ ଆରମ୍ଭ ହୋଇଛି। ସୂଚନା ଫଳକ ନଥିବା ବେଳେ ବର୍ଷା ସମୟରେ ମେଶିନ ଲଗାଇ କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିଥିଲେ ହେଁ ଏହାର ସୁଫଳ ମିଳିପାରି ନାହିଁ। ଏଥିପାଇଁ ଗ୍ରାମର ଜଣେ ସଚେତନ ଯୁବକ ସୂଚନା ଅଧିକାର ଆଇନର ସହାୟତା ନେଇ ତଥ୍ୟକୁ ଭିଜିଲାନ୍ସ ବିଭାଗକୁ ଜଣାଇଛନ୍ତି। ତେବେ ଏଭଳି ଭାବେ ଏହି ଆଦିବାସୀ ଅଞ୍ଚଳରେ ବଡ ପୋଖରୀ ଓ ରାସ୍ତା ନିର୍ମାଣ କାର୍ଯ୍ୟକୁ କେବଳ ହରିଲୁଟ କରୁଥିବା ଜନନେତା, ଠିକାଦାର ଓ ବିଭାଗୀୟ ଅଧିକାରୀ ସାମିଲ ହୋଇ ଏଭଳି କାର୍ଯ୍ୟ କରୁଥିବା ଯୋଗୁଁ ଉନ୍ନୟନ କାର୍ଯ୍ୟରେ ଗୁରୁତର ବାଧା ସୃଷ୍ଟି ହୋଇଥିବା ଦର୍ଶାଇଛନ୍ତି। ଏସମ୍ପର୍କରେ ସ୍ଥାନୀୟ ବିଡିଓ ଦିଲୀପ କୁମାରା ବାରାଙ୍କୁ ପଚାରିବାରୁ୨୦୧୬-୧୭ ମସିହାରେ ମୁଁ ନଥିଲି। ତେବେ ଏଭଳି ପୋଖରୀ ଖୋଳା କାର୍ଯ୍ୟକୁ ନେଇ ତୁରନ୍ତ ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ।


ରାଙ୍କି ଗ୍ରାମର ବଡ ପୋଖରୀ ମେଶିନ ଦ୍ୱାରା ଚାଲିଛି କାର୍ଯ୍ୟ।

## ୩୧ ସୁଦ୍ଧା ପାଇଖାନା ନିର୍ମାଣ ଶେଷ କରିବାକୁ ଗୁରୁତ୍ୱ


ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀ।

**କେନ୍ଦୁଝର, ୨୧।୭ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଶନିବାର ସମୀକ୍ଷା କରାଯାଇଥିଲା। ସ୍ଥାନୀୟ ଦରବାର ହଲ୍‌ଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସ୍ୱଚ୍ଛ ଭାରତ ମିଶନର ଡାଇରେକ୍ଟର ଜେନେରାଲ ତଥା ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଅନ୍ତର୍ଗତ ନ୍ୟାଶନାଲ୍ କାପାସିଟି ବିଲଡିଂ ୟୁନିଟ୍‌ର ଟିମ୍ ଲିଡର ଅକ୍ଷୟ କୁମାର ରାଉତ ବୈଠକରେ ଯୋଗ ଦେଇଥିଲେ। ଜିଲାପାଳ ଆଶିଷ ଠାକରେ ଜିଲାର ବିଭିନ୍ନ ବ୍ଲକ୍‌ରେ ଚାଲିଥିବା ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କେନ୍ଦୁଝର ଜିଲାକୁ ବାହ୍ୟ ମଳମୁକ୍ତ ଜିଲାରେ ପରିଣତ କରିବା ପାଇଁ ପାଇଖାନା ନିର୍ମାଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଆସନ୍ତା ୩୧ ତାରିଖ ସୁଦ୍ଧା ବାକି ଥିବା ପାଇଖାନା ନିର୍ମାଣ କାର୍ଯ୍ୟ ସାରିବାକୁ ସଂପୃକ୍ତ ବିଡିଓ ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଚମ୍ପୁଆ ବ୍ଲକ୍‌କୁ ଜିଲାର ପ୍ରଥମ ବାହ୍ୟ ମଳମୁକ୍ତ ବ୍ଲକ୍ ଭାବେ ଘୋଷଣା କରାଯାଇଥିବାରୁ ଟିମ୍ ଲିଡର ସନ୍ତୋଷ ରାଉତ ବ୍ୟକ୍ତ କରିଥିଲେ। ଆଗାମୀ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ଆମ ଦେଶକୁ 'ସ୍ୱଚ୍ଛ ଭାରତ' ଘୋଷଣା କରାଯିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାର ଆଗାମୀ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଓଡ଼ିଶାକୁ 'ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା'ରେ ପରିଚିତ କରିବା ଲାଗି ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। କେନ୍ଦୁଝର ଜିଲାରେ ବାକିଥିବା ହିତାଧିକାରୀମାନଙ୍କ ଘରେ ପାଇଖାନା ନିର୍ମାଣ ଶେଷ କରିବାକୁ ସେ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ୍‌ୱାରୀ ସ୍ଥିତି ଓ ଅଗ୍ରଗତିର ସମୀକ୍ଷା କରାଯିବା ବେଳେ ପାଇଖାନାଗୁଡିକର ଜିଓ ଟାଗିଂ ଓ ତନଖି କାର୍ଯ୍ୟ ବିଧି ଅନୁଯାୟୀ ସମ୍ପନ୍ନ କରିବାକୁ କୁହାଯାଇଥିଲା। ପିଡି ଡିଆରଡିଏ ଡ଼ଃ ଉଦ୍ଧବ ଚନ୍ଦ୍ର ମାଝି, ଆଡିଶନାଲ୍ ପିଡି ଲିଲି କୁମାରୀ କୁଲୁ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦୟାନିଧି ସାହୁ ଓ ଇଂ ବଳରାମ ମିଶ୍ର, ବିଭାଗୀୟ ଯନ୍ତ୍ରୀ ଏବଂ ଜିଲାର ସମସ୍ତ ବିଡିଓ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ୭ ଫୁଟର ରଣା ଉଦ୍ଧାର

**ଆନନ୍ଦପୁର, ୨୧।୭(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ବାଇଲୋ ପଞ୍ଚାୟତର ଜଗନ୍ନାଥ ସାହୁଙ୍କ ଘରୁ ଏକ ୭ ଫୁଟର ରଣା ସାପ ଶନିବାର ବିଳମ୍ବିତ ରାତିରେ ଉଦ୍ଧାର କରାଯାଇଛି। ପରିବାର ଲୋକେ ରାତିରେ ଘର ଭିତରେ ସାପଟିକୁ ଦେଖି ସ୍ଥାନୀୟ ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିବା ପରେ ସ୍ଥାନୀୟ ଜଙ୍ଗଲରେ ଛାଡିଥିଲେ।

### ହମ୍ପସ ନିର୍ମାଣ ଲାଗି ଅଞ୍ଚଳବାସୀଙ୍କ ରାସ୍ତା ଅବରୋଧ

**ଯୋଡ଼ା, ୨୧।୭(ଡି.ଏନ.ଏ.)** କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି କ୍ରେଚ ହଟିଂଠାରେ ପରିବହନ ଜନିତ ଦୁର୍ଘଟଣା ବୃଦ୍ଧି ହେତୁ ରାସ୍ତାରେ ହମ୍ପସ ନିର୍ମାଣ ଦାବି କରି ଜୁରୁଡି କ୍ରେଚ ହଟିଂ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଛନ୍ତି। ଘଟଣାସ୍ଥଳରୁ ଜଣାପଡିଛି ଯେ, ରବିବାର ସନ୍ଧ୍ୟା ୫ଟାରେ ଶତାଧିକ ମହିଳା ପୁରୁଷ କ୍ରେଚ ହଟିଂଠାରେ ଏକତ୍ରିତ ହୋଇ ରାସ୍ତାରେ ହମ୍ପସ ନିର୍ମାଣ ଦାବି କରି ରାସ୍ତା ଉପରେ ଧାରଣାରେ ବସିଥିଲେ। କ୍ରେଚ ହଟିଂର ୱାର୍ଡ ମେମ୍ବର ସୁମିତ୍ରା ଲାଗୁରୀଙ୍କ ନେତୃତ୍ୱରେ ମହିଳା ଦଶମା ମୁଣ୍ଡା, ଡାଜୁ ମୁଣ୍ଡା ପ୍ରମୁଖ ଅଭିଯୋଗରେ କହିଛନ୍ତି ଯେ, ଶନିବାର ବିଳମ୍ବିତ ରାତିରେ ଏକ ଅଜଣା ଚାରିଚକିଆ ଯାନ ଧକ୍କାରେ ଜରିବାହାଲସ୍ଥିତ ମଧୁ ପାତ୍ର ନାମକ ଜଣେ ବାଇକ ଚାଳକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ, ପରିବହନ ହେଉଥିବା ଟ୍ରକ, ଡମ୍ପର ଗୁଡିକର ଗତି ନିୟନ୍ତ୍ରଣ କରିବା ଏବଂ ପରିବହନ ସଂସ୍ଥା ଗୁଡିକ ପକ୍ଷରୁ ରାସ୍ତାରେ ନିୟୋଜିତ ଥିବା ସୁରକ୍ଷା କର୍ମୀଙ୍କ ଦାୟିତ୍ୱ ଠିକ୍ ଭାବରେ ଚଳାଇବା ଦାବି କରି ରାସ୍ତା ଅବରୋଧ କରାଯାଇଥିଲା। ଏହି ଦାବିଗୁଡିକୁ ପରିବହନ ଠିକାସଂସ୍ଥାଗୁଡିକ ପୁରଣ କରିବା ପାଇଁ ସେମାନେ ଦାବି କରିଥିଲେ। ପୋଲିସ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ପାଇଁ ଲିଖିତ ଭାବେ ଜଣାଇବେ ବୋଲି ଅବରୋଧକାରୀ ମାନେ କହିଛନ୍ତି। ରାସ୍ତା ଅବରୋଧ ଫଳରେ କ୍ରେଚ ହଟିଂଠାରୁ ବାଂଶପାଣି ପର୍ଯ୍ୟନ୍ତ ଏବଂ କ୍ରେଚ ହଟିଂଠାରୁ ହେଁସାବେଡା ପର୍ଯ୍ୟନ୍ତ ଶହଶହ ଲୁହାପଥର ବୋଝେଇ ଟ୍ରକ ଓ ଡମ୍ପର ଅଟକି ରହିଥିଲା।

■ କେନ୍ଦୁଝର ଆସୋସିଏଶନର ସାଧାରଣ ବୈଠକ

## ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ନେଇ ଆଲୋଚନା

**ଭୁବନେଶ୍ୱର,୨୧।୭(ବ୍ୟୁରୋ)**

କେନ୍ଦୁଝର ଆସୋସିଏଶନର ଏକ ସାଧାରଣ ବୈଠକ ଆସୋସିଏଶନର ମୁଖ୍ୟ କାର୍ଯ୍ୟାଳୟ ପୁରୁଣା ଭୁବନେଶ୍ୱରସ୍ଥିତ ରଥରୋଡଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ହାଡ଼ିବନ୍ଧୁ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ରହି କେନ୍ଦୁଝର ଜିଲାର ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ନେଉଥିବା ପଦକ୍ଷେପ ଯଥା- ମେଡିକାଲ କଲେଜ ସ୍ଥାପନା କରିବା, ଘଟଗାଁ ପାଖରେ ଜନଜାତି ସଂଗ୍ରହାଳୟ ଓ ବିଜ୍ଞାନ ପାର୍କର ସ୍ଥାପନା, କେନ୍ଦୁଝର କଲେଜକୁ ଏକକ ବିଶ୍ୱବିଦ୍ୟାଳୟ କରିବା ଓ କେନ୍ଦୁଝର ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ ୧୨୫ର ପୁନରୁଦ୍ଧାର କରିବା ଇତ୍ୟାଦି କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ଲାଗି ଆସୋସିଏଶନ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ। ଏହାଛଡ଼ା କେନ୍ଦୁଝର ଜିଲାରୁ ନୂତନ ଭାବେ ନିର୍ବାଚିତ ହୋଇଥିବା ଏମ୍‌ପି ଓ ବିଧାୟକଙ୍କୁ ଭେଟି ଜିଲାରେ ଥିବା ମୁଖ୍ୟ ସମସ୍ୟାର ସମାଧାନ ନେଇ ଆଲୋଚନା କରାଯିବ ବୋଲି ବୈଠକରେ ମତାମତ ପ୍ରକାଶ ପାଇଛି।

## ଗୋଁଡ ମହାସଭାର ବୈଠକ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**କେନ୍ଦୁଝର, ୨୧।୭ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଖାରବେଲଦାସ୍ଥିତ ସନ୍ତୋଷୀ ମା' ଆଞ୍ଚଳିକ ମହାବିଦ୍ୟାଳୟଠାରେ ଅଖିଳ ଭାରତୀୟ ଗୋଁଡୱାନା ଗୋଁଡ ମହାସଭାର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡିଶା ପ୍ରଦେଶ ଆୟୋଜନ ସମିତି ଦ୍ୱାରା ଆଗାମୀ ୨୦୨୦ ମସିହାରେ କେନ୍ଦୁଝରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ମହାସମ୍ମିଳନୀ ସମ୍ବନ୍ଧରେ ଆଲୋଚନା କରାଯାଇ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ରାଜ୍ୟର ୨୨ଟି ଜିଲାରେ ଥିବା ଗୋଁଡ ସଂଗଠନର କର୍ମକର୍ତ୍ତା ତଥା ଜିଲାର ସମସ୍ତ ପଲ୍ଲୀର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଗୋଁଡମହାସଭାର କାର୍ଯ୍ୟକାରୀ ସଭାପତି ଜନାର୍ଦ୍ଦନ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାଯକାରିଣୀ ବୈଠକରେ ରାଜ୍ୟ ସଭାପତି ମହେନ୍ଦ୍ର ନାୟକ, ଗୋଁଡ ମହାସଭା ମହାସଚିବ ପ୍ୟାରୀମୋହନ ନାୟକ, ଝାଡଖଣ୍ଡ ରାଜ୍ୟର ପୂର୍ବତନ ବିଧାୟକ ଗୁରୁଚରଣ ନାୟକ, ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ, ପୂର୍ବତନ ବିଧାୟକ କାହ୍ନୁଚରଣ ନାୟକ, ରାଜ୍ଯ ମହିଳାନେତ୍ରୀ ସୁକାନ୍ତିବାଳା ନାୟକ ପ୍ରମୁଖ ଉପସ୍ଥିତ ରହି ଆଗାମୀ ୨୦୨୦ ମସିହାରେ କେନ୍ଦୁଝରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ମହାସମ୍ମିଳନୀ ଉପରେ ନିଜର ମତାମତ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଁଡୱାନା ଗୋଁଡ ମହାସଭା ମୟୂରଭଞ୍ଜ ଜିଲା ସଭାନେତ୍ରୀ ବାସନ୍ତୀ ସିଂ, ଅନୁଗୋଳ ଜିଲା ସଭାପତି ବିରଞ୍ଚି ନାୟକ, ଝାରସୁଗୁଡା ଜିଲା ସଭାପତି ଡମ୍ବରୁଧର ନାୟକ, ବଲାଙ୍ଗିରର ଶ୍ୟାମସୁନ୍ଦର ଭୋଇ, ବରଗଡର ଜିତେନ୍ଦ୍ର ଧରୁଆଙ୍କ ସମେତ କେନ୍ଦୁଝର ଜିଲାର ୩୬ଟି ପଲ୍ଲୀର ସଭାପତି ଓ ସମ୍ପାଦକମାନେ ଯୋଗ ଦେଇଥିଲେ।

## ମହାବିଦ୍ୟାଳୟର ସ୍ୱତନ୍ତ୍ର ସେବା ଶିବିର


ଏନଏସ୍‌ଏସ୍ ଛାତ୍ରୀ ଛାତ୍ର ଗାଁ ଲୋକଙ୍କୁ ସଚେତନ କରାଉଛନ୍ତି।

**ଆନନ୍ଦପୁର,୨୧।୭(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ମୋଚିନ୍ଦା ପଞ୍ଚାୟତ ସରଦାପୁରଠାରେ ଆନନ୍ଦପୁର ମହାବିଦ୍ୟାଳୟର ଏନଏସଏସ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧାପିକା ଅନିତା ଦାସ, ରଘୁଦୀପ୍ତ ନାୟକ, ନାରାୟଣ ହେମ୍ବ୍ରମ ଏହି ଶିବିରକୁ ସଂଯୋଜନା କରିଥିଲେ। ଉଦ୍‌ଯାପନୀ ଦିବସରେ ଆନନ୍ଦପୁର ବିଡିଓ ଶୁଭ୍ରବାଳା ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଆନନ୍ଦପୁର ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରାଜେନ୍ଦ୍ର ନାରାୟଣ ଦାଶ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାଧାପକ ମେଜର ଡ. ଦିଲୀପ କୁମାର ଦାଶ, ଶେଖର ପ୍ରସାଦ ଦେବତା, ଅଗ୍ନିଶମ ଅଧିକାରୀ ପ୍ରତାପ କୁମାର ସିଂହ, ସ୍ଥାନୀୟ ସରପଞ୍ଚ ହେନାରାଣୀ ଓଝା, ୱାର୍ଡସଭ୍ୟ ଭାମା ନାଇକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମହାବିଦ୍ୟାଳୟର ୫୦ ଛାତ୍ରୀଛାତ୍ର ଯୋଗଦେଇ ଗ୍ରାମରେ ବିଭିନ୍ନ ସେବାମୂଳକ କାର୍ଯ୍ୟ କରିବା ସହିତ ସଚେତନତା ସୃଷ୍ଟି କରାଇଥିଲେ। ସ୍ୱଚ୍ଛ ଭାରତ ଅଭିଯାନ, ବୃକ୍ଷରୋପଣ, ଅଗ୍ନିଶମ ବିଭାଗ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା, ଈଶ୍ୱରୀୟ ପ୍ରଜାପିତା ବ୍ରହ୍ମାକୁମାରୀ ବିଦ୍ୟାଳୟ ଦ୍ୱାରା ଯୋଗଶିକ୍ଷା କାର୍ଯ୍ୟକ୍ରମ, ସାମାଜିକ ଓ ଆର୍ଥିକ ଜୀବନଯାପନ ଉପରେ ତଥ୍ୟ ଆଦି ସଂଗ୍ରହ କରାଯାଇଥିଲା।

## ବେଆଇନ ମଦ ଜବତ କରି ପୋଲିସ ଜିମା ଦେଲେ

**କେନ୍ଦୁଝର ୨୧।୭ (ସ୍ୱ.ପ୍ର.)**

କେନ୍ଦୁଝର ସହର ୫ ନମ୍ବର ଓାର୍ଡ ର ଜନାର୍ଦ୍ଦନପୁର ଶାସନ (ରାଧିକାଦେଇପୁର ସାହି)ରେ ବେଆଇନ ମଦ କାରବାର ଚାଲିଥିଲେ ହେଁ ଅବକାରୀ ବିଭାଗ ପଦକ୍ଷେପ ନେଉନାହିଁ। ଏନେଇ ବାରମ୍ବାର ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ମହିଳା ସମିତି ପକ୍ଷରୁ ଲିଖିତ ଅଭିଯୋଗ କଲେ ମଧ ଧରପଗଡ ନ କରିବାରୁ ବାଧ ହୋଇ ମହିଳା ମାନେ ମଦ ଜବତ କରି ପୋଲିସକୁ ଜିମା ଦେଇଥିଲେ। ଫଳରେ ଅବକାରୀ ବିଭାଗର କାମ କାର୍ଯ୍ୟକୁ ନେଇ ମହିଳା ମାନେ ସନ୍ଦେହ ବ୍ୟକ୍ତ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ପ୍ରକାଶ ଯେ ମହିଳା ମାନେ ଗତ ସପ୍ତାହ ଗୁରୁବାର ମଦ ଜବତ କରି ଅବକାରୀ କାର୍ଯ୍ୟାଳୟକୁ ଯାଇଥିଲେ। ବେଆଇନ ମଦ କାରବାର ଚାଲିଥିବା ନେଇ ମହିଳା ମାନେ ଲିଖିତ ଭାବେ ଜଣାଇଥିଲେ ମଧ ସେମାନଙ୍କୁ ଗିରଫ କରାଯାଇ ନ ଥିଲା। ତେବେ ମହିଳା ମାନେ ଶନିବାର ରାତିରେ ମଦ ପ୍ରସ୍ତୁତ ସାମଗ୍ରୀକୁ ଧରି ଅବକାରୀ ବିଭାଗକୁ ଜଣାଇଲେ। କିନ୍ତୁ ଅବକାରୀ ବିଭାଗ ଫୋନ କାଟିଦେଲେ ଓ କେହି ଆସିଲେ ନାହିଁ। ଫଳରେ ଦୁଇ ଜଣ ଫେରାର ହୋଇ ଗଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ବାଧ ହୋଇ ମହିଳା ମାନେ ରାତିରେ ଆସି ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ସହ ଜବତ ସାମଗ୍ରୀ ହସ୍ତାନ୍ତର କରିଥିବା କହିଛନ୍ତି।

■ ଖବରଦାତାଙ୍କୁ ଦୁର୍ବ୍ୟବହାର ପ୍ରତିବାଦ

## ପ୍ରେସ୍ ପରିଷଦ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ଆନନ୍ଦପୁର,୨୧।୭(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ାର ଜଣେ ଏସପି କାର୍ଯ୍ୟରତ ବୈଦ୍ୟୁତିକ ଗଣମାଧମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଓ ମାଡ଼ ଘଟଣା ପ୍ରତିବାଦରେ ଆନନ୍ଦପୁର ପ୍ରେସ୍ ପରିଷଦ ପକ୍ଷରୁ ସମ୍ପାଦକ ନିରାକାର ଦଳେଇଙ୍କ ସଂଯୋଜନାରେ ଏକ ଦାବିପତ୍ର ଆନନ୍ଦପୁର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରେସ୍ ପରିଷଦର ସଭାପତି ରବୀନ୍ଦ୍ର କୁମାର ରାଜ, ଖବରଦାତା ହରେକୃଷ୍ଣ ପାତ୍ର, ସତ୍ୟାନନ୍ଦ ମିଶ୍ର, ନିର୍ମଳ ରାଉଳ, ଅଭିନ୍ନ ରଣା, ମୁନା ମହାନ୍ତି, ଉପେନ୍ଦ୍ର ସାହୁ, ସୁନୀଲ ନାୟକ, ଅର୍ନନ୍ଦା ଜେନା, ମନମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଏସପିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା।

## ଗଣ୍ଡଗୋଳ ଘଟଣା ନେଇ ପୋଲିସ ନୀରବଦ୍ରଷ୍ଟା

**ହାଟଡିହୀ, ୨୧।୭(ଡି.ଏନ୍.ଏ.)**

ସୋସୋ ଥାନା ତେନ୍ତୁଳିନଣ୍ଡା ଗ୍ରାମରେ ଇନ୍ଦ୍ରମଣି ସ୍ୱାଇଁଙ୍କ ଘର ଉପରେ ଆକ୍ରମଣ କରି ଏକ ପଡ଼ୋଶୀ ପରିବାର ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ସୋସୋ ଥାନାରେ ଏତଲା ଦିଆଯିବା ସତ୍ତ୍ୱେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଅଭିଯୁକ୍ତମାନେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଚାପରେ ପଡ଼ି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଇନ୍ଦ୍ରମଣି ଦର୍ଶାଇ ଏସମ୍ପର୍କରେ ଆନନ୍ଦପୁର ଡିଏସପି, କେନ୍ଦୁଝର ଏସପି ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଲିଖିତ ଅଭିଯୋଗପତ୍ର ପଠାଇଛନ୍ତି ବୋଲି ଗଣମାଧମକୁ ସୂଚନା ଦେଇଛନ୍ତି।

## ସାଇକ୍ଲିଂ ଚାମ୍ପିୟନଶିପ୍ ପାଇଁ କ୍ଷେତ୍ର ଅନୁଧାନ


ଅନୁଧାନ ଲାଗି ଆସିଥିବା ପ୍ରତିନିଧି ଦଳଙ୍କ ସହ ସ୍ଥାନୀୟ ବାସିନ୍ଦା ଓ କ୍ରୀଡ଼ାବିତ୍।

**ଭଣ୍ଡାରିପୋଖରୀ, ୨୧।୭ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବାରିକପୁରଠାରେ ଆସନ୍ତା ଅକ୍ଟୋବର ୫ ଏବଂ ୬ ତାରିଖରେ ରାଜ୍ୟସ୍ତରୀୟ ସାଇକ୍ଲିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ରବିବାର ଏକ ଉଚ୍ଚସ୍ତରୀୟ ୪ ଜଣିଆ ପ୍ରତିନିଧି ଦଳ ଭଣ୍ଡାରିପୋଖରୀକୁ ଆସି କ୍ଷେତ୍ର ଅନୁଧାନ କରି ଫେରିଛନ୍ତି। ବ୍ଲକର ବିଭିନ୍ନ ରାସ୍ତାକୁ ଟ୍ରାକ୍ ଭାବେ ସ୍ଥିର କରାଯିବା ପୂର୍ବରୁ ଏହିସବୁ ରାସ୍ତାକୁ ପ୍ରତିନିଧି ଦଳ ବୁଲି ଦେଖିଥିଲେ। ବାରିକପୁର ବଜାର ନୟନମଣି କଲେଜ ରୋଡକୁ ସବୁଠୁ ପସନ୍ଦଯୋଗ୍ୟ ରୋଡ୍ ଟ୍ରାକ୍ ଭାବେ ରାଜ୍ୟ ସଂଘ ଚୟନ କରିଥିବା ଜଣାପଡ଼ିଛି। ବାରିକପୁର ବଜାରର ଜାତୀୟ ରାଜପଥଠାରୁ ଆରମ୍ଭ ହୋଇ ଚୁଡାକୁଟି ଅଭୁଲା ଛକ ପର୍ଯ୍ୟନ୍ତ ୫ କି.ମି. ରାସ୍ତାକୁ ରାଜ୍ୟ ସାଇକ୍ଲିଂ ସଂଘ ନିଜର ଟ୍ରାଏଲ ଟ୍ରାକ୍ ଭାବେ ମଧ ଚିହ୍ନଟ କରିଛି। ରାଜ୍ୟର ବିଭିନ୍ନ ଜିଲାରୁ ପ୍ରତିଭାବାନ ଜାତୀୟ ଏବଂ ରାଜ୍ୟସ୍ତରୀୟ ସାଇକ୍ଲିଷ୍ଟଙ୍କ ଏହି ଚମ୍ପିୟନଶିପ୍ ପ୍ରତିଯୋଗିତା କରାଯିବା ପାଇଁ ସ୍ଥିର କରାଯାଇଛି। ଭଦ୍ରକ ଜିଲା ସାଇକ୍ଲିଂ ଆସୋସିଏଶନର ସଙ୍ଗଠନ ସମ୍ପାଦକ ମନୋରଞ୍ଜନ ବାରିକ୍ ଏହି ସୂଚନା ଦେଇଛନ୍ତି।

ସେହିପରି ଗ୍ରାମାଞ୍ଚଳରେ ରହୁଥିବା ବହୁ ପ୍ରତିଭାବାନ ସାଇକ୍ଲିଷ୍ଟଙ୍କୁ ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ଦିଲ୍ଲୀ କ୍ୟାମ୍ପକୁ ପଠାଇବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ସାଧାରଣ ସମ୍ପାଦକ ତଥା ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆର ଯୁଗ୍ମ ସମ୍ପାଦକ ବିଜୟ କୁମାର ରାଉତ କହିଛନ୍ତି। ଅନ୍ତର୍ଜାତୀୟ ସାଇକ୍ଲିଷ୍ଟ ତଥା ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ମୁଖ୍ୟ ପ୍ରଶିକ୍ଷକ ସୁଶୀଲ କୁମାର ଦାସ, ଓସିଏ ଟେକ୍ନିକାଲ କମିଟି ମୁଖ୍ୟ ସଦସ୍ୟ ଏନ୍.ସି. ସାହୁ ଓ ଦେବାଶିଷ ମହାପାତ୍ର ପ୍ରମୁଖ ଏହି ଗସ୍ତ ସମୟରେ ଉପସ୍ଥିତ ଥିଲେ। ତାଜଉଦ୍ଦିନ ଖାନ୍, ଅଜିତ କୁମାର ଶତପଥୀ, ସାଇକ୍ଲିଷ୍ଟ ବର୍ଷାରାଣୀ ବାରିକ, ରବୀନ୍ଦ୍ର ନାୟକ, ମୋହିତ ବାରିକ ଓ ଦୀପକ ସାମଲ ପ୍ରମୁଖ ପ୍ରତିନିଧି ଦଳଙ୍କୁ ଜାତୀୟ ରାଜପଥର ନଳାଙ୍ଗଠାରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।